

‘ଡନ୍ ୩’ରେ ହ୍ରିତିକ
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-188 ◆SATURDAY ◆3 JANUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୮୮ ◆ଶନିବାର ◆୩ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଡେଲିଭରୀ ବଏ, କ୍ୟାବ୍ ଡ୍ରାଇଭରଙ୍କୁ ମିଳିବ ବୀମା

**ପଞ୍ଜୀକରଣ ପାଇଁ ୯୦ ଦିନ କାମ କରିଥିବା ଜରୁରୀ**

■ ନୂଆଦିଲ୍ଲୀ, ୨।୧ (ଏଜେନ୍ସି): ଦେଶର ଦ୍ରୁତ ଗତିରେ ବଢୁଥିବା ଗିଗ୍ ଅର୍ଥନୀତିକୁ ମିଳିବ ଆଇନଗତ ସୁରକ୍ଷା। ନୂତନ ସାମାଜିକ ସୁରକ୍ଷା ସଂହିତାରେ ଗିଗ୍ ୱାର୍କର, ଯେପରିକି ଜୋମାଟୋ, ସ୍ୱିଗି ଏବଂ ବ୍ଲିଙ୍କିଟ୍ ସମେତ ଅନ୍ୟାନ୍ୟ କମ୍ପାନୀର ଡେଲିଭରି ବୟ ଏବଂ କ୍ୟାବ୍ ଡ୍ରାଇଭରମାନଙ୍କୁ ସାମାଜିକ ସୁରକ୍ଷା ପରିସରଭୁକ୍ତ କରାଯାଇଛି। ସେମାନଙ୍କୁ ଏଣିକି ଜୀବନ ବୀମା, ସ୍ୱାସ୍ଥ୍ୟ ବୀମା ଏବଂ ଦୁର୍ଘଟଣାଜନିତ ବୀମା କଭର ମିଳିବ। ସରକାର ଏଥିପାଇଁ ଚିଠା ନିୟମ ଜାରି କରିଛନ୍ତି। ଏହି ନିୟମ ଅନୁଯାୟୀ, ସାମାଜିକ ସୁରକ୍ଷା ଲାଭ ପାଇବା ପାଇଁ ଯୋଗ୍ୟ ହେବା ନିମନ୍ତେ ଗୋଟିଏ କମ୍ପାନୀ (ଏଗ୍ରିଗେଟର) ସହିତ ଜଡିତ କର୍ମଚାରୀମାନଙ୍କୁ ସେହି କମ୍ପାନୀରେ ବର୍ଷରେ ଅତି କମ୍‌ରେ ୯୦ ଦିନ କାମ କରିଥିବା ଜରୁରୀ। ଏକାଧିକ ପ୍ଲାଟଫର୍ମରେ କାମ କରୁଥିବା ବ୍ୟକ୍ତିଙ୍କ ପାଇଁ ଏହି ସୀମା ୧୨୦ ଦିନ ରଖାଯାଇଛି। ଯଦି ଜଣେ ବ୍ୟକ୍ତି ଗୋଟିଏ ଦିନରେ ତିନୋଟି ଭିନ୍ନ କମ୍ପାନୀରେ କାମ କରନ୍ତି, ତେବେ ଏହାକୁ ତିନି ଦିନ ଗଣନା କରାଯିବ, ଯାହା ୧୨୦ ଦିନର କୋଟା ପୂରଣ କରିବା ସହଜ କରିବ। ଏହି ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ପାଇଁ ସରକାର ପଞ୍ଜୀକରଣକୁ ବାଧ୍ୟତାମୂଳକ କରିଛନ୍ତି। ୧୬ ବର୍ଷରୁ ଅଧିକ ବୟସର ପ୍ରତ୍ୟେକ ଗିଗ୍ କର୍ମଚାରୀଙ୍କୁ ପଞ୍ଜୀକରଣ ▶ପୃଷ୍ଠା-୭

**ଫାଶ୍‌ଟ୍ୟାଗ୍ ୟୁଜର୍ସଙ୍କୁ ଆଶ୍ୱସ୍ତି**

## ଫେବୃଆରୀରୁ ରହିବନି କେୱାଇଭି ଝିନ୍‌ଝଟ୍



■ ନୂଆଦିଲ୍ଲୀ, ୨।୧ (ଏଜେନ୍ସି): ଫାସ୍‌ଟ୍ୟାଗ ପ୍ରସଙ୍ଗରେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚ୍‌ଏଆଇ) ବଡ଼ ନିଷ୍ପତ୍ତି ନେଇଛି। ଏଣିକି ବନ୍ଦ ହେବ କାର, ଜିପ୍ ଏବଂ ଭ୍ୟାନ ଭଳି ଚାରି ଚକିଆ ଗାଡ଼ି ପାଇଁ ନୂଆ ଫାସ୍‌ଟ୍ୟାଗ ଜାରି ସମୟରେ ଆବଶ୍ୟକ ହେଉଥିବା ‘ନୋ ୟୋର ଭେଇକିଲ’ (କେୱାଇଭି) ପ୍ରକ୍ରିୟା। ଏହି ପରିବର୍ତ୍ତନ ୨୦୨୬ ଫେବୃଆରୀ ପହିଲାଠାରୁ ଲାଗୁ ହେବ। ଏହା ଫାସ୍‌ଟ୍ୟାଗ ୟୁଜର୍ସଙ୍କୁ ବଡ଼ ଆଶ୍ୱସ୍ତି ଦେଇଛି। କାରଣ ଫାସ୍‌ଟ୍ୟାଗ ଆକ୍ଟିଭ ହେବା ପରେ ଦେଖାଦେଉଥିବା ସମସ୍ୟା ଏଣିକି ଦୂର ହୋଇଯିବ। କେଓ୍ୱାଇଭିର ଉଦ୍ଦେଶ୍ୟ ହେଉଛି ଫାସ୍‌ଟ୍ୟାଗ ଠିକ୍ ଭାବେ ଗାଡ଼ିରେ ଲଗାଯିବା ଏବଂ ଏହା ପ୍ରକୃତ ମାଲିକଙ୍କ ସହ ଜଡ଼ିତ ରହିଛି କି’ ନାହିଁ ତାହା ସୁନିଶ୍ଚିତ କରିବା। ଏହାଦ୍ୱାରା ଭୁଲ ବ୍ୟବହାର, ନକଲି ଟ୍ୟାଗ କିମ୍ବା ଭୁଲ ଗାଡ଼ି ଦ୍ୱାରା ଲିଙ୍କ୍ ହେବା ଭଳି ଅସୁବିଧା ରହି ନ ଥାଏ। ଏହି ଯାଞ୍ଚ ବାହାନ ପୋର୍ଟାଲରେ ପଞ୍ଜିକୃତ ଥିବା ଗାଡ଼ିର ସବିଶେଷ ରେଜିଷ୍ଟ୍ରେସନର ତଥ୍ୟ ଅନୁସାରେ ହୋଇଥାଏ। ଏସବୁ ଯାଞ୍ଚ ବାଦ୍ ଗାଡ଼ିରେ ପୂର୍ବରୁ କୌଣସି ଆକ୍ଟିଭ ଫାସ୍‌ଟ୍ୟାଗ ଅଛି କି ନାହିଁ , ଯଦି ଅଛି ତାହା କଳା ତାଲିକାଭୁକ୍ତ ହୋଇନାହିଁ ତ। ତାହା କେୱାଇଭି ପ୍ରକ୍ରିୟାରେ ଯାଞ୍ଚ କରାଯାଇଥାଏ। ପୂର୍ବରୁ ଫାସ୍‌ଟ୍ୟାଗ ଆକ୍ଟିଭ ହେବା ପରେ, ବେଳେବେଳେ କେଓ୍ୱାଇଭିର ଯାଞ୍ଚ ▶ପୃଷ୍ଠା-୭

# ବାୟୁରେ ବିଷ
# ନିଃଶ୍ୱାସକୁ ପାଉନି ବିଶ୍ୱାସ

## ଦେଶର ୯ ଅତିପ୍ରଦୂଷିତ ସହର ମଧ୍ୟରେ ଓଡ଼ିଶାର ୬



- ୩୮୦ ଏକ୍ୟୁଆଇ ସହ ତାଳଚେର ସ୍ଥିତି ସାଙ୍ଘାତିକ୍
- ରାଜ୍ୟର ୬ ସହରରେ ଏକ୍ୟୁଆଇ ୩୦୦ ଉପରେ
- ଏବେ ଦେହକୁ ଅହିତକର ହେଲାଣି ‘ସକାଳ ବୁଲା’
- ଗୁରୁଚାପ ବଳୟ ଯୋଗୁଁ ଆଗକୁ ବଢ଼ିପାରୁନି ବାୟୁ

■ ଭୁବନେଶ୍ୱର, ୨।୧ (ସମିସ): ଜୀବନ ଜିଇଁବାର ପ୍ରମୁଖ ମାଧ୍ୟମ ବାୟୁ ବା ପବନ ଏବେ ମଣିଷର ବିଶ୍ୱାସ ହରାଇ ବସିଛି। ଅତି ସମ୍ବେଦନଶୀଳ ଆଡ଼କୁ ଗତି କରୁଛି ରାଜ୍ୟରେ ବାୟୁ ପ୍ରଦୂଷଣ ସ୍ଥିତି। ସଂପ୍ରତି ବାୟୁ ଏତେମାତ୍ରାରେ ବିଷାକ୍ତ ବା ପ୍ରଦୂଷିତ ହୋଇଯାଇଛି ଯେ ନିଃଶ୍ୱାସ-ପ୍ରଶ୍ୱାସ ବେଳେ ନାକ ରୁନ୍ଧି ହୋଇ ଯାଉଛି। ସ୍ୱଚ୍ଛ ବାୟୁ ଟିକିଏ ବିନା ଜୀବନ ଯେମିତି ଦୁର୍ବିସହ ହୋଇଯାଇଛି। ଦେଶ-ବିଦେଶ ସବୁଠି ଏବେ ଏହି ସମସ୍ୟାର ସମାଧାନ ମୁଖ୍ୟ ଆହ୍ୱାନ ହୋଇଛି। ଡାକ୍ତରଙ୍କ ମତରେ ସକାଳ ବୁଲା (ମର୍ଣ୍ଣିଂ ୱାକ୍) ସ୍ୱାସ୍ଥ୍ୟ ପାଇଁ ହିତକର ହୋଇଥିବା ବେଳେ ସାମ୍ପ୍ରତିକ ସ୍ଥିତିରେ ଏହି ‘ସକାଳ ବୁଲା’ ଅହିତକର ସାବ୍ୟସ୍ତ ହେଲାଣି।

ଦେଶର ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ସମସ୍ୟା ଉତ୍କଟ ରୂପ ନେଇଥିବା ବେଳେ ଓଡ଼ିଶା ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ରାଜ୍ୟରେ କ୍ରମାଗତ ଭାବେ ଗଲା ୨-୩ ଦିନ ହେବ ଘନ କୁହୁଡ଼ି ଲୋକଙ୍କୁ ▶ପୃଷ୍ଠା-୭

## ଓଡ଼ିଶା ଉପରେ ଘନ କୁହୁଡ଼ି; ବିମାନସେବା ବାଧାପ୍ରାପ୍ତ

■ ଭୁବନେଶ୍ୱର, ୨।୧ (ସମିସ): ବିମାନ ସେବା ପାଇଁ କାଳ ସାଜିଛି ଘନ କୁହୁଡ଼ି। ରାଜ୍ୟରେ ଗତ ୨-୩ ଦିନ ହେବ ଘନ କୁହୁଡ଼ି ଯୋଗୁଁ ଦୃଶ୍ୟମାନ କ୍ଷମତା ଯଥେଷ୍ଟ ହ୍ରାସ ପାଉଛି। ଭୁବନେଶ୍ୱରରେ ଏହି ସ୍ଥିତି ଅତି ସମ୍ବେଦନଶୀଳ ଅବସ୍ଥାରେ ରହୁଛି। ଫଳରେ ସକାଳ ସମୟରେ ବିମାନ ଉଡ଼ାଣ ଓ ଅବତରଣରେ ଗୁରୁତର ସମସ୍ୟା ସୃଷ୍ଟି କରିଛି। ଗୁରୁବାର ପରି ଶୁକ୍ରବାର ମଧ୍ୟ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ବିମାନ ସେବାରେ ଗୁରୁତର ବ୍ୟାଘାତ ସୃଷ୍ଟି ହୋଇଛି। ଯଦିଓ ଶୁକ୍ରବାର କୁହୁଡ଼ିର ପ୍ରଭାବ ସାମାନ୍ୟ କମ୍ ଥିଲା, ମାତ୍ର ଏୟାରପୋର୍ଟ ଅଞ୍ଚଳରେରେ ଦୃଶ୍ୟମାନ କ୍ଷମତା ୪୦୦ ମିଟର ତଳେ ରହିଥିଲା। ବିମାନର ଉଡ଼ାଣ ଓ ଅବତରଣ ପାଇଁ ଅତି କମ୍‌ରେ ୫୫୦ ମିଟର ଦୃଶ୍ୟମାନ କ୍ଷମତା ଆବଶ୍ୟକ ହେଉଥିବାରୁ ସେବା ପ୍ରଭାବିତ ହୋଇଥିଲା। ▶ପୃଷ୍ଠା-୭

## ଆଜି ଦେଖାଯିବ ସୁପରମୁନ୍



**ଏବର୍ଷ ୩ଟି ‘ସୁପରମୁନ୍’, ୩ଟି ‘ମାଇକ୍ରୋମୁନ୍’**

■ ଭୁବନେଶ୍ୱର, ୨।୧ (ସମିସ): ଆସନ୍ତା ଜାନୁଆରୀ ୩ ତାରିଖ ପୌଷ ପୂର୍ଣ୍ଣମୀରେ ଦୃଶ୍ୟମାନ ହେବ ୨୦୨୬ ମସିହାର ପ୍ରଥମ ସୁପରମୁନ୍। ସେହିଦିନ ପୂର୍ଣ୍ଣମୀ ସମୟରେ ଚନ୍ଦ୍ର ପ୍ରାୟ ୩ ଲକ୍ଷ ୬୨ହଜାର କିଲୋମିଟର ନିକଟରେ ରହିବ। ତେଣୁ ସାଧାରଣ ଦିନର ପୂର୍ଣ୍ଣଚନ୍ଦ୍ରଠାରୁ ଏହା ପ୍ରାୟ ୧୪% ବଡ଼ ସହ ୩୦% ଉଜ୍ଜଳ ଦେଖାଯିବ। ସେହିପରି ୨୦୨୬ ମସିହାରେ ଦ୍ୱିତୀୟ ସୁପରମୁନ୍ ନଭେମ୍ବର ୨୪ ଓ ଶେଷ ସୁପରମୁନ୍ ଟି ଡିସେମ୍ବର ୨୩ ତାରିଖରେ ଦେଖାଯିବା ସହ ମେ ୧, ମେ ୩୧ ଏବଂ ଜୁନ୍ ୨୯ ତାରିଖରେ ମାଇକ୍ରୋମୁନ୍ ବା ଛୋଟ ଚନ୍ଦ୍ର ଦେଖାଯିବ। ଏଗୁଡ଼ିକ ଗୋଟିଏ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ, ଯାହାକୁ ଖାଲି ଆଖିରେ ଦେଖିହେବ। ତେବେ ଆକାଶ ମେଘମୁକ୍ତ ତଥା କୁହୁଡ଼ିମୁକ୍ତ ରହିଲେ ଜାନୁଆରୀ ୩ ତାରିଖ ଦିନ ଏହାକୁ ସୂର୍ଯ୍ୟାସ୍ତ ପରଠାରୁ ସାରା ରାତି ଓଡ଼ିଶା ତଥା ଭାରତର ସବୁ ଅଞ୍ଚଳରୁ ଖାଲି ଆଖିରେ ଦେଖିହେବ ବୋଲି ଜନବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି। ସୁପରମୁନ୍ ଏକ ସାଧାରଣ ମହାଜାଗତିକ ଘଟଣା। ଏହାର କୌଣସି ପ୍ରଭାବ ପୃଥିବୀ କିମ୍ବା ମାନବ ସମାଜ ଉପରେ ପଡ଼େନାହିଁ ବୋଲି ଡ. ପଟ୍ଟନାୟକ କହିଛନ୍ତି।

‘ସୁପରମୁନ୍’ ଶବ୍ଦଟି ପ୍ରଥମେ ଆମେରିକାର ଜ୍ୟୋତିଷ ରିଚାର୍ଡ ନଲ୍ ୧୯୭୯ ମସିହାରେ ପ୍ରଚଳନ କରିଥିଲେ। ଧୀରେ ଧୀରେ ସୁପରମୁନ ଶବ୍ଦଟି ଖୁବ୍ ଲୋକପ୍ରିୟ ହୋଇ ଏବେ ବହୁଳ ଭାବରେ ବ୍ୟବହାର ହେଉଛି। ଚନ୍ଦ୍ର ପୃଥିବୀ ଚାରିପଟେ ପ୍ରାୟ ୨୭.୫ ଦିନରେ ଥରେ ଏକ ଅଣ୍ଡାକୃତି ପଥରେ ବୁଲିଥାଏ। ସବୁଠାରୁ ▶ପୃଷ୍ଠା-୭

**ଟ୍ରେଡିଂ ଆଳରେ ୪୦ କୋଟି ଚଳୁ**

## ପଶ୍ଚିମବଙ୍ଗରୁ ମାଷ୍ଟରମାଇଣ୍ଡକୁ ଗିରଫ କଲା ଇଓଡବ୍ଲ୍ୟୁ

■ ଭୁବନେଶ୍ୱର, ୨।୧ (ସମିସ): ଟ୍ରେଡିଂ ଆଳରେ ଶହ ଶହ ଲୋକଙ୍କ ୪୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ଅଭିଯୁକ୍ତ ଅମିତ ମଣ୍ଡଳଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରିଛି ଇଓଡ଼ବ୍ଲ୍ୟୁ। ତାଙ୍କର ଘର ପଶ୍ଚିମବଙ୍ଗ ବାଙ୍କୁରା ଜିଲା ଅମ୍ରିତପୁରର ଅଞ୍ଚଳରେ, ତାଙ୍କ ଠାରୁ ଏକ ଲାପଟପ୍ ଜବତ ହୋଇଛି। ସେଥିରେ ନିବେଶକାରୀଙ୍କ ତାଲିକା ଓ ଜମା ଟଙ୍କା ସମ୍ବନ୍ଧୀୟ ତଥ୍ୟ ରହିଛି। ଠକେଇ ଟଙ୍କାକୁ ସେ ନୂଆ କମ୍ପାନୀ କଲ୍ପମିତ୍ କନସୋଲଟାନ୍ସି ପ୍ରାଇଭେଟ୍ ଲିଃରେ ନିବେଶ କରିଥିବା ନେଇ କ୍ରାଇମବ୍ରାଞ୍ଚ ସୂଚନା ଦେଇଛି। ଗିରଫ ପରେ ତାଙ୍କୁ ପଶ୍ଚିମବଙ୍ଗରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ଶନିବାର କଟକସ୍ଥିତ ସ୍ୱତନ୍ତ୍ର ଇଓଡବ୍ଲ୍ୟୁ କୋର୍ଟକୁ ଚାଲାଣ କରାଯାଇଛି।

ଅମିତ ଓ ତାଙ୍କ ଏଜେଣ୍ଟମାନେ ସାଧାରଣ ଲୋକଙ୍କ ଠାରୁ ଟ୍ରେଡିଂ ଆଳରେ ଟଙ୍କା ଉଠାଇଥିଲେ। ମାସିକ ୩.୫ ପ୍ରତିଶତରୁ ୭ ପ୍ରତିଶତ ସୁଧ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଭିଯୁକ୍ତମାନେ ଭୁବନେଶ୍ୱର ଓ ଅନୁଗୁଳର ବିଭିନ୍ନ ହୋଟେଲରେ ବୈଠକ କରାଇ ନିବେଶକାରୀଙ୍କୁ ନିବେଶ କରିବାକୁ ପ୍ରବର୍ତ୍ତାଇ ଥିଲେ। ବିଶ୍ୱାସ ଜନ୍ମାଇବାକୁ ସେ ନିବେଶ ସାର୍ଟିଫିକେଟ୍ ପ୍ରଦାନ କରୁଥିଲେ। ଏହା ସହ ଆରମ୍ଭରୁ କିଛି ଲୋକଙ୍କୁ ଟଙ୍କା ପ୍ରତିଶ୍ରୁତି ମୁତାବକ ଫେରାଇ ଦେଇଥିଲେ। ଅମିତ ୪ବର୍ଷ ମଧ୍ୟରେ ଓଡ଼ିଶାର ୫ଶହ ଜଣ ଏବଂ ପଶ୍ଚିବମଙ୍ଗର ଶହେ ଜଣଙ୍କୁ ଫସାଇ ୧୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ନେଇଯାଇଥିଲେ। ହେଲେ ୪୦କୋଟି ଟଙ୍କା ନିବେଶକାରୀମାନଙ୍କୁ ନ ଫେରାଇ, ଶେଷରେ ଫେରାର ହୋଇଯାଇଥିଲେ।

ଅମିତଙ୍କ ଆଇସିଆଇସିଆଇ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯିବା ପରେ ସେଥିରେ ୧୨୨ କୋଟି ଟଙ୍କା ନେଣଦେଣ ହୋଇଥିବା ଜଣାପଡ଼ିଛି। ତେଣୁ ଅନ୍ୟ ଆକାଉଣ୍ଟଗୁଡ଼ିକ ଯାଞ୍ଚ କରାଯାଉଛି ବୋଲି ସୂଚନା ମିଳିଛି।

**ବାଇକ୍‌କୁ ମୁହାଁମୁହିଁ ଧକ୍କା ଦେଲା ବସ୍**

## ‘ରୋଡ୍ ମାଷ୍ଟର୍’ ଚାପାରେ ୩ ସାଙ୍ଗ ମୃତ



■ ରାଇରଙ୍ଗପୁର, ୨।୧(ସମିସ): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଭାଲୁବସା ନିକଟସ୍ଥ ରାଣୀବନ୍ଧ ସମ୍ମୁଖ ଦେଇ ଯାଇଥିବା ୨୨୦ନଂ ଜାତୀୟ ରାଜପଥରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣା ୩ ସାଙ୍ଗଙ୍କ ଜୀବନ ନେଇଛି। ବାଇକ୍‌କୁ ଏକ ଦ୍ରୁତଗାମୀ ବସ୍ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ମୃତକମାନେ ହେଲେ, ତିରିଂ ଥାନା ଅନ୍ତର୍ଗତ ରତନସାହି ଗ୍ରାମର ବିକାଶ ବେହେରା (୨୬), ଝାଡ଼ଖଣ୍ଡ ଷଢ଼େଇକଳା ଥାନା ଅନ୍ତର୍ଗତ ଆଦିତ୍ୟପୁର ଅଞ୍ଚଳର ପ୍ରବୀର ଦେବବର୍ମା (୨୬) ଏବଂ ତ୍ରିପୁରା ରାଜ୍ୟର ସିପାହୀଜୋଲା ଜିଲ୍ଲାର ବିଶାଳଗଡ଼ ଥାନା ଅନ୍ତର୍ଗତ ବିକାଶ ଦେବବର୍ମା (୨୮)।

ସୂଚନା ମୁତାବକ, ୩ସାଙ୍ଗ ଏକ ବାଇକ୍‌ରେ ରାଇରଙ୍ଗପୁର ଯାଉଥିଲେ। ଦିନ ପ୍ରାୟ ସାଢ଼େ ୧ଟାରେ ରାଣୀବନ୍ଧ ନିକଟରେ ବିପରୀତ ଦିଗରୁ ଆସୁଥିବା ‘ରୋଡ୍ ମାଷ୍ଟର୍’ ନାମକ ଏକ ବସ୍ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ୩ ସାଙ୍ଗ ବାଇକ ସହ ବସ୍ ତଳକୁ ପଶି ଯାଇଥିଲେ ଏବଂ ବସ୍‌ଟି ସେମାନଙ୍କୁ ପାଖାପାଖି ୧୫ରୁ ୨୦ ମିଟର ଘୋଷାଡ଼ି ନେଇଥିଲା। ଦୁର୍ଘଟଣା ଘଟାଇବା ପରେ ବସ୍ ଚାଳକ, କଣ୍ଡକ୍ଟର୍ ଓ ହେଲ୍ପର ଘଟଣାସ୍ଥଳରୁ ଚମ୍ପଟ ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ୨ ସାଙ୍ଗଙ୍କୁ ଉଦ୍ଧାର କରି ଏକ ଓ ଆମ୍ବୁଲାନ୍ସରେ ହସ୍ପିଟାଲକୁ ପଠାଇଥିଲା। କିନ୍ତୁ ଅନ୍ୟ ଜଣେ ବସ୍ ତଳେ ଚାପି ହୋଇ ରହିଥିବାରୁ ତାଙ୍କୁ ଉଦ୍ଧାର କରିବାରେ ବିଳମ୍ବ ହୋଇଥିଲା। ଅଗ୍ନିଶମ ବିଭାଗ କଟର୍ ସହାୟତାରେ ଲୁହାକୁ କାଟି ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲା। ହସ୍ପିଟାଲରେ ଡାକ୍ତର ୩ ଜଣଙ୍କୁ ବିଧିବଦ୍ଧ ଭାବେ ମୃତ ଘୋଷଣା କରିଥିଲେ।

ଅପରପକ୍ଷେ, ଏହାକୁ ନେଇ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ, ବସ୍ ଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଉତ୍ତ୍ୟକ୍ତ ଲୋକେ ହୋ-ହଲ୍ଲା କରିଥିଲେ। ଘଟଣାସ୍ଥଳରେ ରାଇରଙ୍ଗପୁର ଅତିରିକ୍ତ ଏସ୍‌ପି ଯଦୁନାଥ ଜେନା, ରାଇରଙ୍ଗପୁର ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ, ତହସିଲଦାର ବିଶ୍ୱନାଥ ବିଶ୍ୱାଳ, କନିଷ୍ଠ ଏମ୍‌ଭିଆଇ ଆଶୁତୋଷ ନାଏକ, ବିଡିଓ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ରାସ୍ତା ମଝିରେ ଅଟକି ରହିଥିବା ବସ୍‌କୁ କ୍ରେନ୍ ସାହାଯ୍ୟରେ ହଟାଯିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ମାମଲା ରୁଜୁ ହେବା ସହ ଉଭୟ ବସ୍ ଓ ବାଇକକୁ ଜବତ କରାଯାଇଛି।

## ପ୍ରଦୂଷଣ ପ୍ରମାଣପତ୍ରଧାରୀଙ୍କୁ ୧୦ରୁ ମିଳିବ ଗ୍ରୀନ୍ ଷ୍ଟିକର

■ ଭୁବନେଶ୍ୱର, ୨।୧ (ସମିସ): ଆସନ୍ତା ୧୦ ତାରିଖରୁ ପ୍ରଦୂଷଣ ସାର୍ଟିଫିକେଟପ୍ରାପ୍ତ ଗାଡ଼ି ମାଲିକଙ୍କୁ ମିଳିବ ଗ୍ରୀନ୍ ଷ୍ଟିକର। ଯେଉଁମାନେ ନିଜ ଗାଡ଼ିର ପ୍ରଦୂଷଣ ସାର୍ଟିଫିକେଟ୍ (ପିୟୁସିସି) କରିଥିବେ, ସେମାନେ ଏହି ଗ୍ରୀନ୍ ଷ୍ଟିକର ସଂଗ୍ରହ କରି ନିଜ ଗାଡ଼ିରେ ଲଗାଇବେ। ଏନେଇ ପରିବହନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି।

ଜାରି ବିଜ୍ଞପ୍ତି ଅନୁସାରେ, ଆରଟିଓଗୁଡ଼ିକରେ ଏହି ଗ୍ରୀନ୍ ଷ୍ଟିକର ପ୍ରଦାନ କରାଯିବ। ଯେଉଁମାନଙ୍କର ୧୦ ତାରିଖ ପୂର୍ବରୁ ପଲ୍ୟୁସନ ସାର୍ଟିଫିକେଟ ରହିଛି, ସେମାନେ ଏହି ଗ୍ରୀନ ଷ୍ଟିକର ନେଇପାରିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ତେବେ ଯେଉଁମାନେ ୧୦ ତାରିଖ ପରେ ପିୟୁସିସି କରିବେ, ସେମାନେ ତତ୍କାଳ ପିୟୁସିସି ସେଣ୍ଟରରୁ ହିଁ ଗ୍ରୀନ୍ ଷ୍ଟିକର ନେବେ ବୋଲି କୁହାଯାଇଛି। ଏହି ଗ୍ରୀନ୍ ଷ୍ଟିକର ପ୍ରଦାନ କରିବାକୁ ଆରଟିଓ ଅଫିସରେ ଏକ ସ୍ୱତନ୍ତ୍ର କେନ୍ଦ୍ର ଖୋଲାଯିବ। ଗାଡ଼ିମାଲିକମାନେ ନିଜର ବୈଧ ପଲ୍ୟୁସନ ସାର୍ଟିଫିକେଟ, ଆରସି ଦେଖାଇ ଏହି ଗ୍ରୀନ୍ ଷ୍ଟିକର ନେବେ। ଯଦି ଗାଡ଼ି ମାଲିକଙ୍କ ବିନା ଅନ୍ୟ କେହି ଯାଇ ଗ୍ରୀନ ଷ୍ଟିକର ଆଣନ୍ତି, ଗାଡ଼ି ମାଲିକଙ୍କ ସ୍ୱୀକୃତି ଦେଖାଇବାକୁ ହେବ। ତେବେ ନିଜ ଯାନରେ ଏହି ଗ୍ରୀନ୍ ଷ୍ଟିକର ଲଗାଇବାକୁ ବାଧ୍ୟତାମୂଳକ କରାଯାଇ ନାହିଁ। କେବଳ ଚେକିଂ ସମୟରେ ହିଁ ସହଜରେ ଏହା ବାରି ହୋଇପଡ଼ିବା ଯୋଗୁଁ ଏହି ବ୍ୟବସ୍ଥା କରାଯାଇଥିବା ନେଇ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି।

## ୪୦ ସହଯୋଗୀଙ୍କ ସହ ଆତ୍ମସମର୍ପଣ କରିବେ ୫୦ ଲକ୍ଷର ଇନାମୀ ମାଓନେତା ବାରସେ



■ ମାଲକାନଗିରି, ୨।୧ (ସମିସ): ମାଓବାଦୀଙ୍କ ସବୁଠାରୁ ଘାତକ ବାଟାଲିୟନ ନମ୍ବର ୧ର କମାଣ୍ଡର ବାରସେ ଦେବା ଓରଫ ସୁକ୍କା ତାଙ୍କର ୪୦ ଜଣ ସହଯୋଗୀଙ୍କ ସହ ତେଲେଙ୍ଗାନା ପୁଲିସ ନିକଟରେ ଆତ୍ମସମର୍ପଣ କରିବେ। ବାରସେ ଦେବା ଏବଂ ତାଙ୍କ ସହଯୋଗୀମାନେ ଛତିଶଗଡର ଜାତୀୟ ଉଦ୍ୟାନ ଅଞ୍ଚଳ ଛାଡି ତେଲେଙ୍ଗାନାରେ ପହଞ୍ଚିଛନ୍ତି। ଜଙ୍ଗଲରୁ ସୁରକ୍ଷିତ ସ୍ଥାନାନ୍ତର ସୁନିଶ୍ଚିତ କରିବା ପାଇଁ ସୁକମା ଏବଂ ତେଲେଙ୍ଗାନା ସିମା ମଧ୍ୟରେ ସେମାନଙ୍କ ପାଇଁ ଏକ ସୁରକ୍ଷିତ କରିଡର ପ୍ରତିଷ୍ଠା କରାଯାଇଥିଲା। ଏହି ମାଓବାଦୀ ମାନେ ତେଲେଙ୍ଗନାରେ ପହଞ୍ଚି ପୁଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ସମ୍ମୁଖରେ ଆତ୍ମ ସମର୍ପଣ କରିବେ ବୋଲି ଜଣାପଡିଛି। ତେଲେଙ୍ଗାନା ପୁଲିସ ଆଗାମୀ ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ବାରସେ ଦେବା ଏବଂ ଅନ୍ୟ ମାଓବାଦୀଙ୍କୁ ଆନୁଷ୍ଠାନିକ ଭାବରେ ଆତ୍ମସମର୍ପଣ କରିବା ନେଇ ସୂଚନା ଦେବେ ବୋଲି ଜଣାପଡିଛି। ବାରସେ ଦେବା ଛତିଶଗଡ଼ର ସବୁଠାରୁ ୱାଣ୍ଟେଡ୍ ନକ୍ସଲମାନଙ୍କ ମଧ୍ୟରୁ ଜଣେ ଥିଲେ। ତାଙ୍କ ଗିରଫ ପାଇଁ ୫୦ ଲକ୍ଷ ପୁରସ୍କାର ଘୋଷଣା କରାଯାଇଥିଲା । ସେ ନିହତ ଶୀର୍ଷ କମାଣ୍ଡର ମାଡଭି ହିଡମାଙ୍କ ଜଣେ ଘନିଷ୍ଠ ସହଯୋଗୀ ଥିଲେ ଏବଂ ତାଙ୍କ ମୃତ୍ୟୁ ପରେ ସେ ବାଟାଲିୟନ ନମ୍ବର ୧କୁ କମାଣ୍ଡ କରିଥିଲେ।

**ଝାଡ଼ଖଣ୍ଡ ଦଲାଲ୍‌ଙ୍କ ନୂଆ ଚାଲ୍**

## ଓଡ଼ିଶାରେ ଟନ୍‌ଟନ୍ ଝାଡ଼ଖଣ୍ଡ ଧାନ



**ଅଧିକ ଏମ୍‌ଏସ୍‌ପି ପାଇଁ ଓଡ଼ିଶାରେ ଧାନ ବିକିବାକୁ ପ୍ରୟାସ**

**ଓଡ଼ିଶା ‘ଲ୍ୟାମ୍ପ’ରେ ବିକ୍ରି କରିବା ପାଇଁ ଚାଲିଛି ଯୋଜନା**

■ ରାଇରଙ୍ଗପୁର, ୨।୧ (ସମିସ): ଓଡ଼ିଶାରେ ବିକ୍ରି ହେବା ପାଇଁ ଝାଡ଼ଖଣ୍ଡ ରାଜ୍ୟର ଟନ ଟନ ଧାନ ଅପେକ୍ଷା କରିରହିଛି। ଓଡ଼ିଶାରେ ଧାନର ଏମଏସପି ମୂଲ୍ୟ ଅଧିକ ଥିବାରୁ ଅର୍ଥ ରୋଜଗାର କରିବାକୁ ଦଲାଲ ସକ୍ରିୟ ହୋଇଛନ୍ତି। ଏଭଳି ଘଟଣା ମୟୂରଭଞ୍ଜ ଓ ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଦେଖିବାକୁ ମିଳିଛି। ଅସ୍ଥାୟୀ ଗୋଦାମ କରି ଧାନ ଗଚ୍ଛିତ କରି ରଖିଛନ୍ତି।

ଗତ ଡିସେମ୍ବର ୨୬ରୁ ପର୍ଯ୍ୟାୟକ୍ରମେ ମୟୂରଭଞ୍ଜ ଜିଲ୍ଲାରେ ଧାନମଣ୍ଡି ଖୋଲିବା ସହ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଯାହାକୁ ନେଇ ପୂର୍ବରୁ ଚାଷୀଙ୍କ ନାମ ପଞ୍ଜୀକରଣ ହୋଇଛି। ତେବେ ଓଡ଼ିଶା ସରକାର ଧାନ ଏମଏସପି ମୂଲ୍ୟ ଝାଡ଼ଖଣ୍ଡ ତୁଳନାରେ ମୂଲ୍ୟ ଅଧିକ କରିଛନ୍ତି। ଯାହାକୁ ନେଇ ଦଲାଲ ଗ୍ରୁପ୍ ସକ୍ରିୟ ହୋଇଛନ୍ତି। ସୀମାନ୍ତବର୍ତ୍ତୀ ଜାମଦା ବ୍ଲକ ଅନ୍ତର୍ଗତ ବଡ଼ଦୁହୁ ଲ୍ୟାମ୍ପରେ ଉକ୍ତ ଝାଡ଼ଖଣ୍ଡ ଧାନ ବିକ୍ରୟ କରିବାକୁ ଯୋଜନା ହୋଇଛି। ଏହାକୁ ନେଇ ପୂର୍ବରୁ ଝାଡ଼ଖଣ୍ଡ ଓ ଓଡ଼ିଶାର କିଛି ଦଲାଲ ମିଶି ଓଡ଼ିଶା ଚାଷୀଙ୍କୁ ଟଙ୍କା ପ୍ରଲୋଭନ ଦେଖାଇ ନିଜ ଟିମ୍‌ରେ ସାମିଲ କରିଛନ୍ତି। ବର୍ଷ ସାରା ଚାଷ ନ କରି ଭଲ ଟଙ୍କା ଦେବାର ପ୍ରଲୋଭନ ଦେଖାଇ ମଣ୍ଡିରେ ତାଙ୍କ ଧାନ ବିକ୍ରି କରିବାକୁ ଚାଷୀ ଭାବେ ପଞ୍ଜୀକରଣ କରାଇଛନ୍ତି। ତେବେ ଝାଡ଼ଖଣ୍ଡରେ ଚାଷ ହୋଇଥିବା ଉକ୍ତ ଧାନ ସୀମାନ୍ତ ଦେଇ ଓଡ଼ିଶାକୁ ପ୍ରବେଶ କରୁଛି। ସୀମାନ୍ତରେ ଢିଲା ଯାଞ୍ଚ ପ୍ରକ୍ରିୟା ଥିବା ବେଳେ ବିଳମ୍ବିତ ରାତି କିମ୍ବା ଭୋର ସମୟରେ ଓଡ଼ିଶାକୁ ପ୍ରବେଶ କରି ଧାନ ଗଚ୍ଛିତ ହୋଇ ରହିଛି।

ଓଡ଼ିଶା ସୀମାନ୍ତରୁ ୬/୭ କିଲୋମିଟର ଦୂରରେ ଝାଡ଼ଖଣ୍ଡ ରାଜ୍ୟର ପୁଣ୍ଡି ଘୁଟୁରେ ପ୍ରଥମେ ଧାନ ଆଣି ରଖାଯାଉଛି। ପରେ ସମୟ ସୁବିଧା ଦେଖି ଜାମଦା ବ୍ଲକ ଅନ୍ତର୍ଗତ ବଡ଼ଦୁହୁକୁ ଅଣାଯାଉଛି। ଏକ ନିର୍ଜନ ସ୍ଥାନରେ ବନ୍ଦ ଘର ମଧ୍ୟରେ ଟନ୍‌ଟନ୍ ଧାନ ଗଚ୍ଛିତ କରି ରଖାଯାଇଥିବା ସୂଚନା ରହିଛି। ଯାହାକି ସମ୍ପୂର୍ଣ୍ଣ ଭାବେ ଚାରିପଟରୁ ବନ୍ଦ ଥିବାବେଳେ କାହାକୁ ପ୍ରବେଶ କରିବାକୁ ଦେଉନାହାନ୍ତି। ଏହା ବଡ଼ଦୁହୁ ଲ୍ୟାମ୍ପ ନିକଟରେ ଥିବାରୁ ଉକ୍ତ ଲ୍ୟାମ୍ପରେ ଧାନ ବିକ୍ରି କରିବାକୁ ଯୋଜନା ରହିଛି। ଧାନ ବିକ୍ରି ପରେ ସରକାରୀ ଟଙ୍କା ଚାଷୀଙ୍କ ଖାତାକୁ ଆସିବା ପରେ ଦଲାଲ ତାହାକୁ ସଂଗ୍ରହ କରିବେ। କିଛି ଟଙ୍କା ଦେବା ପରେ ବାକି ଟଙ୍କା ନେଇ ଚମ୍ପଟ ମାରିବାର ଯୋଜନାରେ ରହିଛନ୍ତି। ଦୁଇଟି ସ୍ଥାନରେ ପ୍ରାୟ ୪୦ ଲକ୍ଷରୁ ଅଧିକ ଟଙ୍କାର ଧାନ ଗଚ୍ଛିତ ଥିବା ସୂଚନା ରହିଛି। ତେବେ ଉକ୍ତ କାରବାରରେ କିଛି ସରକାରୀ କିମ୍ବା ଲ୍ୟାମ୍ପ କର୍ମଚାରୀ ▶ପୃଷ୍ଠା-୭

## ପତ୍ନୀଙ୍କୁ ଖର୍ଚ୍ଚର ହିସାବ ମାଗିବା କ୍ରୁରତା ନୁହେଁ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨।୧(ଏଜେନ୍ସି): ପତ୍ନୀଙ୍କୁ ଖର୍ଚ୍ଚର ହିସାବ ମାଗିବା କ୍ରୁରତା ନୁହେଁ। ଏହାକୁ ନେଇ ଆପରାଧିକ ମାମଲା ରୁଜୁ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏକ ଯୌତୁକ ଜନିତ ଉତ୍ପୀଡ଼ନ ଏବଂ କ୍ରୁରତା ମାମଲାକୁ ରଦ୍ଦ କରି ଜଷ୍ଟିସ ବିଭି ନାଗରତ୍ନା ଏବଂ ଜଷ୍ଟିସ ଆର ମହାଦେବନଙ୍କ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ଏହି ମାମଲାରେ ସ୍ୱାମୀ ସମସ୍ତ ଖର୍ଚ୍ଚର ହିସାବ ଟିକିନିଖି କରି ଏକ୍ସେଲ ସିଟ୍‌ରେ ରଖିବାକୁ ବାଧ କରୁଥିଲେ ବୋଲି ସ୍ତ୍ରୀ ଅଭିଯୋଗ କରିଥିଲେ। ମାତ୍ର ଉଭୟଙ୍କ ମଧ୍ୟରେ ଦୀର୍ଘ ଦିନ ହେଲା ଭଲ ସମ୍ପର୍କ ନ ଥିଲା। ସେ ସ୍ୱାମୀ ଏବଂ ତାଙ୍କ ପରିବାର ବିରୋଧରେ ମାମଲା ରୁଜୁ କରିଥିଲେ।

ଶୁଣାଣି କରି ଖଣ୍ଡପୀଠ କହିଥିଲେ ଯେ ଯଦି ପତି ଘରର ଆର୍ଥିକ କାରବାରର ନିଷ୍ପତ୍ତି ନିଜେ ନିଅନ୍ତି ଏବଂ ପତ୍ନୀଙ୍କୁ ଏହାର ହିସାବ ମାଗନ୍ତି ତେବେ ତାହାକୁ କ୍ରୁରତା କୁହାଯାଇପାରିବ ନାହିଁ। ବିଶେଷ କରି କୌଣସି ଗମ୍ଭୀର ମାନସିକ କିମ୍ବା ଶାରୀରିକ କ୍ଷତି ନ ହେଲେ ଆପରାଧିକ ମାମଲା ରୁଜୁ କରାଯାଇପାରିବ ନାହିଁ। ଏହା ଭାରତୀୟ ସମାଜର ସତ୍ୟକୁ ଦର୍ଶାଉଛି। ଅନେକ ଘରେ ପୁରୁଷ ଆର୍ଥିକ ଦାୟିତ୍ୱକୁ ନିଜ ହାତରେ ରଖିଥାନ୍ତି, ମାତ୍ର ଏହାକୁ ଅପରାଧ ଶ୍ରେଣୀରେ ରଖାଯାଇପାରିବ ନାହିଁ। ସ୍ୱାମୀଙ୍କ ଉପରେ ଲଗାଯାଇଥିବା ଅଭିଯୋଗ ସତ୍ୟ ନୁହେଁ ବୋଲି ରେକର୍ଡରୁ ଜଣାପଡୁଛି। ଖରାପ ଉଦ୍ଦେଶ୍ୟ ରଖି ଏପରି କରାଯାଇଛି। ଏଭଳି ମାମଲାରେ ଆଇନର ଅପବ୍ୟବହାର କରାଯାଇପାରିବ ନାହିଁ। ବ୍ୟକ୍ତିଗତ ଶତ୍ରୁତା ପାଇଁ ଆପରାଧିକ ମାମଲାର ବ୍ୟବହାର ନ କରିବା ଉଚିତ।

## ମିଠା ଦେବା ବାହାନାରେ ଘରକୁ ଡାକି ପ୍ରେମିକର ଗୁପ୍ତାଙ୍ଗ କାଟିଦେଲା ପ୍ରେମିକା

ମୁମ୍ବଇ, ୨।୧ (ଏଜେନ୍ସି): ବାଣିଜ୍ୟିକ ରାଜଧାନୀ ମୁମ୍ବଇରୁ ବିଚଳିତ କରିବା ଭଳି ଏକ ଖବର ସାମ୍ନାକୁ ଆସିଛି। ନୂଆ ବର୍ଷରେ ମିଠା ଦେବାକୁ ଡାକି ପ୍ରେମିକା ଏକ ଛୁରିରେ ନିଜ ପ୍ରେମିକର ଗୁପ୍ତାଙ୍ଗ କାଟି ଦେଇଛନ୍ତି। ଏବେ ପ୍ରେମିକର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ମୁମ୍ବଇର ସିଓନ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ପୀଡ଼ିତ (୪୪) ଏବଂ ଅଭିଯୁକ୍ତ ପ୍ରେମିକା (୨୫) ଉଭୟେ ବିବାହିତ। ଏବେ ମହିଳା ଫେରାର ଅଛନ୍ତି। ସେ ପୀଡ଼ିତଙ୍କ ଭଉଣୀର ନଣନ୍ଦ। ଉଭୟଙ୍କ ମଧ୍ୟରେ ପରକୀୟାପ୍ରୀତି ଥିଲା। ୬ରୁ ୭ ବର୍ଷ ହେଲା ଦୁଇ ଜଣଙ୍କ ମଧ୍ୟରେ ଅବୈଧ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା।

ପ୍ରେମିକା କ୍ରମାଗତ ଭାବେ ନିଜ ସ୍ତ୍ରୀକୁ ଛାଡ଼ି ତାଙ୍କୁ ବାହା ହେବା ପାଇଁ ପୀଡ଼ିତଙ୍କ ଉପରେ ଚାପ ପକାଉ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇଥିଲା। ଏଥିପାଇଁ ସାନ୍ତାକ୍ରୁଜ ଇଷ୍ଟରେ ରହୁଥିବା ପୁରୁଷ ଗତ ନଭେମ୍ବରରେ ବିହାର ପଳାଇ ଥିଲେ। ଏହା ସତ୍ତ୍ୱେ ସେ ଫୋନ କରି ଧମକ ଦେଇ ଚାଲିଥିଲେ। ଗତ ୧୯ ତାରିଖରେ ମୁମ୍ବଇ ଫେରିବାରୁ ସେ ଆଉ ମହିଳାଙ୍କୁ ଯୋଗାଯୋଗ କରି ନ ଥିଲେ। ତାଙ୍କଠୁ ଦୂରେଇ ରହିବାକୁ ପ୍ରୟାସ କରିଥିଲେ। ମାତ୍ର ୩୧ ତାରିଖ ଦିନ ପ୍ରେମିକା ତାଙ୍କୁ ମିଠା ଦେବା ବାହାନାରେ ଘରକୁ ଡାକିଥିଲେ। ପୁରୁଷ ପହଞ୍ଚିବା ପରେ ଅପେକ୍ଷା କରିବାକୁ କହିଥିଲେ। ପିଲା ଶୋଇବା ପରେ ମହିଳା ତାଙ୍କୁ ଘରକୁ ଡାକି ପେଣ୍ଟ ଖୋଲିବାକୁ କହିଥିଲେ। ପୁରୁଷ ଏପରି କରିବାରୁ ମହିଳା ରୋଷେଇ ଘରକୁ ଯାଇ ଏକ ପରିବା କଟା ଛୁରି ଆଣିଥିଲେ। ଏଥିରେ ମହିଳା ତାଙ୍କ ଗୁପ୍ତାଙ୍ଗ କାଟି ଦେଇଥିଲେ। ଅସହ୍ୟ କଷ୍ଟ ଏଙ୍ଗ ପ୍ରଚୁର ରକ୍ତସ୍ରାବ ସତ୍ତ୍ୱେ ପୁରୁଷ ସେଠାରୁ ନିଜ ଘରକୁ ପଳାଇ ଆସିଥିଲେ। ସେ ଘରେ ପହଞ୍ଚିବାରୁ ଅନ୍ୟ ସଦସ୍ୟ ତାଙ୍କୁ ମେଡିକାଲକୁ ନେଇ ଭର୍ତ୍ତି କରିଥିଲେ। ଏବେ ତାଙ୍କର ଅନେକ ଅସ୍ତ୍ରୋପଚାର ହେବାର ବାକି ଅଛି।

## ଆଫଗାନିସ୍ତାନରେ ଭୟଙ୍କର ବନ୍ୟା; ୧୭ ମୃତ

କାବୁଲ, ୨।୧(ଏଜେନ୍ସି): ଆଫଗାନିସ୍ତାନରେ ସମ୍ପ୍ରତି ପ୍ରବଳ ବର୍ଷା ଓ ତୁଷାରପାତ ପରେ ଆସିଥିବା ଭୟଙ୍କର ବନ୍ୟାରେ ୧୭ ଜଣ ଲୋକ ମୃତ୍ୟୁବରଣ କରିଥିବାବେଳେ ୧୧ ଜଣ ଆହତ ହୋଇଛନ୍ତି। ଜାନୁଆରୀ ୧ରେ ଆଫଗାନିସ୍ତାନର ହେରାତ ରାଜ୍ୟରେ କାବକାନ ଜିଲ୍ଲାରେ ଏକ ଛାତ ଭୁଶୁଡିବା ଫଳରେ ଗୋଟିଏ ପରିବାରର ୫ ଜଣ ସଦସ୍ୟ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ମଧ୍ୟରେ ଦୁଇଜଣ ଶିଶୁ ଅଛନ୍ତି। ଏବେ ଅତି ଖରାପ ପାଗ ସାରା ଦେଶରେ ଜନ ଜୀବନକୁ ଗୁରୁତର ଭାବେ ବିପର୍ଯ୍ୟସ୍ତ କରିଛି। ବନ୍ୟା ରାସ୍ତା, କୋଠାଘରଗୁଡିକୁ କ୍ଷତିଗ୍ରସ୍ତ କରିଛି। ଏହା ଦ୍ୱାରା ୧୮୦୦ ପରିବାର ପ୍ରଭାବିତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଅଗଷ୍ଟ ହୋଇଥିବା ୬.୦ ତୀବ୍ରତାର ଭୂକମ୍ପରେ ଆଫଗାନିସ୍ତାନରେ ୧୪୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିଲେ। ଆଫଗାନିସ୍ତାନରେ ୨୦୨୬ରେ ମଧ୍ୟ ଅନେକ ପ୍ରାକୃତିକ ବିପର୍ଯ୍ୟୟ ଆସିପାରେ ବୋଲି ଜାତିସଙ୍ଘ ତରଫରୁ ସତର୍କ କରାଇ ଦିଆଯାଇଛି।

## ୟେମେନରେ ସାଉଦିର ପୁଣି ଏୟାର ଷ୍ଟ୍ରାଇକ୍; ୭ ମୃତ

ସାନ୍ନା, ୨।୧(ଏଜେନ୍ସି): ୟେମେନ ଉପରେ ସାଉଦି ଆରବ ନେତୃତ୍ୱାଧୀନ ମେଣ୍ଟ ତରଫରୁ ପୁଣି ଥରେ ବିମାନ ଆକ୍ରମଣ କରାଯାଇଛି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସମର୍ଥିତ ବିଚ୍ଛିନ୍ନତାବାଦୀଙ୍କ ଗୋଷ୍ଠୀ ଉପରେ ଶୁକ୍ରବାର ଏହି ଆକ୍ରମଣ କରାଯାଇଛି ଓ ଏଥିରେ ଅତିକମ୍‌ରେ ୭ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏହି ବିଚ୍ଛିର୍ଣ୍ଣତାବାଦୀମାନେ ୟେମେନର ବିପୁଳ ଅଞ୍ଚଳକୁ ନିଜ ଦଖଲରେ ରଖିଛନ୍ତି। ଅଲ-ଖାସାସ୍ଥିତ ବିଚ୍ଛିର୍ଣ୍ଣତାବାଦୀଙ୍କ ଶିବିର ଉପରେ ହୋଇଥିବା ଏହି ଆକ୍ରମଣରେ ୨୦ ଜଣ ଆହତ ମଧ୍ୟ ହୋଇଛନ୍ତି ବୋଲି ୱାଦି ହାଦ୍ରାମାଉଥ ଓ ହାଦ୍ରାବାଉଥ ମରୁଭୂମିସ୍ଥିତ ବିଚ୍ଛିର୍ଣ୍ଣତାବାଦୀ ସଦର୍ଣ୍ଣ ଟ୍ରାନଜିସନାଲ କାଉନସିଲ (ଏସ୍‌ଟିସି) ମୁଖ୍ୟ ମହମ୍ମଦ ଅବଦୁଲମଲିକ କହିଛନ୍ତି। ଏହି ବିବାଦ ଡିସେମ୍ବର ମାସରୁ ବୃଦ୍ଧି ପାଇଛି। ଏସ୍‌ଟିସିକୁ ୟୁଏଇ ସମର୍ଥନ କରୁଛି। ଏସ୍‌ଟିସିର ଲକ୍ଷ୍ୟ ହେଉଛି ୟେମେନକୁ ଉତ୍ତର ଓ ଦକ୍ଷିଣ ଭାବେ ଦୁଇ ଭାଗରେ ବିଭକ୍ତ କରି ଅଲଗା ଦେଶ ସୃଷ୍ଟି କରିବା ଓ ଦକ୍ଷିଣ ୟେମେନର ଶାସନ କରିବା। ୧୯୯୦ରେ ଦକ୍ଷିଣ ଓ ଉତ୍ତର ୟେମେନ ଏକାଠି ହୋଇଥିଲେ ମଧ୍ୟ ଦକ୍ଷିଣ ୟେମେନରେ ଏବେ ବି ବିଚ୍ଛିର୍ଣ୍ଣତାବାଦୀ ମନୋଭାବ ରହିଛି। ଏସ୍‌ଟିସି କେତୋଟି ଅଞ୍ଚଳ ନିଜର ବୋଲି ଦାବି କରିବା ପରେ ସାଉଦି ଆରବ ଏହାକୁ ବିରୋଧ କରିଥିଲା। ଫଳରେ ସଂଘର୍ଷର ସୂତ୍ରପାତ ହୋଇଥିଲା। ଏହାପରେ ଠାରୁ ସାଉଦି ଆକ୍ରମଣ କରିଛି।

## ରାଗିଂରେ ହିମାଚଳ ଛାତ୍ରୀଙ୍କ ମୃତ୍ୟୁ

### ପ୍ରଫେସରଙ୍କ ସମେତ ୪ ଜଣଙ୍କ ବିରୋଧରେ ଏଫ୍‌ଆଇଆର୍

ଧର୍ମଶାଳା, ୨।୧(ଏଜେନ୍ସି): ହିମାଚଳରେ ଧର୍ମଶାଳାସ୍ଥିତ ଏକ ସରକାରୀ କଲେଜର ରାଗିଂର ଶିକାର ହୋଇଥିବା ଜଣେ ୧୯ ବର୍ଷୀୟ ଛାତ୍ରୀ ଚିକିତ୍ସିତ ହେବା ଅବସରରେ ମୃତ୍ୟୁବରଣ କରିଛନ୍ତି। ଏହି ମାମାଲାରେ ପୁଲିସ ପ୍ରଫେସରଙ୍କ ସମେତ ୪ ଜଣ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଛି। ମରିବା ପୂର୍ବରୁ ଛାତ୍ରୀ ଏକ ଭିଡିଓରେ ପ୍ରଫେସରଙ୍କ ଉପରେ ଯୌନ ଉତ୍ପୀଡ଼ନ ଓ ୩ ଜଣ ଝିଅ ତାଙ୍କୁ ବାଡ଼େଇ ଥିବାର ଅଭିଯୋଗ ଆଣିଛନ୍ତି। ଛାତ୍ରୀଙ୍କ ପିତା ପ୍ରଫେସର ଅଶୋକ କୁମାର ଓ ଅନ୍ୟ ଛାତ୍ରୀଙ୍କ ବିରୋଧରେ ମାନସିକ ନର୍ଯାତନାର ଅଭିଯୋଗ ଆଣିଛନ୍ତି। ଗଭୀର ଭାବେ ମାନିସକ ଆଘାତ ପାଇଥିବାରୁ ସେ ଭୟଭୀତ ହୋଇପଡ଼ିଥିଲା ଓ ଚିକିତ୍ସିତ ହେବା ବେଳେ ପ୍ରାଣ ହରାଇଥିଲା ବୋଲି ସେ କହିଛନ୍ତି। ବିଭିନ୍ନ ହସ୍ପିଟାଲରେ ଛାତ୍ରୀଙ୍କ ଚିକିତ୍ସା କରାଯାଇଥିଲା। ଡିସେମ୍ବର ୨୬ରେ ଲୁଧିଆନାର ଡିଏମ୍‌ସି ହସ୍ପିଟାଲରେ ଚିକିତ୍ସା କରାଯାଉଥିବା ବେଳେ ଛାତ୍ରୀ ମୃତ୍ୟୁବରଣ କରିଥିଲେ। ଅନ୍ୟପଟେ ପ୍ରପେସର ଏହି ଅଭିଯୋଗକୁ ମିଥ୍ୟା ବୋଲି କହିଛନ୍ତି। ଏହି ମାମଲାରେ ସବୁ ଦୃଷ୍ଟିକୋଣରୁ ଯାଞ୍ଚ କରାଯାଉଛି ବୋଲି ପୁଲିସ କହିଛି।

### ଇନ୍ଦୋର ଦୂଷିତ ପାଣି ମୃତ୍ୟୁସଂଖ୍ୟାକୁ ନେଇ ଘେରିଲେ ବିରୋଧୀ

## ସରକାରୀ ସତ୍ୟପାଠରେ ମିଥ୍ୟା ସୂଚନା



- ବିଷ ବ୍ୟାପୁଥିବାବେଳେ କୁମ୍ଭକର୍ଣ୍ଣ ନିଦ୍ରାରେ ପ୍ରଶାସନ: ରାହୁଲ
- ସରକାରଙ୍କ ଅନୁକମ୍ପା ରାଶି ଉପରେ ପ୍ରଶ୍ନ ଉଠାଇଲେ ଉମା ଭାରତୀ
- ଜୀବନର ମୂଲ୍ୟ ୨ ଲକ୍ଷ ଟଙ୍କା ନୁହେଁ

ଇନ୍ଦୋର, ୨।୧(ଏଜେନ୍ସି): ଭାରତର ସବୁଠୁ ସ୍ୱଚ୍ଛ ସହର ମଧ୍ୟପ୍ରଦେଶ ଇନ୍ଦୋରର ଅସ୍ୱଚ୍ଛ ରୂପ ସାରା ଦେଶ ଦେଖୁଛି। ଆଠ ଆଠ ଥର ସ୍ୱଚ୍ଛ ସହର ପୁରସ୍କାର ହାତେଇ ଥିବା ଏହି ସହର ବଦନାମ ହୋଇଯାଇଛି। ବିଷାକ୍ତ ଜଳ ଏଠାରେ ୧୫ ଜଣଙ୍କ ଜୀବନ ନେଲାଣି। ହସ୍ପିଟାଲ ଏବଂ ମୃତକଙ୍କ ପରିବାର ସଦସ୍ୟଙ୍କ ଆଧାରରେ ଜାତୀୟ ଗଣମାଧ୍ୟମ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଦୂଷିତ ପାଣି ପିଇ ୧୬ ଜଣ ଶିଶୁଙ୍କ ସମେତ ୨୭୨ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏବେ ୩୨ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ୭୧ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଅନ୍ୟପଟେ ଏହି ଅଘଟଣକୁ ନେଇ ସରକାର ହାଇକୋର୍ଟରେ ଦାଖଲ କରିଥିବା ଷ୍ଟାଟସ ରିପୋର୍ଟକୁ ସବୁ ମହଲରେ ସମାଲୋଚନା କରାଯାଉଛି। ଦୂଷିତ ପାଣି ୧୫ ଜଣଙ୍କ ଜୀବନ ନେଇଥିବାବେଳେ ସରକାର ମାତ୍ର ୪ ଜଣ ପ୍ରାଣ ହରାଇଥିବା କହିଛନ୍ତି। ଏହାକୁ ନେଇ ସରକାର ସତ ଲୁଚାଇବାକୁ ପ୍ରୟାସ କରୁଥିବା ବିରୋଧୀ ଅଭିଯୋଗ କରିଛନ୍ତି। ଏପରି କରି ସରକାର କ'ଣ ଦର୍ଶାଇବାକୁ ଚାହାନ୍ତି ବୋଲି ପ୍ରଶ୍ନ ଉଠୁଛି। ଖାଲି ସେତିକି ନୁହେଁ, ଏହାକୁ ନେଇ ଆଗତ ଜନସ୍ୱାର୍ଥ ମାମଲାରେ ଗଣମାଧ୍ୟମ ରିପୋର୍ଟ ଉପରେ ରୋକ୍ ଲଗାଇବାକୁ ଦାବି କରାଯାଇଛି। କିନ୍ତୁ, କୋର୍ଟ ଏ ସଂକ୍ରାନ୍ତରେ ମତାମତ ଦେବାକୁ ଉଚିତ ମନେ କରିନାହାନ୍ତି। ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଏହି ମାମଲାରେ ଧ୍ୟାନ ଦେବା ସହ ମଧ୍ୟପ୍ରଦେଶ ମୁଖ୍ୟ ଶାସନ ସଚିବଙ୍କୁ ଏକ ନୋଟିସ ଜାରି କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ବିସ୍ତୃତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହା ମଧ୍ୟରେ ସରକାର ନଗର ନିଗମ କମିଶନର ଦିଲୀପ ଯାଦବ ଏବଂ ଅତିରିକ୍ତ କମିଶନର ରୋହିତ ସିସୋନିଆଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସିସୋନିଆଙ୍କୁ ବଦଳି କରିଦିଆଯାଇଛି। ଅନ୍ୟପଟେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରଶାସନର ଏହି ଘଟଣାକୁ ନେଇ ଡବଲ ଇଞ୍ଜିନ ସରକାରଙ୍କୁ ଦାୟୀ କରିଛନ୍ତି। ବିଷ ବ୍ୟାପୁଥିବା ବେଳେ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ସ୍ୱଚ୍ଛ ପାଣି ଅନୁଗ୍ରହ ନୁହେଁ, ବରଂ ଏହା ଜୀବନର ଅଧିକାର। ଲୋକେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଦାୟିତ୍ୱହୀନ ପ୍ରଶାସନ ଶୋଇ ରହିଥିଲା। ଏହି ମାମଲାରେ ନେତା, ଅଧିକାରୀଙ୍କୁ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ ନିଆଯିବ ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଏପରି ସମୟରେ ଦୂଷିତ ପାଣି ପିଇବା ଯୋଗୁଁ ଏହି ଘଟଣା ଘଟିଛି ବୋଲି ମହାତ୍ମା ଗାନ୍ଧୀ ମେମୋରିଆଲ ମେଡିକାଲ କଲେଜର ଏକ ଲ୍ୟାବ ରିପୋର୍ଟ ଦ୍ୱାରା ନିଶ୍ଚିତ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଉମା ଭାରତୀ ମୃତକଙ୍କୁ ସରକାର ଦେଇଥିବା ଅନୁକମ୍ପା ରାଶିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ଜୀବନର ମୂଲ୍ୟ ୨ ଲକ୍ଷ ଟଙ୍କା ହୋଇ ନ ପାରେ। ଏବେ ପୀଡ଼ିତ ପରିବାର ସାରା ଜୀନବ ଦୁଃଖରେ ରହିବେ। ସେମାନଙ୍କ କ୍ଷମା ମାଗିବାକୁ ହେବ। ଯିଏ ଦାୟୀ ତାଙ୍କୁ ଦଣ୍ଡ ଦେବାକୁ ପଡ଼ିବ।

## ଚୀନ୍‌ରେ ତାଇୱାନ ମିଶିବା ନିଶ୍ଚିତ: ଜିନପିଙ୍ଗ୍

- ବିନା କାରଣରେ ଉତ୍ତେଜନା ବୃଦ୍ଧି ନ କରିବାକୁ ଚେତାବନୀ ଦେଲା ଆମେରିକା

ବେଜିଂ/ତାଇପେ, ୨।୧(ଏଜେନ୍ସି): ଚୀନ ଓ ତାଇୱାନ ମଧ୍ୟରେ ପୁଣିଥରେ ଉତ୍ତେଜନା ବୃଦ୍ଧି ପାଇଛି। ନୂଆବର୍ଷରେ ଭାଷଣ ଦେବା ଅବସରରେ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ କହିଛନ୍ତି ଯେ, ତାଇୱାନ ଚୀନ୍‌ର ଅଂଶ ଓ ଉଭୟଙ୍କ ମଧ୍ୟରେ ରକ୍ତର ସମ୍ପର୍କ ରହିଛି। ଚୀନ୍ ଓ ତାଇୱାନର ପୁନଃମିଳନ ହେଉଛି ସମୟର ଆବଶ୍ୟକତା ଓ ଏହାକୁ କେହି ରୋକିପାରିବେ ନାହିଁ। ସେପଟେ ତାଇୱାନ ସରକାର ଏହାକୁ ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ପଦକ୍ଷେପ ଓ ଏହାଦ୍ୱାରା ସମଗ୍ର ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇବ ବୋଲି କହିଛନ୍ତି। ତାଇୱାନକୁ ଆବଶ୍ୟକ ହେଲେ ସାମିରିକ ଶକ୍ତି ବ୍ୟବହାର କରାଯାଇ ମିଶାଯିବ ବୋଲି ଚୀନ ବାରମ୍ବାର କହିଆସୁଛି। ଆମେରିକା ମଧ୍ୟ ଚୀନ୍‌ର ଏଭଳି ଆଭିମୁଖ୍ୟକୁ ସମାଲୋଚନା କରିଛି। ଆମେରିକା ବୈଦେଶିକ ବିଭାଗ ଚେତାବନୀ ଦେଇ କହିଛି ଯେ, ଚୀନର ବକ୍ତବ୍ୟ ଅଯଥାରେ ଉତ୍ତେଜନା ସୃଷ୍ଟି କରୁଛି। ତାଇୱାନ ଓ ଚୀନ୍ ମଧ୍ୟରେ ଥିବା ସମୁଦ୍ର ଅଞ୍ଚଳ ଅର୍ଥାତ ତାଇୱାନ ଚ୍ୟାନେଲ୍‌ରେ ଶାନ୍ତିକୁ ବ୍ୟାହତ କରୁଥିବା ଯେକୌଣସି ପଦକ୍ଷେପକୁ ଆମେରିକା ବିରୋଧ କରୁଛି।

## ଇରାନରେ ଖାମନେଇଙ୍କ ବିରୋଧରେ ହିଂସକ ପ୍ରଦର୍ଶନ; ୭ ମୃତ

ତେହେରାନ, ୨।୧(ଏଜେନ୍ସି): ଇରାନରେ ଏବେ ମୁଦ୍ରାସ୍ଫିତି, ଦରଦାମ ବୃଦ୍ଧି ଓ ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲି ଖାମନେଇଙ୍କ ବିରୋଧରେ କ୍ରମାଗତ ଷଷ୍ଠଦିନ ପାଇଁ ବିରୋଧ ପ୍ରଦର୍ଶନ ଓ ପ୍ରତିବାଦ ଜାରି ରହିଛି। ଏହି ଆନ୍ଦୋଳନ ଏବେ ଇରାନର ପବିତ୍ର ସହର କୋମକୁ ମଧ୍ୟ ବ୍ୟାପୀ ଯାଇଛି। କୋମ ସିଆ ଧର୍ମଗୁରୁଙ୍କ ଏକ ପ୍ରମୁଖ ଗଡ଼ ତଥା ସହର। ଇରାନ ଇଣ୍ଟରନ୍ୟାସନାଲ ଅନୁସାରେ କଡ଼ା ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ, ଆନ୍ଦୋଳନକାରୀମାନେ ରାଜତନ୍ତ୍ରକୁ ସମର୍ଥନ କରି ସ୍ଲୋଗାନମାନ ଦେଇଥିଲେ। ଫଳରେ ସୁରକ୍ଷାକର୍ମୀଙ୍କ ସହ ସେମାନଙ୍କର ସଂଘର୍ଷ ହୋଇଥିଲା। ଫଳରେ ନୂଆବର୍ଷର ପ୍ରଥମ ଦିନ ଅର୍ଥାତ ଜାନୁଆରୀ ୧ରେ ୫ ଜଣଙ୍କର ମୃତ୍ୟୁ ହୋଇଥିଲା। ଡିସେମ୍ବର ୩୧ରେ ମଧ୍ୟ ଜଣଙ୍କର ମୃତ୍ୟୁ ହୋଇଥିଲା। ଏପର୍ଯ୍ୟନ୍ତ ଏହି ଆନ୍ଦୋଳନରେ ୬ ଜଣ ସାଧାରଣ ନାଗରିକ ଓ ଜଣେ ସୁରକ୍ଷାକର୍ମୀ ନିହତ ହୋଇଛନ୍ତି। ଏଥିରେ ୩୦ ଜଣଙ୍କୁ ଗିରଫ କରାଯାଇଛି। ଡିସେମ୍ବର ୨୮ରେ ଏହି ବିରୋଧ ପ୍ରଦର୍ଶନ ଆରମ୍ଭ ହୋଇଥିଲା। ପ୍ରଥମେ ଏହା ରାଜଧାନୀ ତେହେରାନ୍‌ରେ ବ୍ୟବସାୟୀମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏଥିରେ ହଜାର ହଜାର ଜେନ ଜେଡ୍ ସାମିଲ ହୋଇଛନ୍ତି। ଫଳରେ ଏହା ଉଗ୍ରରୂପ ଧାରଣ କରିବା ସହ ବ୍ୟାପକରୂପ ନେଇଛି। ସେପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର ଇରାନକୁ ଚେତାବନୀ ଦେଇଛନ୍ତି।

## କର୍ଣ୍ଣାଟକରେ ବିଜେପି-କଂଗ୍ରେସ ମୁହାଁମୁହିଁ; ଜଣେ ମୃତ

ବେଲ୍ଲାରୀ, ୨।୧(ଏଜେନ୍ସି): କର୍ଣ୍ଣାଟକର ବେଲ୍ଲାରୀ ଜିଲ୍ଲାରେ ଗୁରୁବାର ବିଜେପି ଓ କଂଗ୍ରେସ ସମର୍ଥକ ମୁହାଁମୁହିଁ ହୋଇଥିଲେ ଓ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ହିଂସାତ୍ମକ ସଂଘର୍ଷ ଦେଖିବାକୁ ମିଳିଥିଲା। ଏଥିରେ ଜଣେ ଲୋକ ମୃତ୍ୟୁବରଣ କରିଛନ୍ତି। ଜାନୁଆରୀ ୩ରେ ସହରରେ ବାଲ୍ମିକୀ ପ୍ରତିମା ଅନାବରଣ ଉତ୍ସବ ପୂର୍ବରୁ ପୋଷ୍ଟର ଓ ବ୍ୟାନର ଲଗାଇବା ନେଇ ବିଜେପି ବିଧାୟକ ଜନାର୍ଦ୍ଦନ ରେଡ୍ଡୀ ଓ କଂଗ୍ରେସ ବିଧାୟକ ଭରତ ରେଡ୍ଡୀଙ୍କ ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଦେଖିବାକୁ ମିଳିଥିଲା। ଆବାମ୍ଭବି ଅଞ୍ଚଳରେ ଜନାର୍ଦ୍ଦନ ରେଡ୍ଡୀଙ୍କ ଘର ସମ୍ମୁଖରେ ଭାରତ ରେଡ୍ଡୀଙ୍କ ସମର୍ଥକମାନେ ଏକ ବ୍ୟାନର ଲଗାଇବାକୁ ଚେଷ୍ଟା କରୁଥିଲେ। କିନ୍ତୁ ଏହାକୁ ଜନାର୍ଦ୍ଦନ ସମର୍ଥକମାନେ ବିରୋଧ କରିଥିଲେ। ଫଳରେ ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଉଭୟ ପକ୍ଷରୁ ପଥର ମାଡ଼ ହୋଇଥିଲା ଓ ପୁଲିସ ଅଧିକାରୀମାନଙ୍କୁ ଆକ୍ରମଣ କରାଯାଇଥିଲା। ଭିଡ଼କୁ ଘଉଡାଇବା ପାଇଁ ଲାଠି ଚାର୍ଜ କରାଯାଇଥିଲା ଓ ଫାଙ୍କା ଗୁଳି ଚାଳନା ମଧ୍ୟ କରାଯାଇଥିଲା। ଶୁକ୍ରବାର ଦିନ ପୁଲିସ ଜନାର୍ଦ୍ଦନ, ପୂର୍ବତନ ମନ୍ତ୍ରୀ ଶ୍ରୀରାମଲୁ, ଶେଖର, ଅଲିଖାନ ଓ ସୋମଶେଖର



- ବାଲ୍ମିକୀଙ୍କ ବ୍ୟାନର ଚିରିବା ଅଭିଯୋଗରେ ବିଜେପି ବିଧାୟକଙ୍କ ନାମରେ ଏତଲା

ରେଡ୍ଡୀଙ୍କ ସମେତ ୧୧ଜଣଙ୍କ ବିରୋଧରେ ବରୁସପେଟ ଥାନାରେ ଏକ ଏଫ୍‌ଆଇଅର ରୁଜୁ କରିଛି। ହିଂସାବେଳେ ଭୁଲରେ ଗୁଳି ଚାଳନା ଯୋଗୁଁ ଜଣେ ଲୋକ ମୃତ୍ୟୁବରଣ କରିଛନ୍ତି ବୋଲି ବେଲ୍ଲାରୀ ଏସ୍‌ପି ରଞ୍ଜିତ କୁମାର ବନ୍ଦାରୁ କହିଛନ୍ତି। ମୃତକଙ୍କୁ ହସ୍ପିଟାଲ ନିଆଯାଇଛି ଓ ଶବବ୍ୟବଚ୍ଛେଦ ସମାପ୍ତ ହୋଇଛି।

## ହଲିଉଡ ଅଭିନେତା ୱିଲ ସ୍ମିଥ୍‌ଙ୍କ ବିରୋଧରେ ଯୌନ ନିର୍ଯାତନା ମାମଲା

ଲସଏଞ୍ଜେଲ୍ସ, ୨।୧(ଏଜେନ୍ସି): ହଲିଉଡ ଅଭିନେତା ତଥା ରାପର ୱିଲ ସ୍ମିଥ୍‌ଙ୍କ ବିରୋଧରେ ଯୌନ ନିର୍ଯାତନା ମାମଲା ରୁଜୁ ହୋଇଛି। ପ୍ରସିଦ୍ଧ ଭାଓଲିନ ବାଦକ ବ୍ରାଏନ କିଙ୍ଗ୍ ଜୋଶେଫ ଏହି ଅଭିଯୋଗ ଆଣିଛନ୍ତି। ୨୦୨୫ ଟୁରରେ ସେ ସ୍ମିଥ୍‌ଙ୍କ ସହ ଜଡିତ ଥିଲେ। ଡିସେମ୍ବର ୩୧ରେ ସ୍ମିଥ୍ ଓ ତାଙ୍କ କମ୍ପାନୀ ବିରୋଧରେ ଜୋଶେଫ୍ ଏକ ଦେୱାନୀ ମାମଲା ରୁଜୁ କରିଥିଲେ। ୨୦୨୫ରେ ଲସ ଭେଗାସରେ ଏକ ଘଟଣା ପରେ ତାଙ୍କୁ ଭୁଲ ଭାବେ ଚାକିରିରୁ ବିଦା କରାଯାଇଥିଲା। କେବେଳ ସେତିକି ନୁହେଁ ସେ ରହୁଥିବା ହୋଟେଲ ରୁମ୍‌କୁ ଫେରିବା ପରେ ଏକ ଯୌନ ବାର୍ତ୍ତା ଲେଖାଯାଇଥିଲା। ସେଠାରେ ୱାଇପ୍ସ, ଏକ ବିୟର ବୋତଲ, ଅନ୍ୟ କାହାନାମ ସହିତ ଏଚ୍‌ଆଇଭି ଔଷଧ ଓ ଅନ୍ୟଜଣଙ୍କ ହସ୍ପିଟାଲ କାଗଜପତ୍ର ମଧ୍ୟ ଥିଲା। ଏହା ତାଙ୍କୁ ଗଭୀର ଭାବେ ଆଘାତ ଦେଇଛି ବୋଲି ଜୋଶେଫ କହିଛନ୍ତି।

- ୧୫୦୦ କୋଟି ଟଙ୍କାର ଜମି ଦୁର୍ନୀତି

## ଗୁଜରାଟର ପୂର୍ବତନ ଜିଲ୍ଲାପାଳ ଗିରଫ

ସୁରେନ୍ଦ୍ରନଗର, ୨।୧(ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଏକ ଟିମ୍ ଗୁଜରାଟର ସୁରେନ୍ଦ୍ରନଗରର ପୂର୍ବତନ ଜିଲ୍ଲାପାଳ ରାଜେନ୍ଦ୍ର ପଟେଲଙ୍କୁ ଗିରଫ କରିଛି। ୧୫୦୦ କୋଟି ଟଙ୍କାର ଜମି ଦୁର୍ନୀତି ମାମଲାରେ ଏହି ତାଙ୍କୁ ଗିରଫ କରାଯାଇଛି ବୋଲି କୁହାଯାଇଛି। ଶୁକ୍ରବାର ଇଡିର ୩ଟି ଟିମ୍ ଗାନ୍ଧୀନଗରସ୍ଥିତ ରାଜେନ୍ଦ୍ର ପଟେଲଙ୍କ ଘରେ ପହଞ୍ଚିଥିଲେ ଓ ପଚରାଉଚରା କରିବା ପରେ ତାଙ୍କୁ ଗିରଫ କରିଥିଲେ। ପୂର୍ବରୁ ଡିସେମ୍ବର ୨୦ ଓ ୨୧ରେ ଇଡିର ଟିମ୍‌ଗୁଡିକ ସୁରେନ୍ଦ୍ରନଗର ଜିଲ୍ଲାରେ ଚଢ଼ାଉ କରିଥିଲେ। ରାଜେନ୍ଦ୍ର ପଟେଲଙ୍କ ସମେତ ତାଙ୍କ ବ୍ୟକ୍ତିଗତ ସହାୟକ ଜୟରାଜସିଂ ଝାଲା, ଡେପୁଟି ତହସିଲଦାର ଚନ୍ଦ୍ରସିନ ମୋରି ଓ କିରାଣୀ ମୟୂରସିଂ ଗୋହିଲଙ୍କ ଘରେ ମଧ୍ୟ ଚଢ଼ାଉ କରିଥିଲେ। ଡେପୁଟି ତହସିଲଦାରଙ୍କ ଘରୁ ୬୦ ଲକ୍ଷ ଟଙ୍କା ଜବତ କରାଯାଇଥିଲା ଓ ଏହା ତାଙ୍କ ଶୋଇବା ଘରୁ ମିଳିଥିଲା। ଜବତ ହୋଇଥିବା ଟଙ୍କା ଲାଞ୍ଚ ଥିଲା ବୋଲି ମୋରି ସ୍ୱୀକାର କରିଥିଲେ। ଏହା ସିଧାସଳଖ ଆବେଦନକାରୀଙ୍କଠାରୁ କିମ୍ବା ମଧ୍ୟସ୍ଥିଙ୍କ ମାଧ୍ୟମରେ ସଂଗ୍ରହ କରାଯାଇଥିଲା। ମୋରି ୧ କୋଟି ଟଙ୍କା ଲାଞ୍ଚ ଗ୍ରହଣ କରିଥିଲେ। ଏଥିରେ ଜିଲ୍ଲାପାଳ ରାଜେନ୍ଦ୍ର ପଟେଲ ଓ ଅନ୍ୟମାନେ ସାମିଲ ଥିଲେ। ଏହା ୧୫୦୦ କୋଟି ଟଙ୍କାର ଏକ ଜମି ଦୁର୍ନୀତିର ଅଂଶ ବୋଲି କୁହାଯାଇଛି। ୧୫୦୦କୋଟି ଟଙ୍କା ମୂଲ୍ୟର ୩, ୬୦୦ ବିଘା ଜମି ପାଇଁ ଫାଇଲଗୁଡିକ ତ୍ୱରିତ ଅନୁମୋଦନ ପାଇଁ ମୋରି ଆବେଦନକାରୀଙ୍କଠାରୁ ଲାଞ୍ଚ ନେଇଥିଲେ। ଜିଲ୍ଲାପାଳ ରାଜେନ୍ଦ୍ର ଏହି ଜମି ସହିତ ଜଡିତ ଫାଇଲଗୁଡିକୁ ଘରକୁ ନେଇଯାଇଥିଲେ। ତାଙ୍କ ଘରୁ ୧୦୦ଟି ଫାଇଲ ଜବତ କରାଯାଇଛି। ତାଙ୍କ ଘରୁ ୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅଧିକ ମୂଲ୍ୟର ସମ୍ପତ୍ତି ରହିଛି ବୋଲି ଇଡି ତରଫରୁ କୁହାଯାଇଛି।

## ମଣିପୁର-ମିଜୋରାମରୁ ଇସ୍ରାଏଲ ଫେରିବେ ୫, ୮୦୦ ବନେଇ ମେନାଶ

ନୂଆଦିଲ୍ଲୀ, ୨।୧(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ମଣିପୁର ଓ ମିଜୋରାମ୍‌ରେ ବସତି ସ୍ଥାପନ କରିଥିବା ବନେଇ ମେନାଶ ସମ୍ପ୍ରଦାୟର ପ୍ରାୟ ୫, ୮୦୦ ଇହୁଦିଙ୍କୁ ଇସ୍ରାଏଲକୁ ଫେରିଯିବା ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏ ନେଇ ଇସ୍ରାଏଲ କ୍ୟାବିନେଟ୍ ୨୫୦ କୋଟି ଟଙ୍କାର ଯୋଜନାକୁ ମଞ୍ଜୁରୀ ପ୍ରଦାନ କରିବା ପରେ ପର୍ଯ୍ୟାୟକ୍ରମେ ଏମାନେଙ୍କୁ ଇସ୍ରାଏଲ ସ୍ଥାନାନ୍ତର କରାଯିବ। ୨୦୨୬ ସୁଦ୍ଧା ୧, ୨୦୦ ସଦସ୍ୟଙ୍କୁ ଇସ୍ରାଏଲ ପଠାଯିବ। ୨୦୩୦ ସୁଦ୍ଧା ଏମାନଙ୍କର ସମ୍ପୂର୍ଣ୍ଣ ଗୃହ ପ୍ରତ୍ୟାବର୍ତ୍ତନ ସମାପ୍ତ ହେବ। ଭାରତର ଉତ୍ତରପୂର୍ବ ପାର୍ବତ୍ୟାଞ୍ଚଳରେ ଏହି ସମ୍ପ୍ରଦାୟର ଲୋକଙ୍କୁ ରହିବାକୁ ଦିଆଯାଇଥିଲା। ଖ୍ରୀଷ୍ଟିଆନଙ୍କ ପବିତ୍ର ଧର୍ମଗ୍ରନ୍ଥ ବାଇବେଲରେ ଉଲ୍ଲେଖଥିବା ୧୦ଟି ଜନଜାତି ମଧ୍ୟରୁ ଏହି ସମ୍ପ୍ରଦାୟ ଗୋଟିଏ ମେନାଶ ବଂଶଧର ବୋଲି ବିବେଚନା କରନ୍ତି। ୨୭୦୦ ବର୍ଷ ପୂର୍ବେ ଆସିରିଆନ ନିର୍ବାସନ ପରେ ସେମାନେ ପୂର୍ବଆଡୁକ ଚାଲିଯାଇଥିଲେ ଓ ଶେଷରେ ଭାରତରେ ହିଁ ବସତି ସ୍ଥାପନ କରିଥିଲେ। ଇସ୍ରାଏଲ ସରକାରଙ୍କ ଦ୍ୱାର ଏକ ନୂତନ ଯୋଜନା ମାଧ୍ୟମରେ ସେମାନଙ୍କ ଘର ଫେରିବା କର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ମଣିପୁରରେ ଚାଲିଥିବା ଜାତିଗତ ହିଂସା କାରଣରୁ ଇସ୍ରାଏଲ ସରକାର ଏହି ନିଷ୍ପତ୍ତି ନେଇଛନ୍ତି ବୋଲି ମନେ କରାଯାଉଛି। ତେବେ ଏ ନେଇ ଆନୁଷ୍ଠାନିକ ଭାବେ କିଛି କୁହାଯାଇ ନାହିଁ। ଏହି ଜନଜାତି ମଣିପୁରର ଚୁରାଚାନ୍ଦପୁର, ମିଜୋରାମର ଆଇଜଲରେ ମୁଖ୍ୟତଃ ବସତି ସ୍ଥାପନ କରିଛନ୍ତି। ଉଲ୍ଲେଖଥାଉ କି, ମଣିପୁରରେ ମେତେଇ ଓ କୁକି ସମ୍ପ୍ରଦାୟ ମଧ୍ୟରେ ଜାତିଗତ ହିଂସା ୨୦୨୩ରୁ ଆରମ୍ଭ ହୋଇଛି।

### ଆତଙ୍କବାଦକୁ ନେଇ ଜୟଶଙ୍କରଙ୍କ ଚେତାବନୀ

## ଖରାପ ପଡୋଶୀଠାରୁ ନିଜର ସୁରକ୍ଷା ଭାରତର ଅଧିକାର



ନୂଆଦିଲ୍ଲୀ, ୨।୧(ଏଜେନ୍ସି): ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଆତଙ୍କବାଦ ନେଇ ଭାରତର କଡ଼ା ଅଭିମୁଖ୍ୟକୁ ଦୋହରାଇଛନ୍ତି। ଭାରତକୁ ଆତଙ୍କବାଦଠାରୁ ନିଜର ନାଗରିକଙ୍କୁ ରକ୍ଷା କରିବା ଓ ସୁରକ୍ଷା ଦେବାର ଅଧିକାର ରହିଛି ଏବଂ ପଡୋଶୀଙ୍କ ପକ୍ଷରୁ ଜାରି ସୁରକ୍ଷା ଚ୍ୟାଲେଞ୍ଜ ମଧ୍ୟରେ ଏହି ଅଧିକାରକୁ କିପରି ବ୍ୟବହାର କରାଯିବ ସେ ନିଷ୍ପତ୍ତି ଭାରତ ନେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରି କହିଛନ୍ତି। ତାମିଲନାଡୁ ଆଇଆଇଟି ମାଡ୍ରାସ୍‌ରେ ଭାଷଣ ଦେବାବେଳେ ସେ ଏହି କଥା କହିଛନ୍ତି। ସାଧାରଣତଃ ପଡୋଶୀ ଦେଶମାନେ ଭଲ ହୋଇଥାନ୍ତି। କିନ୍ତୁ ଭାରତ କ୍ଷେତ୍ର ଏହା ଓଲଟା। ଦୁର୍ଭାଗ୍ୟବଶତଃ ଆମର ପଡୋଶୀ ଦେଶମାନେ ଖରାପ ବୋଲି ସେ କହିଛନ୍ତି। ଯଦି କୌଣସି ଦେଶ ଜାଣିଶୁଣି କ୍ରମାଗତ ଭାବେ ବିନା କୌଣସି ଅନୁଶୋଚନାରେ ଆତଙ୍କବାଦକୁ ପ୍ରୋତ୍ସାହନ ଦିଏ, ତେବେ ଭାରତ ତା'ର ନାଗରିକଙ୍କୁ ସୁରକ୍ଷା ଦେବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାର ଯଥାର୍ଥ ଅଧିକାର ରହିଛି। ଏହି ଅଧିକାରକୁ ଆମେ କିପରି ବ୍ୟବହାର କରିବୁ ତାହା ଆମ ଉପରେ ନିର୍ଭର କରେ। ଆମକୁ କ'ଣ କରିବାକୁ ହେବ ତାହା କେହି କହିପାରିବ ନାହିଁ। ଆତଙ୍କବାଦ ଭଲ ପଡୋଶୀ ସମ୍ପର୍କକୁ ନଷ୍ଟ କରିଥାଏ। ଭାରତର ପ୍ରାଚୀନ ସଭ୍ୟତା ହିଁ ଗଣତନ୍ତ୍ରକୁ ସଚେତନ ଭାବେ ଗ୍ରହଣ କରିବାରେ ସହାୟକ ହୋଇଛି ଓ ଏହା ବିଶ୍ୱ ସମ୍ମୁଖରେ ଭାରତର ଚିନ୍ତାଧାରା, ସଂସ୍କୃତି ଓ ମୂଲ୍ୟବୋଧକୁ ଉପସ୍ଥାପନ କରିବାରେ ଦାୟିତ୍ୱ ବହନ କରେ। ଭାରତର ବୈଦେଶିକ ନୀତି ପାଶ୍ଚାତ୍ୟ ଦେଶଗୁଡିକ ସହ ସହଭାଗିତାକୁ ଗୁରୁତ୍ୱ ଦେଇଥାଏ। ଭାରତ 'ବସୁଧୈବ କୁଟୁମ୍ବକମ'ର ଦର୍ଶନ ସହିତ ଆଗକୁ ବଢ଼ିବ ବୋଲି ସେ କହିଛନ୍ତି।

## ଭିଜିଲାନ୍ସ ଜାଲରେ ଫରେଷ୍ଟର୍

ଭବାନୀପାଟଣା, ୨।୧(ସମିସ): ୫୫ ଲକ୍ଷ ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗରେ କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଥୁଆମୂଳ ରାମପୁର ରେଞ୍ଜର ପୂର୍ବତନ

**୫୫ଲକ୍ଷ ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗ**



ଫରେଷ୍ଟର୍ ଜୟ କୁମାର ୟୁଆଡ଼ଙ୍କୁ ଭିଜିଲାନ୍ସ ଗିରଫ କରିଛି। ୨୦୨୪-୨୫ ବର୍ଷରେ କାମ୍ପା ଏବଂ ସିଏ/ସିପିଏ ଯୋଜନାରେ ଆସିଥିବା ମୋଟ ୫୫,୦୪,୬୦୭ ସରକାରୀ ଅନୁଦାନ ସେ ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ଥୁଆମୂଳ ରେଞ୍ଜର ପୋଖରୀଗୁଡ଼ା ନଣ୍ଡା ପାହାଡ଼ରେ ୫୦ ହେକ୍ଟର, ଉପରଝାପିରେ ୫୦ ହେକ୍ଟର୍ ଏବଂ କୁମଜୋରରେ ୩୦ହେକ୍ଟର୍ ଜମିରେ ବୃକ୍ଷରୋପଣ ସ୍ଥଳରେ ମୃର୍ତ୍ତିକା ଏବଂ ଆର୍ଦ୍ରତା ସଂରକ୍ଷଣ କାର୍ଯ୍ୟରେ ମିଥ୍ୟା ମଷ୍ଟରରୋଲ୍ ପ୍ରସ୍ତୁତ କରି ସେ ସରକାରୀ ପାଣ୍ଠିର ଅପବ୍ୟବହାର କରିଛନ୍ତି। ବର୍ତ୍ତମାନ ଶ୍ରୀ ୟୁଆଡ଼ ବିଶ୍ୱନାଥପୁର ରେଞ୍ଜର ମୂଷାନାଳ ସେକ୍ସନ୍ ହାତୀସ୍କ୍ୱାଡ୍ ଦାୟିତ୍ୱରେ ଅଛନ୍ତି। ଆଜି ଭିଜିଲାନ୍ସର ଏକ ଟିମ୍ ତାଙ୍କୁ ତାଙ୍କ କାର୍ଯ୍ୟାଳୟରୁ ଉଠାଇ ଆଣିଥିଲା। ଏନେଇ ଭିଜିଲାନ୍ସ ଅଧିକ ତଦନ୍ତ ଜାରି ରଖିଛି।


**ବଡ଼ଦାଣ୍ଡରେ ସିରିଜ୍ ଦୁର୍ଘଟଣା**

# ସ୍କୁଟିକୁ ଘୋଷାଡ଼ିନେଲା ବୋଲେରୋ; ନାବାଳକ ମୃତ

ପୁରୀ,୨।୧(ସମିସ): ନୂଆବର୍ଷ ଆରମ୍ଭରେ ବଡ଼ଦାଣ୍ଡରେ ଘଟିଛି ବଡ଼ ଦୁର୍ଘଟଣା। ଶୁକ୍ରବାର ବଳଗଣ୍ଡି ଛକରେ ଏକ ସ୍କୁଟିକୁ ଧକ୍କା ଦେଇ ଘୋଷାଡ଼ି ନେଇଛି ବୋଲେରୋ। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ସ୍କୁଟିରେ ଥିବା ୩ଜଣ ଗୁରୁତର ହୋଇଥିଲେ। ସେମାନଙ୍କ ମଧ୍ୟରୁ ୫ବର୍ଷର ଜଣେ ନାବାଳକର ମୃତ୍ୟୁ ଘଟିଛି। ଅନ୍ୟ ଦୁଇଜଣ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ମୃତ ନାବାଳକଜଣଙ୍କ ଟାଉନ ଥାନା କୁମୁଟି ସାହିର ନିରଞ୍ଜନ ଦେଙ୍କ ପୁଅ ଶ୍ରେୟାଂଶ। ଅନ୍ୟ ଦୁଇଜଣ ଗୁରୁତରଙ୍କ ମଧ୍ୟରୁ ଜଣେ ମୃତ ନାବାଳକର ଜେଜେ ନୀଳକଣ୍ଠ ଦେ ଏବଂ ଅନ୍ୟ ଜଣେ ନାବାଳକ ରୋହିତ ସାହୁ ବୋଲି ଜଣାପଡ଼ିଛି। ଏହି ଘଟଣାକୁ ନେଇ ବଡ଼ଦାଣ୍ଡରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଉତ୍ୟକ୍ତ ଲୋକେ ମେଡିକାଲ ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ପ୍ରାୟ ଅଢ଼େଇ ଘଣ୍ଟା ଧରି ବଡ଼ଦାଣ୍ଡରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଗାଡ଼ି ଚଳାଚଳ ବ୍ୟାହତ ହୋଇଥିବା ବେଳେ ପୁଲିସ ବୁଝାସୁଝା କରିବା ପରେ ସ୍ଥିତି ସ୍ୱାଭାବିକ ଅବସ୍ଥାକୁ ଫେରିଥିଲା।

ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିଛନ୍ତି।





ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।

ନୂଆବର୍ଷ ପାଇଁ ଏବେ ପୁରୀରେ ଭକ୍ତଙ୍କ ଗହଳି ରହିଛି। ବଡ଼ଦାଣ୍ଡ ଭିଡ଼ ରହୁଥିବା ବେଳେ ଶହ ଶହ ପୁଲିସ କର୍ମଚାରୀ ମୁତୟନ ରହିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ନୀଳକଣ୍ଠ ତାଙ୍କ ନାତି ଶ୍ରେୟାଂଶ ଓ ଅନ୍ୟ ଜଣେ ସମ୍ପର୍କୀୟ ନାବାଳକକୁ ସ୍କୁଟିରେ ବସାଇ ଜଳଖିଆ ଆଣିବା ପାଇଁ ମେଡିକାଲ ଛକପଟୁ ବଳଗଣ୍ଡି ଆଡ଼କୁ ଯାଉଥିଲେ। ଏହି ସମୟରେ ଭଦ୍ରକର କିଛି ଯାତ୍ରୀଙ୍କୁ ନେଇ ଏକ ବୋଲେରୋ (ନଂ.ଓଡି୨୨ଏସି-୩୦୪୮) ମଧ୍ୟ ମେଡିକାଲ ଛକରୁ ମନ୍ଦିର ପଟକୁ ଯାଉଥିଲା।

**ଜେଜେ ସମେତ ୨ ଗୁରୁତର, ଉତ୍ୟକ୍ତ ଲୋକଙ୍କ ରାସ୍ତାରୋକ**

**ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ, ୪ ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା**

ଚାଳକଜଣଙ୍କ ବେପରୁଆ ଢଙ୍ଗରେ ଗାଡି ଚଳାଇ ପ୍ରଥମେ ଜଣେ ସାଇକେଲ ଆରୋହୀ ନବକିଶୋର ମହାରଣାଙ୍କୁ ଧକ୍କା ଦେଇଥିଲେ। ପରେ ଉକ୍ତ ସାଲବେଗ ସ୍ମୃତିପୀଠ ନିକଟରେ ନୀଳକଣ୍ଠଙ୍କ ସ୍କୁଟିକୁ ପଛପଟୁ ଧକ୍କା ଦେଇ ପ୍ରାୟ ୧୦୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା।

ବଳଗଣ୍ଡି ଛକ ପାଖରେ ବୋଲେରୋଟି ବ୍ରେକ୍ ମାରିଥିଲା। ଏହି ଦୁର୍ଘଟଣାରେ ସ୍କୁଟିରେ ଥିବା ୩ ଜଣ ଯାକ ଘୋଷାଡ଼ି ହୋଇ ଖଣ୍ଡିଆ ଖାବରା ହୋଇଯାଇଥିଲେ। ରକ୍ତଜୁଡ଼ୁବୁଡୁ ହୋଇଯାଇଥିବା ନାବାଳକ ଶ୍ରେୟାଂଶ ସମେତ ତାଙ୍କ ଜେଜେ ଓ ଅନ୍ୟ ଜଣେ ନାବାଳକଙ୍କୁ ନିକଟସ୍ଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଶ୍ରେୟାଂଶକୁ ମୃତ ଘୋଷଣା କରିଥିଲେ।

ନାବାଳକର ମୃତ୍ୟୁ ହୋଇଥିବା ଜଣାପଡ଼ିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାର, ସମ୍ପର୍କୀୟଙ୍କ ସହ ପୁରୀବାସୀ ଏକାଠି ହୋଇ ମେଡିକାଲ ଛକରେ ରାସ୍ତାରୋକ କରିଥିଲେ। ଡ୍ରାଇଭର୍ ନିଶାସକ୍ତ ଅବସ୍ଥାରେ ଦୁର୍ଘଟଣା ଘଟାଇଥିବାରୁ ତା' ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ଏଥିସହ ପୁରୀକୁ ନିଶାମୁକ୍ତ, ମୃତକଙ୍କ ପରିବାରକୁ କ୍ଷତିପୂରଣ ଆଦି ବିଭିନ୍ନ ଦାବିରେ ଆମ୍ବୁଲାନ୍ସରେ ମୃତଦେହ ରଖି ଟାୟାର ଜାଳି ରାସ୍ତାରୋକ କରିଥିଲେ। ଫଳରେ ବଡ଼ଦାଣ୍ଡରେ ଗାଡି ଚଳାଚଳ ବ୍ୟାହତ ହୋଇଥିଲା। ସହରର ସବୁ ଥାନାଧିକାରୀଙ୍କ ସହ ସିଟି ଡିଏସ୍‌ପି, ଅତିରିକ୍ତ ଏସ୍‌ପି, ତହସିଲଦାର ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଆନ୍ଦୋଳନ ଥମି ନ ଥିଲା। ପରେ ଉତ୍ୟକ୍ତ ଲୋକେ ଥାନା ଅଧିକାରୀଙ୍କୁ ଘେରାଉ କରିବା ସହ ହସ୍ପିଟାଲ ଛକ ନିକଟସ୍ଥ କୁମ୍ଭାରପଡ଼ା ଥାନା ଘେରାଉ ପାଇଁ ଯାଇଥିଲେ। ଶେଷରେ ଘଟଣାସ୍ଥଳରେ ଏସ୍‌ପି ପ୍ରତୀକ୍ ସିଂ ପହଞ୍ଚି ମୃତ ନାବାଳକର ପରିବାରଲୋକଙ୍କୁ ଦୀର୍ଘ ସମୟ ଧରି ବୁଝାସୁଝା କରିଥିଲେ। ମୁଖ୍ୟମନ୍ତ୍ରୀ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଦୁର୍ଘଟଣା ଘଟାଇଥିବା ଗାଡି ଜବତ ହେବା ସହ ଏହାର ଚାଳକଙ୍କୁ ଧରାଯାଇଛି। ତାଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ଏସ୍‌ପି। ଏହାପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

**ସାମ୍ବାଦିକ ସମ୍ମିଳନୀରେ ବର୍ଷିଲା କଂଗ୍ରେସ**

# ଉତ୍ତରପ୍ରଦେଶ ପରି ଓଡ଼ିଶାରେ ଅରାଜକତା

ଭୁବନେଶ୍ୱର,୨।୧(ସମିସ): ଯାଜପୁର ଜିଲ୍ଲା ବଡ଼ଚଣା ଅନ୍ତର୍ଗତ ପ୍ରସିଦ୍ଧ ବୌଦ୍ଧ ପର୍ଯ୍ୟଟନସ୍ଥଳୀ ଉଦୟଗିରି ଠାରେ ଆନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ହେବ। ଏଥିପାଇଁ ମଝିପଡ଼ା ପାହାଡ ଅଞ୍ଚଳରେ

**ବୌଦ୍ଧ ସମ୍ମିଳନୀ ପାଇଁ ନୂଆବର୍ଷରେ ଘର ଭାଙ୍ଗିଲା ପ୍ରଶାସନ**

**ବଡ଼ଚଣା ମଝିପଡ଼ା ପାହାଡ଼ର ଆଦିବାସୀ ଏବେ ବାସହରା**

ଅସ୍ଥାୟୀ ଶିବିର ତିଆରି କରିବାପାଇଁ ସେଠାରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟଙ୍କ ଘର ବୁଲଡୋଜର ମାଧ୍ୟମରେ ଭାଙ୍ଗିଦିଆଯାଇଥିବା ଅଭିଯୋଗ ହୋଇଛି। ଏହାକୁ ଆଧାର କରି ଶୁକ୍ରବାର ରାଜ୍ୟ କଂଗ୍ରେସ ଓଡ଼ିଶା ସରକାରଙ୍କ ଆଦିବାସୀ ମାରଣ ନୀତିକୁ କଠୋର ସମାଲୋଚନା କରିବା ସହ ଯାହା ୟୁପିରେ ଘଟୁଥିଲା ତାହା ଏବେ ଓଡ଼ିଶାରେ ଘଟିଲାଣି ବୋଲି




ଅଭିଯୋଗ କରିଛି।

କଂଗ୍ରେସ ଭବନାରେ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାଂସଦ ଓ ପିସିସି ଆଦିବାସୀ ସେଲର ଅଧ୍ୟକ୍ଷ ଯଶୋବନ୍ତ ସିଂ ଲାଗୁରି କହିଛନ୍ତି ଯେ ଗତ କିଛି ମାସ ହେଲାଣି ବିଜେପି ସରକାର ଆସିବାପରେ ଆଦିବାସୀଙ୍କ ଜମି ଉପରେ ଲୋଲୁପଦୃଷ୍ଟି ପକାଇଛନ୍ତି।ମଝିପଡ଼ାଗ୍ରାମାଞ୍ଚଳରେପ୍ରଶାସନ ଆଦିବାସୀଙ୍କ ଘରଭଙ୍ଗା ସହିତ ଗଛକାଟିଛନ୍ତି। ଯଦି ସମ୍ମିଳନୀର ଅସ୍ଥାୟୀ ଶିବିର ପାଇଁ ଜମି ଦରକାର ଥିଲା ଅନ୍ୟ ସ୍ଥାନରେ ମଧ୍ୟ ସରକାରୀ ଜମି ନିଆଯାଇପାରିଥାନ୍ତା; କିନ୍ତୁ ଆଦିବାସୀ ବିରୋଧୀ ସରକାର ଆଦିବାସୀଙ୍କ ଘର ଭାଙ୍ଗି ଗଛ କାଟି ଶିବିର ସ୍ଥାପନ କରିବା କେତେ ନ୍ୟାୟ ସଂଗତ ବୋଲି ସେ ପ୍ରଶ୍ନ କରିଛନ୍ତି। ନୂଆବର୍ଷ ଦିନ ସେମାନଙ୍କ ଘର ଭାଙ୍ଗିଦିଆଗଲା। ଏଥିପାଇଁ ସରକାରଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି।

କଂଗ୍ରେସ ନେତା ସୁଧାଂଶୁ ଶେଖର ଦେଓ କହିଛନ୍ତି ଯେ ଓଡ଼ିଶା ଜଗନ୍ନାଥଙ୍କ ଦେଶ। ଶବର ଜନଜାତି ହେଉଛନ୍ତି ଜଗନ୍ନାଥଙ୍କ ନିଜ ଲୋକ। ଓଡ଼ିଶା ଅସ୍ମିତାର ଦ୍ୱାହି ଦେଉଥିବା ବିଜେପି ସରକାର ନୂଆବର୍ଷ ଦିନ ଆଦିବାସୀ ଶବରଙ୍କ ଘର ଭାଙ୍ଗିଦେଲା। ଯାଜପୁର ଜିଲ୍ଲାପାଳ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରୁ ନାହାନ୍ତି। ଆଦିବାସୀଙ୍କ ଥଇଥାନ ବିଷୟରେ ମଧ୍ୟ ପାଟି ଖୋଲିପାରୁ ନାହାନ୍ତି। ଅସ୍ଥାୟୀ ଶିବିର ସ୍ଥାପନ ପାଇଁ ବିଜେପି ଗୁଣ୍ଡାଗିରି କରୁଛି। ବିଜେପିର ଗୁଣ୍ଡାମାନେ ଘର ଭାଙ୍ଗୁଛନ୍ତି। ଉତ୍ତର ପ୍ରଦେଶରେ ଯାହା ଘଟୁଛି ତାହା ଏବେ ଓଡ଼ିଶାରେ ଘଟିଲାଣି ବୋଲି ଶ୍ରୀ ଦେଓ କହିଛନ୍ତି। ଓଡ଼ିଶାରେ ମଧ୍ୟ ବୁଲଡୋଜର ଶାସନ ଆରମ୍ଭ ହୋଇଛି। ଆଦିବାସୀ ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କୁ କେବଳ ଲୋକଦେଖାଣିଆ ଭାବରେ ପ୍ରତୀକ ହିସାବରେ ସ୍ଥାପନ କରାଯାଇଛି ଏବଂ ଆଦିବାସୀ ଉତ୍ପୀଡ଼ନ ଚାଲିଛି କହି ସରକାରଙ୍କ ଉପରେ ବର୍ଷିଛନ୍ତି।

## ବାଘ ଛାଲ, ସମ୍ବର ଶିଙ୍ଗ ଜବତ; ୬ ଗିରଫ

ନୂଆପଡା/ଖଡ଼ିଆଳ,୨।୧(ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବନ ବିଭାଗ ଗୋଟିଏ କଲରାପତରିଆ ବାଘଛାଲ ଓ ଦୁଇଟି ସମ୍ବର ଶିଙ୍ଘ ଜବତ କରିବା ସହ ୬ ଶିକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାନୁଯାୟୀ, ଗୁରୁବାର ନୂଆପଡ଼ା ରେଞ୍ଜ ଅଞ୍ଚଳର ପାତାଳଘୁଟକୁରି ଗ୍ରାମର ମହେଶ ସାହୁ (୬୨) ଓ ତାଙ୍କ ପୁଅ ଗଜାନନ ସାହୁ (୨୬) କଲରାପତରିଆ ବାଘ ଛାଲ ରଖିଥିବା ଅଭିଯୋଗରେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ଅନ୍ୟ ଏକ ଘଟଣାରେ ଶୁକ୍ରବାର ଖଡ଼ିଆଳ ରେଞ୍ଜ ଅନ୍ତର୍ଗତ ବୋଡେନ ସେକ୍ସନର ଚାରିଜଣ ବ୍ୟକ୍ତି ଗୋଟିଏ ବାଘ ଛାଲ ଓ ଦୁଇଟି ସମ୍ବର ଶିଙ୍ଗ ରଖି ବିକ୍ରି କରିବାକୁ ଉଦ୍ୟମ କରୁଥିବା ବେଳେ ବନ ବିଭାଗ ମାଡ଼ି ବସିଥିଲା। ଏହି ଘଟଣାରେ ବୋଡେନ ଥାନା ଅନ୍ତର୍ଗତ ଦିନେଶ ମାଝି (୬୨), ସୁକୁରାମ ଚିନ୍ଦା (୪୫), ପୂର୍ଣ୍ଣଚନ୍ଦ୍ର ମାଝି (୪୬) ଓ ମଧୁସୂଦନ ମାଝି (୫୫)ଙ୍କୁ ବନବିଭାଗ ଗିରଫ କରିଛି। ସମସ୍ତେ ବୋଡେନ ଥାନା ଅନ୍ତର୍ଗତ ସରାଧାରପୁର ଗ୍ରାମର ବୋଲି ଜଣାଯାଇଛି। ଖଡ଼ିଆଳ ବନଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ ଖାନ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ତେବେ ଏହି ଘଟଣାରେ ସଂପୃକ୍ତ ଦୁଇଜଣ ଅଭିଯୁକ୍ତ ଫେରାର୍ ଅଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।

## ଶଶୁରଙ୍କ ଶବ ସତ୍କାର ବେଳେ ଟଳିପଡ଼ିଲେ ଜ୍ୱାଇଁ

ଖଲ୍ଲିକୋଟ,୨।୧(ସମିସ): ଶ୍ମଶାନରେ ଶଶୁରଙ୍କ ଶବ ସତ୍କାର କରୁଥିବା ବେଳେ ଟଳିପଡ଼ିଲେ ଜ୍ୱାଇଁ। ଏଭଳି ଦୁଃଖଦ ଘଟଣା ଖଲ୍ଲିକୋଟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ମୃତକ ହେଲେ, ଖଲ୍ଲିକୋଟ ଧରାକୋଟ ସାହିର ଜଗନ୍ନାଥ ବେହେରା।

ସୂଚନା ଅନୁଯାୟୀ, ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ବିକ୍ରମପୁର ଗ୍ରାମର ସୁବାସ ପାହାନଙ୍କ ଗୁରୁବାର ସକାଳୁ ମୃତ୍ୟୁ ଘଟିଥିଲା। ଶଶୁରଙ୍କ ପରଲୋକ ଖବର ପାଇ ଜ୍ୱାଇଁ ଖଲ୍ଲିକୋଟ ଧରାକୋଟ ସାହିର ଜଗନ୍ନାଥ ବେହେରା ଶଶୁର ଘରେ ପହଞ୍ଚିଥିଲେ। ସାହି ପଡ଼ିଶା ଓ ସମ୍ପର୍କୀୟମାନେ ଅନ୍ତିମ ସଂସ୍କାର ପାଇଁ ସୁବାସଙ୍କ ମରଶରୀରକୁ ଅପରାହ୍ଣରେ ଗାଁ ଶ୍ମଶାନକୁ ନେଇଥିଲେ। ସାଥିରେ ଜଗନ୍ନାଥ ବି ଯାଇଥିଲେ। ଶ୍ମଶାନରେ ଶଶୁରଙ୍କ ଶବ ସତ୍କାର ଚାଲିଥିବା ବେଳେ ହଠାତ ଜଗନ୍ନାଥ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ ଓ ସେହିଠାରେ ହିଁ ଟଳି ପଡ଼ିଥିଲେ। ସମ୍ପର୍କୀୟମାନେ ତୁରନ୍ତ ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶୁକ୍ରବାର ସକାଳୁ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏନେଇ ଖଲ୍ଲିକୋଟ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧/୨୦୨୬) ରୁଜୁ ହୋଇଛି। ମୃତ ଜଗନ୍ନାଥ ବେହେରା ଛତ୍ରପୁର ପ୍ରାଣୀ ଚିକିତ୍ସାଳୟରେ କାର୍ଯ୍ୟରତ ଜଣେ କର୍ମଚାରୀ ବୋଲି ଜଣାପଡ଼ିଛି।

**କାଳ ସାଜୁଛି କୁହୁଡ଼ି**

## ଚିଲିକା ଜଳଯାତ୍ରାରେ କଟକଣା



କୃଷ୍ଣପ୍ରସାଦ, ୨।୧(ସମିସ): କୁହୁଡ଼ି ପାଇଁ ଚିଲିକାରେ ଡଙ୍ଗା ଚଳାଚଳକୁ ନେଇ କଟକଣା ଲଗାଯାଇଛି। ଗତକାଲିର ଅଘଟଣ ପରେ ପୁରୀ ଜିଲ୍ଲାପାଳଙ୍କ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଦିନ ୧୧ଟା ପର୍ଯ୍ୟନ୍ତ ଚିଲିକାରେ ବୋଟ୍, ଛୋଟ ମଟର, ମାଲବାହୀ ଡଙ୍ଗା ଓ ଭସାପୋଲ ଚଳାଚଳରେ କଟକଣା ଲଗାଇଛନ୍ତି ଜିଲ୍ଲାପାଳ। ପ୍ରବଳ କୁହୁଡ଼ିରେ ଚିଲିକା ଅଞ୍ଚଳରେ ଦୃଶ୍ୟମାନତା କମୁଥିବାରୁ ଏଭଳି ଦୃଢ଼ ପଦକ୍ଷେପ ନେଇଛି ଜିଲ୍ଲା ପ୍ରଶାସନ। ଘନ କୁହୁଡ଼ି ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି ପୁରୀ ଜିଲ୍ଲାପାଳ। ଘନ କୁହୁଡ଼ି ସମୟରେ କୌଣସି ବି ପରିବହନ ଯେପରି ନ ହୁଏ, ତାକୁ ନଜର ରଖିବେ ପୁଲିସ ଓ ସ୍ଥାନୀୟ ପ୍ରଶାସନ। ଏନେଇ ସ୍ଥାନୀୟ ଲୋକଙ୍କୁ ଡାକ ବାଜି ଯନ୍ତ୍ର ଦ୍ୱାରା ସଚେତନ କରାଇବେ ସ୍ଥାନୀୟ ବିଡିଓ। ନିର୍ଦ୍ଦେଶ ଅମାନ୍ୟ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ ଚେତାବନୀ ଦେଇଛନ୍ତି।

**ଦିନ ୧୧ଟା ପର୍ଯ୍ୟନ୍ତ ସବୁ ବନ୍ଦ**

ସୂଚନାଯୋଗ୍ୟ, ଗତକାଲି କୁହୁଡ଼ି ଯୋଗୁଁ ଭସାପୋଲ ଚିଲିକା ମଝିରେ ଫସିଥିଲା ଏବଂ ସେଥିରୁ ଖସି ପଡ଼ି ଜଣେ ବ୍ୟକ୍ତିଙ୍କ ଜୀବନ ଚାଲିଯାଇଥିଲା। ଆଜି ଛାତ୍ରଛାତ୍ରୀଙ୍କ ପରୀକ୍ଷା ଥିବା ବେଳେ ସେମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଶିକ୍ଷକମାନେ ଚିଲିକା କୂଳର ସାତପଡ଼ା ଏବଂ ଜହ୍ନିକୁଦରେ ନିଜ କାର୍ଯ୍ୟ କ୍ଷେତ୍ରକୁ ଯିବା ପାଇଁ ମଧ୍ୟ ସମସ୍ୟାରେ ପଡ଼ିଛନ୍ତି। ଜିଲ୍ଲା ସଦର ମହକୁମାକୁ ଯିବାକୁ ଆସିଥିବା ବହୁ ଯାତ୍ରୀ ଅଟକି ରହିଥିଲେ।

**ବଣଭୋଜି ବେଳେ ମଦ ବୋତଲରେ ଆକ୍ରମଣ ଘଟଣା**

## ଚିକିତ୍ସାଧୀନ ଯୁବକ ମୃତ

ନୟାହାଟ,୨।୧(ସମିସ): ଗତକାଲି କାକଟପୁର ଥାନା ଅନ୍ତର୍ଗତ ରାମେଶ୍ୱର ଜଙ୍ଗଲରେ ବଣଭୋଜି କରୁଥିବା ବେଳେ ଗଣ୍ଡଗୋଳ ଘଟି ଜଣେ ଯୁବକ ଗୁରୁତର ହୋଇଥିଲେ। ତାଙ୍କ ବେକରେ ଅନ୍ୟ ଏକ ଗୋଷ୍ଠୀର ଜଣେ ଯୁବକ ଭଙ୍ଗା ମଦ ବୋତଲ ଭର୍ତ୍ତି କରିଦେଇଥିଲେ। ସେ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ଆଜି ସେ ପ୍ରାଣ ହରାଇଥିବା ଜଣାପଡ଼ିଛି। ମୃତକ ହେଲେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତ ମୁରୁଡ଼ା ଗ୍ରାମର ପିଣ୍ଟୁ ରାଉତ (୨୭)। ପିଣ୍ଟୁ ନୂଆବର୍ଷରେ ସାଙ୍ଗମାନଙ୍କ ସହ ରାମେଶ୍ୱର ଜଙ୍ଗଲକୁ ଭୋଜି କରିବାକୁ ଯାଇଥିଲେ। ସେଠାରେ ନୟାହାଟ ଅଞ୍ଚଳ ଶିଙ୍ଗପାନିଆଁ ଗ୍ରାମର ପୁପୁଲୁ ନାୟକ ଓ ଧୂମାଳ ଗ୍ରାମର ମୁନୁ ମିଶ୍ର ମଧ୍ୟ ତାଙ୍କ ସାଙ୍ଗମାନଙ୍କ ସହ ଭୋଜି କରୁଥିଲେ। ଏହି ସମୟରେ ମୁରୁଡ଼ା ଗ୍ରାମର ପିଲା ଶିଙ୍ଗପାନିଆ ଗ୍ରାମର ପିଲାଙ୍କୁ କିଛି ଖଲିପତ୍ର ମାଗିବାକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ଓ ପରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ନିଶାରେ ଥିବା ଯୁବକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ସହ ପିଣ୍ଟୁ ରାଉତଙ୍କୁ ଅପରପକ୍ଷର ପିଲା ଭଙ୍ଗା ମଦ ବୋତଲରେ ଆକ୍ରମଣ କରିଥିଲେ। ପିଣ୍ଟୁଙ୍କ ବେକରେ ବୋତଲ ପଶିଯିବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଚାରିଛକ ଓ ପରେ ଭୁବନେଶ୍ୱରର ଏକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବା ପିଣ୍ଟୁଙ୍କର ଆଜି ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାରେ କାକଟପୁର ଥାନା ପୁଲିସ ନମ୍ବର ୧/୨୬ରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ କରିଥିବା ବେଳେ ଦୁଇଜଣଙ୍କୁ ପୁଲିସ ଅଟକ ରଖିଥିଲା। କାକଟପୁର ଆଇଆଇସି ବସନ୍ତ କୁମାର ସାହୁ ଘଟଣାର ତଦନ୍ତ କରୁଛନ୍ତି। ପିଣ୍ଟୁ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବାବେଳେ ତାଙ୍କ ଘର ସମେତ ଗ୍ରାମରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି।

## ନୂଆବର୍ଷ ରାତିରେ ଲୁଟିନେଲେ ଏଟିଏମ୍ ମେସିନ୍

ବିଞ୍ଝାରପୁର,୨।୧(ସମିସ): ନୂଆବର୍ଷର ପ୍ରଥମ ରାତିରେ ବିଞ୍ଝାରପୁର ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି ଲୁଟେରା। ଲୋକେ ନୂଆବର୍ଷ ପାଳନରେ ମସଗୁଲ ଥିବା ବେଳେ କିଛି ଦୁର୍ବୃତ୍ତ ଯାଜପୁର-ସିଂହପୁର ମୁଖ୍ୟରାସ୍ତାର ମଇଁନ୍ଦା ଛକରେ ଥିବା ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଏକ ଏଟିଏମ୍ ମେସିନ୍‌କୁ ତାଡ଼ି ନେଇଛନ୍ତି। ଏହି ଘଟଣା ଶୁକ୍ରବାର ସକାଳୁ ଜଣାପଡ଼ିବା ପରେ ଖବର ପାଇ ବିଞ୍ଝାରପୁର ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ସିସିଟିଭି ମୁତାବକ ଲୁଟେରାମାନେ ଗୁରୁବାର ବିଳମ୍ବିତ ରାତିରେ ଏଟିଏମ୍ ମେସିନ୍ ତାଡ଼ି ଏକ ଡାଲା ଅଟୋ ସାହାଯ୍ୟରେ ପେଲି ପେଲି ବୋହି ନେଇଛନ୍ତି। କିନ୍ତୁ ଲୁଟେରା ମାନେ ଅଟୋଟି ଖରାପ ଥିବାରୁ ବେଶି ଦୂର ଯାଇ ପାରିନାହାନ୍ତି। ଏଟିଏମ୍ କେନ୍ଦ୍ରରୁ ୩୦୦ ମିଟର ନିକଟରେ ଥିବା ହୁଡ଼ାକୁ ଆଣି ଏଟିଏମ୍ ମେସିନ ଭାଙ୍ଗି



୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ଉକ୍ତ ହୁଡ଼ାରେ ଭଙ୍ଗାଯାଇଥିବା ଏଟିଏମ୍ ମେସିନ ଓ ଡାଲା ଅଟୋକୁ ପରିତ୍ୟକ୍ତ ଅବସ୍ଥାରେ ଦୁର୍ବୃତ୍ତ ମାନେ ଛାଡ଼ି ଫେରାର ହୋଇଯାଇଥିବା ଦେଖିବାକୁ ମିଳିଛି। ଦୁର୍ବୃତ୍ତ ମାନେ ପରିତ୍ୟକ୍ତ ଅବସ୍ଥାରେ ଛାଡ଼ି ଯାଇଥିବା ଏଟିଏମ୍ ଓ ଅଟୋ ନିକଟରେ ପୁଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଏବଂ ଡଗ୍ ସ୍କ୍ୱାଡ଼ ସହିତ ତଦନ୍ତ ଆରମ୍ଭ କରିଛି।

# ରାଜଧାନୀରେ ନିର୍ମାଣ ହେବ ମଡର୍ଣ୍ଣ ମ୍ୟୁଜିୟମ୍

ଭୁବନେଶ୍ୱର, ୨।୧(ସମିସ): ନୂଆଦିଲ୍ଲୀରେ ରହିଥିବା ପ୍ରଧାନମନ୍ତ୍ରୀ ମ୍ୟୁଜିୟମ୍ ଭଳି ରାଜଧାନୀରେ ନିର୍ମାଣ ହେବ ମଡର୍ଣ୍ଣ ମ୍ୟୁଜିୟମ୍। ଖଣ୍ଡଗିରିରେ ୧୫ ଏକର ପରିମିତି ଜାଗାରେ ନିର୍ମିତ ହେବାକୁ ଥିବା ଏହି ନୂଆ ସଂଗ୍ରହାଳୟ ପର୍ଯ୍ୟଟକଙ୍କ ଡେଷ୍ଟିନେସନ୍ ପାଲଟିବ। ଖଣ୍ଡଗିରି, ଉଦୟଗିରି, ଧଉଳି ଭଳି ଏହି ମ୍ୟୁଜିୟମ ରାଜ୍ୟ ଏବଂ ଦେଶ ବାହାରର ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିବ। ଏହି ବଡ଼ ସଂଗ୍ରହାଳୟ ନିର୍ମାଣ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଥିବା ବେଳେ ଏଥିପାଇଁ ଜାଗା ଯୋଗାଇଦେବେ ଖୋର୍ଦ୍ଧା ଜିଲ୍ଲାପାଳ। ଏଥିପାଇଁ ସଂସ୍କୃତି ବିଭାଗ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଚିଠି ହୋଇଥିବା ସୂଚନା ରହିଛି। ତେବେ ଚଳିତ ୨୦୨୬ରେ ଏହି ସଂଗ୍ରହାଳୟର କାମ ଆରମ୍ଭ କରିବାକୁ ବିଭାଗ ଲକ୍ଷ୍ୟ ରଖିଛି।

ସୂଚନାନୁସାରେ, ବିହାରରେ ରହିଥିବା ଏକ ପୁରୁଣା ମ୍ୟୁଜିୟମକୁ ଯେଉଁଭଳି ମର୍ଡିଫିକେସନ୍

■ **୧୫ ଏକର ଜାଗା ଦେବେ ଖୋର୍ଦ୍ଧା ଜିଲ୍ଲାପାଳ**

■ **ସ୍ଥାନିତ ହେବ ପ୍ରାଚୀନରୁ ଆଧୁନିକ ଓଡ଼ିଶାର କାହାଣୀ**

କରାଯାଇଛି,ଠିକ୍ ସେହିପରି ଓଡ଼ିଶାରେ ଏହି ନୂତନ ସଂଗ୍ରହାଳୟ ନିର୍ମାଣ କରାଯିବ। ସଂଗ୍ରହାଳୟରେ ପ୍ରାଚୀନ ଓଡ଼ିଶାରୁ ଆରମ୍ଭ କରି ଆଧୁନିକ ଓଡ଼ିଶାର ଟିକନିଖି କାହାଣୀ ଓ ତଥ୍ୟ ସ୍ଥାନ ପାଇବ। ଏଥିପାଇଁ କ୍ୟୁଆର କୋଡ୍ ମଧ୍ୟ ରହିବ। ଯେଉଁମାନେ କୌଣସି ବିଷୟରେ ଜାଣିବାକୁ ଚାହିଁବେ, କ୍ୟୁଆର କୋଡ୍ ସ୍କାନ କରିବା ପରେ ସମସ୍ତ ତଥ୍ୟ ଉଭୟ ଓଡ଼ିଆ, ଇଂରାଜୀ ଏବଂ ହିନ୍ଦୀ ଭାଷାରେ ପାଇ ପାରିବେ। ଯଦିଓ ଏଯାଏ ଏହି ସଂଗ୍ରହାଳୟର ରୂପରେଖ ପ୍ରସ୍ତୁତ ହୋଇନାହିଁ; ଖୁବ୍‌ଶୀଘ୍ର ଏଥିପାଇଁ ବିଶିଷ୍ଟ ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍, ସଂସ୍କୃତି ଗବେଷକ ପ୍ରମୁଖଙ୍କ ସହ ଆଲୋଚନା କରାଯିବ। ପରେ ଟେଣ୍ଡର୍ କରାଯାଇ କାମ ଆରମ୍ଭ ହେବ।

ଏ ସଂପର୍କରେ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାସ କହିଛନ୍ତି ଯେ ଏହି ମ୍ୟୁଜିୟମ୍ ନିଶ୍ଚିତ ଭାବେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ଯେଉଁମାନେ ଓଡ଼ିଶା ଏବଂ ଭୁବନେଶ୍ୱର ବୁଲିବାକୁ ଆସିବେ, ସେମାନେ ଏହି ମ୍ୟୁଜିୟମ୍‌କୁ ନ ବୁଲି ଫେରିବେନି। ଏଥିପାଇଁ ଗ୍ଲୋବାଲ ଟେଣ୍ଡର୍ କରାଯିବ। ଏଠାରେ ପ୍ରତିଦିନ ବିଭିନ୍ନ କାର୍ଯ୍ୟକଳାପ ସାଙ୍ଗକୁ ଫୁଡକୋର୍ଟ୍‌ର ସୁବିଧା ରହିବ। ସେହିପରି ବଡ଼ କନଫରେନ୍ସ ହଲ୍ ରହିବ, ଯେଉଁଠାରେ ଓଡ଼ିଶାର ବୌଦ୍ଧ ଇତିହାସ, ଜଗନ୍ନାଥ ଇତିହାସ, ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଗବେଷକମାନେ ଆଲୋଚନା କରିବେ। ନୂଆଦିଲ୍ଲୀର ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ଭଳି ଏହି ସଂଗ୍ରହାଳୟକୁ କରାଯିବାର ଯୋଜନା ରହିଛି। ଆଗାମୀ ଦିନରେ ଏଥିପାଇଁ ବଜେଟ୍ ଓ ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା କରାଯିବ ବୋଲି ଶ୍ରୀ ଦାସ କହିଛନ୍ତି।

## ଶୁଖିଲା ଗଛ ପଡ଼ି ପରିବା ବ୍ୟବସାୟୀ ମୃତ

ଟିକିରି,୨।୧(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଟିକିରି ସାପ୍ତାହିକ ହାଟରେ ଏକ ଅଘଟଣ ଘଟିଛି। ଶୁଖିଲା ଗଛ ଡାଳ ପଡ଼ି



ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ବାଙ୍କାମ୍ବ ପଞ୍ଚାୟତ ଅନ୍ତର୍ଗତ ଫୁଲଜବା ଗ୍ରାମର ଉଗ୍ରେସର ମାଝୀ(୫୦)। ଶୁକ୍ରବାର ସାପ୍ତାହିକ ହାଟରେ ପରିବା ବିକ୍ରି କରି ଘରକୁ ଫେରିବା ପାଇଁ ଉଗ୍ରେସର ବାହାରିବା ସମୟରେ ହଠାତ୍ ଏକ ଶୁଖିଲା ଡାଳ ତାଙ୍କ ଉପରେ ପଡ଼ି ଯାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପରିବାରଲୋକ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ଦାବିରେ ଟିକିରିଠାରୁ ଡଙ୍ଗାସିଲ ରାସ୍ତା ଅବରୋଧ କରିଛନ୍ତି।

ସୂଚନାନୁଯାୟୀ, ଗତ ଅକ୍ଟୋବର ୭ ତାରିଖ ଦିନ ଏହି ଗଛର କିଛି ଅଂଶ ରାସ୍ତା ଉପରେ ପଡ଼ିଥିଲା। ସୌଭାଗ୍ୟକୁ ସେଥିରେ କାହାର କିଛି କ୍ଷତି ହୋଇନଥିଲା। ଏ ସଂପର୍କରେ ସେତେବେଳେ ଟିକିରି ବନ ବିଭାଗକୁ ଅବଗତ କରାଯାଇଥିଲା ବୋଲି ବିଧାୟକ ପ୍ରତିନିଧି ଜିଜୁରୁ ମାଝୀ କହିଛନ୍ତି। ଟିକିରିର ବିଭିନ୍ନ ସ୍ଥାନରେ ବିପଦସଂକୁଳ ଭାବେ ଶୁଖିଲା ଗଛ ରହିଥିବା ବେଳେ ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲେ ମଧ୍ୟ ବନ ବିଭାଗ କିମ୍ବା ପ୍ରଶାସନର ନଜର ପଡୁନାହିଁ।

## ଯୁକ୍ତ ୨ ମାର୍କ ଅପ୍‌ଲୋଡ୍ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨।୧ (ସମିସ): ଯୁକ୍ତ ୨ର ଇଣ୍ଟରନାଲ ଆସେସ୍‌ମେଣ୍ଟ, ପ୍ରୋଜେକ୍ଟ ଏବଂ ପ୍ରାକ୍ଟିକାଲ ପରୀକ୍ଷାର ମାର୍କ ସାମ୍ସ ପୋର୍ଟାଲରେ ଅପ୍‌ଲୋଡ୍ ହେବ। ଜାନୁଆରୀ ୫ରୁ ୨୫ ତାରିଖ ଭିତରେ ଏଥିପାଇଁ ଲିଙ୍କ ଉପଲବ୍ଧ ହେବ। ଏହି ସମୟ ମଧ୍ୟରେ ମାର୍କ ଅପଲୋଡ୍ କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିନ୍ସିପାଲ ଏବଂ ପ୍ରଧାନ ଶିକ୍ଷକଙ୍କୁ ଶୁକ୍ରବାର ନିର୍ଦ୍ଦେଶ ଦିଆଯାଇଛି। ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା କହିଛନ୍ତି ଯେ ଏସବୁ ପରୀକ୍ଷା ଡିସେମ୍ବର ୩୧ତାରିଖ ସୁଦ୍ଧା ଶେଷ ହୋଇଛି। ଆଜିଠାରୁ ଜାନୁଆରୀ ୧୫ ମଧ୍ୟରେ ପ୍ରାକ୍ଟିକାଲ ପରୀକ୍ଷା ଶେଷ ହେବ। ଏଣୁ ନିର୍ଦ୍ଧାରିତ ସମୟରେ ଏକକାଳୀନ ସମସ୍ତ ଛାତ୍ରଛାତ୍ରୀଙ୍କ ଇଣ୍ଟରନାଲ, ପ୍ରୋଜେକ୍ଟ ଏବଂ ପ୍ରାକ୍ଟିକାଲ ପରୀକ୍ଷାର ରେଜଲ୍ଟ ଅପଲୋଡ୍ କରିବା ଆବଶ୍ୟକ। ନ ହେଲେ ତ୍ରୁଟି ହେବାର ସମ୍ଭାବନା ରହିଛି ବୋଲି ପରିଷଦ ପକ୍ଷରୁ ସତର୍କ କରାଯାଇଛି।

## ଘରୋଇ ଜାଗାରେ ସରକାରୀ ନିର୍ମାଣ ଅଭିଯୋଗ

ରାଜଘାଟ,୨।୧(ସମିସ): ଘରୋଇ ଜାଗାରେ ସରକାରୀ କାର୍ଯ୍ୟ ହେଉଥିବାରୁ କାର୍ଯ୍ୟାନୁଷ୍ଠାନ ପାଇଁ ବସ୍ତା ବିଡିଓଙ୍କ ନିକଟରେ ଲିଖିତ



ଅଭିଯୋଗ କରିଛନ୍ତି ଗ୍ରାମବାସୀ। ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ ବରୁଣଗଡ଼ିଆ ପଞ୍ଚାୟତ ମୁଣ୍ଡିମାରି ଗ୍ରାମରେ ମାଆ ବାସୁଳି ଠାକୁରାଣୀଙ୍କ ମଣ୍ଡପ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ୪ ଲକ୍ଷ ୯ ହଜାର ୮୦ ଟଙ୍କା ମଞ୍ଜୁର ହୋଇଛି। ମାତ୍ର ଏହି ସରକାରୀ ଅନୁଦାନ ସରକାରୀ କିମ୍ବା ଠାକୁରାଣୀଙ୍କ ଜାଗାରେ ନହୋଇ ଗ୍ରାମର ହରେକୃଷ୍ଣ ରାଉଳଙ୍କ ଜାଗାରେ ମଣ୍ଡପ ନିର୍ମାଣ ହେଉଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଗ୍ରାମବାସୀ ବିରୋଧ କରିଛନ୍ତି। ଏହି ମଣ୍ଡପ ଜଣେ ବ୍ୟକ୍ତିଙ୍କ ଜାଗାରେ ହେଉଥିବାରୁ ପରବର୍ତ୍ତି ସମୟରେ ଉକ୍ତ ବ୍ୟକ୍ତି ଜଣକ ନିଜର କହି ସମସ୍ୟା ସୃଷ୍ଟି କରି ପାରନ୍ତି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏନେଇ ଏହି ମଣ୍ଡପ ନିର୍ମାଣ କାର୍ଯ୍ୟ ଘରୋଇ ଜାଗାରେ ନହୋଇ ଠାକୁରାଣୀଙ୍କ ମଣ୍ଡପ ସରକାରୀ ଜାଗା କିମ୍ବା ଠାକୁରାଣୀଙ୍କ ଜାଗାରେ ନିର୍ମାଣ କରିବା ଦାବି ନେଇ ବିଡିଓ ଙ୍କ ନିକଟରେ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। ତେବେ ହରେକୃଷ୍ଣ ରାଉଳ ତାଙ୍କ ନିଜ ଜାଗାରୁ ବାସୁଳି ଠାକୁରାଣୀଙ୍କୁ ୬ ଡେସିମିଲ ଜାଗା ଦାନ କରିଛନ୍ତି। ଯାହାର ତତ୍ୱାବଧାରକ ସେ ନିଜେ ରହିଛନ୍ତି। ଆଉ ସେହି ଦାନ ଜାଗାରେ ମଣ୍ଡପ ନିର୍ମାଣ ହେଉଛି ବୋଲି ଗ୍ରାମର ଅନ୍ୟ କିଛି ବ୍ୟକ୍ତି କହିଛନ୍ତି।

## ହରପାର୍ବତୀ ଜନକଲ୍ୟାଣ କୃଷକ ସଂଘ ପକ୍ଷରୁ ଚାରାରୋପଣ

ଜଳେଶ୍ୱର ବ୍ଲକ,୨।୧(ସମିସ): ଜଳେଶ୍ୱର ବ୍ଲକ ଅଧୀନ କଳମା ପଞ୍ଚାୟତର ହରପାର୍ବତୀ ଜନ କଲ୍ୟାଣ କୃଷକ ସଂଘ ପକ୍ଷରୁ ଇଂରାଜୀ ନବବର୍ଷ ୨୦୨୬ ଉପଲକ୍ଷେ ଗ୍ରାମର ଯୁବକ ମାନଙ୍କ ଦ୍ୱାରା ଗ୍ରାମରେ ଚାରାରୋପଣ କରାଯାଇଥିଲା। ଏହି ନୂଆ ବର୍ଷରେ ସ୍ତମ୍ଭକାର ସୁଦର୍ଶନ ଦାସ ଯୋଗ ଦେଇ ଯୁବକମାନଙ୍କୁ ଉତ୍ସାହିତ କରିବା ସହିତ ପରେବଶକୁ ରକ୍ଷା କରିବାକୁ ହେଲେ ଆସନ୍ତୁ ସମେତ ମିଳି ମିଶି ଚାରାରୋପଣ କରିବା ସହିତ ତାର ଯତ୍ନ ନେବା ପାଇଁ ପ୍ରତିଜ୍ଞା ନେବାପାଇଁ ହରପାର୍ବତୀ ଜନ କଲ୍ୟାଣ କୃଷକ ସଂଘକୁ ପରାମର୍ଶ ଦେଇଥିଲେ। ଦେବେନ୍ଦ୍ର ପ୍ରଧାନ, ରାଜୀବ ପ୍ରଧାନ, ଅରବିନ୍ଦ ଗିରି, ରାଶେଶ୍ୱର୍ ଜେନା, ରବୀନ୍ଦ୍ର ବେହେରା, ବିକାଶ ଗିରି, ଆକାଶ ଗିରି ରାକେଶ ଗିରି, ଦିବ୍ୟାଲୋଚନ ଗିରି, ଜଗା ପ୍ରଧାନ, ହରିବଲ ଦତ୍ତ, ରାମଚନ୍ଦ୍ର ଜେନା, ଗୋପାଳ ଗିରି, ଜୟଶ୍ୟାମ ଗିରି, ବରୁଣ ଗିରି, ଅସିତ୍ ଦାସ ଯୋଗ ଦେଇଥିଲେ।



### ପ୍ରିନ୍ସ କଲେଜ୍ ଓ ପ୍ରିନ୍ସ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

# ପାଠପଢ଼ା ସହ କ୍ରୀଡ଼ା, କଳା ଓ ପ୍ରତିଭାର ସୁବିନିଯୋଗ କରିବାକୁ ପରାମର୍ଶ

ବାରିପଦା/ବାଲେଶ୍ୱର, ୨।୧(ସମିସ)

ଓଡ଼ିଶାର ଅନ୍ୟତମ ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ବାରିପଦାର ପ୍ରିନ୍ସ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ପ୍ରିନ୍ସ ପବ୍ଲିକ ସ୍କୁଲର ପଞ୍ଚଦଶ ବାର୍ଷିକ କ୍ରୀଡ଼ା ଓ ଉତ୍ସବ ରାମନଗରସ୍ଥିତ ପ୍ରିନ୍ସ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ପ୍ରିନ୍ସ ଶିକ୍ଷା ସମୂହର ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତ ଓ ରାଜ୍ୟର କ୍ରୀଡ଼ା ଗୌରବ ତଥା ଆନ୍ତର୍ଜାତିକ ଧାବିକା ଦୂତୀ ଚାନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାର ଶିକ୍ଷା ବିକାଶ ମାନଚିତ୍ରରେ ପ୍ରିନ୍ସ ଶିକ୍ଷା ସମୂହର ଯୋଗଦାନକୁ ପ୍ରଶଂସା କରିଥିଲେ। ପାଠପଢ଼ା ସହ କ୍ରୀଡ଼ା, କଳା ଓ ନିଜସ୍ୱ ପ୍ରତିଭାର ସୁବିନିଯୋଗ ନିଜ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର



ଉପକୁଳପତି ଡ ପ୍ରମୋଦ କୁମାର ଶତପଥୀ ଯୋଗଦେଇ ରାଜ୍ୟ ସ୍ତରରେ ପ୍ରିନ୍ସ ଛାତ୍ରଛାତ୍ରୀଙ୍କ ସଫଳତାକୁ ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଉଚ୍ଚମାଧ୍ୟମିକ ପରିଷଦର ଉପସଚିବ ରାଜେଶ ପ୍ରଧାନ ଛାତ୍ରଛାତ୍ରୀଙ୍କୁ ସମୟର ସଦୁପଯୋଗ କରିବା ସହିତ କଲେଜର ଶୃଙ୍ଖଳା ମାନି ଭବିଷ୍ୟତ ଗଠନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ପ୍ରିନ୍ସ ପବ୍ଲିକ ସ୍କୁଲର ବାର୍ଷିକ ଦିବସରେ ସଦର ଥାନା ଆଇଆଇସି ଆଦିତ୍ୟ ପ୍ରସାଦ ଜେନା ଓ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଛାତ୍ରଛାତ୍ରୀଙ୍କୁ ନିଜର ସର୍ବାଙ୍ଗୀନ ବିକାଶ ନିମିତ୍ତ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅତିଥିମାନେ +୨ କଳା ଓ ବିଜ୍ଞାନ ତଥା ନିଟ୍, ଜେଇଇ ପରି ସର୍ବଭାରତୀୟ ପରୀକ୍ଷାରେ ପ୍ରିନ୍ସ କଲେଜର କ୍ରମାଗତ ସଫଳତା ଓ ଛାତ୍ରଛାତ୍ରୀଙ୍କ ଅଧ୍ୟବସାୟକୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ପ୍ରିନ୍ସ ଏକ ଜାତୀୟ ଅନୁଷ୍ଠାନରେ ପରିଣତ ହେବ ବୋଲି ବିଶ୍ୱାସ ପ୍ରକଟ କରିଥିଲେ। ପ୍ରିନ୍ସ ଗ୍ରୁପର ଅଧ୍ୟକ୍ଷା ଜ୍ୟୋତିପୁଷ୍ପା ଦାସ, ପ୍ରିନ୍ସ କଲେଜ୍ ଅଧ୍ୟକ୍ଷା ଏମନ୍ ନାଜ୍, ପ୍ରିନ୍ସ ପବ୍ଲିକ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶିବାନୀ ଥିୟାଲ୍ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେବା ସହିତ କାର୍ଯ୍ୟକ୍ରମ ସଞ୍ଚାଳନରେ ମାର୍ଗଦର୍ଶନ କରିଥିଲେ।

ଏ ଅବସରରେ ପ୍ରିନ୍ସ ଶିକ୍ଷା ସମୂହ ପକ୍ଷରୁ ନିଟ୍, ଇଣ୍ଟିଗ୍ରଟେଡ ବିଏଡ୍‌ରେ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ତଥା କାଉନସିଲ୍ +୨ ବିଜ୍ଞାନ ପରୀକ୍ଷାରେ ୯୫ ପ୍ରତିଶତ ରଖି ସମଗ୍ର ରାଜ୍ୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ପ୍ରିନ୍ସ ଛାତ୍ରଛାତ୍ରୀଙ୍କୁ ପ୍ରିନ୍ସ ଛାତ୍ର ଗୌରବ ସମ୍ମାନ-୨୦୨୫ ଓ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ତତ୍‌ସହିତ କଲେଜର ଚଳିତ ବର୍ଷର ଶ୍ରେଷ୍ଠ ଛାତ୍ରଛାତ୍ରୀ ଓ ବାର୍ଷିକ କ୍ରୀଡ଼ା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଅଧ୍ୟାପକ ପରମେଶ୍ୱର ଦେ ବାର୍ଷିକ ବିବରଣୀ ପାଠ ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରିନ୍ସ କର୍ମକର୍ତ୍ତା ଦିଲ୍ଲୀପ କୁମାର ମହାନ୍ତି, ସୁରଜିତ ଦାସ, ମୃତ୍ୟୁଞ୍ଜୟ ଦାସ, ଦିନେଶ ବେହେରା, ଲକ୍ଷେହୀରା ସେଠୀ, ପ୍ରଶାନ୍ତ ଦତ୍ତ, ଉର୍ମିଳା ବେହେରା, ରେଣୁବାଳା ବେହେରା ପ୍ରମୁଖ ଏହି ତିନିଦିନିଆ ପ୍ରିନ୍ସ କ୍ରୀଡ଼ା କୁମ୍ଭ ତଥା ବାର୍ଷିକ ଉତ୍ସବକୁ ସଫଳ କରିବାରେ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରିନ୍ସ କଲେଜ, ବାରିପଦା ଓ ବାଲେଶ୍ୱରର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମକର୍ତ୍ତା ଯୋଗ ଦେଇଥିଲେ।

## ବାସନ୍ତୀପଡ଼ିଆ-ଅନୁକୂଳ ମନ୍ଦିର ରାସ୍ତା କାର୍ଯ୍ୟ ସାରିବାକୁ ଦାବି



ଜଳେଶ୍ୱର,୨।୧(ସମିସ): ଜଳେଶ୍ୱରରୁ ପଶ୍ଚିମବଙ୍ଗ ସୁନାକଣିଆ ପର୍ଯ୍ୟନ୍ତ ଯିବାଲାଗି ରାସ୍ତାକୁ ପ୍ରସସ୍ତିକରଣ କାର୍ଯ୍ୟ ଆରମ୍ଭ ହୋଇଛି। ବିଶେଷଭାବେ ରାଜଘାଟରୁ ପଶ୍ଚିମବଙ୍ଗକୁ ସିଧାସଳଖ ରାସ୍ତାଟି ଥିବାରୁ ଏଥିରେ ବହୁ ଯାନବାହନ ଚଳପ୍ରଚଳ ହୋଇଥାଏ। ଏଥିଲାଗି ପ୍ରଥମ ପର୍ଯ୍ୟାୟରେ ବାସନ୍ତୀପଡ଼ିଆଠାରୁ ଅନୁକୂଳମନ୍ଦିର ପର୍ଯ୍ୟନ୍ତ ୨ କି.ମି ରାସ୍ତାର ପ୍ରସସ୍ତିକରଣ କାର୍ଯ୍ୟ ଆରମ୍ଭ ହୋଇଛି। ମାତ୍ର ରାସ୍ତା ପାଶ୍ୱର୍ରେ ଥିବା ତାରଖୁଣ୍ଟ, ପାଇପପାଣି ଅପସାରଣ କାର୍ଯ୍ୟ ଧିମେଇ ଚାଲୁଥିବାରୁ ପ୍ରଶସ୍ତିକରଣ କାର୍ଯ୍ୟ ଧିମେଇଥିବା ଜଣାଯାଇଛି। ଏପରିକି ରାସ୍ତାର ଦୁଇପାଶ୍ୱର୍ରେ ଜାଗାକୁ ଜବରଦଖଲ ମୁକ୍ତ କରିବାଲାଗି ପ୍ରଶାସନକୁ ଦୀର୍ଘ ସମୟ ଲାଗିଥିବାରୁ ଠିକାଦାର କାର୍ଯ୍ୟ କରିବାକୁ ଦୀର୍ଘ ସମୟ ଲାଗିଲା। ରାସ୍ତାର କିଛିଅଂଶ ସହର ମଧ୍ୟରେ ଥିବାରୁ ଦିନବେଳା କାର୍ଯ୍ୟ ନ ହୋଇ ରାତିରେ କରିବାକୁ ପଡୁଥିବାରୁ ସମୟ ଅବଧି ମଧ୍ୟରେ ଶେଷ ହୋଇ ପାରୁନାହିଁ। ରାସ୍ତାର ବିଭିନ୍ନ ସ୍ଥାନରେ କଲଭର୍ଟ ନିର୍ମାଣ ଅନ୍ୟଏକ ସମସ୍ୟା ଥିବାବେଳେ ଡାଇଭର୍ସନ ରାସ୍ତା କରିବା ଅସମ୍ଭବ ହୋଇପଡ଼ିଛି। ରାସ୍ତାର ଅବସ୍ଥା ଖରାପ ହୋଇଥିବାରୁ ଶୀଘ୍ର କାର୍ଯ୍ୟ ସାରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ରାସ୍ତା ନିମ୍ନମାନର ହେଉଥିବା ସ୍ଥାନୀୟଲୋକଙ୍କ ଅଭିଯୋଗକୁ ଯନ୍ତ୍ରୀ ଖଣ୍ଡନ କରି ରାସ୍ତାକାମ ଠିକ୍‌ଭାବେ ଚାଲୁଅଛି ବୋଲି କହିଛନ୍ତି। ଏ ସମ୍ପର୍କରେ ଠିକାଦାର ପଚାରିବାରୁ ପ୍ରଶସ୍ତିକରଣ କାର୍ଯ୍ୟ ଚାଲୁଛି। ସ୍ଥାନୀୟ ଲୋକଙ୍କ ସହଯୋଗ ରହିଲେ ଖୁବ୍‌ଶୀଘ୍ର ଶେଷ ହେବ ବୋଲି କହିଛନ୍ତି।

## ମା'ଭଗବତୀଙ୍କ ପୂଜା ଉଦ୍‌ଯାପିତ



ବାଲିଆପାଳ,୨।୧(ସମିସ): ବାଲିଆପାଳ ବ୍ଲକ୍ ଘଣ୍ଟୁଆ ପଞ୍ଚାୟତ ତାଡକେଶ୍ୱର ଗୋଲେଇ ପୂଜା ସଂସଦ ପୂଜା ମଣ୍ଡପରେ ମା' ଭଗବତୀ (ସାତଭଉଣୀ) ଙ୍କର ପୂଜାର୍ଚ୍ଚନା ଉଦ୍‌ଯାପିତ ହୋଇଯାଇଛି। ଘଣ୍ଟୁଆ ପଞ୍ଚାୟତ ସମ୍ମୁଖରେ ତାଡକେଶ୍ୱର ଗୋଲେଇ ପୂଜା ସଂସଦ ଓ ଗ୍ରାମବାସୀଙ୍କ ସହଯୋଗରେ ମା ଭଗବତୀଙ୍କ ସାତଭଉଣୀ ଆଠଦିନ ଧରି ପୂଜା ପାଉଛନ୍ତି। ପୂଜା ସଂସଦର ସଭାପତି ସୁରେନ୍ଦ୍ର ପ୍ରଧାନ, ଭବେଶ ଚନ୍ଦ୍ର ପ୍ରଧାନ, ସନ୍ୟାସୀ ପ୍ରଧାନ, ଭରତ ସାହୁ, ଯୋଗଳ କିଶୋର ପ୍ରଧାନ, ରତ୍ନନିଧି ନାୟକ, ଗୋପାଳକୃଷ୍ଣ ଦାସ, ତପନ କୁମାର ରାଉତ, ଶ୍ୟାମଳେନ୍ଦୁ ବେହେରା, ଅଭିମନ୍ୟୁ ସାମନ୍ତ, କାହ୍ନୁଚରଣ ପ୍ରଧାନ, ସୁରେଶ ନାୟକ, ଦୀପକ ଜେନା, ଶିବଶଙ୍କର ନାୟକ, ଜୟପ୍ରକାଶ ସାହୁ , ଦେବାଶିଷ ଅଣ୍ଡିଆ, ସୁଶୀଲ ପ୍ରଧାନ , ଶିବାଶିଷ ଅଣ୍ଡିଆ, ନବ ନାୟକ, ଡ. ସୁରେଶ ଚନ୍ଦ୍ର ପ୍ରଧାନ, ପ୍ରଭାତ ନାୟକ , ରଞ୍ଜିତ ସାହୁ, ମଳୟ ବେହେରା, ରତିକାନ୍ତ ପ୍ରଧାନ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ସମିତିର ବୈଠକ

ଭୋଗରାଇ,୨।୧(ସମିସ): ଭୋଗରାଇ ବ୍ଲକ୍ ସୁଲତାନପୁର ପଞ୍ଚାୟତରେ ରସିଦ୍‌ପୁର ଜଗନ୍ନାଥ ମନ୍ଦିର ପରିସରରେ ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ସମିତିର ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତିର ସଭାପତି ଗୋପବନ୍ଧୁ ମହାପାତ୍ର ଅଧ୍ୟକ୍ଷତାରେ କରିଥିଲେ। ସମିତିର ସାଧାରଣ ସମ୍ପାଦକ ନବକୃଷ୍ଣ ଦେ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ବାଲେଶ୍ୱର ଜିଲ୍ଲା ସରକାର ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ସଂଘ ସହିତ ଆଲୋଚନା କରି ସେମାନଙ୍କ ଚିକିତ୍ସା ଭତ୍ତା , ପେନସନ ଭୋଗୀମାନଙ୍କୁ ମହଙ୍ଗା ଭତ୍ତା, ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରିବା ସହିତ ଅଷ୍ଟମ ବେତନ କମିଶନ ପେନସନ ଫ୍ରିଜ ସଂକ୍ରାନ୍ତ ପଦକ୍ଷେପ ବିରୋଧରେ ଏକ ଦୃଷ୍ଟାନ୍ତମୂଳକ ଆନ୍ଦୋଳନ ଭୋଗରାଇ ମାଟିରୁ ଆରମ୍ଭ ହେବ ବୋଲି ଚେତାବନୀ ଦେଇଛନ୍ତି। ବୈଠକରେ ବରିଷ୍ଠ ସଦସ୍ୟ ରଘୁନାଥ ମହାନ୍ତି, ପରିମଳ ମହାନ୍ତି, ଦିପେଶ ରାୟ, ମୁରଲୀ ମହାନ୍ତି, ସୀତାରାମ ପ୍ରଧାନ, ନଟୋରଞ୍ଜନ ଘଡାଇ, ଜୟକୃଷ୍ଣ ରଣା, ବୀରକିଶୋର ଜେନା, ସପନ ଦେ, ଅଧୀର ଦତ୍ତ, ଦୀପକ ଜେନା, ହରେନ୍ଦ୍ର ଭଳ ପ୍ରମୁଖ ଉପସ୍ଥିତ ଥିଲେ।



## ପତିରାଜପୁର ମେଳା ପଡ଼ିଆରେ ଦଧିନଉତି ସ୍ଥାପନ

ଖଇରା,୨।୧(ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ପତିରାଜପୁର ମେଳା ପଡ଼ିଆରେ ଠାକୁର ସେବକଙ୍କ ବନ୍ଧୁ ମିଳନ ଓ ରାଧାକୃଷ୍ଣ ମନ୍ଦିରର ଦଧିନଉତି ସ୍ଥାପନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମେଳା କମିଟି ସଭାପତି ସମ୍ପଦ ଘଡେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ରାଉତ, ଉପସଭାପତି ପ୍ରତାପ କୁମାର ପଣ୍ଡା, ସମ୍ପାଦକ ଗୌରାଙ୍ଗ ପାଣି ମେଳାର ବୃଦ୍ଧି ନେଇ ମତାମତ ପ୍ରଦାନ କରିଥିଲେ। ସରପଞ୍ଚଙ୍କ ପ୍ରତିନିଧି ସମ୍ପଦ ଘଡେଇ ମନ୍ଦିର ସମ୍ପୂର୍ଣ୍ଣ ପାଇଁ ସମସ୍ତ ସଦସ୍ୟ ତଥା ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ଲୋଡିଥିଲେ। ପ୍ରଦୀପ କୁମାର ସାମଲ, ଉଦ୍ଧବ ଘଡେଇ ପ୍ରମୁଖ ସହଯୋଗ କରିଥିଲେ।



## ପିକଅପ୍-ବାଇକ୍ ଧକ୍କା, ଜଣେ ଗୁରୁତର

ରାଜଘାଟ,୨।୧(ସମିସ): ବସ୍ତା ବ୍ଲକ୍ ଭେଲୋରା - ଜାମଶୁଳୀ ମୁଖ୍ୟ ରାସ୍ତାର ବାଇତପଡ଼ାଠାରେ ଭେଲୋରା ପଟୁ ବାଇକରେ ଜଳେଶ୍ୱର ଥାନା ଅଧୀନ ଆରୁହା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଭାଗବତ ଚନ୍ଦ୍ର ଦାସ ମହାପାତ୍ର (୭୦) ଯାଉଥିବାବେଳେ ପିକଅପ୍ ସହ ଧକ୍କା ହୋଇଥିଲା। ଏଥିରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କୁ ପ୍ରଥମେ ବସ୍ତା ଓ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସ୍ଥିତି ଗମ୍ଭୀର ହେବା ପରେ ପୁଣି କଟକ ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

### ● ଶୀତକାଳୀନ ସେବା ଶିବିର ଉଦ୍‌ଯାପିତ

## ସେବା ମାଧ୍ୟମରେ ଉତ୍ତମ ରାଷ୍ଟ୍ର ଗଠନ ହୁଏ




ଲଙ୍ଗଳେଶ୍ୱର/ ବାଲିଆପାଳ, ୨।୧(ସମିସ)

ବାଲିଆପାଳ ବ୍ଲକ୍ ଅଧୀନ ପଞ୍ଚୁପାଲିଠାରେ ଥିବା କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାରେ ୭ ଦିନିଆ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରାଜ କିଶୋର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବସ୍ତା ଏସ୍‌ଡିପିଓ ମାନସ ଦେଓ ଯୋଗଦେଇ ପାଠପଢ଼ା ସହିତ ଶିକ୍ଷାର୍ଥୀ ମାନଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟସ୍ତରରୁ ଆରମ୍ଭ କରାଯାଉଥିବା ବିଭିନ୍ନ ସେବା ଯୋଜନାରେ ସାମିଲ ହେଲେ ଅନ୍ତର୍ନିହିତ ଗୁଣ ସହିତ ପାରିପାଶ୍ୱିର୍କ ଜ୍ଞାନର ବିକାଶ ଘଟିଥାଏ ଅର୍ଥାତ୍ ସେବା ଦ୍ୱାରା ଉତ୍ତମ ରାଷ୍ଟ୍ର ଗଠନ କରିହୁଏ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଧ୍ରୁବ ଚରଣ କଲେଜ ଅଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା, ସମ୍ମାନିତ ଅତିଥି କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଅଧ୍ୟାପକ ବିଜୟ କୁମାର ଜେନା, ଅବସରପ୍ରାପ୍ତ ଅଧ୍ୟାପକ ଶ୍ରୀକାନ୍ତ କାମୁଲିଆ ପ୍ରମୁଖ ଯୋଗଦେଇ ଥିଲେ। ପ୍ରୋଗ୍ରାମ ଅଫିସର ଡ.ଲକ୍ଷ୍ମୀକାନ୍ତ ରଥ ଶିବିର ଆୟୋଜନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶିବିରରେ ସାମିଲ ହୋଇଥିବା ଛାତ୍ରୀମାନଙ୍କୁ ଅତିଥିମାନେ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଅଧ୍ୟାପକ ସୁଧୀର କୁମାର ନନ୍ଦ ଧନ୍ୟବାଦ୍ ଦେଇଥିଲେ। ଅଧ୍ୟାପକ ବନମାଳୀ ପରିଡ଼ା, କୃଷ୍ଣାନନ୍ଦ ପାତ୍ର, ଚନ୍ଦନ କୁମାର ନନ୍ଦ, ଅଧ୍ୟାପିକା ସୋରୋଜୀନୀ ପରିଡ଼ା, ସବିତା ସାହୁ ପ୍ରମୁଖ ପରିଚାଳନା କରିଥିଲେ।
















## ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ, ଦୁଇ ମୃତ

**ମୋରଡ଼ା,୨।୧(ସମିସ):** ବେତନଟୀ ଥାନା ତଥା ମୋରଡ଼ା ବ୍ଲକ ଅନ୍ତର୍ଗତ ଚିଲବସା ଗାଁ ନିକଟରେ ବୁଧବାର ଟ୍ରାକ୍ଟର ଓଲଟି ପଡିବାରୁ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୈଶିଙ୍ଗା ଥାନା ମେରଦା ସାତପଉଟିଆ ଗାଁର ବିପିନ ସିଂ(୨୭) ଓ ଅଜୟ ସିଂ(୩୭)। ସେମାନେ ଏକ ଟ୍ରାକ୍ଟର ଡଲାରେ ବସି ଦୁର୍ଗାପୁରରୁ ମେରଦା ଅଭିମୁଖେ ଯାଉଥିବା ସମୟରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଚିଲବସା ଗାଁ ବାଙ୍କ ନିକଟରେ ଓଲଟି ପଡ଼ିଥିଲା। ଫଳରେ ସେ ଦୁହେଁ ଟ୍ରାକ୍ଟର ତଳେ ଚାପି ହୋଇ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ଖବର ପାଇ ବଡ଼ଜାମବଣି ଫାଣ୍ଡି ଅଧିକାରୀ ଭାବଗ୍ରାହୀ ମହାନ୍ତ ଟ୍ରାକ୍ଟରକୁ ଜବତ କରିବା ସହ ଦୁହିଁଙ୍କ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## କାର୍ ଓ ବାଇକ୍ ଧକ୍କା, ଜଣେ ମୃତ

ରାଇରଙ୍ଗପୁର/ବିଶୋଇ,୨।୧(ସମିସ): **ବିଶୋଇ ଥାନା ଅନ୍ତର୍ଗତ ଲକ୍ଷ୍ମୀପୋଷି ଛକ** ନିକଟରେ ଗୁରୁବାର ବିଳମ୍ବିତ ରାତିରେ କାର୍ ଓ ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ଜଣକର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ବିଶୋଇ ଥାନା ଅନ୍ତର୍ଗତ ଭୋଳବେଡା ଗ୍ରାମର ଅନୀଲ ସିଂ। କୌଣସି କାରଣ ପାଇଁ ବାଇକ୍‌ଟି ଆସି କାର୍‌କୁ ଧକ୍କା ଦେଇଥିଲା। ଫଳରେ ଉଭୟଙ୍କ ଘଟଣାସ୍ଥଳରେ ପ୍ରଚୁର ରକ୍ତସ୍ରାବ ହୋଇ ଗୁରୁତର ହୋଇଥିଲେ। ଏହାର କିଛି ସମୟ ପରେ ଅନୀଲଙ୍କ ମୃତ୍ୟୁ ହୋଇଥିଲା। ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିବାରୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଚିକିତ୍ସା ନିମନ୍ତେ ବାରିପଦାସ୍ଥ ପିଆରଏମ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ଏ ନେଇ ବିଶୋଇ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ମଦ ଜବତ, ୨ ଗିରଫ

**କୁଆମରା,୨।୧(ସମିସ):** ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଜଣେ ମହିଳା ସମେତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏ ନେଇ ପୃଥକ ମାମଲା ରୁଜୁ ହୋଇଛି। ଏହି ଥାନା ଅନ୍ତର୍ଗତ ଭୂପଡ଼ ଗ୍ରାମର ଲାଖାଇ ମାରାଣ୍ଡି (୪୨)ଙ୍କଠାରୁ ୧୮ ଲିଟର ଓ ସାତପଉଟିଆ ଗ୍ରାମର ଦୁଲାରୀ କିସ୍କୁ (୪୮) ନାମକ ମହିଳାଙ୍କଠାରୁ ୧୫ ଲିଟର ଦେଶୀ ମଦ ଜବତ ହୋଇଛି। ଉଭୟ ଘରେ ଓ ସାପ୍ତାହିକ ହାଟରେ ବିକ୍ରି କରୁଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏସ୍ଆଇ କୃଷ୍ଣଚନ୍ଦ୍ର ସେଠୀ, ଦୀପାଞ୍ଜଳି ଦାସ, ନିରଞ୍ଜନ ମହାନ୍ତ, କିଶୋର ସୋରେନ ପ୍ରମୁଖ ଚଢ଼ଉରେ ସାମିଲ ହୋଇଥିଲେ।

## ବନ୍ଦ ଘରୁ ଟଙ୍କା ଓ ଅଳଙ୍କାର ଚୋରି

**ରାଇରଙ୍ଗପୁର/କରଞ୍ଜିଆ,୨।୧(ସମିସ):** କରଞ୍ଜିଆ ଥାନା ଅଞ୍ଚଳରେ ତାଲା ବନ୍ଦ ଘରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଓ ଟଙ୍କା ଚୋରି ହୋଇଛି। ଏନେଇ ୱାର୍ଡ ନମ୍ବର ୧ ସରୁବାଲି ଅଞ୍ଚଳର ମଞ୍ଜୁଶ୍ରୀ ମହାନ୍ତ କରଞ୍ଜିଆ ଥାନାରେ ଅଭିଯୋଗ କରିଛନ୍ତି। ସେ ପରିବାର ଲୋକଙ୍କ ସହ ବାହାରକୁ ଯାଇଥିବାବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ତାଙ୍କ ଘରକୁ ଦୁର୍ବୃତ୍ତମାନେ ପ୍ରବେଶ କରି ଆଲମାରୀ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଓ ୩୦,୦୦୦ଟଙ୍କା ଚୋରି କରିଛନ୍ତି। ସେ ଘରକୁ ଫେରିବା ପରେ ଚୋରି ବାବଦରେ ଜାଣି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଜାତୀୟ ଯୋଗାସନ ପ୍ରତିଯୋଗିତାରେ ନିହାର ସାହୁଙ୍କ କୃତିତ୍ୱ



**ବାରିପଦା,୨।୧(ସମିସ):** ରାଞ୍ଚିରେ ଅନୁଷ୍ଠିତ ୫୦ତମ ଜାତୀୟ ଯୋଗ ସ୍ପୋର୍ଟ୍ସ ଚାମ୍ପିଅନସିପରେ ମୟୂରଭଞ୍ଜର ନିହାର ରଞ୍ଜନ ସାହୁ ୮ରୁ ୧୦ ବର୍ଷ ବାଳକ ବିଭାଗରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। କଟକରେ ଅନୁଷ୍ଠିତ ୩୧ତମ ରାଜ୍ୟ ସ୍ତରୀୟ ଯୋଗ ପ୍ରତିଯୋଗିତାରେ ବାରିପଦାର ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ ସେଣ୍ଟରର ପ୍ରସାଦ ବାରିକ, ନିହାର ରଞ୍ଜନ ସାହୁ, କ୍ରିଷ୍ଣା ଦାସ, କ୍ରିଷ୍ଣା ନାୟକ ବାଳକ ବିଭାଗ ଓ ଜିଜ୍ଞାସା ମହାନ୍ତ ବାଳିକା ବିଭାଗରେ କୃତିତ୍ୱ ହାସଲ କରି ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ଜ୍ୟୋତିରଞ୍ଜନ ଦାସ ଜଣାଇଛନ୍ତି। ସେମାନଙ୍କ ମଧ୍ୟରୁ ବାରିପଦାର ୩ନଂ ୱାର୍ଡସ୍ଥ ମାଇନିଂ କଲୋନୀ ନିବାସୀ ପ୍ରବୀର ସାହୁ ଓ ସସ୍ମିତା ସାହୁଙ୍କ ପୁତ୍ର ନିହାର ଜାତୀୟ ସ୍ତରରେ ଏହି କୃତିତ୍ୱ ହାସଲ କରିଛନ୍ତି। ନିହାର ବର୍ତ୍ତମାନ ଭଞ୍ଜପୁରସ୍ଥ ସରସ୍ୱତୀ ଶିଶୁ ମନ୍ଦିରରେ ୫ମ ଶ୍ରେଣୀର ଛାତ୍ର।

## ମୋରଡ଼ା ବଣିକ ସଂଘର ବୈଠକ

**ମୋରଡା,୨।୧(ସମିସ):** ମୋରଡା ବଣିକ ସଂଘ ପକ୍ଷରୁ ବିନାୟକ କଲ୍ୟାଣ ମଣ୍ଡପଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବଣିକ ସଂଘ ସଭାପତି ସୌରଭ ରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ସମ୍ପାଦକ ସୁଧୀର କୁମାର ରାଜ ବୈଠକ ପରିଚାଳନା କରିଥିଲେ। ଉକ୍ତ ବୈଠକରେ ମୋରଡା ବଜାରର କିପରି ବିକାଶ ସହିତ ଭାଇଚାରା ବାଜାଇ ରଖାଯାଇପାରିବ ସେ ସମ୍ପର୍କରେ ଶତାଧିକ ବଣିକଙ୍କୁ ଶ୍ରୀ ମହାନ୍ତି ଉଦବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମୋରଡା ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାଂଶୁ ସେଠୀ ଯୋଗଦେଇ ଥିଲେ। ବ୍ୟବସାୟୀ ସୁଶାନ୍ତ ପାତ୍ର, ନିଶାକର ବିନ୍ଧାଣୀ, ଚକ୍ରଧର ଧଳ, ଅରୁଣ କାଳିଆ, କାଳିଆ ପତ୍ର, କାଳିଆ ସାହୁ, ରଜନୀ ବେହେରା, ଗଣେଶ୍ୱର ଧଲ, ଧର୍ମପଦ ତରେଇ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପରସ୍ପରକୁ ନବବର୍ଷର ଅଭିନନ୍ଦନ ଜଣାଇବା ସହ ମୋରଡା ଅଞ୍ଚଳର ବିକାଶ କାମନା କରିଥିଲେ।

### ମୟୂରଭଞ୍ଜରେ ବଢୁଛି ସଡ଼କ ଦୁର୍ଘଟଣା

# ବର୍ଷ ଆରମ୍ଭର ଦୁଇଦିନରେ ୭ ମୃତ

**ବାରିପଦା, ୨।୧(ସମିସ)**

ନୂଆବର୍ଷ ଆରମ୍ଭରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ଶୂନ୍ୟ ମୃତାହତକୁ ଗୁରୁତ୍ୱ ଦିଆଯାଉଥିବାବେଳେ ନୂତନ ବର୍ଷ ଆରମ୍ଭର ଦୁଇଦିନରେ ସଡ଼କ ଦୁର୍ଘଟଣାରେ ୭ ଜଣଙ୍କ ମୃତ୍ୟୁ ଘଟିଲାଣି। ଜିଲ୍ଲା ପାଇଁ କାଳ ସାଜିଛି ପର୍ଯ୍ୟଟନ ଋତୁ ଓ ଘାଟି ରାସ୍ତା ବୋଲି କୁହାଯାଉଛି। ଅକ୍ଟୋବରୁ ଫେବୃଆରୀ ମାସ ଯାଏ ଏହି ଜିଲ୍ଲାର ଏକାଧିକ ପର୍ଯ୍ୟଟନ ସ୍ଥଳୀକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ଏପରି ସ୍ଥଳେ ସଡ଼କ ସୁରକ୍ଷା ଓ ଭୟଙ୍କର ସଡ଼କ ଦୁର୍ଘଟଣାକୁ ନେଇ ଚିନ୍ତାରେ ପୁଲିସ ଓ ପରିବହନ ବିଭାଗ। ମୟୂରଭଞ୍ଜ ଜିଲ୍ଲାରେ ତିନିବର୍ଷରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି ୧୧୯୮ ଜଣ ଲୋକ। ଏବେଯାଏ ମୟୂରଭଞ୍ଜ ଜିଲ୍ଲାର ୨୬ଟି ବ୍ଲକ୍‌ରେ ରହିଥିବା ୩୨ଟି ଥାନାରେ ୧୮୫୦ଟି ଦୁର୍ଘଟଣାଜନିତ ମାମଲା ରୁଜୁ ହୋଇଥିବାବେଳେ ୨୩୮୩ ଜଣ ଗୁରୁତର ଆହତ ହୋଇଛନ୍ତି। ବିଗତ ଦିନରେ ଲୋମଟାଙ୍କୁରା ଓ ହୃଦୟବିଦାରକ ଦୁର୍ଘଟଣାର ସ୍ଥିତି ଦେଖିଲେ ଯେ କେହିବି ତାଜୁବ ହୋଇପଡ଼ିବ।

ଘନ କୁହୁଡ଼ି ଯୋଗୁଁ କେଉଁଠି ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହେଉଥିବାବେଳେ ଭାରସାମ୍ୟ ହରାଇ ଓଲଟି ପଡୁଛି ଟ୍ରକ ଓ ଟିପ୍ପର। ବେପରୁଆ ଗାଡ଼ି ଚାଳନା ଓ ମଦ୍ୟପ ଚାଳକଙ୍କ ଯୋଗୁଁ ଦୁର୍ଘଟଣା ବଢୁଥିବାବେଳେ ଚିନ୍ତା ବଢାଉଛି ନାବାଳକ ବାଇକ୍ ଚାଳକଙ୍କ ଦୌରାତ୍ମ୍ୟ। ଏପଟେ ପୁଲିସ ଓ ପରିବହନ ବିଭାଗ ଛକେ ଛକେ ଜଗି ତନାଘନା କରୁଥିବାବେଳେ ବିନା ହେଲମେଟରେ ବୁଲୁଛନ୍ତି ସହରରେ ପିଲାଠୁ ବୁଢା। ଦୀର୍ଘ ବର୍ଷ ଧରି ବାଙ୍ଗିରିପୋଷି, ଉଦଳା, ବେତନଟୀ ଓ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟ୍ରମାକେୟାର ସେଣ୍ଟର ସ୍ଥାପନ ଦାବି ହେଉଥିବାବେଳେ ତାହା ଫାଇଲ ତଳେ ଚାପି ହେଉଛି। ଏପରିକି ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲରେ ମଧ୍ୟ ଏ ସୁବିଧା ଉପଲବ୍ଧ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ଜିଲ୍ଲା ମଧ୍ୟ ଦେଇ ୧୮, ୪୯ ଓ ୨୨୦ନଂ ଜାତୀୟ ରାଜପଥ ଯାଇଥିବାବେଳେ ଯାତ୍ରୀବାହୀ ଓ ମାଲବାହୀ ଯାନବାହାନ ଚଳାଚଳ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଦୁର୍ଘଟଣା ହେଉଥିବା ସ୍ଥାନରେ ବ୍ଲାକ୍ ସ୍ପଟ ଚିହ୍ନଟ କରିବା ସହ ରାସ୍ତାରେ ସମସ୍ୟା ସମାଧାନ ବାବଦରେ




**୩ ବର୍ଷରେ ଗଲାଣି ୧୧୯୮ ଜଣଙ୍କ ଜୀବନ**

**ଦୁଇବର୍ଷରେ ଜରିମାନା ଆଦାୟ ୨.୨୬ କୋଟି**

**ଚେତୁନି ଏନଏଚଆଇ, ଟ୍ରମାକେୟାର ସେଣ୍ଟର ଦିବାସ୍ୱପ୍ନ**

କର୍ତ୍ତୃପକ୍ଷ ଯୋଜନାବଦ୍ଧ ପ୍ରତିକାର କରୁନାହାନ୍ତି। ପୁଲିସ, ପରିବହନ, ଅବକାରୀ ଓ ଏନଏଚଏଆଇ କର୍ତ୍ତୃପକ୍ଷଙ୍କ ସମନ୍ୱୟ ଅଭାବ ଫଳରେ ଦିନକୁ ଦିନ ଚିନ୍ତାଜନକ ଭାବେ ସଡ଼କ ଦୁର୍ଘଟଣା ବୃଦ୍ଧି ପାଉଛି।

ଜିଲ୍ଲାରେ ୨୦୨୩ରେ ୬୩୪ଟି ମାମଲା ରୁଜୁ ହୋଇଥିବାବେଳେ ୩୬୪ ଜଣଙ୍କ ମୁଣ୍ଡ ଗଡ଼ିଛି। ୨୦୨୪ରେ ୫୯୮ଟି ମାମଲା ରୁଜୁ ହୋଇଥିବା ୪୦୨ ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୫ରେ ୬୧୮ଟି ମାମଲା ରୁଜୁ ହୋଇଥିବାବେଳେ ୪୩୨ ଜଣଙ୍କ ପ୍ରାଣହାନି ଘଟିଛି। ଜିଲ୍ଲାରେ ସମନ୍ୱିତ ସଡ଼କ ଦୁର୍ଘଟଣା ଡାଟାବେସ୍ (ଆଇଆରଏଡି)ରୁ ମିଳିଥିବା ତଥ୍ୟ ମୁତାବକ ୨୦୨୩ ଜାନୁଆରୀରେ ୬୫ଟି ମାମଲା ରୁଜୁ ହୋଇଥିବାବେଳେ ୩୨ ଜଣଙ୍କର ମୃତ୍ୟୁ ଘଟିଛି। ଫେବୃଆରୀରେ ୬୧ଟି ମାମଲା ରୁଜୁ ହୋଇଥିବାବେଳେ ୩୭ ଜଣ, ମାର୍ଚ୍ଚରେ ୬୧ଟିରୁ ୩୩ଟି, ଏପ୍ରିଲରେ ୫୦ଟିରେ ୨୯ଟି, ମେରେ ୪୫ଟିରେ ୨୫, ଜୁନରେ ୫୪ଟିରୁ ୪୨ଟି, ଜୁଲାଇ୍‌ରେ ୪୬ଟିରୁ ୧୪ଟି, ଅଗଷ୍ଟରେ ୫୯ଟିରୁ ୩୫, ସେପ୍ଟମ୍ବରରୁ ୫୭ଟିରୁ ୩୩ଟି, ଅକ୍ଟୋବରରେ ୩୪ଟିରୁ ୨୩, ନଭେମ୍ବରରେ ୫୧ଟିରୁ ୩୦ ଓ ଡିସେମ୍ବରରେ ୫୧ଟିରୁ ୩୧ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ୨୦୨୪ ଜାନୁଆରୀରେ ୬୦ଟି ମାମଲା ରୁଜୁ ହୋଇଥିବାବେଳେ ୩୮ ଜଣଙ୍କର ମୃତ୍ୟୁ ଘଟିଛି। ଫେବୃଆରୀରେ ୫୯ଟି ମାମଲା ରୁଜୁ ହୋଇଥିବାବେଳେ ୩୮ ଜଣଙ୍କର ମୃତ୍ୟୁ ଘଟିଛି। ମାର୍ଚ୍ଚରେ ୪୩ଟିରୁ ୨୭ଟି, ଏପ୍ରିଲରେ ୫୩ଟିରେ ୩୩ଟି, ମେ'ରେ ୪୯ଟିରେ ୩୨, ଜୁନରେ ୩୬ଟିରୁ ୨୭ଟି, ଜୁଲାଇରେ ୪୬ଟିରୁ ୩୩ଟି, ଅଗଷ୍ଟରେ ୩୭ଟିରୁ ୨୪, ସେପ୍ଟମ୍ବରରୁ ୫୦ଟିରୁ ୩୮ଟି, ଅକ୍ଟୋବରରେ ୪୫ଟିରୁ ୩୭, ନଭେମ୍ବରରେ ୬୨ଟିରୁ ୪୦ ଓ ଡିସେମ୍ବରରେ ୫୮ଟିରୁ ୩୫ ଜଣଙ୍କର ମୃତ୍ୟୁ ଘଟିଛି। ୨୦୨୫ ଜାନୁଆରୀରେ ୪୯ଟି ମାମଲା ରୁଜୁ ହୋଇଥିବାବେଳେ ୩୩ ଜଣଙ୍କର ମୃତ୍ୟୁ ଘଟିଛି। ଫେବୃଆରୀରେ ୫୧ଟି ମାମଲା ରୁଜୁ ହୋଇଥିବାବେଳେ ୪୦ ଜଣଙ୍କୀ ମୃତ୍ୟୁ ଘଟିଛି। ମାର୍ଚ୍ଚରେ ୫୭ଟିରୁ ୩୯ଟି, ଏପ୍ରିଲରେ ୫୪ଟିରୁ ୩୩ଟି, ମେ'ରେ ୫୪ଟିରେ ୫୧, ଜୁନରେ ୫୪ଟିରୁ ୪୧ଟି, ଜୁଲାଇ୍‌ରେ ୪୩ଟିରୁ ୨୬ଟି, ଅଗଷ୍ଟରେ ୪୨ଟିରୁ ୩୬, ସେପ୍ଟମ୍ବରରୁ ୫୭ଟିରୁ ୨୮ଟି, ଅକ୍ଟୋବରରେ ୪୨ଟିରୁ ୨୬, ନଭେମ୍ବରରେ ୬୦ଟିରୁ ୩୯ ଓ ଡିସେମ୍ବରରେ ୫୧ଟିରୁ ୩୧ ଜଣଙ୍କର ମୃତ୍ୟୁ ଘଟିଛି। ଜିଲ୍ଲାରେ ସମନ୍ୱିତ ସଡ଼କ ଦୁର୍ଘଟଣା ଡାଟାବେସ୍(ଆଇଆରଏଡି) ନାମରେ ଏକ ସ୍ୱତନ୍ତ୍ର ସେଲ ୨୦୨୧ ବର୍ଷ ଅଗଷ୍ଟ ମାସରୁ ଆରମ୍ଭ ହୋଇଛି। ଜିଲ୍ଲାରେ ୪୧ଟି ସ୍ଥାନରେ ବ୍ଲାକସ୍ପଟ ଚିହ୍ନଟ ହୋଇଥିବାବେଳେ ଘଟୁଥିବା ଅଞ୍ଚଳରେ କାହିଁକି ଓ କେଉଁ କାରଣରୁ ଦୁର୍ଘଟଣା ଘଟୁଛି ତାହାର ତଦନ୍ତ କରୁଛି ଏକ ଟିମ୍। ଏହି ଆଇଆରଏଡି ପକ୍ଷରୁ ପ୍ରତିଥାନାରେ ରହିଥିବା କର୍ମଚାରୀଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବାବେଳେ ସବୁ ଦିଗକୁ ତନଖି କରୁଥିବା ଜଣାପଡିଛି। ତେବେ ଗତ ତିନିବର୍ଷ ମଧ୍ୟରେ ମୟୂରଭଞ୍ଜ ଆରଟିଓକୁ ପ୍ରାୟ ଦେଢ଼ କୋଟି ଟଙ୍କା ଆସିଛି। ଏହି ଟଙ୍କାକୁ କେବଳ ସଡ଼କ ସୁରକ୍ଷା ସପ୍ତାହ, ସଭା ସମିତି ଓ ନାଚଗୀତରେ ଖର୍ଚ୍ଚ କରାଯାଇଥିବାବେଳେ ପ୍ରତି ମାସରେ ବସୁଛି ଉଚ୍ଚସ୍ତରୀୟ ସଡ଼କ ସୁରକ୍ଷା ସମିତି ବୈଠକ। ତେବେ ମୃତ୍ୟୁର ପରିସଂଖ୍ୟାନ ହ୍ରାସ ପାଉ ନ ଥିବା ଅଭିଯୋଗ ହେଉଛି।

## ମଣଦା ଲ୍ୟାମ୍ପସ୍‌ରେ ଧାନମଣ୍ଡି ଉଦ୍‌ଘାଟିତ



**ବିଶୋଇ,୨।୧(ସମିସ):** ବିଶୋଇ ବ୍ଲକ ଅନ୍ତର୍ଗତ ସ୍ଥାନୀୟ ବିଶୋଇ ଲ୍ୟାମ୍ପସ୍‌ରେ ଗତ ୩୦ ତାରିଖରେ ଧାନମଣ୍ଡି ଖୋଲିଥିବାବେଳେ ଆଜି ଏହି ବ୍ଲକର ମଣଦା ଲ୍ୟାମ୍ପସ୍ ଅଧୀନ ଅସନା ପିପିସିରେ ମଣ୍ଡି ଖୋଲିଛି। ଆଗକୁ ମୟୂରଭଞ୍ଜର ଗଣପର୍ବ ମକର ସଂକ୍ରାନ୍ତି ଥିବାବେଳେ ଏହା ପୂର୍ବରୁ ଧାନମଣ୍ଡି ଖୋଲିବା ନେଇ ଚାଷୀ ମହଲରେ ଖୁସିର ଲହରୀ ଖେଳିଯାଇଛି। ମଣଦା ଲ୍ୟାମ୍ପସ୍ ପରିଚାଳନା ନିର୍ଦ୍ଦେଶକ ଦୀପକ ରଞ୍ଜନ କାରୁଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ସାରସକଣା ବିଧାୟକ ଭାଦବ୍ ଚନ୍ଦ୍ର ହାଁସଦା ମୁଖ୍ୟଅତିଥି ଭାବେ ଯୋଗଦେଇ ଫିତା କାଟି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ତହସିଲଦାର ସତ୍ୟବାନ ନାୟକ, ଲ୍ୟାମ୍ପସ୍ ପରିଚାଳନା ସଭାପତି ଗଣେଶ୍ୱର ସୋରେ, ନିର୍ଦ୍ଦେଶକ ନିଧିଆ ମୁର୍ମୁ ଓ ମନୋଜ ହାଁସଦା, ସାଂସଦ ପ୍ରତିନିଧି ଉମାକାନ୍ତ ନନ୍ଦ, ସାମାଜିକ କର୍ମୀ ଗୋପବନ୍ଧୁ ଗିରି ପ୍ରମୁଖ ଉପସ୍ଥିତ ରହି ଚାଷୀ କିପରି ଶାନ୍ତିଶୃଙ୍ଖଳା ସହକାରେ ମଣ୍ଡିରେ ଧାନ ବିକ୍ରୟ କରିପାରିବେ ସେନେଇ ପରାମର୍ଶ ଦେଇଥିଲେ। ମଣଦା ଲ୍ୟାମ୍ପସ୍ ଅଧୀନରେ ଥିବା ୭ଟି ପଞ୍ଚାୟତର ସମୁଦାୟ ୯୮୫ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି। ସପ୍ତାହରେ ତିନିଦିନ ସୋମବାର, ବୁଧବାର ଓ ଶନିବାର ମଣ୍ଡି ଖୋଲାଯିବା ନେଇ ଲ୍ୟାମ୍ପସ୍ ପକ୍ଷରୁ ସୂଚନା ମିଳିଛି। ଲ୍ୟାମ୍ପସ୍ କର୍ମଚାରୀ ସତ୍ୟବ୍ରତ ଗିରି, ରାଧାକାନ୍ତ ବିନ୍ଧାଣି, କୃଷ୍ଣଚନ୍ଦ୍ର ଗିରି, କୃଷ୍ଣଚନ୍ଦ୍ର ବେହେରା, ବୁଢାନ ମୁର୍ମୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଜେପିର ମୟୂରଭଞ୍ଜ (ପୂର୍ବ) ଜିଲ୍ଲାସ୍ତରୀୟ ସମାବେଶ



**ବାରିପଦା/ଶୁଳିଆପଦା, ୨।୧(ସମିସ):** ନବବର୍ଷ ଉପଲକ୍ଷେ ଶୁଳିଆପଦା ବ୍ଲକର ଦେଉଳି ଡ୍ୟାମର ୱାଟର ପାର୍କ ପରିସରରେ ବିଜେପି ମୟୂରଭଞ୍ଜ (ପୂର୍ବ) ଜିଲ୍ଲା ସଂଗଠନ ପକ୍ଷରୁ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଆବାହକତ୍ୱରେ ଦଳୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ବିଧାୟକଙ୍କ ସମେତ ଦୁଇଜଣ ମନ୍ତ୍ରୀ ଓ ମୟୂରଭଞ୍ଜ ଲୋକସଭା ସାଂସଦ, ସହସ୍ରାଧିକ କର୍ମୀ/ କର୍ମକର୍ତ୍ତାଙ୍କ ସମାବେଶ ହୋଇଥିଲା। ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଜନସାଧାରଣଙ୍କ ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ପ୍ରଥମ କରି ଗ୍ରିଭାନ୍ସେସ୍ ପୋର୍ଟାଲ ଲୋକାର୍ପିତ କରିଥିଲେ। ଯଦ୍ୱାରା ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଜନସାଧାରଣ ସିଧାସଳଖ ନିଜ ମୋବାଇଲ କିମ୍ବା ଜନସେବା କେନ୍ଦ୍ରରେ ନିଜର ଅଭିଯୋଗକୁ ପଞ୍ଜୀକରଣ କରିପାରିବା ସହିତ ଅଭିଯୋଗର ସ୍ଥିତିକୁ ନିଜେ ମଧ୍ୟ ଟ୍ରାକ୍ କରିପାରିବାର ଏକ ଅଭିନବ ବ୍ୟବସ୍ଥା ରହିଛି। ବିଜେପିର ବରିଷ୍ଠ ନେତା ତଥା ଜିଲ୍ଲା କୋଷାଧ୍ୟକ୍ଷ ପରେଶ ଚନ୍ଦ୍ର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଦୁଇ ସାଂଗଠନିକ ଜିଲ୍ଲାର ସଭାପତି ନିହାର ରଞ୍ଜନ ମୋଦୀ ଓ ଜୁରିଲାଲ ମହାନ୍ତଙ୍କ ଉପସ୍ଥିତିରେ ମନ୍ତ୍ରୀ ଡା. ମହାପାତ୍ର ଓ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ମୟୂରଭଞ୍ଜ ଲୋକସଭା ସାଂସଦ, ବାଙ୍ଗିରିପୋଷି, ଉଦଳା, ବାରିପଦା, ସାରସକଣା, ବଡସାହି ବିଧାୟକ, ରାଜ୍ୟ ଜନଜାତି ମୋର୍ଚ୍ଚା ସଭାପତି କାନ୍ଦା ସୋରେନ, ଉଦଳା ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ ମହାନ୍ତି, ଜିଲ୍ଲା ପରିଷଦର ପୂର୍ବତନ ଅଧ୍ୟକ୍ଷା ସୁଜାତା ମୁର୍ମୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାନ୍ତିଙ୍କ ସଂଯୋଜନାରେ ଦିବଂଗତ ନେତାଙ୍କ ପରିବାର, ବୁଥ, ଶକ୍ତିକେନ୍ଦ୍ର ଓ ମଣ୍ଡଳସ୍ତରୀୟ ନେତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟତମ ସାଧାରଣ ସମ୍ପାଦକ ପ୍ରବୀଣ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ମୟୂରଭଞ୍ଜ ଗସ୍ତରେ ଓମ୍ବୁଡସି ଫୋର୍ ସାଇଟ୍ ଅଥରିଟି

## ବିଭିନ୍ନ ବ୍ଲକ୍‌ରେ ଉନ୍ନୟନମୂଳକ କାର୍ଯ୍ୟର କଲେ ଅନୁଧ୍ୟାନ



**ବାରିପଦା,୨।୧(ସମିସ):** ଓମ୍ବୁଡସି ଫୋର ସାଇଟ ଅଥରିଟି ଜଷ୍ଟିସ ଆଦିତ୍ୟ କୁମାର ପଟ୍ଟନାୟକ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସିଛନ୍ତି। ଏ ଗସ୍ତ ଅବସରରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଓମ୍ବୁଡସି ଅନୁଦାନରେ ଜାରି ଥିବା ଉନ୍ନୟନମୂଳକ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ସାରସକଣା, କୁଳିଅଣା ଓ ବାଙ୍ଗିରିପୋଷି ବ୍ଲକ ପରିଦର୍ଶନ କରି ମେଗା ଜଳଯୋଗାଣ ପ୍ରକଳ୍ପ, ଏକଲବ୍ୟ ବିଦ୍ୟାଳୟ ଓ ଅନ୍ୟାନ୍ୟ ସ୍ଥାନ ପରିଦର୍ଶନ କରିଥିଲେ। କାର୍ଯ୍ୟର ଅଗ୍ରଗତି ବାବଦରେ ବୁଝିବା ସହ ତୁରନ୍ତ କାର୍ଯ୍ୟକ୍ଷମ କରିବା ନେଇ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଗସ୍ତରେ ଜିଲ୍ଲାପାଳ ହେମକାନ୍ତ ସଏ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ଜିଲ୍ଲା ଓମ୍ବୁଡସି କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## +୨ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ

**ବାରିପଦା, ୨।୧(ସମିସ):** ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ (ସିଏଚସିଇ) ପକ୍ଷରୁ ଶୁକ୍ରବାରଠାରୁ +୨ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇଛି। ପରିଷଦର ଉତ୍ତର ଓଡ଼ିଶା ଶାଖା କାର୍ଯ୍ୟାଳୟ ବାରିପଦା ଅଧୀନରେ ମୟୂରଭଞ୍ଜ ଜିଲ୍ଲାର ୧୩୬ଟି, ବାଲେଶ୍ୱରର ୧୫୬ଟି, ଭଦ୍ରକର ୮୩ଟି ଓ କେନ୍ଦୁଝରର ୮୪ଟି +୨ କଲେଜ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଯଥାକ୍ରମେ ୨୬ ହଜାର ୨୦୨, ୨୫ ହଜାର ୬୯୩, ୧୪ ହଜାର ୫୪ ଓ ୧୬ ହଜାର ୪୪୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ବିଷୟ ଅନୁଯାୟୀ ପ୍ରାକ୍ଟିକାଲ ପରୀକ୍ଷା ଦେଉଛନ୍ତି। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଭାଗରେ ପ୍ରାକ୍ଟିକାଲ ଓ ପ୍ରୋଜେକ୍ଟ ପରୀକ୍ଷା ଜାନୁଆରୀ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ପରିଷଦ ପକ୍ଷରୁ ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ନିରୀକ୍ଷଣ ବ୍ୟବସ୍ଥା ଓ କଡ଼ା ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଥିଓରି ପରୀକ୍ଷା ଫେବୃଆରୀ ୧୮ ତାରିଖଠାରୁ ଆରମ୍ଭ ହେବ। ଛାତ୍ରଛାତ୍ରୀ ନିର୍ଭୁଲ ଭାବେ ପରୀକ୍ଷା ଦେବାକୁ ପରିଷଦ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏହି ପରୀକ୍ଷା ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବାକୁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ପରିଷଦର ଉତ୍ତର ଓଡ଼ିଶା ଶାଖା ଉପସଚିବ ରାଜେଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

### ପ୍ରିନ୍ସ କଲେଜ୍ ଓ ପ୍ରିନ୍ସ ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

# ପାଠପଢ଼ା ସହ କ୍ରୀଡ଼ା, କଳା ଓ ନିଜ ପ୍ରତିଭାର ସୁବିନିଯୋଗ କରିବାକୁ ପରାମର୍ଶ

**ବାରିପଦା, ୨।୧(ସମିସ)**

ଓଡ଼ିଶାର ଅନ୍ୟତମ ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ବାରିପଦାର ପ୍ରିନ୍ସ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ପ୍ରିନ୍ସ ପବ୍ଲିକ ସ୍କୁଲର ପଞ୍ଚଦଶ ବାର୍ଷିକ କ୍ରୀଡ଼ା ଓ ଉତ୍ସବ ରାମନଗରସ୍ଥିତ ପ୍ରିନ୍ସ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ପ୍ରିନ୍ସ ଶିକ୍ଷା ସମୂହର ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତ ଓ ରାଜ୍ୟର କ୍ରୀଡ଼ା ଗୌରବ ତଥା ଆନ୍ତର୍ଜାତିକ ଧାବିକା ଦୂତୀ ଚାନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାର ଶିକ୍ଷା ବିକାଶ ମାନଚିତ୍ରରେ ପ୍ରିନ୍ସ ଶିକ୍ଷା ସମୂହର ଯୋଗଦାନକୁ ପ୍ରଶଂସା କରିଥିଲେ। ପାଠପଢ଼ା ସହ କ୍ରୀଡ଼ା, କଳା ଓ ନିଜସ୍ୱ ପ୍ରତିଭାର ସୁବିନିଯୋଗ ନିଜ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର ଉପକୁଳପତି ଡ ପ୍ରମୋଦ କୁମାର ଶତପଥୀ ଯୋଗଦେଇ ରାଜ୍ୟ ସ୍ତରରେ ପ୍ରିନ୍ସ ଛାତ୍ରଛାତ୍ରୀଙ୍କ ସଫଳତାକୁ ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଉଚ୍ଚମାଧ୍ୟମିକ ପରିଷଦର ଉପସଚିବ ରାଜେଶ ପ୍ରଧାନ ଛାତ୍ରଛାତ୍ରୀଙ୍କୁ ସମୟର ସଦୁପଯୋଗ କରିବା ସହିତ କଲେଜର ଶୃଙ୍ଖଳା ମାନି ଭବିଷ୍ୟତ ଗଠନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ପ୍ରିନ୍ସ ପବ୍ଲିକ ସ୍କୁଲର ବାର୍ଷିକ ଦିବସରେ ସଦର ଥାନା ଆଇଆଇସି ଆଦିତ୍ୟ ପ୍ରସାଦ ଜେନା ଓ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଛାତ୍ରଛାତ୍ରୀଙ୍କୁ ନିଜର ସର୍ବାଙ୍ଗୀନ ବିକାଶ ନିମିତ୍ତ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅତିଥିମାନେ +୨ କଳା ଓ ବିଜ୍ଞାନ ତଥା ନିଟ୍, ଜେଇଇ ପରି ସର୍ବଭାରତୀୟ ପରୀକ୍ଷାରେ ପ୍ରିନ୍ସ କଲେଜର କ୍ରମାଗତ ସଫଳତା ଓ ଛାତ୍ରଛାତ୍ରୀଙ୍କ ଅଧ୍ୟବସାୟକୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ପ୍ରିନ୍ସ ଏକ ଜାତୀୟ ଅନୁଷ୍ଠାନରେ ପରିଣତ ହେବ ବୋଲି ବିଶ୍ୱାସ ପ୍ରକଟ କରିଥିଲେ। ପ୍ରିନ୍ସ ଗ୍ରୁପର ଅଧ୍ୟକ୍ଷା ଜ୍ୟୋତିପୁଷ୍ପା ଦାସ, ପ୍ରିନ୍ସ କଲେଜ୍ ଅଧ୍ୟକ୍ଷ ଏମନ୍ ନାଜ୍, ପ୍ରିନ୍ସ ପବ୍ଲିକ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶିବାନୀ ଥୟାଲ୍ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେବା ସହିତ କାର୍ଯ୍ୟକ୍ରମ ସଞ୍ଚାଳନରେ ମାର୍ଗଦର୍ଶନ କରିଥିଲେ।




ଏ ଅବସରରେ ପ୍ରିନ୍ସ ଶିକ୍ଷା ସମୂହ ପକ୍ଷରୁ ନିଟ୍, ଇଣ୍ଟିଗ୍ରେଟେଡ ବିଏଡ୍‌ରେ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ତଥା କାଉନସିଲ୍ +୨ ବିଜ୍ଞାନ ପରୀକ୍ଷାରେ ୯୫ ପ୍ରତିଶତ ରଖି ସମଗ୍ର ରାଜ୍ୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ପ୍ରିନ୍ସ ଛାତ୍ରଛାତ୍ରୀଙ୍କୁ ପ୍ରିନ୍ସ ଛାତ୍ର ଗୌରବ ସମ୍ମାନ-୨୦୨୫ ଓ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ତତ୍‌ସହିତ କଲେଜର ଚଳିତ ବର୍ଷର ଶ୍ରେଷ୍ଠ ଛାତ୍ରଛାତ୍ରୀ ଓ ବାର୍ଷିକ କ୍ରୀଡ଼ା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଅଧ୍ୟାପକ ପରମେଶ୍ୱର ଦେ ବାର୍ଷିକ ବିବରଣୀ ପାଠ ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରିନ୍ସ କର୍ମକର୍ତ୍ତା ଦିଲ୍ଲୀପ କୁମାର ମହାନ୍ତି, ସୁରଜିତ ଦାସ, ମୃତ୍ୟୁଞ୍ଜୟ ଦାସ, ଦିନେଶ ବେହେରା, ଲକ୍ଷେହୀରା ସେଠୀ, ପ୍ରଶାନ୍ତ ଦତ୍ତ, ଉର୍ମିଳା ବେହେରା, ରେଣୁବାଳା ବେହେରା ପ୍ରମୁଖ ଏହି ତିନିଦିନିଆ ପ୍ରିନ୍ସ କ୍ରୀଡ଼ା କୁମ୍ଭ ତଥା ବାର୍ଷିକ ଉତ୍ସବକୁ ସଫଳ କରିବାରେ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରିନ୍ସ କଲେଜ, ବାରିପଦା ଓ ବାଲେଶ୍ୱରର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମକର୍ତ୍ତା ଯୋଗ ଦେଇଥିଲେ।

## ବିଏନ୍ ହାଇସ୍କୁଲ ୨୦୧୮ ବ୍ୟାଚର ସମ୍ମିଳନୀ



**ମାଣତ୍ରୀ,୨।୧(ସମିସ):** ବଡ଼ସାହି ବ୍ଲକ ଅଧୀନ ମାଣତ୍ରୀସ୍ଥ ବୈଦନାଥ ନୂତନ ସରକାରୀ ହାଇସ୍କୁଲ ୨୦୧୮ ମ୍ୟାଟ୍ରିକ ବ୍ୟାଚର ବିଦ୍ୟାର୍ଥୀଙ୍କ ଏକ ସମ୍ମିଳନୀ ନିକଟସ୍ଥ ଗଙ୍ଗାହାର ନଦୀ କୂଳରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦୀର୍ଘ ୭ ବର୍ଷ ପରେ ଏକତ୍ରିତ ଛାତ୍ରଛାତ୍ରୀ ପୁରୁଣା ସ୍ମୃତିର ରୋମନ୍ଥନ କରିବା ସହିତ ନିଜ ମଧ୍ୟରେ ଭାବବିନିମୟ କରିଥିଲେ। ଆଗକୁ ବ୍ୟାଚର ସମସ୍ତ ଛାତ୍ରଛାତ୍ରୀଙ୍କୁ ଏକାଠି କରି ବୃହତ୍ତ ସମ୍ମିଳନୀ ଆୟୋଜନ ପାଇଁ ସିଦ୍ଧାନ୍ତ ନେଇଥିଲେ। ତତସହିତ ସମାଜସେବା, ସଚେତନତା କାର୍ଯ୍ୟକ୍ରମ ଓ ରକ୍ତଦାନ ଶିବିର ଭଳି କାର୍ଯ୍ୟ ଆଗକୁ ନେବେ ବୋଲି ସ୍ଥିର କରି ଖସଡା ପ୍ରସ୍ତୁତ କରିଥିଲେ। ପ୍ରତ୍ୟୁଷ ପଣ୍ଡା, ସୌମ୍ୟଜିତ ମିଶ୍ର, ସୂରଜ ଦେହୁରୀ, ବିଶ୍ୱଜିତ ମହାନ୍ତ, ସିଡୁ ବିନ୍ଧାଣୀ, ଗୋପାଳ ବାରିକ, ସୂରଜ ବାରିକ, ଲଳିତ କୁମାର ଜେନା, ଶୁଭସ୍ମିତା କବାଟ, ସମୀକ୍ଷା ସିଂ, ଦୀପିକା ରଣା, ଜୁବଲୀ ହାତୀ ଓ ଅନୁପମା ମହାନ୍ତ ଅଂଶଗ୍ରହଣ କରିଥିବାବେଳେ ମନଜିତ ଦାଶ ଓ ଶଙ୍କର ମହାନ୍ତ ଆଭାସୀରେ ଯୋଗଦେଇଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଭୂଗୋଳ ଆମକୁ ପଡ଼ୋଶୀ, ଇତିହାସ ଆମକୁ ବନ୍ଧୁ, ଅର୍ଥନୀତି ଆମକୁ ଅଂଶୀଦାର ଓ ଆବଶ୍ୟକତା ଆମକୁ ପରସ୍ପରର ସହଯୋଗୀ କରିଛି । ଯେଉଁମାନଙ୍କୁ ଭଗବାନ ଏକାଠି କରିଛନ୍ତି, ସେମାନଙ୍କୁ କେହି ଭାଗ ଭାଗ କରନ୍ତୁ ନାହିଁ ।

- ଜନ୍ ଏଫ୍ କେନେଡି

## ସ୍ୱଚ୍ଛ ସହରରେ ଅସ୍ୱଚ୍ଛ ଜଳ

ଦେଶର ସ୍ୱଚ୍ଛତମ ସହର ଭାବେ ଗତ ୮ ବର୍ଷ ଧରି ମାନ୍ୟତା ବଜାୟ ରଖିଥିବା ମଧ୍ୟପ୍ରଦେଶର ଇନ୍ଦୋର ମ୍ୟୁନିସିପାଲିଟି ନିଗମ ଅଞ୍ଚଳରେ ଦୂଷିତ ପାନୀୟ ଜଳ ଯେ ଏକ ସମସ୍ୟା ରୂପେ ମୁଣ୍ଡ ଟେକିବ ଏକଥା କେହି ଅନୁମାନ କରି ନ ଥିଲେ । ଝାଡ଼ାବାନ୍ତିରେ ୧୦ ଜଣଙ୍କ ମୃତ୍ୟୁ ଓ ୧୫୦ ଅସୁସ୍ଥ ହୋଇପଡ଼ିବା ଘଟଣାର କାରଣ ସଂପର୍କରେ କରାଯାଉଥିବା ଅନୁଧ୍ୟାନରୁ ଜଣାପଡ଼ିଲା ଯେ ଭାଗୀରଥପୁରା ଅଞ୍ଚଳରୁ ଯୋଗାଇ ଦିଆଯାଇଥିବା ପିଇବା ପାଣି କେବଳ ଦୂଷିତ ନୁହେଁ ବିଷାକ୍ତ । ନର୍ମଦା ନଦୀରୁ ସଂଗୃହୀତ ଜଳକୁ ବିନା ଶୋଧନରେ ଲୋକଙ୍କୁ ଯୋଗାଇ ଦିଆଯାଇଛି ।

ସ୍ୱଚ୍ଛ ପାନୀୟ ଜଳ ଯୋଗାଣକୁ ପ୍ରାଧନ୍ୟ ଦେଇ ବିଭିନ୍ନ ରାଜ୍ୟକୁ କେନ୍ଦ୍ର ସରକାର ବିପୁଳ ଅର୍ଥ ମଞ୍ଜୁର କରିଥିଲେ ମଧ୍ୟ ତାହାର କାର୍ଯ୍ୟକାରିତାରେ ପରିଲକ୍ଷିତ ବିଫଳତାରୁ ସ୍ପଷ୍ଟ ହେଉଛି ଯେ ଅଗ୍ରାଧିକାର କ୍ଷେତ୍ର ପ୍ରତି କ୍ଷମତା ଆଦୌ ସଜାଗ ବା ସଚେତନ ନୁହେଁ । ଆମ ରାଜ୍ୟରେ ମଧ୍ୟ ପାନୀୟ ଜଳ ପ୍ରକଳ୍ପ ବିଭିନ୍ନ କାରଣରୁ ଅସଂପୂର୍ଣ୍ଣ ହୋଇପଡ଼ିରହିଛି । ଏ କ୍ଷେତ୍ରରେ କ୍ଷମତା ପରିବର୍ତ୍ତନ ହିଁ ପାଲିଟିଛି ପ୍ରତିବନ୍ଧକ । ଇନ୍ଦୋର ସହରର ଭାଗିରଥୀପୁର ଅଞ୍ଚଳରେ ଯାଇଥିବା ମୁଖ୍ୟ ପାନୀୟଜଳ ପାଇପର ଉପର ଭାଗରେ ନିର୍ମିତ ପାଇଖାନା ହିଁ ପାଲଟିଛି ଦୁଃଖର କାରଣ । ତଥ୍ୟ ଅନୁଯାୟୀ ସେହି ସ୍ଥାନରେ ଥିବା ପାଇପର ସଂଯୋଗ ସ୍ଥଳ ସାମାନ୍ୟ ଢିଲା ଥିବାରୁ ପାନୀୟ ଜଳ ଦୂଷିତ ହୋଇଛି । ଏହାକୁ ଅନୁଶୀଳନ କଲେ, ଏଭଳି ଅବ୍ୟବସ୍ଥା ପ୍ରତି ନିଗମ କର୍ତ୍ତୃପକ୍ଷ ଆଜି ଯାଏଁ ଉଦାସୀନ ଥିଲେ କିପରି? ସେଥିରେ ପୁଣି ପାଇପ ଉପରେ ପାଇଖାନା ଯାହାର ସେପ୍ଟିଟ୍ୟାଙ୍କ ନାହିଁ । ନିହାତି ଅବାସ୍ତବ ଓ ଅସମ୍ଭବ ପରିସ୍ଥିତି ପୁଣି ସ୍ୱଚ୍ଛତମ ସହରରେ କେମିତି ସମ୍ଭବ ହେଲା? ଏଭଳି ଅନେକ ପ୍ରଶ୍ନର ଯଥାର୍ଥ ଉତ୍ତର ମିଳୁନାହିଁ । ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧ କରି ହାଇକୋର୍ଟଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଛି । ସଂପୃକ୍ତ ଅଞ୍ଚଳରେ ପାଇପ ମାଧ୍ୟମରେ ଯୋଗଇ ଦିଆଯାଉଥିବା ପାନୀୟ ଜଳ ବ୍ୟବହାରକୁ ସାମୟିକ ନିଷିଦ୍ଧ କରାଯାଇଛି । ୬୦ ରୁ ୭୦ ଟି ଟ୍ୟାଙ୍କର ମାଧ୍ୟମରେ ପିଇବା ପାଣି ଯୋଗାଇ ଦିଆଯାଇଛି । ଆଶା କରାଯାଉଛି ୩ ଦିନ ମଧ୍ୟରେ ପାଇପ ଲାଇନକୁ ବଦଳାଇ ସ୍ଥିତିରେ ସୁଧାର ଅଣାଯିବ । ମ୍ୟୁନିସିପାଲିଟି ନଗର ନିଗମ ଅଞ୍ଚଳରେ ପାନୀୟ ଉପଯୋଗୀ ଜଳ ଯୋଗାଇବା ଯଦି ସମ୍ଭବ ନହେବ ତେବେ ସମଗ୍ର ଦେଶବାସୀଙ୍କୁ ଏହା ଉପଲବ୍ଧ ହେବ କେବେ? ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ କରିଥିବା ଦଳ ଯଦି ରାଜ୍ୟ କ୍ଷମତାରେ ଥାଇ ମଧ୍ୟ ଏଭଳି ଚିତ୍ର ଦେଖିବାକୁ ମିଳୁଛି ତା' ହେଲେ ଆମେ କହିବା କାହାକୁ?

ଅମୃତ ଯୋଜନାର ଏହି ଦୁର୍ଗତିକୁ ଦେଖିଲେ ମନେ ହୁଏ ବାହାରକୁ ଚକ୍‌ଚାକ୍ ଦେଖାଯାଉଥିବା ନବ୍ୟ ଭବ୍ୟ ସହରୀ ଭାରତର ସ୍ୱାସ୍ଥ୍ୟ ଏବେ ବି ଠିକ୍ ନାହିଁ । ନଦୀରୁ ପିଇବା ପାଣି ସଂଗ୍ରହ କରି ବିନା ବିଶୋଧନରେ ଲୋକଙ୍କୁ ଯୋଗାଣ ଏକ ଧର୍ତ୍ତବ୍ୟ ଅପରାଧ ହେବା ଉଚିତ୍ । ଦୂଷିତ ଜଳକୁ ନେଇ ଏବେ ସେଠାରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ସେଥିପାଇଁ କିଏ ଉତ୍ତରଦାୟୀ ତାହା ମଧ୍ୟ ଧାର୍ଯ୍ୟ ହେବା ଉଚିତ । ●

## ପଡିଆରା ଲଢ଼େଇ

ଶକ୍ତି, ସାମର୍ଥ୍ୟ ଓ ଅର୍ଥନୀତି ଦୃଷ୍ଟିରୁ ଆମେରିକାର ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଚୀନ । ଚୀନର ବିସ୍ତାରବାଦୀ କୂଟନୀତି ଆମେରିକା ବିରୋଧୀଙ୍କୁ ଏକଜୁଟ କରୁଥିବା ବେଳେ ତାହାର ସ୍ୱାଭାବିକ ପ୍ରତିଫଳନ ୱାଶିଂଟନରେ ଅନୁଭୂତ ହେଉଛି । ବିଶେଷକରି ରାଷ୍ଟ୍ରପତି ଟ୍ରମ୍ପଙ୍କ ଟାରିଫ ଯୁଦ୍ଧରେ କ୍ଷତିଗ୍ରସ୍ତ ରାଷ୍ଟ୍ରଙ୍କୁ ଏକ ବିକଳ୍ପ ମଞ୍ଚର ଆବଶ୍ୟକତା ଥିବା ବେଳେ ଚୀନ ଓ ରୁଷର ମିଳିତ ଭୂମିକା ବିଶ୍ୱ ଭୂ-ରାଜନୈତିକ ଚିତ୍ରପଟ୍ଟରେ ଯେଉଁ ପରିବର୍ତ୍ତନର ଆଭାସ ପରିଲକ୍ଷିତ ହୋଇଛି ତାହା ବ୍ୟସ୍ତବିବ୍ରତ କରିଛି ଆମେରିକାକୁ । ସେ ଭାରତ ବିରୋଧୀ ଚୀନ ଆଭିମୁଖ୍ୟ ହେଉ କିମ୍ବା ଭାରତ-ପାକିସ୍ତାନ ସମ୍ଭାବ୍ୟ ଯୁଦ୍ଧକୁ ନେଇ ଆମେରିକା ଗୋଟିକ ପରେ ଗୋଟିଏ ରିପୋର୍ଟ ପ୍ରକାଶ କରି ଦକ୍ଷିଣ-ଏସିଆରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । 'ଅପରେସନ ସିନ୍ଦୂର' ପ୍ରସଙ୍ଗରେ ଭାରତ-ପାକିସ୍ତାନ ମଧ୍ୟରେ ପାରମାଣବିକ ଯୁଦ୍ଧ ଆଶଙ୍କାକୁ ଦୂର କରିବାରେ ଟ୍ରମ୍ପଙ୍କ ନିର୍ଣ୍ଣାୟକ ମଧ୍ୟସ୍ଥତା ବିତର୍କର ସୂତ୍ରପାତ କରିଥିଲା । ଭାରତ ତାହାର ଦୃଢ଼ ଖଣ୍ଡନ କରିଥିବା ବେଳେ ଏବେ ଚୀନ ଆମେରିକା ରାସ୍ତାରେ ଯାଇ ଅନୁରୂପ ଦାବି କରିଛି । ଏହି ଶ୍ରେୟହାସଲ ପ୍ରତିଯୋଗିତାରେ ଭାରତ ତା'ର ଉତ୍ତରରେ ଦୃଢ଼ ରହିଛି ଯେ ଭାରତ-ପାକିସ୍ତାନ ପ୍ରସଙ୍ଗରେ ତୃତୀୟ ପକ୍ଷ ମଧ୍ୟସ୍ଥତାର ସ୍ଥାନ ନାହିଁ ।

'ଅପରେସନ ସିନ୍ଦୂର' ଥିଲା ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ । ଅଧିକୃତ କାଶ୍ମୀର ଓ ପାକିସ୍ତାନରେ ଥିବା ଆତଙ୍କବାଦୀଙ୍କ ଆଡ୍ଡାକୁ ଧ୍ୱଂସ କରିବା ଥିଲା ଭାରତର ଉଦ୍ଦେଶ୍ୟ । ଶେଷପର୍ଯ୍ୟନ୍ତ ଭାରତ ଯୁଦ୍ଧ ଘୋଷଣା କରିନାହିଁ । କେବଳ ଆକ୍ରମଣର ପାଲଟା ଜବାବ ଦିଆଯାଇଛି । ଏହାର ପୃଷ୍ଠଭୂମିରେ ଆମେରିକା ଓ ଚୀନର ଥିଲା ଭିନ୍ନ ଭୂମିକା । ନୁର୍‌ଖାଁ ଏୟାର ବେସ ଭାରତର ପାଲଟା କାର୍ଯ୍ୟାନୁଷ୍ଠାନରେ କ୍ଷତିଗ୍ରସ୍ତ ହେବା ପରେ ଆମେରିକା ନିଜର ସ୍ୱତନ୍ତ୍ର ସ୍ୱାର୍ଥ ଦୃଷ୍ଟିରୁ ବିବ୍ରତ ହୋଇପଡ଼ିଥିଲା । ଅନ୍ୟପକ୍ଷରେ ଏହି ଆକ୍ରମଣ ଓ ପ୍ରତିଆକ୍ରମଣରେ ଚୀନର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ନିଜର ସମସ୍ତ ଅତ୍ୟାଧୁନିକ ସାମରିକ ଯୁଦ୍ଧାସ୍ତ୍ର ପ୍ରୟୋଗ ଓ ପରୀକ୍ଷଣ କରିଥିଲା ସେ ପାକିସ୍ତାନ ମାଧ୍ୟମରେ । ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ଭାରତୀୟ ସେନାବାହିନୀର ସମସ୍ତ ଗତିବିଧି ସଂପର୍କରେ ଆଗୁଆ ତଥ୍ୟ ଯୋଗାଇ ପାକିସ୍ତାନ ରଣକୌଶଳରେ ସହାୟତା କରୁଥିଲା ଚୀନ । କହିବାକୁ ଗଲେ ପାକିସ୍ତାନ, ତୁର୍କୀ ଓ ଚୀନର ମିଳିତ ସାମ୍ମୁଖ୍ୟର ମୁକାବିଲା କରିଥିଲା ଭାରତ । ନିଜର ବିଫଳତାକୁ ଲୁଚାଇବା ପାଇଁ ଚୀନ୍ ଏବେ ଯେଉଁ ମଧ୍ୟସ୍ଥତା ଦାବି କରୁଛି ତାହାର ଯଥାର୍ଥତା କେତେ ବିଶ୍ୱ ସମୁଦାୟ ଜାଣିଛି । ଦୁଇ ପଡ଼ୋଶୀ ରାଷ୍ଟ୍ରର ବିପଦରେ ପକ୍ଷଭୁକ୍ତ ହୋଇଥିବା ରାଷ୍ଟ୍ର ନିଜକୁ ମଧ୍ୟସ୍ଥି ଦାବି କରିବା ହାସ୍ୟାସ୍ପଦ । କେବଳ ସେତିକି ନୁହେଁ ଆତଙ୍କବାଦ ବିରୋଧୀ କାର୍ଯ୍ୟାନୁଷ୍ଠାନ ପାଇଁ ଜାତିସଂଘରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତିରେ ପାକିସ୍ତାନକୁ ସମର୍ଥନ ଚୀନ ଯେଉଁ ଭୂମିକା ନିଭାଇଛି ତାହା ମଧ୍ୟ ଭାରତ ସ୍ୱାର୍ଥବିରୋଧୀ । ଏଠାରେ ମନେରଖିବାକୁ ହେବ ଯେ ସାଂଘାଇ ସମ୍ମିଳନୀରେ ଭାରତର ଯୋଗଦାନ କେବଳ ଥିଲା କୂଟନୈତିକ ଆବଶ୍ୟକତା ।

ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଅସ୍ତ୍ରବିରତିର ଶ୍ରେୟ ହାସଲ ପାଇଁ ଆମେରିକା ଚୀନ ମଧ୍ୟରେ ଯେଉଁ ପ୍ରତିଯୋଗିତା ଆରମ୍ଭ ହୋଇଛି ସେଥିରୁ ସ୍ପଷ୍ଟ ଯେ ଦୁଇ ପ୍ରମୁଖ ଶକ୍ତି ଉଭୟ ଉଭୟଙ୍କୁ ଛକାଛକି ପ୍ରୟାସରେ ଅଛନ୍ତି । ଦକ୍ଷିଣ-ଏସିଆରେ ପ୍ରାଧାନ୍ୟ ଓ ପ୍ରତିପତ୍ତି ଜାହିର କରିବା ଭାରତକୁ ବାଦ ଦେଇ ସମ୍ଭବ ନୁହେଁ । ତେଣୁ ଦୁଇପକ୍ଷ ପରୋକ୍ଷରେ ଭାରତର ସମର୍ଥନ ଯେ ଲୋଡୁଛନ୍ତି ଏହା ସ୍ପଷ୍ଟ ହୋଇଛି । ●

# ରଙ୍ଗୀନ ମିଠାରେ ଜହର

**ବିଦ୍ୟାଧର ମହାରଣା**

ଇନ୍ଦ୍ରଧନୁର ସପ୍ତରଙ୍ଗ ଦର୍ଶକଙ୍କୁ ଉଲ୍ଲାସ କରେ । ସେହିପରି ରଙ୍ଗୀନ ଦୁନିଆରେ ଦର୍ଶକର ମନକୁ କିଣିନେବା ଭଳି ପ୍ରତିଟି ଜିନିଷ ଆକର୍ଷଣୀୟ ରଙ୍ଗରେ ସଜେଇ ହୋଇଛି । ବାସ୍ତବରେ ରଙ୍ଗବେରଙ୍ଗର ଦୁନିଆରେ ଗୁଣ ଅପେକ୍ଷା ରଙ୍ଗର ଆଦର ବେଶୀ । ନୀତିଶାସ୍ତ୍ରରେ ଲେଖା ଯାଇଛି 'ରୂପଯୌବନସମ୍ପନ୍ନାଃ ବିଶାଳ କୁଳ ସମ୍ଭବାଃ, ବିଦ୍ୟାହୀନାଃ ନଶୋଭନ୍ତେ ନିର୍ଗନ୍ଧାଏବ କିଂଶୁକାଃ ।' ଏଣୁ ରୂପ ଅପେକ୍ଷା ଗୁଣ ଅଧିକ ମୂଲ୍ୟବାନ । ପଳାଶ ଫୁଲର ରଙ୍ଗ ଦର୍ଶକଙ୍କୁ ମୋହିତ କରିପାରେ, କିନ୍ତୁ ଭ୍ରମରକୁ ନୁହେଁ । ତଥାପି ବ୍ୟବସାୟ ଜଗତରେ ଆକର୍ଷଣୀୟ ରଙ୍ଗର ଏକ ମୂଲ୍ୟ ରହିଛି । ଦେଖୁନାହାନ୍ତି ଆମେ ଯେଉଁ ଖାଦ୍ୟ ଖାଉଛନ୍ତି ସେସବୁ କିପରି ରଙ୍ଗୀନ! ମିଠା ଦୋକାନୀ ବିନା ରଙ୍ଗରେ ଆଉ ମିଠା ପ୍ରସ୍ତୁତ କରୁନାହାନ୍ତି । ଜିଲାପି, ରସଗୋଲା, ପୋଡ଼ପିଠା, ବୁନ୍ଦିଆ, ଲଡୁ, ଗଜା, ଗୋଲାପଜାମୁ ଇତ୍ୟାଦି ମିଠାରେ ବହୁ ରାସାୟନିକ ରଙ୍ଗ ମିଶାଯାଉଥିବା ଜଣାଯାଏ । ଜଣେ ସାମ୍ବାଦିକ ବନ୍ଧୁ କଥା ପ୍ରସଙ୍ଗରେ କହିଲେ ଜଣେ ମିଠା କାରିଗର ଛଅ ପ୍ୟାକେଟ୍ ରଙ୍ଗ କିଣିବା ବେଳେ ସେ ତାଙ୍କୁ ଏହାର ଉପାଦେୟତା ବିଷୟରେ ପଚାରିଲେ । ଉତ୍ତର ମିଳିଲା ରଙ୍ଗ ନମିଶିଲେ ମିଠା ବେପାର କମିଯିବ । ଶସ୍ତା ରଙ୍ଗ ମିଶାଇ ମିଠା କରିବା ଓ ଗରାଖମାନଙ୍କୁ ଆକୃଷ୍ଟ କରିବା କୌଶଳ ଅଧିକାଂଶ ବେପାରୀ ବ୍ୟବହାର କରୁଛନ୍ତି । ବହୁ ସଂଶ୍ଳେଷିତ ରଙ୍ଗ କୋଲଟାରରୁ ପ୍ରସ୍ତୁତ ହେଉଥିବାରୁ ବିଷାକ୍ତ ହୋଇ ଶରୀରରେ ବହୁ ବ୍ୟାଧି ସୃଷ୍ଟି କରେ ଏବଂ କେତେକ ଅଙ୍ଗକୁ କ୍ଷତି ପହଞ୍ଚାଇଥାଏ । ମିଠା ସହିତ ମସଲା, ଚାହା ଓ ତେଲ ଘିଅ ମଧ୍ୟ ରଙ୍ଗୀନ୍ କରାଯାଏ ।

ଆମେ ଖାଉଥିବା ମିଠାରେ ମିଶାଯାଉଥିବା ରୋଡାମିନ୍-ବି, ମେଟାଲିନ୍ ହଳଦିଆ, ସନ୍ ସେଟ୍ ହଳଦିଆ ଓ ଟାଟ୍ରାଜାଇନ୍(ଇ୧୦୨) ଏପରି ରଙ୍ଗ, ଯାହାଦ୍ୱାରା ଅତିରିକ୍ତ ଅମ୍ଳ ରୋଗ, ବିଭିନ୍ନ ଅଙ୍ଗ କ୍ଷତି ଓ କର୍କଟ ପରି ଦୁରାରୋଗ୍ୟ ମଧ୍ୟ ହୋଇପାରେ । ବେଳେବେଳେ ଶସ୍ତା ଆଲୁମିନିୟମ ଫଏଲ ମଧ୍ୟ ବ୍ୟବହାର କରାଯାଏ, ଯାହା ଅଧିକ କ୍ଷତିକାରକ । କେତେକ ରଙ୍ଗ ଅଧିକ ବିଷାକ୍ତ ହୋଇ ମୃତ୍ୟୁର କାରଣ ମଧ୍ୟ ହୋଇପାରେ ।

ରୋଡାମିନ୍-ବି (ପାଟଳ/ନାଲି) କର୍କଟ ରୋଗ ସୃଷ୍ଟି କରିବା ଯୋଗୁଁ କେତେକ ରାଜ୍ୟ ଏହାକୁ ନିଷେଧ କରିଛନ୍ତି । ତେବେ କେତେକ ଅସାଧୁ ବ୍ୟବସାୟୀ ଏହାକୁ କଟନ୍ କାଣ୍ଡି ଓ ଅନ୍ୟ ମିଠାରେ ବ୍ୟବହାର କରୁଛନ୍ତି । ମେଟାଲିନ୍ ହଳଦିଆ(ହଳଦିଆ/କମଳା) ଅନୁମୋଦନ କରାଯାଇ ନ ଥିବା ଅନ୍ୟ ଏକ କ୍ଷତିକାରକ ରଙ୍ଗ, ଯାହାକୁ ମିଠାରେ ବ୍ୟବହାର କରାଯାଉଛି । ସନସେଟ୍ ହଳଦିଆ ଏଫ୍‌ସିଏଫ୍ (ଇ୧୧୦) ରଙ୍ଗ ଯୋଗୁଁ ଶିଶୁମାନଙ୍କ କାର୍ଯ୍ୟକଳାପ ଅତିମାତ୍ରାରେ ବଢ଼ିଯାଏ ଏବଂ ସେମାନେ କୌଣସି ବିଷୟରେ ଧ୍ୟାନ ନଦେଇ ସର୍ବଦା ଅନ୍ୟମନସ୍କ ହୁଅନ୍ତି । ଟାଟ୍ରାଜିନ୍(ଇ୧୦୨, ୟେଲୋ ୫)ମିଠାରେ ମିଶିବା ଫଳରେ ଯକୃତ ଓ ବୃକକ ରୋଗ ହେବା ସହିତ ବ୍ୟବହାରରେ ପରିବର୍ତ୍ତନ ଘଟିପାରେ । ଆଲୁରା ଲାଲ ଏସ((ରେଡ୍ ୪୦) ମିଠାରେ ଅଧିକ ବ୍ୟବହାର ହେବା ଦ୍ୱାରା କେତେକ ସ୍ୱାସ୍ଥ୍ୟ ସମସ୍ୟା ଓ ଅତିରିକ୍ତ ଚଳନ ସୃଷ୍ଟି ହୁଏ । ଆଲୁମିନିୟମ୍ ଫଏଲ ରୁପା ପରିବର୍ତ୍ତେ ବ୍ୟବହାର ଯୋଗୁଁ ଶରୀରରେ ଭାରି ଧାତୁ ଅବଶେଷ ରହି ବିପଦ ସୃଷ୍ଟି କରେ । ସବୁଠାରୁ ବିପଦପୂର୍ଣ୍ଣ ରଙ୍ଗ ହିସାବରେ ସୁଦାନ ଡାଇ, ରୋଡାମାଇନ୍ ବି, ମେଟାନିଲ୍ ହଳଦିଆ, କୋଲଟାର, ମାଲାଚାଇଟ୍ ସବୁଜ ଇତ୍ୟାଦି ବ୍ୟବହାର କରାଯାଏ । କିନ୍ତୁ ବଜାରରୁ ରଙ୍ଗବେରଙ୍ଗୀ ଖାଦ୍ୟ ସାମଗ୍ରୀ କିଣିବା କି ରଙ୍ଗ ବ୍ୟବହାର ହୋଇଛି ପଚାରୁନାହିଁ କି ବିକ୍ରେତା ମଧ୍ୟ ବ୍ୟବହାର କଲା ବେଳେ ଏ ବିଷୟରେ ଅବଗତ ହେଉନାହିଁ । ତେଣୁ ଖାଦ୍ୟକୁ ଲୋଭନୀୟ କରୁଥିବା ରଙ୍ଗ ଜରିଆରେ ଆମେ ବିଷ ହିଁ କିଣି ଖାଉଛୁ ।

ଅତ୍ୟଧିକ ରଙ୍ଗ ବ୍ୟବହାର କରିବାର ମୁଖ୍ୟ କାରଣ ହେଉଛି ପଚା ସଢ଼ା, ଦାଗ ଥିବା ଏବଂ ନିମ୍ନ ପ୍ରକାରର ମସଲା, ମିଠା, ତେଲ ଓ ପାନୀୟଗୁଡ଼ିକ ରଙ୍ଗୀନ୍ କରି ଗ୍ରାହକଙ୍କୁ ଠକିବା । ଦ୍ୱିତୀୟ କାରଣ ହେଉଛି ଶସ୍ତା ଉପାଦାନକୁ ବ୍ୟବହାର କରି ଲୋକଙ୍କୁ ଭୁଲାଇବା । ନକଲି ରଙ୍ଗ ଦିଆଯାଇଥିବା ଖାଦ୍ୟକୁ ପରୀକ୍ଷା କରିବା ପାଇଁ ଏହାର ନମୁନାକୁ ପାଣିରେ ପକାଇଲେ ସେଥିରୁ ରଙ୍ଗ ବାହାରେ । ପ୍ରୟୋଗଶାଳାରେ ଏଚ୍.ପି.ଏଲ୍.ସି(ହାଇ ପରଫମାନ୍ସ କ୍ରୋମାଟୋଗ୍ରାଫି) ଏବଂ ଏଲ୍‌ସି-ଏମ୍‌ଏସ୍ ପ୍ରଣାଳୀରେ ନକଲି ରଙ୍ଗ ପରୀକ୍ଷା କରାଯାଏ । ମିଠା ଓ ଅନ୍ୟାନ୍ୟ ଖାଦ୍ୟରେ ଏପରି ବିଷାକ୍ତ ରଙ୍ଗ ମିଶ୍ରଣକୁ ନିୟନ୍ତ୍ରଣ କରିବା ପାଇଁ 'ଫସାସାଇ' ( ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ କର୍ତ୍ତୃପକ୍ଷ) କାର୍ଯ୍ୟ କରେ । ଖାଦ୍ୟ ସୁରକ୍ଷା ଓ ମାନକ ନିୟନ୍ତ୍ରଣ ଆଇନ୍ ୨୦୧୧ ଅନୁସାରେ କେଉଁ ରଙ୍ଗ ମିଠାରେ ମିଶାଯାଇ ପାରିବ ଏବଂ କେଉଁଗୁଡ଼ିକ ନିଷେଧ ତାହାକୁ 'ଫସାସାଇ' ସ୍ଥିର କରେ । ଅନୁମୋଦିତ ରଙ୍ଗ ପାଇଁ ସ୍ୱତନ୍ତ୍ର ଆଇ.ଏନ୍.ଏସ୍ (ଅନ୍ତର୍ଜାତୀୟ ନମ୍ବର ସିଷ୍ଟମ) ସଂଖ୍ୟା ଦିଆଯାଏ । ପ୍ରତି ରଙ୍ଗର ଅନୁମୋଦିତ ମାତ୍ରାରେ ବ୍ୟବହାର ପାଇଁ ନିର୍ଦ୍ଦେଶ ଦିଆଯାଏ । 'ଫସାସାଇ' ଆଠ ପ୍ରକାର ରାସାୟନିକ ରଙ୍ଗ ବ୍ୟବହାର ପାଇଁ ଅନୁମୋଦନ କରିଛି । ଟାଟ୍ରାଜିନ୍ ୧୦୨ ମିଠା, ପାନୀୟ ଓ ପାଉଁରୁଟି ଇତ୍ୟାଦିରେ, ସନ ସେଟ ହଳଦିଆ ଏଫ୍ ସି ଏଫ୍ ୧୧୦ ମୃଦୁ ପାନୀୟ, ବିସ୍କୁଟ, ଜାମ୍ ତିଆରିରେ, କାର୍ମୋସାଇନ୍ ୧୨୨ ଆଇସକ୍ରିମ, ଡେଜର୍ଟ ଓ କନ୍‌ଫେକସନସ ପାଇଁ, ପୋନସିଉ ୪ଆର ୧୨୪ କାଣ୍ଡି, ପାଉଁରୁଟି, ପାନୀୟ ପାଇଁ, ଏରିଥ୍ରୋସାଇନ ୧୨୭ ଉଜ୍ଜ୍ୱଳ ଚେରୀ କେକ୍ ଓ ସାଜସଜ୍ଜା ପାଇଁ, ଆଲୁରା ନାଲି ଏ ସି ୧୨୯ ମୃଦୁ ପାନୀୟ, ଜେଲି, ସିରପ ପାଇଁ, ଉଜ୍ଜ୍ୱଳ ନୀଳ ଏଫ୍‌ସିଏଫ୍ ୧୩୩ ଆଇସ ପପ୍, କ୍ଷୀର ଉତ୍ପାଦ ଓ କାଣ୍ଡି ପାଇଁ ଏବଂ ଇଣ୍ଡିଗୋ କାରମାଇନ ୧୩୨ କାପସୁଲ, ମିଠା ଓ ବେକରୀ ଆଇଟମ ପାଇଁ ବ୍ୟବହାର କରାଯାଇପାରିବ । ପ୍ରାକୃତିକ ରଙ୍ଗ ହିସାବରେ କାରମେଲ ମିଠା ପାଇଁ, ହଳଦୀ ଓ ସାଫ୍ରନ ମିଠା ପାଇଁ, ବେଟା କାରୋଟିନ ଚକଲେଟ ପାଇଁ, କ୍ଲୋରୋଫିଲ୍ ମଟର ପାଇଁ, ରିବୋଫ୍ଲାବିନ ମିଠାଇ ପାଇଁ ଓ ଆନାଟୋଖାଇବା ତେଲ ପାଇଁ ବ୍ୟବହାର ହୋଇପାରେ । ଏହି ରଙ୍ଗଗୁଡ଼ିକ ରାସାୟନିକ ରଙ୍ଗ ଅପେକ୍ଷା ନିରାପଦ ।

ତେବେ ଏଥିପାଇଁ କେତେକ ନିୟମାବଳୀ ରହିଛି । କେବଳ 'ଫସାସାଇ' ଅନୁମୋଦିତ ରଙ୍ଗ ବ୍ୟବହାର କରିବା ସହିତ ଆଇଏନ୍‌ଏସ୍ ସଂଖ୍ୟା ସହିତ ନାମ ଚିହ୍ନଟ ଫଳକରେ ବା ଲେବୁଲ ଉପରେ ଉଲ୍ଲେଖ ରହିବ । କେବେବି ଅନ୍ୟ ରଙ୍ଗ ଏହା ସହିତ ମିଶିବ ନାହିଁ । ଅନୁମୋଦିତ ରଙ୍ଗ ସର୍ବାଧିକ ୧୦୦ ନିୟୁତାଂଶ ହିସାବରେ ବା କିଲୋଗ୍ରାମ ପ୍ରତି ୧୦୦ ମିଲିଗ୍ରାମ ହିସାବରେ ବ୍ୟବହାର ହୋଇପାରିବ । ଏହାର ଅବମାନନାକାରୀଙ୍କ ଉପରେ କଠୋର ଜୋରିମାନା ହୋଇପାରେ କିମ୍ବା ତାଙ୍କର ଲାଇସେନ୍ସ ବାତିଲ ହୋଇପାରେ । ଯାଞ୍ଚ ଓ ଦଣ୍ଡବିଧାନ ସୁପାରିସ ଦାୟିତ୍ୱ ରାଜ୍ୟ ଖାଦ୍ୟ ପରିଦର୍ଶକ ( ଫୁଡ୍ ଇନ୍ସପେକ୍ଟର) ଙ୍କର । କିନ୍ତୁ ଏ ଦିଗରେ ଆଶାନୁରୂପ ତତ୍ପରତା ପ୍ରକାଶ ପାଉ ନଥିବା ଦେଖାଯାଉଥିବାରୁ ଆମେ ନିଜେ ହିଁ ସତର୍କ ହେବାକୁ ପଡ଼ିବ ।

ଯେଉଁ ମିଠା ବା ରଙ୍ଗୀନ୍ ଖାଦ୍ୟ ଆମେ କିଣିବାକୁ ଯାଉଛେ ପ୍ରଥମେ ତା' ଉପରେ ଥିବା ଲେବେଲ ଭଲ ଭାବରେ ପଢ଼ିବା ଆବଶ୍ୟକ । କାରଣ 'ଫସାସାଇ' ଖାଦ୍ୟରେ ଥିବା ଅନୁମୋଦିତ ଉପାଦାନ ଓ ପରିମାଣ ଲିପିବଦ୍ଧ କରନ୍ତି । ଦ୍ୱିତୀୟରେ, ଯେଉଁ ମିଠା ଦୋକାନ ଦୀର୍ଘଦିନ ଧରି ବିନା ଅଭିଯୋଗରେ ସଠିକ ବ୍ରାଣ୍ଡ ନାମରେ ବ୍ୟବସାୟ କରୁଛନ୍ତି ସେହି ଦୋକାନରୁ ମିଠା କିଣିବା ନିରାପଦ । ତୃତୀୟରେ, ଯେଉଁ ମିଠା ଅତ୍ୟଧିକ ଉଜ୍ଜ୍ୱଳ ରଙ୍ଗ ଦେଖାଯାଏ ତାହାକୁ ପରିହାର କରିବା ଭଲ । କ୍ଷୀର ଓ ଛେନାରୁ ତିଆରି ମିଠା ସର୍ବଦା ଧଳା କିମ୍ବା ହାଲୁକା କ୍ରିମ ରଙ୍ଗ ହେବା ଆବଶ୍ୟକ । ଯଦି ମିଠାରୁ ରଙ୍ଗ ଝରେ କିମ୍ବା ମିଠାରୁ ଅଲଗା ହୋଇଥାଏ ତେବେ ଏହା ନିଶ୍ଚିତ ଭାବରେ ରାସାୟନିକ ରଙ୍ଗ । ଅଣ ପଞ୍ଜୀକୃତ ବ୍ୟବସାୟୀ ବିନା 'ଫସାସାଇ' ଲେବୁଲରେ ଓ ବିନା ଲୋଗୋରେ ବିକ୍ରି କରୁଥିଲେ ଏଗୁଡ଼ିକ ସନ୍ଦେହଜନକ । ଗୋଟିଏ ତୁଳା ଗୁଳା କିମ୍ବା ଧଳା ଟିସୁ କାଗଜ ଉପରେ କେଇ ବୁନ୍ଦା ପାଣି ବା ଖାଇବା ତେଲ ପକାଇ ଧୀରେ ଧୀରେ ମିଠା ଉପରେ ଘଷିଲେ ଏହା ଯଦି ଶୀଘ୍ର ରଙ୍ଗୀନ ହୋଇଯାଏ ତେବେ ମିଠାରେ ରାସାୟନିକ ରଙ୍ଗ ମିଶିବାର ଜଣାଯାଏ । ରଙ୍ଗ ନଲାଗିଲେ କିମ୍ବା ହାଲୁକା ହେଲେ ମିଠା ନିରାପଦ ବୋଲି ଜଣାଯାଏ । ଅଧିକ ଜାଣିବା ପାଇଁ 'ଫସାସାଇ' ଡାର୍ଟ ( ଡିଟେକ୍ଟ ଆଡଲ୍ଟରେସନ ଉଇଥ ରାପିଡ ଟେଷ୍ଟ) ମାନୁଆଲ ପଢ଼ିବା ଉଚିତ । ବଜାରରେ ମିଳୁଥିବା ରଙ୍ଗୀନ ମିଠାର ଅପମିଶ୍ରଣରୁ ରକ୍ଷା ପାଇବା ପାଇଁ ଜନ ସଚେତନତା ଅତ୍ୟନ୍ତ ପ୍ରୟୋଜନ । ●

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ହାଟ-ବାଟ-ଘାଟ

**ଅର୍ଜୁନ ଘଡ଼େଇ**

ସଂସାର ହାଟ ସବୁଦିନ ବସେ । ବିକା କିଣା ଚାଲେ । ଫେରିବା ବାଟରେ ଭଲ-ମନ୍ଦ, କର୍ମ-ଅକର୍ମ ବିଚାର ଚାଲେ ମନରେ । ଘାଟ ପାଖରେ ଘାଟୁଆର ସତର୍କତା ଯୋଗୁଁ ସଠିକ୍ ସମୟରେ ପହଞ୍ଚିଗଲେ ଘାଟ ପାରି ସହଜ ହୁଏ, ନ ହେଲେ ଘାଟରେ ଅଘଟଣ ଘଟେ । ଏକଥା ମଣିଷ ଜାଣିଲେ ବି ଅଜଣା ଭାବେ ସାଂସାରିକ କର୍ମ ନିର୍ବାହ କରିଥାଏ । ଜୀବନର ଶକ୍ତି-ଗତି-ମୁକ୍ତି ସବୁ କିଛି ବଦଳିଥାଏ 'ହାଟ-ବାଟ-ଘାଟ'ର ସାମାଜିକ ତତ୍ତ୍ୱ ନ ଜାଣିପାରିବାରୁ । ସମାଜ ହାଟ ପରି ସଂସାର ହାଟ ସବୁବେଳେ ଚାଲିଛି ।

ହାଟ-ନାଟ, ବାଟ-ଘାଟ ସବୁ କିଛି ମନେରଖି ଠିକ୍ ସମୟରେ ଶେଷ କରିବା ପ୍ରତ୍ୟେକ ସଚେତନ ମଣିଷର ସାଂସାରିକ କର୍ମ । ଜୀବନର ଏଇ ତିନୋଟି ପର୍ଯ୍ୟାୟ ଅତିକ୍ରମ କରିବା ଯେତିକି ସହଜ, ସେତିକି ଅସହଜ । ଈଶ୍ୱର ବି ମାନବୀୟ ଲୀଳା କରନ୍ତି ସଂସାରରେ । ବିଦାୟ ବି ନିଅନ୍ତି ଠିକ୍ ସମୟରେ । ଜୀବନସାରା କରିଥିବା ସମସ୍ତ କର୍ମର ଫଳ କିମ୍ବା ପୂର୍ବଜନ୍ମ ସୁକୃତର ଫଳ ଭୋଗୀବାକୁ ସଂସାର ହାଟରେ ବହୁ ନାଟ କରିବାକୁ ପଡ଼େ । ମାତୃଗର୍ଭରୁ ଜନ୍ମ ଘାଟ ଦେଇ ଆସିବା ବେଳେ ସତର୍କ କରିଥା'ନ୍ତି ପରମେଶ୍ୱର । ପ୍ରତିଶ୍ରୁତି ବି ଦେଇଥାଏ ଜୀବ, ତାଙ୍କରି ନିର୍ଦ୍ଦେଶିତ କାମ କରିବ ସଂସାରରେ । ସାଂସାରିକ କର୍ମମୟ ଜୀବନ ସରିଲେ ଅପେକ୍ଷାରତ 'ଘାଟୁଆ'ଙ୍କ କଥା ମାନି ଠିକ୍ ସମୟରେ ସଂସାରରୁ ବିଦାୟ ନେବାକୁ ହେବ । ଏକଥା ମଣିଷ ସ୍ମରଣ ରଖେ ନାହିଁ । ବାଟ ଭୁଲେ । ଶେଷରେ ଜୀବନ ଘାଟରେ ପାରି ହୋଇ ନ ପାରି ଦୁଃଖ ଯନ୍ତ୍ରଣା ଭୋଗେ । ଏହା ହିଁ ବିଡ଼ମ୍ବନା ।

ଜୀବନ-ଜୀବିକା ପାଇଁ ସଂସାର ହାଟ ବସେ । ଅନେକ ଲୋକଙ୍କର ସମାବେଶରେ, ଦୁଃଖ-ସୁଖ କଥାବାର୍ତ୍ତା ଭିତରେ କ୍ରେତା-ବିକ୍ରେତାଙ୍କ ସଂପର୍କ କିନ୍ତୁ ନିର୍ଦ୍ଦିଷ୍ଟ ଥାଏ । ବିକ୍ରେତା ଭାବେ ଉଚିତ ଦରରେ ଜିନିଷ ବିକୁଛି କି ନାହିଁ, କ୍ରେତା ଭାବେ ଉଚିତ୍ ମୂଲ୍ୟରେ ଠିକ୍ ଜିନିଷ କିଣୁଛି କି ନାହିଁ ବିଚାର ଚାଲେ ମନରେ । ଦ୍ରବ୍ୟର ଭଲ-ମନ୍ଦର ବିଚାର କରି ଉଚିତ ଦାମ୍‌ରେ ଜିନିଷ କିଣିପାରିଲେ ଖୁସି ହୁଏ କ୍ରେତା । ଟିକିଏ ଆନମନା ହେଇ କ୍ରୟ କଲେ ଖରାପ ଜିନିଷ ବ୍ୟାଗରେ ରଖି ଘରକୁ ଫେରେ, ମନସ୍ତାପ କରେ । ସଂସାର ହାଟରୁ ଜିନିଷ କିଣିବାରେ ସତର୍କତା ଅବଲମ୍ବନ କରିବା ଜରୁରୀ ମନେ ହୁଏ । ହୃଦୟ ଭିତରେ ହରି ହାଟ ବସେ । ହାଟରେ ପାଞ୍ଚ ଲୋକଙ୍କ ପରି ପଚିଶ ପ୍ରକୃତି ଅନେକ ଜିନିଷ କିଣିବାକୁ ଚାହାନ୍ତି । କିନ୍ତୁ ଯାହା ଶରୀର ଉପଯୋଗୀ, ଆତ୍ମାର ସୁଖ, ଶାନ୍ତି ପାଇଁ ଆବଶ୍ୟକ ସେପରି ଦ୍ରବ୍ୟ ଏବଂ ଗୁଣ ଗ୍ରହଣ ନକରି ଅଦରକାରୀ ଗୁଣ ଗ୍ରହଣ କଲେ, ସମାଜ ହାଟରେ ଅମନଯୋଗିତାରୁ ମନ୍ଦ ଜିନିଷ କିଣି ମନସ୍ତାପ କଲା ପରି, ଶରୀର କଷ୍ଟ ପାଏ, ଆତ୍ମା ଅସୁଖୀ ହୁଏ । 'ହାଟ-ନାଟ' ପୁଣି ନିର୍ଦ୍ଧାରିତ ସମୟରେ ସାରିବାକୁ ହୁଏ । ନହେଲେ ବିକ୍ରେତା ଜିନିଷ ବିକି ନ ପାରି ଯେତିକି ଦୁଃଖୀ ହୁଏ, ସେତିକି ଦୁଃଖୀ ହୁଏ କ୍ରେତା ଜଣଙ୍କ । ଭଲ ଜିନିଷ ପରଖି ନପାରି ତରବରରେ ଖରାପ ଜିନିଷ କିଣି ଘରକୁ ଫେରିଲେ ମନସ୍ତାପ କରେ । ସଂସାର ହାଟରୁ ଜୀବନ ସଉଦା କରିବା ପାଇଁ ଆମର ଚେତନା ଶକ୍ତିର ଆବଶ୍ୟକତା ଯଥେଷ୍ଟ ରହିଛି ।

ରାତି ହୋଇଗଲେ ବାଟ ଭୁଲିଯିବାର ସମ୍ଭାବନା ଥାଏ । ଚଞ୍ଚଳ ପହଞ୍ଚିବାର ମାନସିକତା ସୃଷ୍ଟି ହେଲେ, କାହାର ପରାମର୍ଶରେ ସଅଳ ପହଞ୍ଚିବାର ବାଟ ଖୋଜିଲେ ବିପଦ ଘଟିବାର ଆଶଙ୍କା ଥାଏ । ପଥଭ୍ରଷ୍ଟ ହେଲେ ଘାଟରେ ନିର୍ଦ୍ଧାରିତ ସମୟରେ ପହଞ୍ଚିବା ସମ୍ଭବ ହୁଏନି । ଫେରିବାର ରାସ୍ତା ଆମେ ହାଟକୁ ଆସିବା ବେଳେ ଜାଣିଥିଲେ ଯେତେବେଳେ ଫେରିବା ବେଳେ ଭୁଲିଯିବା କେମିତି? ଅବଶ୍ୟ ଯିଏ ଯେଉଁ ବାଟରେ ଗଲେ ବି ଘାଟରେ ପହଞ୍ଚିବା । କିନ୍ତୁ ଅବାଟରେ ଗଲେ ବା ଅବାଟରେ ଫେରିଲେ କଣ୍ଟା ମାଡ଼ିବା, କ୍ଷତାକ୍ତ ହେବା ପରି ପରିଣାମ ଭୋଗୀବାକୁ ପଡ଼ିପାରେ । ଏକଥା ପ୍ରତି କ'ଣ ଆମେ ସତର୍କ ହେବା /ସଚେତନ ହେବା ଉଚିତ ନୁହେଁ? ଏକଥା ଆମେ ଜାଣିଛେ, ପୁଣି ଭୁଲ୍ କରୁଛେ । ହାଟ ମୋହରେ ମନକୁ ଚଞ୍ଚଳ କରି ବାଟ ଭୁଲିବା ପରି, ସଂସାର ମୋହରେ ଆସକ୍ତ ହୋଇ ଜୀବନ-ରାସ୍ତା ଭୁଲି ଯିବା ବିଜ୍ଞତାର ପରିଚାୟକ ନୁହେଁ । ଆମର ସଠିକ୍ କର୍ମ ହିଁ ଆମକୁ ଉପଯୁକ୍ତ ମାର୍ଗ ଦେଖାଇଥାଏ । ସଂସାର କର୍ମରେ ଅସଂଯତ ହେଲେ ଜୀବନ-ପଥ କଣ୍ଟକିତ ହୁଏ, ସତ୍‌କର୍ମ ହିଁ ସତ୍‌ମାର୍ଗ ସୃଷ୍ଟି କରେ ।

ଏଥର ବିଚାର କରିବା 'ଘାଟ' କଥା । 'ଘାଟୁଆ' ବଡ଼ ଚାଲାକ । ବିଚାରବନ୍ତ ନାବିକଟିଏ । ସଂସାର ହାଟକୁ ଆସିବା ବେଳେ ଅନେକ ପରାମର୍ଶ ଦେଇଥାଏ ଉଭୟ କ୍ରେତା ବା ବିକ୍ରେତାମାନଙ୍କୁ । ବିକ୍ରେତାଙ୍କୁ କହେ 'କଷି କଷାଇ ଧନ ଦେବ, ନହେଲେ ବାହୁଡ଼ାଇ ଦେବ ।' କ୍ରେତାଙ୍କୁ କୁହେ, 'ଚଞ୍ଚଳ ମନା ନହୋଇ ଭଲ-ମନ୍ଦ ପରଖି ଜିନିଷ କିଣିବ ।' ସମୟ ଭିତରେ ବେଳଥାଉଁ ଥାଉଁ କିଣା, ବିକା ସାରି ଘାଟରେ ପହଞ୍ଚିବା ପାଇଁ ବି ସତର୍କ କରିଥାଏ ନାଉରିଆ । ତା'ର ସବୁକଥା ମାନିଗଲେ 'ହାଟ-ନାଟ' ଖୁସିରେ ସରିବ । ଫେରିବା ବାଟ ଭୁଲି ହେବ ନାହିଁ କିମ୍ବା ଘାଟ ପାରି କରିବାକୁ ନାଉରିଆ ଅପେକ୍ଷା କରିବ ନାହିଁ । କିନ୍ତୁ ଆମେ ସେସବୁକୁ ସ୍ମରଣ ନ ରଖି ପାରିବା କାରଣରୁ ଦୁଃଖ, ଯନ୍ତ୍ରଣା ଭୋଗିବାକୁ ବାଧ ହେଉଛେ ଏ ସଂସାରରେ ହାଟରେ ଏହା ହିଁ ବାସ୍ତବତା ।

ଆମେ ସଂସାର ହାଟରେ ମୋହବଶତଃ ଏତେ କିଣା-ବିକା କରି ସମୟ ନଷ୍ଟ କରିବା କାହିଁକି? କିଏ କେମିତି କାହାକୁ ଦଉଛି, କିଏ କେମିତି କାହାଠାରୁ ନେଉଛି, ଏସବୁର ବିଚାର ଉପରେ ଲେଖା ଚାଲିଛି । ନିର୍ଦ୍ଧାରିତ ବି ହୋଇ ସାରିଛି କିଏ, କ'ଣ ପାଇଁ ଏ ସଂସାର-ହାଟକୁ ଆସିଛି? କେମିତି ଫେରିବ? କେଉଁଠିକି ଫେରିବ?

'ହାଟ-ବାଟ-ଘାଟ' ଏସବୁ ସାମାଜିକ ଜୀବନର ଗୋଟିଏ ଗୋଟିଏ ପାହାଚ ବା ଅବସ୍ଥା । ଆମର ଆଧ୍ୟାତ୍ମିକ ଚେତନା ବଳରେ ସମସ୍ତ ସାମାଜିକ କର୍ମ ଈଶ୍ୱର ସମର୍ପିତ ହେବା ବିଧେୟ । ଅକର୍ମ-କୁଚିନ୍ତା ପରି ମାନସିକତା ଦୂରୀଭୂତ କରି ସଂସ୍କାରପୂର୍ଣ୍ଣ ଜୀବନ ନିର୍ବାହ କଲେ ସଂସାର ସାଗର ପାର କରିବା ପାଇଁ ଅକର୍ମ-କର୍ମ ଦାୟକ, କୃପାମୟ ନାରାୟଣ କୃପା କରିବେ ଏହା ସୁନିଶ୍ଚିତ । ଜୀବନରେ ସାମାଜିକ ସମସ୍ୟାର ସମାଧାନ କରିବାର ମାଧ୍ୟମ ଆମର ସୁକର୍ମର ଫଳ ବା ଈଶ୍ୱରଙ୍କ କୃପା ଭାବେ ଗ୍ରହଣୀୟ ହେବ, ଯେତେବେଳେ ଆମେ ସଂସାର ହାଟ ଭଲରେ ସାରି ଠିକ୍ ରାସ୍ତାରେ ଫେରି, ଭଲରେ ଘାଟ ପାରିହେବା । ●

ଦାଣ୍ଡମୁକୁନ୍ଦପୁର(ପୁରୀ),ମୋ: ୯୪୩୮୦୪୮୬୧୫

# ଓଡ଼ିଆ ଅସ୍ମିତାର ଅନନ୍ୟ ପ୍ରତୀକ: ଗୁରୁ ପଦ୍ମସମ୍ଭବ


**ପ୍ରବୀର କୁମାର ପଟ୍ଟନାୟକ**

*ପୂର୍ବପ୍ରକାଶିତ ଉତ୍ତାରୁ...*

ପଦ୍ମସମ୍ଭବ ସମଗ୍ର ବିଶ୍ୱରେ 'ଉଡ୍ଡୀୟାନ ଗୁରୁ' ଭାବେ ସୁପରିଚିତ । କାରଣ ସେ ହେଉଛନ୍ତି ଉଡ୍ଡୀୟାନ କ୍ଷେତ୍ରରେ ଜନ୍ମିତ ଏବଂ ମୂଳ ବାସିନ୍ଦା । ସେ ହେତୁ ଉଡ୍ଡୀୟାନ ସହ ସଂଯୁକ୍ତ ତଥା ସଂପର୍କୀତ ପ୍ରସଙ୍ଗ, ଯେପରିକି ଇନ୍ଦ୍ରଭୂତି, ଲକ୍ଷ୍ମୀଙ୍କରା, ସମ୍ବଳ, ଲଙ୍କାପୁରୀ ସହୋର, ଶାନ୍ତରକ୍ଷିତ ଆଦିଙ୍କ ସମ୍ପର୍କରେ ମଧ୍ୟ ପୂର୍ବରୁ ସମ୍ୟକ୍ ଭାବେ ଆଲୋଚନା କରାଯାଇଛି ।

ଆଲୋଚ୍ୟ ବୃତ୍ତାନ୍ତର ମୁଖ୍ୟ ପ୍ରସଙ୍ଗ ହେଉଛି 'ଉଡ୍ଡୀୟାନ' । ଏଣୁ ସେ ସଂପର୍କରେ ମଧ୍ୟ ଏକ ସ୍ୱତନ୍ତ୍ର ଅଧ୍ୟାୟରେ ବିସ୍ତୃତଭାବେ ଆଲୋଚନା କରାଯାଇଛି । ଉଡ୍ଡୀୟାନ ସଂପର୍କୀୟ ସମସ୍ତ ଆଲୋଚନାର ଅନ୍ତିମ ନିଷ୍କର୍ଷ ଅଥବା ସିଦ୍ଧାନ୍ତ ହେଉଛି ପ୍ରାଚୀନ ଉଡ୍ଡୀୟାନ କ୍ଷେତ୍ର ହେଉଛି ବର୍ତ୍ତମାନର ଓଡ଼ିଶା । ଏହା ଏକ ନିର୍ଦ୍ଦିଷ୍ଟ ସ୍ଥାନ ନୁହେଁ, ବରଂ ଏକ ବିରାଟ ଭୂଖଣ୍ଡ, ଯାହା ପ୍ରାଚୀନ କାଳରେ 'ଉଡ୍ଡୀୟାନ' ଭାବେ ପରିଚିତ ଥିଲା ।

ସିଦ୍ଧ ଇନ୍ଦ୍ରଭୂତି ହେଉଛନ୍ତି ପ୍ରାଚୀନ ସମ୍ବଳ ବା ସମ୍ବଳକ ରାଜ୍ୟର ରାଜା । ଏହି ସମ୍ବଳ ଥିଲା ଉଡ୍ଡୀୟାନ କ୍ଷେତ୍ରର ଏକ ଅଂଶବିଶେଷ । ପ୍ରାଚୀନ ସମ୍ବଳ ହେଉଛି ବର୍ତ୍ତମାନର ଓଡ଼ିଶାର ଅବିଭକ୍ତ ତଥା ବୃହତ୍ତର ସମ୍ବଲପୁର ଅଞ୍ଚଳ । ଇନ୍ଦ୍ରଭୂତିଙ୍କ ଭଗିନୀ ଭଗବତୀ ଲକ୍ଷ୍ମୀଙ୍କରା, ଯେ କି ଜଣେ ସିଦ୍ଧସାଧିକା, ସେ ମଧ୍ୟ ଥିଲେ ସମ୍ବଲପୁରର ସନ୍ନକଟ ଲଙ୍କାପୁରୀର ରାଜବଧୂ । ଏହି ଲଙ୍କା ହେଉଛି ବର୍ତ୍ତମାନର ପଶ୍ଚିମଲଙ୍କା ଅଥବା ସୋନପୁର (ସୁବର୍ଣ୍ଣପୁର) ଅଞ୍ଚଳ ।



ଦ୍ୱିତୀୟ-ବୁଦ୍ଧ କଥା

ସୋନପୁର ହେଉଛି ସମ୍ବଲପୁରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ।

ସହୋର ବା ଜାହୋର ହେଉଛି ଆଚାର୍ଯ୍ୟ ଶାନ୍ତରକ୍ଷିତ ଏବଂ ତାଙ୍କ ଭଗିନୀ ମନ୍ଦରଭାଙ୍କ ରାଜ୍ୟ । ମନ୍ଦରଭା ଗୁରୁପଦ୍ମସମ୍ଭବଙ୍କୁ ବିବାହ କରିଥିଲେ ଏବଂ ତାଙ୍କର ଦ୍ୱିତୀୟ ପତ୍ନୀ ଭାବେ ସାରାଜୀବନ ପଦ୍ମସମ୍ଭବଙ୍କ ସହ ରହିଥିଲେ । ଏହି ସହୋର ମଧ୍ୟ ହେଉଛି ଦଶମ ଶତାବ୍ଦୀର ବୌଦ୍ଧାଚାର୍ଯ୍ୟ ଦୀପଙ୍କର ଶ୍ରୀଜ୍ଞାନ ଅଥବା ଅତୀସଙ୍କର ରାଜ୍ୟ । ସେ ଆଚାର୍ଯ୍ୟ ଶାନ୍ତରକ୍ଷିତଙ୍କ ବଂଶଧର ଏବଂ ଗୋଟିଏ ରାଜ ପରିବାରର । ଏହି ସହୋର ବା ଜାହୋରକୁ ବର୍ତ୍ତମାନର ବିହାର-ବଙ୍ଗଳା ସୀମା ନିକଟରେ ଭାଗଲପୁର ନିକଟସ୍ଥ ଗଙ୍ଗାନଦୀ ତଟରେ ଅବସ୍ଥିତ ବିକ୍ରମଣିପୁରକୁ ଚିହ୍ନଟ କରାଯାଇଛି ।

ଗୁରୁ ପଦ୍ମସମ୍ଭବଙ୍କ ଜୀବନ ଚରିତ ସହ ସଂଯୁକ୍ତ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦୃଶ୍ୟପଟ୍ଟ ହେଉଛି ମନ୍ଦରଭା ଏବଂ ୟେଶେ ସୋଗ୍ୟାଲଙ୍କୁ ନେଇ । ଗୁରୁଙ୍କର ପ୍ରଥମ ପତ୍ନୀ ହେଉଛନ୍ତି ସିଙ୍ଗଳ ଅଥବା ସିଂହପୁରର ରାଜକୁମାରୀ ଭାସଧାରା । ପଦ୍ମସମ୍ଭବ ସମ୍ବଳରୁ ନିର୍ବାସିତ ହେଲା ବେଳ ସେ ଭାସଧାରାଙ୍କୁ ଉଡ୍ଡୀୟାନରେ ଅଥବା ସମ୍ବଳ ରାଜ୍ୟପ୍ରାସାଦରେ ହିଁ ଛାଡ଼ି ଏକା ଏକା ରାଜ୍ୟ ପରିତ୍ୟାଗ କରି ଚାଲିଗଲେ । ଭାସଧାରାଙ୍କ ସହ ତାଙ୍କର ପରବର୍ତ୍ତୀ କାଳରେ ମଧ୍ୟ କୌଣସି ପ୍ରକାର ସଂପର୍କ ହିଁ ନଥିଲା । ସେ ବିରଜା କ୍ଷେତ୍ରରେ ସିଦ୍ଧି ଲାଭ କରିବା ପରେ ରତ୍ନଗିରି ମହାବିହାରରେ କିଛି କାଳ ଶିକ୍ଷା ଲାଭ କରିବା କରିସାରି ଭାରତ ଭ୍ରମଣ କରିବା ସମୟରେ ମନ୍ଦରଭାଙ୍କ ରାଜ୍ୟ ଦେଇ ଯାଉଥିବା କାଳରେ କୌଣସିମତେ ଏହି ରାଜକନ୍ୟାଙ୍କ ସହ ପଦ୍ମସମ୍ଭବଙ୍କ ସଂପର୍କ ସ୍ଥାପନ ହୋଇଥିଲା । ଘଟଣାକ୍ରମେ ସେ ମନ୍ଦରଭାଙ୍କୁ ବିବାହ ମଧ୍ୟ କରିଥିଲେ । ମନ୍ଦରଭା ସମଗ୍ର ଜୀବନକାଳ ପଦ୍ମସମ୍ଭବଙ୍କ ସଙ୍ଗିନୀ ଓ ପତ୍ନୀ ଭାବେ ବିତାଇଥିଲେ । ତାଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ ହୋଇପାରିଥିଲେ । ଗୁରୁ ପଦ୍ମସମ୍ଭବ ତିବ୍ବତରେ ପହଞ୍ଚିବା ପରେ ତିବ୍ବତର ରାଜା ତାଙ୍କର ନବ ବିବାହିତା ପତ୍ନୀ ତଥା ଅତ୍ୟନ୍ତ ଯୋଗ୍ୟା ୟେଶେ ସୋଗ୍ୟାଲଙ୍କୁ ପଦ୍ମସମ୍ଭବଙ୍କ ଦାୟିତ୍ୱ ଏବଂ ଯତ୍ନ ନେବା ସହ ତାଙ୍କୁ ସମସ୍ତ କାର୍ଯ୍ୟରେ ସାହାଯ୍ୟ ସହଯୋଗ କରିବା କାର୍ଯ୍ୟରେ ନିୟୋଜିତ କରିଥିଲେ । ଏହି ୟେଶେ ପଦ୍ମସମ୍ଭବଙ୍କ ଜଣେ ଅତ୍ୟନ୍ତ ଦାୟିତ୍ୱସଂପନ୍ନ ସହଯୋଗୀ ତଥା ବ୍ୟକ୍ତିଗତ ଏବଂ ଧାର୍ମିକ ସମସ୍ତ କାର୍ଯ୍ୟରେ ସେ ତିବ୍ବତରେ ରହିଥିବା ସମୟରେ ସବୁଠାରୁ ନିକଟତମ ସହଯୋଗୀ ହୋଇପାରିଥିଲେ । ପଦ୍ମସମ୍ଭବଙ୍କ ଧାର୍ମିକ ସାଧନାରେ ମଧ୍ୟ ସେ ସଙ୍ଗିନୀ ହୋଇପାରିଥିଲେ ।(କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

### ଭିଜିଲାନ୍ସ ବିଭାଗର ପ୍ରଦର୍ଶନକୁ ଉଚ୍ଚ ପ୍ରଶଂସା

# ଓଡ଼ିଶା ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ ହେବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୧(ସମିସ): ଭିଜିଲାନ୍ସ ବିଭାଗ ୨୦୨୫ ମସିହାରେ ୧୭୩ଟି ଆୟବହିର୍ଭୁତ ସମ୍ପତ୍ତି ମାମଲା ସହ ମୋଟ ୪୮୮ଟି କେସ୍‌ର ଫଇସାଲା କରି ରେକଡର୍ ସୃଷ୍ଟି କରିଛି । ଏହା ସହ ୨୦୨୫ ଏପ୍ରିଲ ପହିଲାରୁ ଡିସେମ୍ବର ୩୧ ମଧ୍ୟରେ ରାଜ୍ୟ ସରକାର ଭିଜିଲାନ୍‌ସକୁ ରେକଡର୍ ସଂଖ୍ୟକ ୧୨୫ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଆଜି ଲୋକସେବା ଭବନରେ ଭିଜିଲାନ୍ସ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ତଦନ୍ତ, ଅନୁସନ୍ଧାନ ଓ ମାମଲାର ଫଇସାଲା ସଂକ୍ରାନ୍ତ ବିସ୍ତୃତ ତଥ୍ୟ ପ୍ରଦାନ କରିଛନ୍ତି ଭିଜିଲାନ୍ସ ନିର୍ଦ୍ଦେଶକ ୱାଇ. ବି.ଜେଠୱା । ରାଜ୍ୟରେ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତିକୁ ପାଥେୟ କରି ଭିଜିଲାନସ ଏକାଡେମୀ ଏହାର ପ୍ରଶିକ୍ଷଣ ପ୍ରକ୍ରିୟାରେ ବ୍ୟାପକ ଉନ୍ନତି ଆଣିଛି । ଭିତ୍ତିଭୂମିର ଉନ୍ନତି ଓ ଗୁଣାତ୍ମକ ପ୍ରଶିକ୍ଷଣ ପାଇଁ ରାଜ୍ୟ ଭିଜିଲାନ୍‌ସ ଏକାଡେମୀକୁ ମିଳିଥିବା ଆଇଏସ୍‌ଓ ୯୦୦୧:୨୦୧୫ ସାର୍ଟିଫିକେଟ୍‌କୁ ଶ୍ରୀ ଜେଠୱା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ପ୍ରଦର୍ଶନ କରିଛନ୍ତି । ଏଥିପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭିଜିଲାନ୍‌ସ ଏକାଡେମୀ ଓ ରାଜ୍ୟ ଭିଜିଲାନ୍‌ସ ବିଭାଗର ଉଚ୍ଚ ପ୍ରଶଂସା କରିଛନ୍ତି ।



ସୂଚନା ଅନୁସାରେ ୨୦୨୫ ବର୍ଷରେ ସମୁଦାୟ ୪୮୭ଟି ସ୍ଥାନରେ ଭିଜିଲାନସ ଚଢାଉ କରି ଆୟବହିର୍ଭୁତ ସମ୍ପତ୍ତି, ଲାଞ୍ଚ କାରବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ସରକାରୀ କର୍ମଚାରୀଙ୍କର ୧୧୯୯ଟି ଦୁର୍ନୀତିଗ୍ରସ୍ତ ବ୍ୟାଙ୍କ ଆକାଉଣ୍ଟକୁ ବନ୍ଦ କରିଦିଆଯାଇଛି । ୧୫୩ଟି ବିଲଡିଙ୍ଗ, ୧୮.୩ କିଲୋଗ୍ରାମର ସୁନା, ୪୧୭ଟି ପ୍ଲଟ, ୧୨ଟି ଫାର୍ମ ହାଉସ ଜବତ କରାଯାଇଛି । ଏଥିସହିତ ୩୬.୬୯ କୋଟି ଟଙ୍କା ଜମାରାଶି ଏବଂ ୮.୮ କୋଟି ନଗଦ ଟଙ୍କା ମଧ୍ୟ ଜବତ କରାଯାଇଛି । ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ଓଡିଶାକୁ ସମ୍ପୂର୍ଣ୍ଣ ଦୁର୍ନୀତି ମୁକ୍ତ କରିବା ପାଇଁ ସମୟ ଆସିଯାଇଛି । ତେଣୁ ଭିଜିଲାନ୍‌ସ ବିଭାଗ ତାର ଅଭିଯାନ ଜାରି ରଖୁ ବୋଲି ସେ ପରାମର୍ଶ ଦେଇଛନ୍ତି । ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଏସିଏସ୍ ସୁରେନ୍ଦ୍ର କୁମାର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଅତିରିକ୍ତ ନିର୍ଦ୍ଦେଶକ ଭିଜିଲାନସ୍ ଅସିତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଚିଓ୍ୱାଳ କଲେଜରେ ଅର୍ଥ ହେରଫେର ମାମଲା

## ପ୍ରାକ୍ତନ ଅଧକ୍ଷ ଓ ପରିଚାଳନା ସମିତି ସଭାପତି ଗିରଫ

ଦଶରଥପୁର,୨।୧(ସମିସ): ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଚିଓ୍ୱାଳ ଡିଗ୍ରୀ ମହାବିଦ୍ୟାଳୟରେ ବାଳିକା ସୁରକ୍ଷା ପ୍ରଶିକ୍ଷଣ ସମ୍ପର୍କିତ ୩୨ଲକ୍ଷ ୭ହଜାରରୁ ଊର୍ଦ୍ଧ୍ୱ ଆର୍ଥିକ ଅନୁଦାନ ହେରଫେର ଅଭିଯୋଗରେ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଅଦ୍ୱୈତ ପ୍ରସାଦ ମଲ୍ଲିକ ଓ ପ୍ରାକ୍ତନ ପରିଚାଳନା ସମିତି ସଭାପତି ବଦ୍ରିନାରାୟଣ ରାୟଙ୍କୁ କଟକ ଭିଜିଲାନ୍ସ ଗିରଫ କରିଥିବା ଜଣାଯାଇଛି । ଗତ ୨୦୨୨ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ତରଫରୁ ମହାବିଦ୍ୟାଳୟକୁ ୩୨ଲକ୍ଷ ୭ହଜାରରୁ ଅଧିକ ପରିମାଣରେ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିଲା । ସେତେବେଳେ ମହାବିଦ୍ୟାଳୟର ଅଧକ୍ଷ ଦାୟିତ୍ୱରେ ଥିବା ଅଦ୍ୱୈତ ପ୍ରସାଦ ମଲ୍ଲିକ ସରକାର ଯୋଗାଇ ଦେଇଥିବା ଉକ୍ତ ଆର୍ଥିକ ଅନୁଦାନରେ ଘୋର ଅନିୟମିତତା କରିଥିବା ନେଇ ୨୦୨୩ ମସିହାରେ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ କଟକ ଭିଜିଲାନ୍ସ ବିଭାଗ ମହାବିଦ୍ୟାଳୟରେ ପହଞ୍ଚି ଆର୍ଥିକ ଅନିୟମିତତାର ଯାଞ୍ଚ କରିବା ସହିତ ପ୍ରାକ୍ତନ ଅଧକ୍ଷ ଶ୍ରୀ ମଲ୍ଲିକଙ୍କୁ ପଚରାଉଚରା କରିବାରେ ଆର୍ଥିକ ଅନିୟମିତତାରେ ମହାବିଦ୍ୟାଳୟର ପ୍ରାକ୍ତନ ପରିଚାଳନା ସମିତି ସଭାପତି ବଦ୍ରିନାରାୟଣ ରାୟଙ୍କ ସମ୍ପୃକ୍ତି ରହିଥିବା ଭିଜିଲାନ୍ସ ବିଭାଗ ସୂଚନା ପାଇଥିଲା । ଯାହାକୁ ନେଇ ଉଭୟ ମଲ୍ଲିକ ଓ ରାୟଙ୍କୁ ଭିଜିଲାନ୍ସ ବିଭାଗ ପକ୍ଷରୁ ନୋଟିସ୍ ଜରିଆରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲା । ବିଭାଗୀୟ ନୋଟିସ କ୍ରମେ ଆଜି କଟକ କାର୍ଯ୍ୟାଳୟରେ ଉଭୟଙ୍କୁ ଦୀର୍ଘ ସମୟ ଧରି ପଚରାଉଚରା କରିବା ପରେ ଆର୍ଥିକ ଅନିୟମିତତା ସମ୍ପୃକ୍ତି ଆଧାରରେ ଭିଜିଲାନ୍ସ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି ।

**AFFIDAVIT**

I, Wazeda Tabassum, W/o- Mohammed Habib, Resident of At/Po- Tilda, Ps- Salipur, Dist.: Cuttack, Odisha, Pin- 754290 declare by this affidavit No. 4439, dtd. 24.11.2025 that now onwards I shall be known as **WAZDA TABSUM** for all future purposes.

**AFFIDAVIT**

By Virtue Of an Affidavit no. 2168 dtd. 30.12.2025 the Executive Magistrate Khandapada, I Dillip Lenka S/o- Arjun Lenka At-PithaKhai, Po/Ps- Fategada, Dist- Nayagarh have changed my Son's name SUBHARNSHU LENKA to SUDHANSU KUMAR LENKA. Henceforth He will be known as SUDHANSU KUMAR LENKA for all purposes.

S/d- Dillip Lenka

**AFFIDAVIT**

I, Kuresha Khatun, aged about 76 years, W/o- Gulamzillani Mohammed, resident of Subash Nagar, Bargarh, Po- Bargarh, Ps- Bargarh, Dist- Bargarh, Odisha, Pin- 768028, do hereby declare by this affidavit No. 11, dtd- 02/01/2026, that now onwards I shall be known as **KURESA KHATUN** for all future purposes.

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଡେଲିଭରୀ ବଏ...

କରିବାକୁ ପଡିବ, ଯାହା ସେମାନଙ୍କର ଆଧାର କାର୍ଡ ସହିତ ଲିଙ୍କ୍ ହେବ । ଶ୍ରମିକଙ୍କ ତଥ୍ୟ ଇ-ଶ୍ରମ ପୋର୍ଟାଲରେ ରେକର୍ଡ କରାଯିବ । ଯେପରି ପିଏଫ୍ କଟୁଥିବା କର୍ମଚାରୀମାନଙ୍କର ଏକ ସ୍ଥାୟୀ ନମ୍ବର ଥାଏ, ସେହିପରି ଗିଗ୍ କର୍ମୀଚାରୀଙ୍କୁ ମଧ୍ୟ ଏକ ଅନନ୍ୟ ପରିଚୟ ନମ୍ବର ଦିଆଯିବ । ପ୍ରତ୍ୟେକ ପଞ୍ଜିକୃତ କର୍ମଚାରୀ ଏକ ଡିଜିଟାଲ୍ ପରିଚୟ ପତ୍ର ପାଇବେ, ଯାହା ସାରା ଦେଶରେ ସେମାନଙ୍କର ପରିଚୟ ଏବଂ ଯୋଗ୍ୟତା ପ୍ରମାଣିତ କରିବ ।

### ଫେବୃଆରୀରୁ ରହିବନି...

କରିବାକୁ ପଡୁଥିଲା । ଏହାଦ୍ୱାରା ୟୁଜର୍ସଙ୍କୁ ପରେ ଡକ୍ୟୁମେଣ୍ଟ ଦେବାକୁ ପଡୁଥିଲା । କିନ୍ତୁ ଏବେ ଏହି ନୂଆ ପଦକ୍ଷେପରେ କେଓ୍ୱାଇଭିର ଆବଶ୍ୟକତାକୁ ଶେଷ କରିଦିଆଯାଇଛି । ଯେଉଁ ଗାଡ଼ିରେ ପୂର୍ବରୁ ଫାସ୍‌ଟ୍ୟାଗ ରହିଛି । ସେମାନଙ୍କ ପାଇଁ ମଧ୍ୟ ରୁଟିନ କେଓ୍ୱାଇଭିର ଆବଶ୍ୟତା ରହିବନି । ଏହି ଯାଞ୍ଚ କେବଳ ସ୍ୱତନ୍ତ୍ର ମାମଲାରେ ହେବ, ଯେମିତି କି ଫାସ୍‌ଟ୍ୟାଗ ଭୁଲ ଉପାୟରେ ଜାରି ହୋଇଥିଲେ କିମ୍ବା ଅନୁଚିତ ବ୍ୟବହାର ହୋଇଥିବା ଅଭିଯୋଗ ଆସିଥିଲେ । ଯଦି କୌଣସି ଅଭିଯୋଗ ହୋଇନାହିଁ ତା' ହେଲେ ପୁରୁଣା କାରର ଫାସ୍‌ଟ୍ୟାଗ ଉପରେ କୌଣସି କେଓ୍ୱାଇଭି କରିବାକୁ ପଡ଼ିବନି । ବ୍ୟାଙ୍କଗୁଡ଼ିକ ଏବେ ବାହନ ପୋର୍ଟାଲରେ ଗାଡ଼ିର ବିବରଣୀ ଯାଞ୍ଚ କରିବା ପରେ ହିଁ ଫାସ୍‌ଟ୍ୟାଗ ଆକ୍ଟିଭ କରିପାରିବେ । ଏବେ ପ୍ରଥମେ ଆକ୍ଟିଭ ଏବଂ ତା' ପରେ ଯାଞ୍ଚ ସିଷ୍ଟମକୁ ବନ୍ଦ କରାଯାଇଛି ।

### ନିଃଶ୍ୱାସକୁ ପାଉନି...

କଲବଲ କରୁଥିବାବେଳେ ପ୍ରଦୂଷଣ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି । ବାୟୁମଣ୍ଡଳରେ ଛୋଟ୍ ଛୋଟ୍ ପାର୍ଟିକିଲ୍ (କଣିକା)ମାନ ଭାସମାନ ଅବସ୍ଥାରେ ରହୁଛନ୍ତି । ଏହା ଦିନ ତମାମ୍ ରହୁଥିଲେ ମଧ୍ୟ ସକାଳ ଓ ସନ୍ଧ୍ୟା ସମୟରେ ଅଧିକ ପ୍ରଭାବ ପକାଉଛନ୍ତି । ଫଳସ୍ୱରୂପ ଏବେ ବିନା ମାସ୍କରେ ବୁଲାବୁଲି ସ୍ୱାସ୍ଥ୍ୟ ପାଇଁ ଘାତକ ହୋଇଛି । ଏହି ସମୟରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜାରି କରିଥିବା ତଥ୍ୟ ଆହୁରି ଚିନ୍ତା ବଢ଼ାଇଛି । ଶୁକ୍ରବାର ଦେଶର ଅତି ଖରାପ ବାୟୁ ମାନ ଥିବା ୯ ସହର ମଧ୍ୟରେ ରହିଛି ଓଡ଼ିଶାର ୬ । ଏହା ମଧ୍ୟରୁ ଦେଶର ସବୁଠୁ ଖରାପ ବାୟୁ ସୂଚୀରେ ଶୀର୍ଷରେ ରହିଛି ତାଳଚେର । ତାଳଚେରରେ ବାୟୁର ଗୁଣବତ୍ତା ମାନ (ଏକ୍ୟୁଆଇ) ୩୮୦ ରହିଛି ଓ ଏହି ବାୟୁ ସଂସ୍ପର୍ଶରେ ଅଧିକ ସମୟ ଆସିଲେ ବା ବୁଲାବୁଲି କଲେ ଶ୍ୱାସକ୍ରିୟା ଜନିତ ରୋଗ ହେବାର ଆଶଙ୍କା ରହିଛ ।

କେବଳ ତାଳଚେର ନୁହେଁ; ତାଲିକାରେ ରାଜ୍ୟର ଅନ୍ୟ ୫ଟି ସହରର ଏକ୍ୟୁଆଇ ମଧ୍ୟ ୩୦୦ ଉପରେ ରହିଛି । କଟକରେ ଏକ୍ୟୁଆଇ ୩୨୪ ରହିଥିବା ବେଳେ, ବାଲେଶ୍ୱରରେ ୩୧୮, ଭୁବନେଶ୍ୱର ୩୧୭, ବାରିପଦା ୩୧୨ ଓ କେନ୍ଦୁଝରର ଏକ୍ୟୁଆଇ ୩୧୧ ରହିଛି । ଓଡ଼ିଶାର ୬ ଟି ସହର ସମେତ ଦେଶର ବିକାନେର୍, ସିଙ୍ଗରାଲୁ ଓ ତିରୁପତିରେ ମଧ୍ୟ ଏକ୍ୟୁଆଇ ଯଥାକ୍ରମେ ୩୨୯, ୩୨୦ ଓ ୩୪୧ ରହିଛି । ପୂର୍ବରୁ ରାଜ୍ୟର ପ୍ରଦୂଷିତ ସହର କଥା କହିଲେ କେବଳ ଅନୁଗୁଳ ଓ ତାଳଚେର ଭଳି ସହର କଥା ମନକୁ ଆସୁଥିଲା । ମାତ୍ର ଏବେ ରାଜ୍ୟର ଏକାଧିକ ସହରରେ ବାୟୁ ପ୍ରଦୂଷଣ ଚିନ୍ତାଜନକ ରହୁଛି । ବାୟୁର ମାନ ଦିନକୁ ଦିନ ଖରାପ ହେଉଥିବା ହେତୁ ସକାଳେ ଓ ସନ୍ଧ୍ୟାରେ ବାହାରକୁ ଯିବା କମାଇ ଦେବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି । ଏମିତି କି ମର୍ଣ୍ଣିଂୱାକ୍ ନ କରିବାକୁ ମଧ୍ୟ କୁହାଯାଉଛି । ସକାଳେ ଓ ରାତିରେ ବାୟୁମଣ୍ଡଳରେ ତାପମାତ୍ରା କମ୍ ରହୁଥିବା ହେତୁ ଏହି ସମୟରେ କ୍ଷତିକାରକ୍ ପିଏମ୍ ୨.୫ ପାର୍ଟିକଲ ବାୟୁମଣ୍ଡଳରେ ରହିଥାଏ । ଖରାପଡ଼ିବା ପରେ ଏହା ଧୀରେ ଧୀରେ ଉପରକୁ ଉଠେ ଓ ସନ୍ଧ୍ୟାରେ ପୁଣି ତଳକୁ ଖସିଆସେ । ତେଣୁ ଏହି ସମୟରେ ପ୍ରାତଃ ଭ୍ରମଣ ଓ ସନ୍ଧ୍ୟା ଭ୍ରମଣ କରୁଥିବା ଲୋକମାନଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ ପଡ଼ିଥାଏ । ଏହାସହିତ ନିର୍ମାଣ ଶ୍ରମିକ, ବୃଦ୍ଧ, ଶିଶୁ, ହୃଦରୋଗୀ ଓ ଶ୍ୱାସ ରୋଗୀମାନଙ୍କ ପାଇଁ ଏହା ଆହୁରି କ୍ଷତିକାରକ ହୋଇଥିବାରୁ ସେମାନଙ୍କ ପାଇଁ ଏନ୍-୯୫ ମାସ୍କ ବ୍ୟବହାର ଏକ ପ୍ରକାର ଅପରିହାର୍ଯ୍ୟ ହୋଇପଡ଼ିଛି । ପିଏମ୍ ୨.୫ ଶ୍ୱାସନଳୀ ଦେଇ ରକ୍ତରେ ସିଧା ମିଶୁଥିବା କାରଣରୁ ଦୀର୍ଘକାଳୀନ ଭାବେ ଏହା ଶ୍ୱାସଜନିତ ରୋଗର ବଡ଼ କାରଣ ସାଜିଥାଏ ।

ଅନ୍ୟପଟେ ପ୍ରଦୂଷଣ ହ୍ରାସ ଦିଗରେ ବାୟୁ ଚଳାଚଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ହେଲେ ରାଜ୍ୟରେ ବର୍ତ୍ତମାନ ବିଶେଷ ବାୟୁ ଚଳାଚଳ ହୋଇପାରୁ ନାହିଁ । ଓଡ଼ିଶା ଉପରେ ଗୋଟିଏ ଗୁରୁଚାପ ବଳୟର ପ୍ରଭାବ ହେତୁ ରାଜ୍ୟକୁ ସମୁଦ୍ର ଆଡ଼କୁ ବାୟୁ ପ୍ରବାହ ବହୁନାହିଁ । ଏହାର ପରିଣାମ ସ୍ୱରୂପ ପ୍ରଦୂଷଣର ମାତ୍ର ହ୍ରାସ ହୋଇପାରୁ ନାହିଁ । ବାୟୁ ଚଳାଚଳ ସ୍ୱାଭାବିକ ହେଲେ ପ୍ରଦୂଷଣ କମିବାର ସମ୍ଭାବନା ରହିଛି । ଅନ୍ୟପଟେ ରାଜ୍ୟରେ ପ୍ରଦୂଷଣ ବଢ଼ିବା ପରେ ନିକଟରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଖଣି ପ୍ରବଣ ଓ ପ୍ରଦୂଷଣ ଦୃଷ୍ଟିରୁ ସମ୍ବେଦନଶୀଳ ୧୨ ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ପତ୍ର ଲେଖି ବ୍ୟାପକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥରେ ମୁଖ୍ୟତଃ ଗୋଟିଏ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରି ପ୍ରତିଦିନ ଜିଲା ତଥା ସହରର ବିଭିନ୍ନ ସ୍ଥାନରୁ ବାହାରୁଥିବା ଧୂଳିକଣା ଉପରେ ନଜର ରଖିବାକୁ ପରାମର୍ଶ ଦେଇଥିଲେ । ଏହାର କାରଣ ଓ ନିରାକରଣ ପାଇଁ ପଦକ୍ଷେପ ନେବାକୁ କହିଥିଲେ । ଏହାସହିତ ପ୍ରତିଦିନ ରାସ୍ତାଘାଟ ରୋଡ୍‌କ୍ଲିନର୍ ମାଧ୍ୟମରେ ସଫା ରଖିବା, ରାସ୍ତାରେ ପାଣି ସିଞ୍ଚନ କରିବା, ରାସ୍ତାପାଖ ଢାବାରେ ଯେପରି କୋଇଲା ପ୍ରଭୃତି ବ୍ୟବହାର ନ ହୁଏ ସେଥିପ୍ରତି ଗୁରୁତ୍ୱ ଦେବାକୁ କହିଥିଲେ ।

### ଓଡ଼ିଶା ଉପରେ...

ବିମାନବନ୍ଦର ନିର୍ଦ୍ଦେଶକ ପସନ୍ନ ପ୍ରଧାନ କହିଛନ୍ତି ଯେ, ସକାଳ ସମୟରେ ରନୱେ ଦୃଶ୍ୟମାନ କ୍ଷମତା କମ ଥିଲା । ତେଣୁ ଗତକାଲି ଭଳି ଆଜି ମଧ୍ୟ କିଛି ବିମାନ ବାତିଲ କରାଯାଇଛି ଓ କିଛି ବିମାନ ଉଡାଣ ବିଳମ୍ବ ହେଇଛି । ଅତି କମରେ ଦୃଶ୍ୟମାନ ୫୫୦ ମିଟର ରହିଲେ ବିମାନ ଉଡାଣ ଓ ଅବତରଣ ହୋଇଥାଏ । କାଲିର ଘନ କୁହୁଡି ପାଇଁ ଆଜି ସକାଳେ ଥିବା ବିମାନକୁ ଏୟାର ଲାଇନ୍ସ ପୁନଃନିର୍ଦ୍ଧାରଣ କରିଥିଲେ । କିଛି ବିମାନ ଉଡାଣ ସମୟ ପରିବର୍ତ୍ତନ କରାଯାଇଛି । ଏୟାର ଇଣ୍ଡିଆ ସକାଳ ଦିଲ୍ଲୀ ବିମାନ ବାତିଲ କରାଯାଇଛି । ସକାଳ ୮ ପର୍ଯ୍ୟନ୍ତ କୁହୁଡ଼ି ହେଉଥିବାରୁ ବିମାନ ସମୟସୀମା ପୁନଃନିର୍ଦ୍ଧାରଣ କରାଯାଇଛି । ଶୁକ୍ରବାର ସକାଳୁ ବାରଣାସୀ, ବେଙ୍ଗାଲୁରୁ, ଦୁର୍ଗାପୁର, ହାଇଦ୍ରାବାଦ ଓ ନୂଆଦିଲ୍ଲୀ ଆଦିର ବିମାନଗୁଡ଼ିକ ବିଳମ୍ବିତ ଉଡ଼ାଣ ଭରିଛି । କେବଳ ଭୁବନେଶ୍ୱର ନୁହେଁ ଉତ୍ତର ଭାରତରେ ମଧ୍ୟ ବିମାନ ଚଳାଚଳ ବାଧା ହେଉଛି । ତେଣୁ ଘରୁ ବାହାରିବା ଆଗରୁ ବିମାନ ସମୟ କେତେବେଳେ ଅଛି, ସମୟ କେତେବେଳେ ପରିବର୍ତ୍ତନ ହୋଇଛି ସେସବୁ ଯାଞ୍ଚ କରି ଆସିବା ପାଇଁ ବିମାନବନ୍ଦର ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, ଘନ କୁହୁଡି ଓ ଇଣ୍ଡିଗୋ ବିମାନର ସମସ୍ୟା ପାଇଁ ଚଳିତ ବର୍ଷ ବିମାନ ଯାତ୍ରା କମିଛି । ପିକନିକ୍ ସମୟରେ ଅଧିକ ଯାତ୍ରୀ ବାହାରକୁ ବୁଲିବା ପାଇଁ ଯାଇଥାନ୍ତି । ଚଳିତ ବର୍ଷ ପିକ୍ ସିଜନରେ ଏହାର ପ୍ରଭାବ ପଡିଛି । ଡିସେମ୍ବର ମାସରେ ଅନେକ ପର୍ଯ୍ୟଟକ ଆସନ୍ତି । କିନ୍ତୁ ଇଣ୍ଡିଗୋ ବିମାନର ସମସ୍ୟା ପାଇଁ ପ୍ରଭାବ ପଡ଼ିଛି । ଭୁବନେଶ୍ୱର ବିମାନ ବନ୍ଦରରୁ ଦୈନିକ ୧୪ ହଜାର ୫୦୦ ରୁ ୧୬ ହଜାର ପର୍ଯ୍ୟନ୍ତ ଯାତ୍ରୀ ଯାତାୟତ କରୁଛନ୍ତି ବୋଲି ସେ କହିଛନ୍ତି ।

### ଓଡ଼ିଶାରେ ଟନ୍‌ଟନ୍...

ସାମିଲ ଥିବା ଆଶଙ୍କା ରହିଛି । ଝାଡ଼ଖଣ୍ଡ ଧାନ ଓଡ଼ିଶାରେ ବିକ୍ରି ହେଲେ ଓଡ଼ିଶାର ଚାଷୀ ଉପକୃତ ହେବା ବଦଳରେ ଝାଡ଼ଖଣ୍ଡ ଚାଷୀ ଉପକୃତ ହେବେ । ସରକାର ଓଡ଼ିଶା ଚାଷୀଙ୍କୁ ଲାଭବାନ କରିବା ଯୋଜନା ସାର୍ଥକ ହୋଇପାରିବ ନାହିଁ । ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ସେ ଉତ୍ତର ଦେଇନଥିଲେ । ଧାନ କ୍ରୟର ଜିଲ୍ଲା ନୋଡାଲ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକଙ୍କୁ ପଚାରିବାରୁ ଏଭଳି ଘଟଣାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ, ଜିଲ୍ଲା ସମବାୟ ସମିତି ଉପନିବନ୍ଧକକୁ ଅବଗତ କରାଯିବ ବୋଲି କହିଛନ୍ତି । ତଦନ୍ତ କରି ଚଢ଼ଉ ପ୍ରକ୍ରିୟା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

### ଆଜି ଦେଖାଯିବ...

ନିକଟରେ ଥିଲାବେଳ ଚନ୍ଦ୍ର ଆମଠାରୁ ପ୍ରାୟ ୩.୫୬ ଲକ୍ଷ କିଲୋମିଟର ଦୂରରେ ରହିଥାଏ ଏବଂ ଧୀରେଧୀରେ ୪.୦୬ ଲକ୍ଷ କିଲୋମିଟର ଦୂରକୁ ଚାଲିଯାଇଥାଏ । ଜ୍ୟୋତିଷ ରିଚାର୍ଡ ନଲ୍‌ଙ୍କ ପରିଭାଷାରେ ଯଦି ଚନ୍ଦ୍ର ଆମଠାରୁ ୩.୬୩ ଲକ୍ଷ କିଲୋମିଟର ବା ତା'ଠାରୁ ନିକଟରେ ଥିବା ସମୟରେ ଏକ ପୂର୍ଣ୍ଣମୀ ପଡ଼ିଥାଏ, ତା'ହେଲେ ସେହି ଚନ୍ଦ୍ରକୁ ସୁପରମୁନ କୁହାଯାଏ । କାରଣ ସେ ସମୟରେ ତାହା ଆମକୁ ବଡ଼ ଓ ଉଜ୍ଜଳ ଦେଖାଯାଏ । ପ୍ରାୟ ପ୍ରତ୍ୟେକ ବର୍ଷ ଏହିଭଳି ଘଟଣା ୨ରୁ ୪ଥର ଘଟିଥାଏ ।

## ଦାୟିତ୍ୱ ଗ୍ରହଣ କଲେ ଦେଓରଞ୍ଜନ, ହେମନ୍ତ, ଶୁଭା

ଭୁବନେଶ୍ୱର,୨।୧(ସମିସ): ରାଜ୍ୟର ନୂଆ ଉନ୍ନୟନ କମିଶନର ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି ବରିଷ୍ଠ ଆଇଏଏସ୍ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଂଜନ କୁମାର ସିଂ । ସେହିପରି ଗୃହ ସଚିବ ଭାବେ ବରିଷ୍ଠ ଆଇଏଏସ ହେମନ୍ତ ଶର୍ମା ମଧ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି । ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣକୁ ଆଣିବା ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ତାଙ୍କ ପାଇଁ ପ୍ରାଥମିକତା ବୋଲି ଦାୟିତ୍ୱଗ୍ରହଣ ଅବସରରେ ଶ୍ରୀ ଶର୍ମା ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ରାଜ୍ୟରେ ପ୍ରତ୍ୟେକ ଜନ ସାଧାରଣ କେମିତି ନିରାପଦ ଏବଂ ସୁରକ୍ଷିତ ମନେ କରିବେ, ତାହା ତାଙ୍କର ପ୍ରାଥମିକତା ହେବ ବୋଲି ସେ କହିଛନ୍ତି । ଓଡ଼ିଶା ଏକ ଶାନ୍ତି ପ୍ରିୟ ରାଜ୍ୟ । ଥାନା ଏବଂ ଫାଣ୍ଡିରେ ଭିତ୍ତିଭୂମି ଉନ୍ନତି, ଖାଲିଥିବା ପଦବୀ ପୂରଣ ସହ ପୁଲିସକୁ ତୃଣମୂଳ ସ୍ତରରେ କିପରି ଅଧି ମଜଭୂତ କରାଯିବ ସେନେଇ ସେ ପ୍ରୟାସ କରିବେ ବୋଲି କହିଛନ୍ତି । ଅନୁରୂପ ଭାବରେ ମହିଳା ଏବଂ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ମଧ୍ୟ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି । ସକାଳେ ପ୍ରମୁଖ ଶ୍ରୀମତୀ ଶର୍ମା ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବରିଷ୍ଠ ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ । ଶ୍ରୀମତୀ ଶର୍ମା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ବୁଝି ସମସ୍ତଙ୍କୁ ବିଭାଗୀୟ ବ୍ୟବସ୍ଥାର ସୁପରିଚାଳନା ନିମନ୍ତେ ପରାମର୍ଶ ଦେଇଥିଲେ । ଅଧିକାରୀମାନଙ୍କୁ ଜାନୁଆରୀ ମାସରେ କ୍ଷେତ୍ର ପରିଦର୍ଶନ ପାଇଁ ଯୋଜନା କରିବାକୁ ଶ୍ରୀମତୀ ଶର୍ମା କହିଛନ୍ତି । ବିଭିନ୍ନ ଯୋଜନାର ସୂକ୍ଷ୍ମସ୍ତରୀୟ ଅନୁଧ୍ୟାନ ଓ ପର୍ଯ୍ୟବେକ୍ଷଣ ସହ ଚଳିତ ଜାନୁଆରୀ ମାସରେ ବିଭାଗ ସଂଯୋଜନାରେ ରାଜ୍ୟ, ଜିଲ୍ଲା ଓ ଡିଭିଜନ ସ୍ତରରେ ପାଳନ ହେବାକୁ ଥିବା ପାଣି ପଞ୍ଚାୟତ ପକ୍ଷ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମର ସଫଳ ଆୟୋଜନ ଉପରେ ସେ ଗୁରୁତ୍ୱ ଦେଇଛନ୍ତି ।

Leadership and beyond
दि न्यू इण्डिया एश्योरन्स कंपनी लिमिटेड
The New India Assurance Co. Ltd
India's Premier Multinational General Insurance Company

ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ (୫୫୦୦୦୦)
ପ୍ରଥମ ମହଲା, ଆଲୋକ ଭାରତୀ ଟାୱାର, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍:୦୬୭୪-୨୫୪୫୪୬୭

**ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ରେଫ. ନଂ: ବିବିଏସ୍‌ଆରଓ/ଇଏସବିବି/ଭଦ୍ରକ ବିଓ/ଇଣ୍ଟେରିୟର ରିଫର୍ବିସମେଣ୍ଟ/ ସିଭିଲ ଏବଂ ଇଲେକଟ୍ରିକ କାର୍ଯ୍ୟ

ଆମର ଭଦ୍ରକ କାର୍ଯ୍ୟାଳୟ ସା: ବିଶ୍ୱାଳ କମ୍ପ୍ଲେକ୍ସ, ସମରାଇପୁର, ପୋଷ୍ଟ: ପ୍ରାଚୀ ନଗର, ଭଦ୍ରକ-୭୫୬୧୮୧ର ଆଭ୍ୟନ୍ତରୀଣ ନବୀକରଣ ନିମନ୍ତେ କଣ୍ଟ୍ରାକ୍ଟର ନିଯୁକ୍ତି ହେତୁ ଆଗ୍ରହୀ ପକ୍ଷ / ଫାର୍ମମାନଙ୍କ ଠାରୁ ଅନଲାଇନ ପଦ୍ଧତିରେ ୨ଟି ବିଡ୍ ବ୍ୟବସ୍ଥାରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ସବିଶେଷ ବିବରଣୀ / କାଗଜାତ୍ ଆମର ୱେବସାଇଟ୍: www.newindia.co.in **(public notice section)** & www.tenderwizard.com NIAEPROC ରେ ଉପଲବ୍ଧ ।

ସଂଶୋଧନ / ଶୁଦ୍ଧିପତ୍ର / ରଦ୍ଦ / ପୁନଃ ଟେଣ୍ଡର ଇତ୍ୟାଦି ଯଦିଥାଏ ତାହା କେବଳ ଉପରୋକ୍ତ ୱେବସାଇଟ୍‌ରେ ପ୍ରକାଶିତ ହେବ । ସାଇଟରେ ପ୍ରି-ବିଡ୍ ମିଟିଙ୍ଗ୍ ତା.୧୨.୦୧.୨୦୨୬ ଅପରାହ୍ନ ୩.୦୦ ଘଟିକାରେ ଅନୁଷ୍ଠିତ ହେବ । ଇ-ଟେଣ୍ଡର ଦାଖଲର ଅନ୍ତିମ ତାରିଖ ୨୨.୦୧.୨୦୨୬ ଅପରାହ୍ନ ୫.୦୦ଘଟିକା, ତତ୍ପରେ ତା ୨୩.୦୧.୨୦୨୬ (ଆପାତତଃ)ରେ ଟେକ୍ନିକାଲ ବିଡ୍ ଏବଂ ଆର୍ଥିକ ବିଡ୍ ଖୋଲାଯିବ ।

ସ୍ୱା/- ଉପ ମହାପ୍ରବନ୍ଧକ
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର
CIN No.- L66000MH1919GOI000526

**OFFICE OF THE PANCHAYAT SAMITI: KALYANSINGHPUR** i-448
**DIST- RAYAGADA, PINCODE-76516, ODISHA**
**Email: ori-kalyansinghpur@nic.in**
**INVITATION FOR BIDS (I.F.B)**
**e-Procurement Notice**
**IDENTIFICATION NO. PS-KAL, No. 2 OF 225-26**
**Tender Notification No. 365 / Dated 29.12.2025**

The Block Development Officer, Kalyansinghpur, Rayagada invites Percentage Rate bid in Single Cover System in ONLINE MODE for the construction of Gram Panchayat level Federation (GPLF) Building work (Civil) as detailed in the Detailed Tender Call Notice (D.T.C.N) from the eligible class of contractors.

1) No. of works :02 (Two) No.
2) Estimated Cost :Rs.24.02 lakhs to Rs.24.17 lakhs
3) Cost of Tender paper :Rs.6000/-(Rupees Six Thousand)only for each work
4) Class of Contractor :" D & C" Class
5) Date of Time of available in web site & receipt online :11:00 Hrs. of 02.01.2026 to 17.00 Hrs. of 16.01.2026
6) Date of opening of Technical Bid :11:30 Hrs. of 17.01.2026

The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in.

Any Corrigendum / Addendum will be displayed in the website https://tendersodisha.gov.in only

Block Development Officer
Kalyansinghpur

OIPR-19432/11/005/2526

**TPNODL**
TP NORTHERN ODISHA
DISTRIBUTION LIMITED
(A Joint Venture of Tata Power and Government of Odisha)
Regd. Off: Corp Office, Januganj, Remuna Golei, Balasore, Odisha-756019
CIN No.: U40106OR2021SGC035951; Website: www.tpnodl.com

**NOTICE INVITING TENDER (NIT) January 03rd , 2026**

**TP Northern Odisha Distribution Limited** invites tender from eligible Bidders for the following:

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2025-26/2500001115 | Rate Contract for Supply of IPCs (Insulation Piercing Connectors) of Various Sizes at TPNODL |
| 2 | TPNODL/OT/2025-26/2500001116 | Rate Contract for Supply of GI F-Clamps |

* MSMEs registered in the State of Odisha shall pay tender fee of Rs. 1,000/- including GST.
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website **https://tpnodl.com**. All tenders will be available on TPNODL website.
Future communication / corrigendum to tender documents, if any, shall be available on website.

**Chief- Contracts & MM**

यूनियन बैंक Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ୍, ପୋଲିସ୍ ଲାଇନ, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୮୯୨୮୯୧୭୪୧୧/୯୬୮୭୬୯୭୫୪୮

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୦୯.୦୧.୨୦୨୬ରିଖ ଅପରାହ୍ନ ୧୨.୩୦ ଘଟିକା** ସମୟରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ବକେୟା ରାଶି | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|---|
| **ଉଦଳା ଶାଖା, ଓ୍ୱାର୍ଡ ନଂ. ୫, ସିନେମା ହଲ୍ ରୋଡ୍, ଉଦଳା, ମୟୂରଭଞ୍ଜ-୭୫୭୦୪୧, ମୋ.: ୮୪୫୬୮୮୧୦୯୫, ୮୬୩୭୨୬୧୮୪୪** | | | | |
| ୧. | **ଶ୍ରୀମତୀ ଦୀପ୍ତିମୟୀ ଦାସ,** ସା: କପ୍ତିପଦା, ପୋ: କପ୍ତିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୪୦ / **୨୫୫୪୧୬୫୪୦୦୦୦୪୧୮** | ଟ.୧୩,୦୩୬.୦୦ | ୩.୪ | ୩.୯୭ |
| **କରଞ୍ଜିଆ-୩ ଶାଖା, ପ୍ଲଟ୍ ନଂ. ୮୫୨/୧୦୦୬, କରଞ୍ଜିଆ ମେନ୍ ରୋଡ୍, କରଞ୍ଜିଆ, ମୟୂରଭଞ୍ଜ-୭୫୭୦୩୭, ମୋ.: ୭୯୦୩୯୩୯୮୦୮** | | | | |
| ୧. | **ଶ୍ରୀମତୀ ସୁମିତ୍ରା ଚୌଧୁରୀ,** ସ୍ୱାମୀ: ଗଗନ ବିହାରୀ ଚୌଧୁରୀ, ସା/ପୋ: ଟାଙ୍ଗରାପଡ଼ା, ଭାୟା: ସୁଆମପାଟଣା, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୦ / **୩୧୦୧୨୬୫୪୦୦୦୦୧୩୧** | ଟ.୩୯,୮୩୨.୦୦ | ୮.୧୧୬ | ୧୧.୫୯୫ |
| ୨. | **ଶ୍ରୀମତୀ ସୁମିତ୍ରା ଚୌଧୁରୀ,** ସ୍ୱାମୀ: ଗଗନ ବିହାରୀ ଚୌଧୁରୀ, ସା/ପୋ: ଟାଙ୍ଗରାପଡ଼ା, ଭାୟା: ସୁଆମପାଟଣା, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୦ / **୩୧୦୧୨୬୫୪୦୦୦୦୧୦୫** | ଟ.୪୯,୫୮୫.୦୧ | ୧୩.୯୮ | ୧୪.୨୯୫ |
| **ଦାମୋଦରପୁର ଶାଖା, ସା/ପୋ: ଦାମୋଦରପୁର, ମେନ୍ ରୋଡ୍, ମୟୂରଭଞ୍ଜ, ପିନ୍-୭୫୭୦୦୩, ମୋ.: ୯୯୮୭୧୯୩୮୪୬** | | | | |
| ୧. | **ଶ୍ରୀ ଟୁଲୁ ଦିଗାର,** ବିପିଡ଼ି, ଇନ୍ଦପାହି, ଦାମୋଦରପୁର-୭୫୭୧୦୭ / **୬୫୩୨୦୬୫୪୦୦୦୦୧୮୧** | ଟ.୭୩,୩୬୬.୦୦ | ୧୪.୨ | ୧୫.୪୭ |
| **ରେମୁଣା-ଜାନୁଗଞ୍ଜ ଶାଖା, ଗଣେଶ୍ୱରପୁର, ଜାନୁଗଞ୍ଜ, ରେମୁଣା ଗୋଲେଇ, ବାଲେଶ୍ୱର, ପିନ୍-୭୫୬୦୧୯, ମୋ.: ୯୯୭୩୨୬୧୦୩୩** | | | | |
| ୧. | **ଶ୍ରୀ ପ୍ରକାଶ ସାହୁ,** ପିତା: ହରେକୃଷ୍ଣ ସାହୁ, ଜାନୁଗଞ୍ଜ, ରେମୁଣା, ଗୋଲେଇ ରେମୁଣା, ବାଲେଶ୍ୱର-୭୫୬୦୧୯ / **୭୨୩୭୦୬୫୪୦୦୦୦୭୩୨** | ଟ.୭୨,୬୨୦.୦୦ | ୧୨.୭୮ | ୧୪.୨ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ ।**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେଓ୍ୱାଇସି (KYC) ଦେବାକୁ ହେବ ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ କରନ୍ତି / ସ୍ଥଗିତ ରଖନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିବ ।

**ସ୍ଥାନ : ବାଲେଶ୍ୱର, ତାରିଖ : ୦୨.୦୧.୨୦୨୬** — **ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

भा.क.नि. CCI
**ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ: ରାୟଗଡା**
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡିଶା)
ମୋବାଇଲ ଆପ

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ — ତାରିଖ: ୦୨.୦୧.୨୦୨୬

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ **"କପାସ କିଷାନ"** ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ । ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଡିସେମ୍ବର ୨୦୨୫ ଠାରୁ ୧୬ ଜାନୁଆରୀ ୨୦୨୬କୁ ବୃଦ୍ଧି କରାଯାଇଛି ।**

ଚାଷୀମାନଙ୍କର ସ୍ୱୟଂ ପଞ୍ଜିକରଣ ତାରିଖ ଶୀଘ୍ର ପାଖେଇ ଆସୁଛି ଏବଂ ତେଣୁ, ସମସ୍ତ ବାକି ଚାଷୀମାନଙ୍କୁ ଶେଷ ମୁହୂର୍ତ୍ତକୁ ଅପେକ୍ଷା ନକରି ପଞ୍ଜିକରଣ ସମାପ୍ତ କରିବାକୁ ଅନୁରୋଧ କରାଯାଉଛି ।

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ । କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି । ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ ।

**ସ୍ୱା./-ଶାଖା ପ୍ରମୁଖ**

**SUB DIVISIONAL HOSPITAL, UDALA, MAYURBHANJ**
Office of the SUPERINTENDENT, SDH, UDALA, NHM, Mayurbhanj, Odisha, 757041
Advt. No.: 01 / NHM / 2025-26 Dt: 01/01/2026
E-643

**Short Tender Call Notice**

Sealed tenders are invited from the interested eligible bidders for **"SUPPLY OF DIET ITEMS UNDER SDH, UDALA, MAYURBHANJ".** The eligible criteria, the terms of reference and the formats for submission of bid as set forth in the tender document can be downloaded from the website **www.mayurbhanj.nic.in.** Interested bidders fulfilling the eligibility criteria may submit their proposal(s) with EMD, Tender paper cost & documents as per tender call notice. The bidders have to submit their proposal(s) at the **O/o: The SUPERINTENDENT, SDH, UDALA, Mayurbhanj.** Proposal(s) complete in all respect should reach the undersigned on or before **5 PM of dt: 02.02.2026** through **Regd. post / Speed post / Courier** and the same will be opened on **dt: 04.02.2026 at 11.30 PM.**

The undersigned reserves the right to reject any or all the tender(s) without assigning any reason thereof.

OIPR-10241/11/0002/2526 — **Sd/- SUPERINTENDENT, SDH, UDALA**

ସକାଳ THE SAKALA



www.sakalaepaper.com

## ପୁନରୁଦ୍ଧାର ହେଉନି ରାଇରଙ୍ଗପୁର ସହରର ନାଳ

# ଅନାବନା ଗଛ ଓ ମାଟିରେ ପୋତିଗଲାଣି ମହାନାଳ

ରାଇରଙ୍ଗପୁର, ୨।୧(ସମିସ): ବହୁ ପୁରାତନ ରାଇରଙ୍ଗପୁର ସହରରେ ପୌରପାଳିକା କାର୍ଯ୍ୟଧାରାରେ ଅବହେଳା ଯୋଗୁଁ ସହରବାସୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାଇରଙ୍ଗପୁର ସହର ମଧ୍ୟରେ ଥିବା ନାଳ, ମହାନାଳ ବର୍ଷ ବର୍ଷ ଧରି ପୁନରୁଦ୍ଧାର ହେଉନାହିଁ। ଫଳରେ ଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହେଉଛି। ସହର ମଧ୍ୟରେ ପ୍ରବାହିତ ହେଉଥିବା ନାଳ, ମହାନାଳ ସ୍ଥିତି ଶୋଚନୀୟ ହୋଇପଡ଼ିଲାଣି। ରାଇରଙ୍ଗପୁର ପୌରପାଳିକା ନିଜର ବାସ୍ତବତା କାର୍ଯ୍ୟଠାରୁ ଦୂରେଇ ଯିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ନାଳ, ମହାନାଳ ସଫେଇ କାର୍ଯ୍ୟ ହେବାର ବର୍ଷ ବର୍ଷ ବିତିଯିବାରୁ ତାହା କାଳକ୍ରମେ ପୋତି ହୋଇଗଲାଣି। କ୍ରମାଗତ ଭାବେ ପୌରପାଳିକା ପକ୍ଷରୁ ଅନବନା ଗଛ କଟା ନ ଯିବା, ମାଟି ଓ ପଙ୍କ ଆଦି ସଫେଇ କରି ପୁନରୁଦ୍ଧାର ହେଉନାହିଁ। ଉଦ୍ଧାର କାର୍ଯ୍ୟ ଓ ଜବରଦଖଲ ଉଚ୍ଛେଦ ନ ହେବା ଫଳରେ ବର୍ତ୍ତମାନ ସ୍ଥିତି ଅଣାୟତ୍ତ ହୋଇପଡ଼ିଛି।

ମହାନାଳ ଉପରେ ବର୍ତ୍ତମାନ ସମୟରେ କିଛି ଜମି ମାଫିଆ ଓ ସ୍ୱାର୍ଥବାଦୀ ଲୋକଙ୍କ ଲୋଲୁପ ଦୃଷ୍ଟି ମଧ୍ୟ ପଡ଼ିଛି। ଧୀରେ ଧୀରେ ଜଳସ୍ରୋତକୁ ମାଟି ପକାଇ ସଙ୍କୁଚିତ କରି ଜବରଦଖଲ କରି ନିଜ ଆୟତ୍ତକୁ ନେଇସାରିଲେଣି। ଫଳରେ ସାମାନ୍ୟ ବର୍ଷା ହେଲେ ନାଳ ଓ ମହାନାଳର ପାଣି ପ୍ରବାହିତ ହେବାରେ ଅସୁବିଧା ହେବା ସହ ନାଳ ଓ ମହନାଳ ସଂଲଗ୍ନ ଅଞ୍ଚଳର ଲୋକଙ୍କ ଘରେ ନର୍ଦ୍ଦମା ପାଣି ପଶି ପୂତି ଗନ୍ଧମୟ ପରିବେଶ ସୃଷ୍ଟି କରୁଛି।୍ର ରାଇରଙ୍ଗପୁର ପୌରପାଳିକା ଅନ୍ତର୍ଗତ ୱାର୍ଡ ନମ୍ବର ୯, ଇଚିଣ୍ଡା ଫାଟକରୁ ବଜାରକୁ ଯିବା ମୁଖ୍ୟ ରାସ୍ତାରେ ଏଭଳି ସମସ୍ୟା ସୃଷ୍ଟି ହେଉଛି। ରାଇରଙ୍ଗପୁର ପୌରପାଳିକା ଅନ୍ତର୍ଗତ ସମସ୍ତ ୱାର୍ଡରୁ ନିଷ୍କାସିତ ଦୂଷିତ ଜଳ, ବର୍ଷାଜଳ ସମସ୍ତ ଡ୍ରେନରେ ଯାଇ ଉକ୍ତ ନାଳ, ମହାନାଳରେ ମିଶୁଛନ୍ତି। ଉକ୍ତ ଜଳ ମହାନାଳ ହୋଇ ନଦୀରେ ମିଶୁଛି। ପୌରପାଳିକା ପକ୍ଷରୁ ଏହାର ମାଷ୍ଟର ପ୍ଲାନ କରି ସମସ୍ତ ନାଳ ଓ ମହାନାଳ ଖନନ କରି ଗାଡୱାଲ, ପ୍ୟାଚିଂ କାର୍ଯ୍ୟ ସମ୍ପନ୍ନ କରି ଏହାର ପୁନରୁଦ୍ଧାର କରିବା ନିହାତି ଆବଶ୍ୟକ ଅଟେ।





- ଜଳ ନିଷ୍କାସନରେ ସାଜୁଛି ବାଧକ
- ପୌରପାଳିକାର ଅବହେଳା ପାଇଁ ଧନ୍ଦୀ ହେଉଛନ୍ତି ଲୋକେ
- ବର୍ଷାଦିନେ ବେହାଲ ହେଉଛି ରାଇରଙ୍ଗପୁର

ଅନ୍ୟପକ୍ଷରେ ଜବରଦଖଲକାରୀ ଯାଞ୍ଚ କରି ଉଚ୍ଛେଦ କରିବା ପ୍ରତି ପ୍ରଶାସନ ଶିଥିଳତା ପାଇଁ ମହାନାଳର ଶଯ୍ୟା ସଙ୍କୁଚିତ ହେଲାଣି। ଉପରମୁଣ୍ଡରୁ ବୋହି ଆସୁଥିବା ମାଟି ବାଲିରେ ଶଯ୍ୟା ପୋତି ହେବା ସହିତ ବୁଦା ଓ ଗଛ ଉଠି ପ୍ରବାହ ଜଳରାଶିର ବାଧକ ସାଜିଛି। ଯାହାଫଳରେ ସାମାନ୍ୟ ବର୍ଷାରେ ସ୍ଥିତି ବେହାଲ ହେଉଛି। ରାଇରଙ୍ଗପୁର ପୌରପାଳିକା ଲୋକ ଦେଖାଣିଆ ଡ୍ରେନ ସଫେଇ କାର୍ଯ୍ୟ ଜାରି ରଖିଥିବାବେଳେ ମହାନାଳ ପୁନରୁଦ୍ଧାର କାର୍ଯ୍ୟ ହେଉନାହିଁ। ଏ ନେଇ ପ୍ରକଳ୍ପ ପ୍ରସ୍ତୁତ ସହିତ ଟେଣ୍ଡର ପ୍ରକ୍ରିୟା ବିଭାଗ କରି ଖନନ, ସଫେଇ କାର୍ଯ୍ୟ ଠପ୍ ହୋଇପଡ଼ିଛି। ଫଳରେ ରାଇରଙ୍ଗପୁରର ସମସ୍ତ ସହରବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁନରୁଦ୍ଧାର କାର୍ଯ୍ୟ ହେଉ ନ ଥିବାରୁ ଉଦବୃତ୍ତ ଦୂଷିତ ଜଳ ସମାନ୍ୟ ବର୍ଷାରେ ଲୋକଙ୍କ ଘରକୁ ପ୍ରବେଶ କରୁଛି। କେତେକ ସ୍ଥାନରେ ଜନସାଧାରଣ ବାଧ୍ୟ ହୋଇ ନିଜେ ନିଜେ ନାଳ ସଫା କରିବାକୁ ବାଧ୍ୟ ହେଉଛନ୍ତି। ପୌରପାଳିକା ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣ ଟ୍ୟାକ୍ସ ଦେଉଥିବାବେଳେ ପୌରପାଳିକା ଏଥିପ୍ରତି ଦୃଷ୍ଟି ନ ଦେବା ଅପାରଗତାର ପରିଚୟ ଦେଇଛି। ଯାହା ପାଇଁ ସହରବାସୀ ସଭିଏଁ ନାକେଦମ ହୋଇଛନ୍ତି। ଉକ୍ତ ସମସ୍ୟା ନେଇ ସ୍ଥାନୀୟ ଜନପ୍ରତିନିଧି ମଧ୍ୟ ଏଥିପ୍ରତି ତିଳେ ହେଲେ ନିଘା ଦେଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଭଳି ନାଳ, ମହାନାଳ ପୋତି ହେବା କାରଣରୁ ରାଇରଙ୍ଗପୁର ସହର ଆଗକୁ ଜଳ ନିଷ୍କାସନ ନେଇ ବଡ଼ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି। ଯାହାକୁ ନେଇ ବହୁ ଲୋକେ କ୍ଷତିଗ୍ରସ୍ତ ହେବା ସହ ବହୁ କଷ୍ଟର ସମ୍ମୁଖୀନ ହେବେ। ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିଜସ୍ୱ ଜିଲ୍ଲାରେ ଏଭଳି ଅବସ୍ଥା ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଅଟେ। ବିଭାଗୀୟ ନିରବତା ପାଇଁ ସାଧାରଣ ଜନତା ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ସମସ୍ୟାର ତୁରନ୍ତ ସମାଧାନ ହେବାର ଆବଶ୍ୟକତା ରହିଛି। ନଚେତ ରାଇରଙ୍ଗପୁର ସହରବାସୀ ଯନ୍ତ୍ରଣା ଭୋଗିବାର ଆଶଙ୍କା ରହିଛି।

## କଳିଙ୍ଗନଗର ଗୁଳିକାଣ୍ଡ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି



ଶରତ, ୨।୧(ସମିସ):୨୦୦୬ ଜାନୁଆରୀ ମାସ ୨ ତାରିଖ ଦିନ ଯାଜପୁର ଜିଲ୍ଲା କଳିଙ୍ଗନଗର ଅଞ୍ଚଳରେ ଟାଟା କମ୍ପାନୀ ସ୍ଥାପନ କରାଯିବା ନିମନ୍ତେ ଜମି ଅଧିଗ୍ରହଣ କରାଯାଉଥିବା ସମୟରେ ସେଠାକାର ଆଦିବାସୀ ସମ୍ପ୍ରଦାୟର ଲୋକେ ଓ ପୁଲିସ ପ୍ରଶାସନ ମଧ୍ୟରେ ସଂଘର୍ଷ ଘଟିଥିଲା। ପୁଲିସ ଆନ୍ଦୋଳନକାରୀଙ୍କ ଉପରେ ଗୁଳି ଚଳାଇବାରୁ ୧୪ ଜଣରୁ ଅଧିକ ଆଦିବାସୀ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ ଓ ପ୍ରାୟ ୪୦ ଜଣରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ। ପ୍ରତ୍ୟେକ ବର୍ଷ ଆଜିର ଦିନରେ ସେଠାକାର ଆଦିବାସୀ ସମ୍ପ୍ରଦାୟର ଲୋକେ ଏକତ୍ରିତ ହୋଇ ସେମାନଙ୍କ ସମ୍ମାନାର୍ଥେ ସହିଦ ଦିବସ ପାଳନ କରିଥା'ନ୍ତି। ଏହି ୨୦ତମ ସହିଦ ଦିବସ ପାଳନ ଅବସରରେ ଆଜି ଶରତ ବିକାଶ ମଞ୍ଚର ସଦସ୍ୟ ଉକ୍ତ ସହିଦ ସ୍ଥଳକୁ ଯାଇ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବିକାଶ ମଞ୍ଚ ସଭାପତି ଗାମାଏ ରୀମିଲ ଗୋଇପାଇ, ଯୁଗ୍ମସମ୍ପାଦକ ନବୀନ ମୁଣ୍ଡରୀ, ତୁରାମ ବୁଳିଉଲି, ମାଣ୍ଡୁଆଲ ଗୋଇପାଇ ପ୍ରମୁଖ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମୟୂରଭଞ୍ଜ ମିଶ୍ରଣ ଦିବସ



ବାରିପଦା, ୨।୧(ସମିସ):ମୟୂରଭଞ୍ଜ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସଭାପତି ପ୍ରଦୀପ୍ତ କିଶୋର ପଣ୍ଡାଙ୍କ ସଭାପତିତ୍ୱରେ ସ୍ଥାନୀୟ କଲ୍ୟାଣୀ ମହିଳା ସମିତି ସଭାଗୃହରେ ମୟୂରଭଞ୍ଜ ମିଶ୍ରଣ ଦିବସ ପାଳିତ ହୋଇଯାଇଛି। ଭଞ୍ଜଶାସନରେ ମୟୂରଭଞ୍ଜର ବିକାଶ ଓ ଐତିହ୍ୟ ଅତୁଳନୀୟ ବୋଲି ଅଭିହିତ କରି ସ୍ୱାଧୀନତା ପରେ ଜିଲ୍ଲାକୁ ବାରମ୍ବାର ପ୍ରତାରିତ ଓ ଅବହେଳିତ କରାଯାଉଥିବାରୁ ସମସ୍ତେ କ୍ଷୋଭ ପ୍ରକାଶ କରିଛନ୍ତି। ଜିଲ୍ଲାରେ ପ୍ରଚୁର ଖଣିଜ ଓ ଜଙ୍ଗଲ ସମ୍ପଦ ଥିଲେ ମଧ୍ୟ ଏସବୁକୁ ଏପର୍ଯ୍ୟନ୍ତ କୌଣସି ସରକାର ଦୃଷ୍ଟି ଦେଉ ନ ଥିବା ଆଲୋଚନା ହୋଇଥିଲା। ଏପରିକି ରାଜତନ୍ତ୍ର ସମୟର ଶିଳ୍ପ ବନ୍ଦ ହୋଇଯାଇଥିଲେ ମଧ୍ୟ ସେଗୁଡିକର ପୁନରୁଦ୍ଧାର ହୋଇନାହିଁ। ମୁଖ୍ୟଅତିଥି ଭାବେ ପୂର୍ବତନ ମୟୂରଭଞ୍ଜ ସାଂସଦ ଇଂ ରାମଚନ୍ଦ୍ର ହାଁସଦା, ମୁଖ୍ୟବକ୍ତା ଭାବେ କବି ବିଷ୍ଣୁ ଶତପଥୀ, ଅତିଥି ଭାବେ ଶଶୀପ୍ରଭା ବିନ୍ଧାଣିଙ୍କ ସହିତ ଆଡଭୋକେଟ ବସନ୍ତ ମହାନ୍ତ, କୈବଲ୍ୟ ପ୍ରସାଦ ମହାପାତ୍ର, ରବିନାରାୟଣ ଚ୍ୟାଉପଟ୍ଟନାୟକ, ଡ. ପ୍ରକାଶ ଚନ୍ଦ୍ର ଦାଶ, ଡ. ଯତୀନ୍ଦ୍ର ନାଥ ସିଂହ ଯୋଗ ଦେଇଥିଲେ। ଡ. ସୁଶାନ୍ତ କୁମାର ପାତ୍ର ସଭା ପରିଚାଳନା କରିଥିବାବେଳେ ସାଧାରଣ ସମ୍ପାଦକ ଡ ଶ୍ୟାମସୁନ୍ଦର ଦାସ ଅତିଥି ପରିଚୟ ଓ କୁମାର ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରି ଥିଲେ।

## ଶ୍ରଦ୍ଧାଞ୍ଜଳି ସଭା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ




ବଡ଼ସାହି, ୨।୧(ସମିସ): ମାନଗୋବିନ୍ଦପୁର ପଞ୍ଚାୟତ ନୁଣକୁଆ ଗ୍ରାମର ପ୍ରକୃତିପ୍ରେମୀ ସମାଜସେବୀ ସ୍ୱର୍ଗତ ଯଦୁନାଥ ବେହେରା ଗଛଲତା ଓ ପ୍ରକୃତିକୁ ପ୍ରାଣଭରି ଭଲ ପାଉଥିବାରୁ ତାଙ୍କର ପ୍ରଥମ ବାର୍ଷିକ ଶ୍ରାଦ୍ଧ ଦିବସରେ ବୃକ୍ଷରୋପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ନିମନ୍ତ୍ରିତ ଅତିଥି, ପୁଅଝିଅ, ଆତ୍ମୀୟସ୍ୱଜନ। ସ୍ୱର୍ଗତଃ ଯଦୁନାଥ ବେହେରାଙ୍କ ପୁତ୍ର ସରୋଜ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ଇଣ୍ଟରନ୍ୟାସନାଲ ନେଚରପ୍ୟାଥି ଅର୍ଗାନାଇଜେସନ ଓଡ଼ିଶାର ଉପସଭାପତି ତଥା ଭାରତୀୟ ରେଡକ୍ରସ ସୋସାଇଟିର ଭାଇସ ପେଟ୍ରୋନ ଡକ୍ଟର ରମାକାନ୍ତ ମହାନ୍ତ, ବିଶିଷ୍ଟ ଅତିଥି ଭାବେ ଇଂ ସରୋଜ କୁମାର ଦେ, ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ଅର୍ପିତା ଜେନା, ମୁଖ୍ୟବକ୍ତା ଭାବେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବେତନଟୀ ସେବା କେନ୍ଦ୍ର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ବନିତା, ସମ୍ମାନିତ ବକ୍ତା ଭାବେ ଅଧ୍ୟାପକ ସୁଧାଂଶୁ ବେହେରା, ସାମ୍ବାଦିକ ଦୀପକ କୁମାର ମହାନ୍ତ, ଶିକ୍ଷକ ସତ୍ୟରଞ୍ଜନ ଦୁର୍ଗା, ଶିକ୍ଷୟିତ୍ରୀ ଶୁଚିସ୍ମିତା ଜେନା, ଶିକ୍ଷୟିତ୍ରୀ ରୀତାରାଣୀ ଦେ, ପ୍ରମିଳା ଜେନା, ଶରତ କୁମାର ଜେନା ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ଯଦୁନାଥ ବେହେରା ଜଣେ ମିଷ୍ଟଭାଷୀ, ପରୋପକାରୀ, ଧର୍ମପ୍ରାଣ, ପ୍ରକୃତିପ୍ରେମୀ ବ୍ୟକ୍ତି ଥିଲେ ବୋଲି ପ୍ରକାଶ କରିଥିଲେ। ସ୍ୱର୍ଗତ ଯଦୁନାଥ ବେହେରାଙ୍କ ପତ୍ନୀ ହେମଲତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ସାହି ଓ ଭୀମଦା ଲ୍ୟାମ୍ପସରେ ଧାନମଣ୍ଡି ଉଦ୍‌ଘାଟିତ



ବଡ଼ସାହି, ୨।୧(ସମିସ): ବଡସାହି ବ୍ଲକ ଅଧୀନ ବଡସାହି ଲ୍ୟାମ୍ପସ ଓ ଭୀମଦା ଲ୍ୟାମ୍ପସରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଏଥିରେ ବଡ଼ସାହି ବିଧାୟକ ସନାତନ ବିଜୁଳି, ଲ୍ୟାମ୍ପସ ସଭାପତି ଲକ୍ଷ୍ମୀ ସିଂ, ଏମଡି ଭଗବାନ ସାମନ୍ତରାୟ, ବ୍ଲକ କୃଷି ଅଧିକାରୀ, ପିପିଓ କାର୍ତ୍ତିକ ଚନ୍ଦ୍ର ପରିଡ଼ା, ଲ୍ୟାମ୍ପସର ସମସ୍ତ ନିର୍ଦ୍ଦେଶକ, ଚାଷୀ କମିଟି ସଦସ୍ୟଙ୍କ ସମେତ ବହୁ ଚାଷୀ ଉପସ୍ଥିତ ରହି ବିଧବଦ୍ଧ ଭାବେ ଏହି ମଣ୍ଡିର ଉଦଘାଟନ କରିଛନ୍ତି। ବିଧାୟକ ପୂର୍ବ ବର୍ଷମାନଙ୍କରେ ମଣ୍ଡିକୁ ନେଇ ଉପୁଜିଥିବା ସମସ୍ୟା ଚଳିତ ବର୍ଷ ନ ଉପୁଜିବ, ତାହା ଉପରେ ଗୁରୁତ୍ୱ ଦେବାକୁ କହିଛନ୍ତି। ବିଶେଷକରି ଧାନ କଟ୍‌ନୀ ଛଟନି, ମିଲରଙ୍କ ମନମାନି ଏସବୁ ଦିଗ ଉପରେ ନଜର ଦେବାକୁ ସ୍ପେସାଲ ଟାସ୍କଫୋର୍ସ ଗଠନ କରାଯାଇଛି। ଯାହାକି ଚଳିତ ବର୍ଷ ମଣ୍ଡିରେ ଧାନ କିଣାରେ କୌଣସି ସମସ୍ୟା ହେବ ନାହିଁ ବୋଲି ସୂଚନା ଦେଇଛନ୍ତି। ଏତଦବ୍ୟତୀତ କୌଣସି ଚାଷୀଙ୍କ ଟୋକନ ଯେପରି ବାଦ୍ ପଡ଼ି ନ ଯାଏ, ସେଥିପ୍ରତି ଧ୍ୟାନ ଦେବାକୁ କହିଛନ୍ତି। କ୍ଷୁଦ୍ର ଚାଷୀଙ୍କ ଧାନକୁ ପ୍ରଥମେ ଅଗ୍ରାଧିକାର ଦିଆଯିବ ଓ ମଣ୍ଡିରେ କିପରି ସଠିକ ଭାବେ ଧାନ କ୍ରୟ ହୋଇପାରିବ, ସେ ନେଇ ପ୍ରଶାସନ ସଜାଗ ଥିବା ଜଣାଯାଇଛି। ପ୍ରଥମ ଦିନରେ ବଡ଼ସାହି ଲ୍ୟାମ୍ପସରୁ ଆପୂର୍ବା ମିଲ ୪ ଜଣ ଚାଷୀଙ୍କଠାରୁ ୧୯ ୯.୩୧ କ୍ୱିଣ୍ଟାଲ ଓ ସିଦ୍ଧିବିନାୟକ ମିଲ୍ ଭୀମଦା ଲ୍ୟାମ୍ପସରୁ ୫ ଜଣ ଚାଷୀଙ୍କଠାରୁ ୧୮ ୯.୧୬ କ୍ୱିଣ୍ଟାଲ ଧାନ ସଂଗ୍ରହ କରିଥିବା ଜଣାଯାଇଛି।

## କୁଳିଅଣା ଲ୍ୟାମ୍ପ୍‌ସରେ ଧାନମଣ୍ଡି ଉଦ୍‌ଘାଟିତ

କୁଳିଅଣା, ୨।୧(ସମିସ): ଚଳିତ ଖରିଫ ବର୍ଷ ୨୦୨୫-୨୬ ପାଇଁ ଓଡ଼ିଶା ସରକାରଙ୍କ ଖାଦ୍ୟ ଓ ସଂଗ୍ରହଣ ନୀତି ପରିପ୍ରେକ୍ଷୀରେ ଧାନର ଅଭାବୀ ବିକ୍ରି ରୋକିବା ଓ ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଯୋଗାଇ ଦେବା ନିମନ୍ତେ ଆଜି କୁଳିଅଣା ଲ୍ୟାମ୍ପ୍‌ସରେ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। କୁଳିଅଣା ବ୍ଲକ ୮ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଦୁର୍ଗାଚରଣ ମାରାଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇ ଅନୁଷ୍ଠାନିକ ଭାବେ ମଣ୍ଡିକୁ ଉଦଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୯ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଆନନ୍ଦ ଚନ୍ଦ୍ର ଟୁଡୁ, ଅତିରିକ୍ତ ତହସିଲଦାର ପ୍ୟାରୀମୋହନ ହେମ୍ବ୍ରମ, କୁଳିଅଣା ଯୋଗାଣ ନିରୀକ୍ଷକ ଉତ୍କଳିକା ନାଏକ, କୁଳିଅଣା ରାଜସ୍ୱ ନିରୀକ୍ଷକ ଅଜିତ କୁମାର ସିଂହ, ଲ୍ୟାମ୍ପସ ସଭାପତି ଶରତ ଚନ୍ଦ୍ର ନାଏକ, ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ ନାଏକ, ବରିଷ୍ଠ ସମବାୟବିତ ତଥା ନିର୍ଦ୍ଦେଶକ ସୁଧାଂଶୁ କୁମାର ପାଣିଗ୍ରାହୀ, ଧାନ କ୍ରୟ କମିଟି ସଦସ୍ୟ ପଦ୍ମଲୋଚନ ସାହୁ, ବରିଷ୍ଠ ଚାଷୀ ବ୍ରଜମୋହନ ସାହୁ ପ୍ରମୁଖଙ୍କ ସହ ଲ୍ୟାମ୍ପ୍‌ସର ସମସ୍ତ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। କୁଆବୁଡ଼ାସ୍ଥ ଏସଏସଏମ ଧାନ ମିଲର ଚାଷୀଙ୍କଠାରୁ ଧାନ କ୍ରୟ କରିଥିଲେ। ପ୍ରଥମ ଦିନରେ ୭ ଜଣ ଚାଷୀଙ୍କଠାରୁ ୨୦୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। ଧାନ ର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଲ୍ୟାମ୍ପ୍‌ସର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



## କୁଳପତିଙ୍କ ସହ ଏମ୍‌ସିଏଏମ୍ ଅଧ୍ୟକ୍ଷଙ୍କ ସୌଜନ୍ୟମୂଳକ ସାକ୍ଷାତ

ବାରିପଦା, ୨।୧(ସମିସ): ଶୁକ୍ରବାର ପୂର୍ବାହ୍ନରେ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରମୋଦ କୁମାର ଶତପଥୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ସୌଜନ୍ୟମୂଳକ ସାକ୍ଷ୍ୟାତ କରିଛନ୍ତି। ଏ ଅବସରରେ ଶ୍ରୀ ନାୟକ କୁଳପତିଙ୍କୁ ବୃକ୍ଷ ଓ ପୁଷ୍ପଗୁଚ୍ଛ ଦେଇ ନବବର୍ଷର ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସମ୍ପର୍କିତ ବିଭିନ୍ନ ଗଠନମୂଳକ ଆଲୋଚନା କରିଥିଲେ। ଶ୍ରୀ ନାୟକ ପୂର୍ବରୁ ଏହି ବିଶ୍ୱବିଦ୍ୟାଳୟର ସିନେଟ ଓ ଏକାଡେମୀକ କାଉନସିଲର ସଦସ୍ୟ ଥିଲେ। ଶ୍ରୀ ନାୟକ ରେଜିଷ୍ଟ୍ରାର ଡ. ସୁନୀତା ସିଂ ଓ ପିଜି କାଉନସିଲ ଅଧ୍ୟକ୍ଷଙ୍କୁ ମଧ୍ୟ ସାକ୍ଷ୍ୟାତ କରି ଆଲୋଚନା କରିଥିଲେ। ଶ୍ରୀ ନାୟକଙ୍କ ସହ ଏମସିଏଏମର ଆଡମିନଷ୍ଟ୍ରେଟିଭ ବରସାର ତଥା ବିଏଏଲଏଲବି ବିଭାଗ ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା, ଅଧ୍ୟାପକ ସମ୍ବିତ କୁମାର ମିଶ୍ର, ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ସୁଶ୍ରୀ ନାୟକ ଓ ରେଡକ୍ରସ ଅଧିକାରିଣୀ ପୂଜା ଶତପଥି ମଧ୍ୟ କୁଳପତିଙ୍କୁ ଭେଟି ନବବର୍ଷର ଶୁଭେଚ୍ଛା ଜଣାଇଥିଲେ।



## ଶିଶୁ ସାହିତ୍ୟିକ କୁମାର ବାବୁଲି ସମ୍ମାନିତ



ବଡ଼ସାହି, ୨।୧(ସମିସ): ବଲାଙ୍ଗୀର ଜିଲ୍ଲାର କଣ୍ଟାବାଞ୍ଜିଠାରେ ଅନୁଷ୍ଠିତ ନିର୍ଝରିଣୀ ଓ ଓଡ଼ିଶା ଶିଶୁକିଶୋର ଶିଶୁ ସାହିତ୍ୟ ଏକାଡେମୀ ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ୧୪ତମ ବାର୍ଷିକ ଜାତୀୟସ୍ତରୀୟ ଶିଶୁ ସାହିତ୍ୟ ସାରସ୍ୱତ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡକ୍ଟର ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଫେସର ଡକ୍ଟର ଦାଶ ବେନହୁର, ଡକ୍ଟର ଧନଞ୍ଜୟ ସ୍ୱାଇଁ, ଡକ୍ଟର ବୀରେନ୍ଦ୍ର ମହାନ୍ତି, ଡକ୍ଟର ରମେଶ ପତ୍ରୀ, ଡକ୍ଟର ବନ୍ଦନା ହରିଚନ୍ଦନ, ଡକ୍ଟର ଯୁଗଳ କିଶୋର ଷଡ଼ଙ୍ଗୀ, ଡକ୍ଟର ଉଦୟ କିରୋଲା (ଉତ୍ତରାଖଣ୍ଡ) ଅତିଥି ରୂପେ ଯୋଗଦେଇ ଡକ୍ଟର କୁମାର ବାବୁଲିଙ୍କୁ ସଫଳ ସମ୍ପାଦକ ଓ ଶିଶୁ ସାହିତ୍ୟିକ ଭାବେ ସମ୍ମାନିତ କରିଥିଲେ। ପିତା ଉତ୍କଳରତ୍ନ ସ୍ୱର୍ଗତଃ ପଣ୍ଡିତ ଲକ୍ଷ୍ମୀଧର ରାଉତଙ୍କ ସହଚର୍ଯ୍ୟରେ ଆସି ସେ ଦୀର୍ଘଦିନରୁ ଶିଶୁ ସାହିତ୍ୟ ଉପରେ ଲେଖନୀ ଚାଳନା କରିଆସୁଥିବାବେଳେ ୧୯୮୮ରୁ ଓଡ଼ିଆ ମାସିକ ଶିଶୁ କିଶୋର ପତ୍ରିକା 'ଆମ ସୁନାଚାନ୍ଦ' ପ୍ରକାଶ କରିଆସୁଛନ୍ତି। ପାଞ୍ଚବର୍ଷ ହେଲା ଓଡ଼ିଶାର ଏକମାତ୍ର ମାସିକ ହିନ୍ଦୀ ଶିଶୁ ପତ୍ରିକା 'କାକଳୀ' ପ୍ରକାଶ କରି ବେଶ୍ ସଫଳତା ହାସଲ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ପିଲାଙ୍କ ପାଇଁ ତାଙ୍କର ୬ଟି ପୁସ୍ତକ ପ୍ରକାଶ ପାଇ ପିଲାଙ୍କର ପ୍ରିୟ ହୋଇପାରିଛି। ରାଜ୍ୟ ଓ ଜାତୀୟ ସ୍ତରରେ ସେ ବହୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ରାଜ୍ୟ ଓ ଜାତୀୟ ସ୍ତରର ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ଥିବାବେଳେ ସେ ରାଜ୍ୟସ୍ତରୀୟ ଅନୁଷ୍ଠାନ ବାଣୀପୀଠର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। ଏତଦ୍‌ବ୍ୟତୀତ ସାହିତ୍ୟ ପତ୍ରିକା 'ପଲ୍ଲୀପ୍ରଭା'ର ମୁଖ୍ୟ ସମ୍ପାଦକ ଅଟନ୍ତି। ତାଙ୍କୁ ସଫଳ ସମ୍ପାଦକ ଓ ଶିଶୁ ସାହିତ୍ୟିକ ସମ୍ମାନ ମିଳିଥିବାରୁ ବାଣୀପୀଠ, ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ, ଦୀନଦୁଃଖିନୀ ପାଠାଗାର, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଓଡ଼ିଆ ଲେଖକ ପରିଷଦ, ରାଷ୍ଟ୍ରଭାଷା ସାହିତ୍ୟ ସଂସ୍କୃତି ଏକାଡ଼େମୀ ଓ କାଶୀନାଥ ବିଦ୍ୟାପୀଠ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ଟାଇଟନ ଡେନ୍ ଫିଟନେସ ଜୋନ୍ ଜିମ୍ ଉଦ୍‌ଘାଟିତ

ବାରିପଦା, ୨।୧(ସମିସ): ସ୍ଥାନୀୟ ମଧୁବନଠାରେ ଟାଇଟନ ଡେନ୍ ଫିଟନେସ ଜୋନ୍ ନାମକ ଜିମ୍ ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ବାରିପଦା ପୌରପାଳିକା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଓ ସମାଜସେବୀ କାଶୀନାଥ ରଣା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଫିତା କାଟି ଜିମ୍‌କୁ ଉଦଘାଟନ କରିଥିଲେ। ବର୍ତ୍ତମାନ ଯୁବଗୋଷ୍ଠୀଙ୍କ ମଧ୍ୟରେ ସୁନ୍ଦର ସ୍ୱାସ୍ଥ୍ୟକୁ ନେଇ ଅନେକ ଉତ୍ସାହ ଥିବାବେଳେ ଏହାକୁ ଦୃଷ୍ଟିରେ ରଖି ଜିମ୍ ଖୋଲାଯାଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ବାରିପଦା ସହରର ପ୍ରମୁଖ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ସୁନ୍ଦରସ୍ୱାସ୍ଥ୍ୟ ନେଇ ସମସ୍ତଙ୍କୁ ନିୟମିତ ବ୍ୟାୟାମ କରିବା ପାଇଁ ଅତିଥିମାନେ ଉପଦେଶ ଦେଇଥିଲେ। ଲୋକଙ୍କ ଚାହିଦାକୁ ଦେଖି ଆଧୁନିକ ଶୈଳୀରେ ଜିମ୍ ଉପକରଣ ସହ ଟ୍ରେନରଙ୍କୁ ନେଇ ଏହା ଆରମ୍ଭ ହୋଇଛି। ଦେବାଶିଷ ବେହେରା, ଲକ୍ଷ୍ମୀକାନ୍ତ ବେହେରା, ଜୟପ୍ରକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ବନାଞ୍ଚଳସ୍ତରୀୟ ଗଜସାଥୀ ତାଲିମ ଶିବିର

କପ୍ତିପଦା, ୨।୧(ସମିସ): କପ୍ତିପଦା ବନାଞ୍ଚଳ ପରିସରରେ ବନାଞ୍ଚଳସ୍ତରୀୟ ଗଜସାଥି ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ବାରିପଦା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସହକାରୀ ବନ ସଂରକ୍ଷକ ସେଖ ମେହର୍ ବାନ ଅଲ୍ଲୀ ଉପସ୍ଥିତ ରହି ହାତୀଙ୍କ ସୁରକ୍ଷା ପାଇଁ କେଉଁ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ, ତାହା ଆଲୋଚନା କରିଥିଲେ। କିପରି ହାତୀଙ୍କୁ ବୈଦ୍ୟୁତିକ ଚାର୍ଜ ନ ଲାଗିବ, ହାତୀଙ୍କୁ ସୁରକ୍ଷିତ ରଖିବା ସହ ହାତୀଙ୍କ କବଳରୁ ଲୋକଙ୍କୁ ସୁରକ୍ଷିତ ରଖିବା ସେହି ବିଷୟରେ ତାଲିମ ଦେଇଥିଲେ। ହାତୀର ସୁରକ୍ଷା ଓ ହାତୀଙ୍କଠାରୁ ଜନଜୀବନ ସୁରକ୍ଷାକୁ ମୁଖ୍ୟତଃ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ। ଅନୁକମ୍ପା ମାଧ୍ୟମରେ କିପରି ସହଯୋଗ କରାଯାଇପାରିବ, ସେହି ବିଷୟରେ ଆଲୋଚନା କରିଥିଲେ। କପ୍ତିପଦା ବାନାଞ୍ଚଳ ଅଧିକାରୀ ଅଚ୍ୟୁତାନନ୍ଦ ଦାସ ଉପସ୍ଥିତ ରହି ଗଜସାଥିଙ୍କୁ ତାଙ୍କ ଦାୟିତ୍ୱ ସମ୍ବନ୍ଧରେ କହିଥିଲେ। ଗଜସାଥୀ କିପରି ଗାଁ ଲୋକ ଓ ବନ ବିଭାଗ ମଧ୍ୟରେ ଭଲ ସମ୍ପର୍କ ସ୍ଥାପନ କରିବେ, ସେହି ବିଷୟରେ ଆଲୋଚନା କରିଥିଲେ।






ଉକ୍ତ ତାଲିମ ଶିବିରରେ ୫୦ ଜଣ ଗଜସାଥି ଉପସ୍ଥିତ ଥିଲେ। ବନାଞ୍ଚଳ ଅଧୀନରେ କାର୍ଯ୍ୟରତ ବନପାଳ, ବନରକ୍ଷୀ, କ୍ଷେତ୍ର ସଂଯୋଜକଙ୍କ ସହିତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। କପ୍ତିପଦା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମପଞ୍ଚାୟତରୁ ସରପଞ୍ଚଙ୍କ ଉପସ୍ଥିତରେ ଗଜସାଥିଙ୍କୁ ତାଙ୍କ ପୋଷାକ, ଆଲୋକ ପ୍ରଦାନ କରାଯାଇଥିଲା।

# ରେମାଳ ନଦୀରେ ଲୀନହେବ ଅମରକୋଲା ଗାଁ



ଆନନ୍ଦପୁର, ୨।୧ (ସମିସ): ପ୍ରତିବର୍ଷ ବର୍ଷାଦିନେ ରେମାଳ ନଦୀ ଭୟଙ୍କର ରୂପ ଧାରଣ କରୁଛି। କୂଳ ଖାଇବା ସହ ଜନବସତି ଆଡ଼କୁ ମାଡ଼ିଆସୁଛି। ବିଭିନ୍ନ ସମୟରେ ଅତଡ଼ା ଖସୁଥିବାରୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ ଦରଡ଼ିପାଳ ପଞ୍ଚାୟତର ଅମରକୋଲା ଗ୍ରାମରେ। ଦିନକୁ ଦିନ ରେମାଳ ନଦୀ ଆଁ ଭିତରକୁ ଚାଲିଯାଉଛି ଅମରକୋଲା ଗାଁ। ଗ୍ରାମର ବହୁ ଚାଷଜମି ନଦୀଗର୍ଭରେ ଲୀନ ହୋଇଗଲାଣି। ଛଅବର୍ଷ ମଧ୍ୟରେ ଗ୍ରାମର ମଦନ ଦେହୁରୀ, ଦିବାକର ଦେହୁରୀ, ରମାକାନ୍ତ ଦେହୁରୀ, ରବୀନ୍ଦ୍ର ନାହାକ, ସରୋଜ ନାହାକଙ୍କ ଜମି ନଦୀଗର୍ଭକୁ ଚାଲିଯାଇଛି। ଶାଳପଡ଼ା ଜଳସମ୍ପଦ ବିଭାଗ ଦ୍ୱାରା ନିର୍ମାଣ ହୋଇଥିବା ସ୍ପର୍ କିଛିମାତ୍ରାରେ ସୁରକ୍ଷା ଦେଉଥିଲେ ବି ତାହା ଯଥେଷ୍ଟ ହେଉନି। ପ୍ରଶାସନ ତୁରନ୍ତ କୌଣସି ପଦକ୍ଷେପ ନନେଲେ ଆଗାମୀ ଦିନରେ ସମ୍ପୂର୍ଣ୍ଣ ଗାଁ ନଦୀଗର୍ଭରେ ଲୀନ ହୋଇଯିବ ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ବି କୌଣସି ପଦକ୍ଷେପ ନିଆଯାଉନି। ଆଗାମୀ ଦିନରେ ସେମାନେ ଏନେଇ ମୁଖ୍ୟମନ୍ତ୍ରୀଙ୍କ ଜଣାଇବେ ବୋଲି ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କୁ ଯୋଗାଯୋଗ କରିବାରୁ, ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଜଙ୍ଗଲ ନିଆଁ ରୋକିବାକୁ ୧୭୦୦ କିମି ଫାୟାର୍ ଲାଇନ୍




## ଜିଲ୍ଲା ସ୍ତରରେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି

କେନ୍ଦୁଝର,୨।୧(ସମିସ): କେନ୍ଦୁଝର ଡିଭିଜନରେ ପ୍ରତ୍ୟେକ ବର୍ଷ ଅନେକ ଜଙ୍ଗଲରେ ନିଆଁ ଲାଗି ବ୍ୟାପକ ଜଙ୍ଗଲ ପୋଡ଼ି ପାଉଁଶ ହେଉଛି। ଫଳରେ ଜଙ୍ଗଲରେ ରହୁଥିବା ବନ୍ୟପ୍ରାଣୀ ଏବଂ ପକ୍ଷୀ ନିଜର ଆଶ୍ରୟସ୍ଥଳ ହରାଉଛନ୍ତି। ଜଙ୍ଗଲରେ ନିଆଁ ରୋକିବା ପାଇଁ ଜିଲ୍ଲାସ୍ତରୀୟ କାର୍ଯ୍ୟ ଯୋଜନା ପ୍ରସ୍ତୁତି ବୈଠକ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଡିଏଫଓ ଡିଏଫ୍ଓ ଧନରାଜ ଏଚଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ସମ୍ପର୍କିତ ଆଲୋଚନା ହୋଇଥିଲା। ବିଗତ ୩ ବର୍ଷର ତଥ୍ୟ ଅନୁସାରେ ୧୭ଟି ବିଟ୍ ଅଞ୍ଚଳ ଅଧିକ ସମ୍ବେଦନଶୀଳ, ୩୬ଟି ବିଟ୍ ଅଞ୍ଚଳ ମଧ୍ୟମ ସମ୍ବେଦନଶୀଳ, ୫୨ଟି ବିଟ୍ ଅଞ୍ଚଳ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ଜଙ୍ଗଲ ନିଆଁ ରୋକିବା ପାଇଁ ୧୨ଟି ବଲେରୋ ଗାଡି, ୧୭୭ଟି ଫାୟାର ବ୍ଲୋୟର ମହଜୁଦ ଥିବାବେଳେ ୧୨୦ ଜଣ ଫାୟାର ସ୍କ୍ୱାଡ ନିୟୋଜିତ ହେବେ। ଚଳିତ ବର୍ଷ ୧୭୦୦ କିଲୋମିଟର ଫାୟାର ଲାଇନ କରିବାକୁ ଜାନୁୟାରୀ ମାସ ମଧ୍ୟରେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ୮୦୦ କିଲୋମିଟର ଫାୟାର ଲାଇନ କାମ ଶେଷ ହୋଇଗଲାଣି। କେନ୍ଦୁଝର ଡିଭିଜନର ୭ଟି ରେଞ୍ଜରେ ୭୦୦ଟି ବନ ସୁରକ୍ଷା ସମିତିକୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଯେଉଁ ବନ ସୁରକ୍ଷା ସମିତି ଅଧିନରେ ଥିବା ଜଙ୍ଗଲରେ ନିଆଁ ଲାଗିବ ନାହିଁ ତାଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଚଳିତ ବର୍ଷ ୪୩୦ଟି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଜିଲ୍ଲାସ୍ତରୀୟ କାର୍ଯ୍ୟ ଯୋଜନା ପ୍ରସ୍ତୁତି ବୈଠକରେ ଆନନ୍ଦପୁର ବନ୍ୟପ୍ରାଣୀ ଡିଏଫଓ ପ୍ରଶାନ୍ତ କୁମାର ପଣ୍ଡା, ଏସିଏଫ୍ ପ୍ରତିକ ପ୍ରକାଶ ଇନ୍ଦୁଲକର, ଅଶୋକ କୁମାର ଦାସ, ଡ ସୁଦିପ୍ତ କୁମାର ପଣ୍ଡା, ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ଏଡିଏଚ ଗୋବିନ୍ଦଚନ୍ଦ୍ର ମେହେରଙ୍କ ସମେତ ବହୁ ଅଧିକାରୀ, ପ୍ରେସ କ୍ଲବର ସଭାପତି ଏବଂ କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ମତ ରଖିଥିଲେ। ଜଙ୍ଗଲ ନିଆଁ ସମ୍ପର୍କିତ ସୂଚନା ଦେଲେ ସ୍ଥାନୀୟ ଲୋକଙ୍କୁ ପ୍ରୋତ୍ସାହନ ରାଶି ଦିଆଯିବ। ଫାୟର ଲାଇନ କାର୍ଯ୍ୟ ଜାନୁୟାରୀ ମାସ ମଧ୍ୟରେ ଶେଷ ହେବ ଏବଂ ଏହାର ରକ୍ଷଣାବେକ୍ଷଣ କରାଯିବ। ଜଙ୍ଗଲ ଭିତରେ ଯେଉଁ ସ୍ଥାନରେ ଗାଡ଼ି ଯାଇ ପାରୁନାହିଁ ସେଠାରେ ଦୁଇଚକିଆ ଯାନ ପାଟ୍ରୋଲିଂ କରିବ। ବନାଗ୍ନି ରୋକିବାକୁ ଖସଡ଼ା ପ୍ରସ୍ତୁତ କରାଯାଇ ୟୁଥ କ୍ଲବ, ବନ ସୁରକ୍ଷା ସମିତି, ଗାଁ ମୁଖିଆ, ପାଣି ପଞ୍ଚାୟତ, ୱାର୍ଡ ମେମ୍ବର, ଜିଲ୍ଲା ପରିଷଦ ସଦସ୍ୟ, ସରପଞ୍ଚ ଏବଂ ଅନ୍ୟ ବିଭାଗର ଅଧିକାରୀ ଏବଂ କର୍ମଚାରୀଙ୍କ ସହଯୋଗ ଲୋଡ଼ାଯାଇଛି।

# ନୂଆ ଡାକ ଅଧିକାରୀଙ୍କ ଯୋଗଦାନ

ଆନନ୍ଦପୁର, ୨।୧ (ସମିସ): ଆନନ୍ଦପୁରରେ ଦୀର୍ଘ ଏକ ବର୍ଷ ଧରି ଖାଲି ପଡ଼ିଥିବା ସବ୍ ପୋଷ୍ଟ ଅଫିସର ଇନ୍ସପେକ୍ଟର ପଦରେ କୁମାର ପ୍ରସାଦ ଜେନା ଯୋଗଦାନ କରିଛନ୍ତି। ଏହି ଅବସରରେ ତାଙ୍କୁ ଆନନ୍ଦପୁର ପୋଷ୍ଟାଲ୍ ବିଭାଗ ପକ୍ଷରୁ ସ୍ୱାଗତ ଜଣାଯାଇଛି। ଏହି ଅବସରରେ ଓଭରସିଅର କ୍ଷୀରୋଦ ପାତ୍ର ଓ ସନ୍ମୟ ସେଠୀଙ୍କ ସହ ପୋଷ୍ଟାଲ୍ କର୍ମଚାରୀ ପ୍ରତ୍ୟୁଷ ବିଶ୍ୱାଳ, ସୁଶୀଲ ଦାସ, ଆକାଶ ଜେନା, ସୁଧାଂଶୁ ଓଝା, ରୀନା ପାଲେଇ ଓ ରଶ୍ମିତା ସାହୁ ନବନିଯୁକ୍ତ ଇନ୍ସପେକ୍ଟରଙ୍କୁ ସ୍ୱାଗତ କରିଥିଲେ। ଦୀର୍ଘ ସମୟ ଧରି ପଦଟି ଖାଲି ଥିବାରୁ ସମସ୍ୟା ହେଉଥିବାବେଳେ ଶ୍ରୀ ଜେନାଙ୍କ ଯୋଗଦାନ ସହ ଆନନ୍ଦପୁର ଅଞ୍ଚଳର ପୋଷ୍ଟାଲ୍ ସେବା ଆହୁରି କ୍ଷମତାଶୀଳ ହେବ ବୋଲି କର୍ମଚାରୀ ଓ ସାଧାରଣ ଲୋକେ ଆଶା ପ୍ରକାଶ କରିଛନ୍ତି।



# ୭୧ତମ ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା

# କେନ୍ଦୁଝର ଖେଳାଳିଙ୍କୁ ୯ ସ୍ୱର୍ଣ୍ଣ

କେନ୍ଦୁଝର, ୨।୧(ସମିସ): କଟକ ରିଜର୍ଭ ପୁଲିସ ଗ୍ରାଉଣ୍ଡଠାରେ ଅନୁଷ୍ଠିତ ୭୧ତମ ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ କେନ୍ଦୁଝର ଜିଲ୍ଲାର ଖେଳାଳିମାନେ ଅତି ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରି ୯ଟି ସ୍ୱର୍ଣ୍ଣ, ୧୧ଟି ରୌପ୍ୟ ଓ ସମାନ ସଂଖ୍ୟକ କାଂସ୍ୟ ପଦକ ହାସଲ କରି ଜିଲ୍ଲାକୁ ଗୌରାବାନ୍ୱିତ କରିଥିବା କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକଙ୍କଠାରୁ ସୂଚନା ମିଳିଛି। ସପ୍ତପୁରି ଉଚ୍ଚବିଦ୍ୟାଳୟର ଖେଳ ଶିକ୍ଷକ ସୁଶୀଲ କୁମାର ନାୟକ ମ୍ୟାନେଜେର ଥିବା ବେଳେ କେନ୍ଦୁଝର କ୍ରୀଡା ଛାତ୍ରାବକ୍ଷସର ରାଜେନ୍ଦ୍ର ପ୍ରସାଦ ସି ଏବଂ ରଜନୀବାଳା ମୁଣ୍ଡା କୋଚ ରହିଥିଲେ। ୧୬ ବର୍ଷରୁ କମ ବାଳକ ବିଭାଗ ହାଇଜମ୍ପରେ ଦିଲ୍ଲୀପ ମଲ୍ଲିକ, ସଟପୁଟରେ ସୌମ୍ୟପ୍ରସାଦ ସେଠୀ, ୬୦୦ ମିଟର ଦୌଡ଼ରେ ବିବେକାନନ୍ଦ ମହାନ୍ତ, ୧୮ ବର୍ଷରୁ କମ ବାଳକ ବିଭାଗ ୫୦୦୦ ମିଟର ଚାଲିରେ ମହେଶ୍ୱର ସାହୁ, ଲଙ୍ଗଜମ୍ପରେ ବନମାଳି ସିଂହ, ହେପଟାଥଲନରେ ବନମାଳୀ ସିଂହ, ୨୦ ବର୍ଷରୁ କମ ବାଳକ ବିଭାଗ ୫୦୦୦ ମିଟର ଚାଲିରେ ଧନେଶ୍ୱର ବାସ୍କେ, ଲଙ୍ଗ ଜମ୍ପରେ ବିଶ୍ୱଜିତ ଦାସ, ୧୧୦ ମିଟର ବାଧା ଦୌଡ଼ରେ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ୧୪ ବର୍ଷରୁ କମ ବାଳକ ବିଭାଗ ଟ୍ରାଇଥଲକ୍ଷନରେ ଶ୍ରୀଲକ୍ଷଲା ଶିଙ୍କୁ, ୧୪ ବର୍ଷରୁ କମ ବାଳିକା ବିଭାଗ ଟ୍ରାଇଥଲକ୍ଷନ ଏ ରେ ପ୍ରତ୍ୟୁଷା ସି, ଟ୍ରାଇଥଲକ୍ଷନ ବି ରେ ଶିଷ୍ଟୀ ମୌର୍ଯ୍ୟ, ୧୬ ବର୍ଷରୁ କମ ବାଳକ ବିଭାଗ ଲଙ୍ଗ ଜମ୍ପରେ ସୌମ୍ୟ ରଞ୍ଜନ ମନ୍ତ୍ରୀ, ୬୦୦ ମିଟର ଡ଼େରେ ସୌମ୍ୟ ରଞ୍ଜନ ମନ୍ତ୍ରୀ, ୧୮ ବର୍ଷରୁ କମ ବାଳକ ବିଭାଗ ୪୦୦ ମିଟର ଡ଼େରେ ଧନଞ୍ଜୟ ସୋରେନ, ୧୦୦୦ ମିଟର ଦୌଡ଼ରେ ସଞ୍ଜୟ ହାଁସଦା, ହେପଟାଥଲକ୍ଷନରେ ହାଇ ଜମ୍ପରେ ରାହୁଲ ନାଏକ, ଜାଭେଲିନ ଥ୍ରୋରେ ସୌମ୍ୟ ପ୍ରସାଦ ସେଠୀ, ୧୬ ବର୍ଷରୁ କମ ବାଳିକା ବିଭାଗ ୬୦ ମିଟର ଦୌଡ଼ରେ ମାନସୀ ମୁଣ୍ଡା, ୧୮ ବର୍ଷରୁ କମ ବାଳକ ବିଭାଗ ୨୦୦ ମିଟର ଦୌଡ଼ରେ ସଚ୍ଚିଦାନନ୍ଦ ନନ୍ଦ ମହାନ୍ତ, ୧୦୦୦ ମିଟର ଡ଼େରେ ଜୁରୀଶ ନନ୍ଦ, ୧୧୦ ମିଟର ବାଧା ଦୌଡ଼ରେ ସଚ୍ଚିଦାନନ୍ଦ ମହାନ୍ତ, ଲଙ୍ଗ ଜମ୍ପରେ ହେମନ୍ତ ଖାଡ଼ିଆ, ହାଇ ଜମ୍ପରେ ହେମନ୍ତ ଖାଡ଼ିଆ ଏବଂ ୨୦ ବର୍ଷରୁ କମ ବାଳକ ବିଭାଗ ୪୦୦ ମିଟର ବାଧା ଦୌଡ଼ରେ ସୁରେନ୍ଦ୍ର ବାଦ୍ରା ତୃତୀୟ ସ୍ଥାନ ହାସଲ କରି କାଂସ୍ୟ ପଦକ ସହ ଜିଲ୍ଲା ପାଇଁ ସମୁଦାୟ ୩୧ଟି ପଦକ ହାସଲ କରିଛନ୍ତି। ଏଥିସହ ୧୬ ବର୍ଷରୁ କମ ଏବଂ ୧୮ ବର୍ଷରୁ କମ ବାଳକ ବିଭାଗରେ କେନ୍ଦୁଝର ଜିଲ୍ଲା ଦଳଗତ ଚାମ୍ପିଅନ ହୋଇ ନଗଦ ୨୦ ହଜାର ଟଙ୍କା ପୁରସ୍କାର ଲାଭ କରିଛନ୍ତି।




ଏସକେ ଅନୱାର, ୨୦ ବର୍ଷରୁ କମ ବାଳକ ବିଭାଗ ୫୦୦୦ ଚାଲିରେ ଆଶୁତୋଷ ସିଂହ, ହାମକ୍ଷର ଥ୍ରୋରେ ରାଜେଶ ପାତ୍ର ଏବଂ ୨୦ ବର୍ଷରୁ କମ ବାଳିକା ବିଭାଗ ଡିସ୍କସ ଥ୍ରୋରେ ପ୍ରାଚୀ ବିଶ୍ୱାଳ ଦ୍ୱିତୀୟ ସ୍ଥାନ ହାସଲ କରି ରୌପ୍ୟ ପଦକ ହାସଲ କରିଥିଲେ। ୧୬ ବର୍ଷରୁ କମ ବାଳକ ବିଭାଗ ୮୦ ମିଟର ବାଧା ଦୌଡ଼ରେ ଅଭୟ କୁମାର ବେହେରା, ଲଙ୍ଗ ଜମ୍ପରେ ବିବେକାନନ୍ଦ ମହାନ୍ତ,

# ପ୍ଲାଷ୍ଟିକ୍‌ମୁକ୍ତ ସାନଘାଗରା ପାଇଁ ସଚେତନତା



କେନ୍ଦୁଝର,୨।୧(ସମିସ): ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ବନ ବିଭାଗର ସହଯୋଗିତାରେ ଟାଟା ଷ୍ଟିଲ୍ ପକ୍ଷରୁ ନିକଟସ୍ଥ ସାନଘାଗରା ପିକନିକ୍ ସ୍ପଟରେ ଏକ ବିଶାଳ ପରିବେଶ ସଚେତନତା ଅଭିଯାନ ସଫଳତାର ସହିତ ଆୟୋଜିତ ହୋଇଯାଇଛି। ସାନଘାଗରାକୁ ପ୍ଲାଷ୍ଟିକ୍‌ମୁକ୍ତ ପିକନିକ୍‌ସ୍ଥଳୀରେ ପରିଣତ କରିବା ଉଦ୍ଦେଶ୍ୟରେ ଏକ ସପ୍ତାହରୁ ଅଧିକ ଧରି ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅଭିଯାନରେ ୭,୦୦୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। କେନ୍ଦୁଝର, କଟକ, ଭୁବନେଶ୍ୱର, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଗଞ୍ଜାମ, ପୁରୀ, ଅନୁଗୁଳ, ଯାଜପୁର, ଖୋର୍ଦ୍ଧା, ତାଳଚେର, ଜଗତସିଂହପୁର ସହିତ କୋଲକାତା ଓ ପଶ୍ଚିମବଙ୍ଗର ହୁଗଲୀ ଜିଲ୍ଲାରୁ ମଧ୍ୟ ଆସିଥିବା ପର୍ଯ୍ୟଟକ ମାନେ ଏଥିରେ ସାମିଲ ହୋଇଥିଲେ। ସଚେତନତା କାର୍ଯ୍ୟକ୍ରମର ଅଂଶ ଭାବେ ପରିବେଶ, ବନ୍ୟପ୍ରାଣୀ ଓ ପ୍ରାକୃତିକ ପରିସ୍ଥିତି ଉପରେ ପ୍ଲାଷ୍ଟିକ୍‌ର କୁପ୍ରଭାବ ସମ୍ପର୍କରେ ସୂଚନା ଥିବା ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ଏଥିସହ ଗୋଟିଏ ଥର ବ୍ୟବହାର ହେଉଥିବା ପ୍ଲାଷ୍ଟିକ ବ୍ୟବହାର ନକରିବା ପାଇଁ ଏକ ବ୍ୟାନର ଲଗାଯାଇଥିଲା। ଅଂଶଗ୍ରହଣକାରୀମାନେ ପ୍ଲାଷ୍ଟିକ୍ ବ୍ୟବହାର କମାଇବା ଏବଂ ସାନଘାଗରା ପିକନିକ୍‌ସ୍ଥଳୀକୁ ସଫା ଓ ସ୍ୱଚ୍ଛ ରଖିବା ପାଇଁ ଶପଥ ଗ୍ରହଣ କରିଥିଲେ। ଏହି ଅଭିଯାନରେ ସ୍ଥାନୀୟ ସମୁଦାୟ, ପର୍ଯ୍ୟଟକ, ସ୍ୱେଚ୍ଛାସେବୀ, ପରିବେଶ ଟିମ୍ ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଟିମ୍ ସଦସ୍ୟ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଅସନପାଟ ସମବାୟ ସମିତିରେ ଧାନମଣ୍ଡି ଆରମ୍ଭ



ବାଲିବନ୍ଧ,୨।୧(ସମିସ): ଶୁକ୍ରବାର ଝୁମ୍ପୁରା ବ୍ଲକ ଅସନପାଟ ସମବାୟ ସମିତିରେ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଝୁମ୍ପୁରା ବିଡ଼ିଓ ହୃଦାନନ୍ଦ ଅଢା, ସମ୍ମାନିତ ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ଝୁମ୍ପୁରା ବ୍ଲକ ପ୍ରତିନିଧି ମହେନ୍ଦ୍ର କୁମାର ପଟ୍ଟନାୟକ, ପାଟଣା ବିଧାୟକଙ୍କ ପରାମର୍ଶଦାତା କମଳାକାନ୍ତ ଦାସ, ଜିଲ୍ଲା ବିଜେପି ମିଡିଆ କୋର୍ଡିନେଟର ବ୍ରଜକିଶୋର ରାୟ, ମଙ୍ଗଲୁ ସୋରେନ, ହେମନ୍ତ ନାଏକ, ଆରଏମସି ସମ୍ପାଦକ ଦିଗାମ୍ବର ପ୍ରଧାନ, ଅସନପାଟ ସରପଞ୍ଚ ଚିନ୍ମୟୀ ନାଏକ, ପିଇଓ ସୁବେରା ବାରିକ, ଭବାନୀ ମହାନ୍ତ, ଉଖୁଣ୍ଡା ଏମଡି ନବୀନ ମହାନ୍ତ, ସାରଳା ନାଏକ ବ୍ରଜେନ୍ଦ୍ର ମହାନ୍ତ, ଡିଇଓ ଚିନ୍ମୟ ନାଏକ, ସୁନେଲି ନାଏକ, ସାଧୁଚରଣ ମହାନ୍ତ, ହୀରାମୋହନ ମହାନ୍ତ, ମନୋଜ ନାଏକ, ସଂଯୁକ୍ତ ନାଏକ ପ୍ରମୁଖ ଯୋଗଦାନ କରିଥିଲେ। ଅସନପାଟ ସମବାୟ ସମିତିରେ ସପ୍ତାହର ପ୍ରତି ମଙ୍ଗଳବାର ଏବଂ ଶୁକ୍ରବାର ଦିନ ଧାନ କିଣିବା ପାଇଁ ସରକାର ଦିନ ଧାର୍ଯ୍ୟ କରିଛନ୍ତି। ପ୍ରଥମ ଦିନରେ ଭଜନା ମହାନ୍ତ, ରଘୁମଣି ନାଏକ, ମଧୁସ୍ମିତା ମହାନ୍ତ, ପବିତ୍ର ମହାନ୍ତ, ଯଶୋବନ୍ତୀ ନାଏକ, ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କଠାରୁ ଧାନ ସଂଗ୍ରହ କରାଯାଇଛି।

# ବ୍ଲକ୍‌ସ୍ତରୀୟ ୱାଟର୍ ସେଡ୍ ମହୋତ୍ସବ



ତେଲକୋଇ, ୨।୧(ସମିସ): ତେଲକୋଇ ବ୍ଲକ ଅନ୍ତର୍ଗତ ସିରିଗିଡା ପଞ୍ଚାୟତର କାଳିମାଠାରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ୱାଟର ସେଡ୍ ମହୋତ୍ସବ ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଡ଼ାକ୍ତର ଫକୀର ମୋହନ ନାଏକ, ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଦୈତାରୀ ନାୟକ, ସାଂସଦ ପ୍ରତିନିଧି ହରିହର ପ୍ରଧାନ, ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ୱାଟରସେଡ୍ ବିଭାଗର ପିଡି ଅଶୋକ କୁମାର ସେନାପତି, ବ୍ଲକ କୃଷି ଅଧିକାରୀ ଯାଜ୍ଞସେନୀ ନାୟକ, ମତ୍ସ୍ୟ ବିଭାଗ ଅଧିକାରୀ ବାଲ୍ମିକୀ ପାତ୍ର, ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ସୁବ୍ରତ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ନୂତନ ପୋଖରୀ ଖନନ ପାଇଁ ଭୂମି ପୂଜନ କରିବା ପରେ ସମ୍ପାଦିତ ହୋଇଥିବା ପ୍ରକଳ୍ପର ଲୋକାର୍ପଣ ସହ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି ମହୋତ୍ସବ ସଭାରେ ଜଳ ବିଭାଜିକା ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ଚାଷୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ହେବା ସହ ଅଞ୍ଚଳର ବିକାଶ ଘଟିବ ବୋଲି ବିଧାୟକ ଡ଼ାକ୍ତର ଶ୍ରୀ ନାଏକ ମତବ୍ୟକ୍ତ କରିଥିଲେ। ଉକ୍ତ ମହୋତ୍ସବରେ ୧୪ ଜଣ ଛାତ୍ରଛାତ୍ରୀଙ୍କୁ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିବା ସହ ୫ଜଣ ମହିଳାଙ୍କୁ ସିଲେଇ ମେସିନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୫୦୦ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଚାଷୀ ସାମିଲ ହୋଇଥିଲେ। ଏହି ମହୋତ୍ସବକୁ ଜଳ ବିଭାଜିକାର ଅତିରିକ୍ତ ସହକାରୀ ନିର୍ଦ୍ଦେଶକ ପ୍ରଦୀପ କୁମାର ରାଉତ ପରିଚାଳନା କରିଥିବା ବେଳେ ଓ ଓଭରସିୟର ସଂଜୀବ ମହାନ୍ତଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଓଏଭି ଛାତ୍ର ଜୋନାଲ ପ୍ରତିଯୋଗିତାକୁ ଉତ୍ତୀର୍ଣ୍ଣ

ଆନନ୍ଦପୁର, ୨।୧ (ସମିସ): କେନ୍ଦୁଝରଠାରେ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଶାଳପଡ଼ାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୩ ଜଣ ପ୍ରତିଯୋଗୀ କୃତିତ୍ୱ ଅର୍ଜନକରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଥିବାରୁ ବିଭିନ୍ନ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଏହି ପ୍ରତିଯୋଗୀମାନେ କୋଲକାତାଠାରେ ହେବାକୁ ଥିବା ଜୋନାଲସ୍ତରୀୟ ପ୍ରତିଯୋଗିତାକୁ ଉତୀର୍ଣ୍ଣ ହୋଇଛନ୍ତି। କାର୍ଯ୍ୟକ୍ରମର ଶେଷ ଦିନରେ ମୋଟ୍ ୨୮ଟି ପ୍ରକଳ୍ପକୁ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ କରାଯାଇଥିବାବେଳେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଶାଳପଡ଼ାର ଦୁଇ ଛାତ୍ର ଆଦ୍ୟସ୍ରଷ୍ଟା ପଟ୍ଟନାୟକ ଓ ଦେବାଞ୍ଜନ ଘଡ଼ାଇ ଏଥିରେ ସାମିଲ୍ ଅଛନ୍ତି। ଏହାସହ ବିଦ୍ୟାଳୟର ଛାତ୍ର ଆଦ୍ୟସ୍ରଷ୍ଟା ପଟ୍ଟନାୟକ ଓ ବି ଯଶସ୍ୱୀ ପ୍ରିତମ୍ କାର୍ଯ୍ୟକ୍ରମର ପ୍ରଥମ ଦିନରେ ସମ୍ପାଦିତ ହୋଇଥିବା ସାଇନ୍ସ କୁଇଜ୍ ଓ ସାଇନ୍ସ ସେମିନାରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୋରବ ଆଣିଛନ୍ତି। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ସୌମ୍ୟରଂଜନ ବେହେରା ଛାତ୍ରଛାତ୍ରୀ ଅଭିଭାବକ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ସେମାନଙ୍କ ନିଷ୍ଠା ଓ ଅଧ୍ୟବସାୟ ପାଇଁ ଧନ୍ୟବାଦ ଜଣାଇବା ସହ ଆଗାମୀ ଦିନରେ ଆହୁରି ଅନେକ ସଫଳତା ଓ ଗୌରବ ଆଣିବା ପାଇଁ ପ୍ରେରଣା ଦେଇଛନ୍ତି।



## ପଦ୍ମପୁର ବଜାରରେ କୁଢ଼କୁଢ଼ ଆବର୍ଜନା

# କାମରେ ଆସୁନି ଶୌଚାଳୟ; ଖୋଲା ପରିସ୍ରା: ପିଣ୍ଡି ନାହିଁ କି ପାଣି ନାହିଁ

କେନ୍ଦୁଝର, ୨।୧(ସମିସ)



ବହୁବାର ପଦ୍ମପୁର କୃଷକ ବଜାର ସମସ୍ୟା ସମ୍ବନ୍ଧରେ ଅଭିଯୋଗ କରାଯାଇ ଆସୁଥିଲେ ମଧ୍ୟ ଏହାର ପରିଚାଳନା ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଉ ନଥିବାରୁ ଧୀରେ ଧୀରେ ବଜାର ପରିସର ଅଳିଆ ଆବର୍ଜନାର କୁଣ୍ଡରେ ପରିଣତ ହେଲାଣି। ପରିସ୍ଥିତି ଅସମ୍ଭାଳ ହେବାରେ ଲାଗିଲାଣି। କୁଢ଼ କୁଢ଼ ଆବର୍ଜନାରେ ଭାସୁଛି ବଜାର ପରିସର। ଆର୍‌ଏମ୍‌ସି ବଜାର କମିଟି ପଦକ୍ଷେପ ଗ୍ରହଣ କରୁ ନଥିବା ଅଭିଯୋଗ ହୋଇଛି। କିଛିମାସ ତଳେ ବଜାର ପରିସରରେ ଅଳିଆ ଆବର୍ଜନା ହୋଇଥିବାରୁ ଅଭିଯୋଗ ପରେ ସଫାସୁତୁରା କରାଯାଇଥିଲା। ବର୍ତ୍ତମାନ ପୂର୍ବପରି ବଜାର ନିକଟରେ କୁଢ କୁଢ ଆବର୍ଜନା ପରିପୂର୍ଣ୍ଣ ହୋଇଛି। ପଦ୍ମପୁର ଆଖପାଖ ଅଞ୍ଚଳର ପରିବା ଚାଷୀ ଓ ବ୍ୟବସାୟୀଙ୍କ ପାଇଁ ବସିବା ପାଇଁ ଜାଗା ନିଅଣ୍ଟ ଥିବାବେଳେ ନୂଆଁ ବଜାର ଖୋଲା ଯାଉ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସେଠାରେ ଥିବା ଶୌଚାଳୟ ଭାଙ୍ଗି ଯାଇଛି। ଫଳରେ ପରିବା ବ୍ୟବସାୟୀଙ୍କ ସମେତ ସାଧାରଣ ଲୋକମାନେ ଏଣେତେଣେ ପରିସ୍ରା କରୁଛନ୍ତି। ସେହି ସ୍ଥାନରେ କୁଢ କୁଢ ଅଳିଆ ଆବର୍ଜନା ପଡ଼ି ରହିଛି। ଫଳରେ ସେହି ବଜାର ଦେଇ ଲୋକମାନେ ଚଳାଚଳ କଲାବେଳେ ନାକଟେକି ଚାଲି ପାରୁନାହାନ୍ତି। ଦୁର୍ଗନ୍ଧମୟ ପରିବେଶ କାରଣରୁ ନାନାଦି ରୋଗବ୍ୟାଧି ସୃଷ୍ଟି ହେଉଛି। ସେତିକି ନୁହେଁ; ବଜାରରେ ପାଣି ପାଇପ୍ ଲାଗିଥିବା ସତ୍ତ୍ୱେ ଚାଷୀଙ୍କୁ ପାଣି ସୁବିଧା ମିଳୁନି। ଏହି ବଜାର ଆରଏମ୍‌ସି ବଜାର କମିଟି ଦାୟିତ୍ୱରେ ରହିଛି। ବ୍ୟବସାୟୀ ଏବଂ ପରିବା ବ୍ୟବସାୟୀ ତଥା ଚାଷୀ ଖରା ବର୍ଷାରୁ ରକ୍ଷା ପାଇବା ପାଇଁ ପିଣ୍ଡି ଉପରେ ଛପର କରାଯାଇନାହିଁ। ଏନେଇ ଚାଷୀ ବ୍ୟବସାୟୀଗଣ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଠାରେ କଳିଙ୍ଗ ପିଅର ଶୁଦ୍ଧତା ଶ୍ରେଷ୍ଠତା ସତେଜତା ବୋର୍ଡ ମରାଯାଇଛି; ହେଲେ ତାହା ବ୍ୟତିକ୍ରମ ଦେଖାଦେଇଛି। ଏହି ଦିଗରେ ତୁରନ୍ତ ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ପ୍ରଦୂଷଣ ବଢ଼ାଉଛି ଭୋଜିସ୍ଥଳର ପ୍ଲାଷ୍ଟିକ୍ ଓ ଥର୍ମକୋଲ୍

ଚମ୍ପୁଆ, ୨।୧(ସମିସ): ନବବର୍ଷ ନିମନ୍ତେ ବଣଭୋଜି ବର୍ତ୍ତମାନ ମଣିଷ ସମାଜ ପାଇଁରେ ପରମ୍ପରା ପାଲଟି ଯାଇଥିବା ବେଳେ ଡିସେମ୍ବରରୁ ପ୍ରାୟତ ଏହି ବଣ ଭୋଜି ଆରମ୍ଭ ହୋଇଯାଇଥାଏ। କେଉଁଠି ପରିବାର ସଦସ୍ୟମାନେ ମିଳିତ ଭାବରେ ଭୋଜି କରନ୍ତି ତ କେଉଁଠି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଷ୍ଟଡିଟୁର ଓ ବଣଭୋଜିର କରାଯାଇଥାଏ। ଅବସର ବିନୋଦନ ହେଉ ବା ମାନସିକତାର ପରିବର୍ତ୍ତନ ପାଇଁ ନବବର୍ଷ ଉପଲକ୍ଷେ ପର୍ଯ୍ୟଟନସ୍ଥଳୀଠାରୁ ଆରମ୍ଭ କରି ନଦୀତଟ, ଜଙ୍ଗଲ ପାହାଡ଼ ଘେରା ମନୋରମ ସ୍ଥାନରେ ଏହି ଭୋଜି କରାଯାଉଥିବା ବେଳେ ପରିବେଶ ପ୍ରତି ଧ୍ୟାନ ଦେଉ ନଥିବା ପ୍ରାୟତ ଦେଖିବାକୁ ମିଳିଛି। ଏଥିନିମନ୍ତେ ଆବଶ୍ୟକ ସଚେତନତାର ଅଭାବ ଏବେ ବି ରହିଛି। ଭୋଜିରେ ବ୍ୟବହାର ପ୍ଲାଷ୍ଟିକ ଗ୍ଲାସଠାରୁ ଆରମ୍ଭ କରି ଥର୍ମକୋଲର ଥାଳି ପରିବେଶ ପ୍ରଦୂଷଣର ମାଧ୍ୟମ ପାଲଟିଛି। ଏହାର ବ୍ୟବହାର ପ୍ରତି ଅଙ୍କୁଶ ନଥିବା ଦେଖିବାକୁ ମିଳିଛି। ଚମ୍ପୁଆ ସଦର ମହକୁମାର ରାମତୀର୍ଥ, କେଶରିକୁଣ୍ଡ, ମିରିଗିସିଙ୍ଗା, ଦୋମୁହାଁଣି ସମେତ ବ୍ଲକର ବହୁ ସ୍ଥାନରେ ଡିସେମ୍ବର ମାସରୁ ବଣଭୋଜି ଆରମ୍ଭ ହୋଇଯାଇଥାଏ। ସହଜ ଓ ସୁବିଧା ପାଇଁ ବଣଭୋଜି ଦଳ ନିର୍ଭୟରେ ବେଆଇନ ପ୍ଲାଷ୍ଟିକ ବ୍ୟବହାର କରିଚାଲିଛନ୍ତି। ଏକପଟେ ସରକାର ଏହି ପ୍ଲାଷ୍ଟିକ ଓ ଥର୍ମକୋଲ ବ୍ୟବହାର ଉପରେ ଅଙ୍କୁଶ ଲଗାଇଥିଲେ ବି ଏହାର ବ୍ୟବହାର ଓ ବିକ୍ରି କମିବା ବଦଳରେ ବଢିବାରେ ଲାଗିଛି। ନାମକୁ ମାତ୍ର ଚଢାଉକରି ପ୍ରଶାସନ କିଛିଅର୍ଥ ଜରିମାନା ଆଦାୟ କରି ଚୁପଚାପ ବସିରହୁଥିବାରୁ ଚଢ଼ଉର ଦିନକ ପରେ ବଜାରରେ ଯଥାପର ତଥା ପୂର୍ବ ପରିସ୍ଥିତି ଦେଖିବାକୁ ମିଳୁଛି। ନଦୀକୂଳ ବଣଭୋଜି ସ୍ଥାନରେ କୁଢକୁଢ ପ୍ଲଷ୍ଟିକ ଓ ଥର୍ମକୋଲ ପଡିରହୁଥିବା ବେଳେ ଅନେକ ସମୟରେ ଏହା ନଦୀଜଳକୁ ପ୍ରଦୂଷଣ କରିବାର ପ୍ରମୁଖ ଭୂମିକା ଗ୍ରହଣ କରୁଛି।



# ଜିରୋ ନାଇଟ୍ ରାତିରେ ଘର ସମ୍ମୁଖରୁ ଛିନତାଇ

ବାରିପଦା,୨।୧(ସମିସ):ଜିରୋ ନାଇଟ ରାତିରେ ବାରିପଦା ସହର ସାହି ଅଞ୍ଚଳରେ ଘର ସମ୍ମୁଖରୁ ମହିଳାଙ୍କଠାରୁ ସୁନାଚେନ ଛିନତାଇ ହୋଇଛି। ଏ ନେଇ ସହର ସାହି ବାସିନ୍ଦା ସ୍ୱର୍ଣ୍ଣଲତା ରାଉତ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଜିରୋ ନାଇଟ ରାତି ପ୍ରାୟ ୧୧.୫୦ଟା ସମୟ ତାଙ୍କ ଘର ସମ୍ମୁଖରେ ଏକ ଅଟୋ ଚାଳକକୁ କିଛି ଦୁର୍ବୃତ୍ତ ଅଟକାଇ ମାର୍‌ପିଟ କରୁଥିଲେ। ସେ ତାହାକୁ ଦେଖି ତାଙ୍କୁ ଅଟକାଇବାକୁ ଘର ସମ୍ମୁଖକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ସୁନା ହାର ଛିନତାଇ କରି ଚମ୍ପଟ ମାରିଥିଲେ। ସେ ତାଙ୍କୁ ଧରିବାରେ ବିଫଳ ହେବାରୁ ପରିବାର ଲୋକଙ୍କୁ ଜଣାଇଥିଲେ। ସେମାନେ ମଧ୍ୟ ଖୋଜାଖୋଜି କରି ନ ପାଇ ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ସୁନାହାରଟି ଲକ୍ଷାଧିକ ଟଙ୍କା ମୂଲ୍ୟର ଅଟେ ବୋଲି ଅଭିଯୋଗ କରିଛନ୍ତି।

# ଅବକାରୀ ଚଢ଼ଉରେ ୩ ଗିରଫ

ଯୋଡ଼ା, ୨।୧(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ ଅବକାରୀ ନିରୀକ୍ଷକ ଇନ୍ସପେକ୍ଟର ଏଚ୍ ଜଗାରାଓଙ୍କ ତତ୍ତ୍ୱାବଧାନରେ ଯୋଡ଼ା ଅବକାରୀ ଓଆଇସି ସୁଭ୍ରମ ବିଶ୍ୱାଳ, ଏଏସଆଇ ପ୍ରଶାନ୍ତ କୁମାର ପରିଡା ଏବଂ ସହକର୍ମୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ଚଢ଼ଉ କରି ବାମେବାରୀ ଥାନା ଅନ୍ତର୍ଗତ ବନ୍ଧୁଆବେଡା, ବାମେବାରୀ, ପଲସା, ଜୁରୁଡି, ପଲସା(କ) ଗ୍ରାମରେ ଚଢ଼ଉ କରିଥିଲେ।୨ ଜଣଙ୍କୁ ଦେଶୀ ମଦବିକ୍ରି ଏବଂ ଜଣଙ୍କୁ ଚୋରା ମଦ ଚାଲାଣରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ବାମେବାରୀ ଅଞ୍ଚଳର ବିଜୟ ମହାକୁଡ଼(୩୯) ବତୀ ମୁଣ୍ଡା (୩୫) ଏବଂ ଜୁରୁଡି ଅଞ୍ଚଳର ବିକାଶ ନାଏକ (୨୨)। ଖବର ପାଇ ବନ୍ଧୁଆବେଡ଼ା ଅଞ୍ଚଳରେ ଅଭିଯୁକ୍ତ ବିଜୟ ଗାଡ଼ି ନଂ ଓଡି.୦୯ଇ ୫୫୭୨ରେ ଦେଶୀ ମଦ ଚାଲାଣ କରୁଥିବା ବେଳେ ଚଢ଼ଉ କରାଯାଇ ବାଇକକୁ ଜବତ କରାଯାଇଛି। ସେହିପରି ବେଆଇନ ଭାବେ ଦେଶୀ ମଦ ଚାଲାଣ କରୁଥିବା ବେଳେ ବତୀ ମୁଣ୍ଡା ଏବଂ ବିକାଶ ନାଏକଙ୍କୁ ବାମେବାରୀ ଅଞ୍ଚଳରୁ ଗିରଫ କରାଯାଇଛି। ପ୍ରାୟ ୫୦୦ କେ.ଜି ମହୁଲି ପୋଚ ନଷ୍ଟ କରିବା ସହ ୨୫୦ ଲିଟର ମଦ ଜବତ ହୋଇଥିବା ସୂଚନା ମିଳିଛି।

# ବାଦାମପାହାଡ଼-କେନ୍ଦୁଝରଗଡ଼ ରେଳପଥର ଜମି ଅଧିଗ୍ରହଣ ସଭା

ତୁରୁମୁଙ୍ଗା, ୨।୧(ସମିସ):



ବାଦାମପାହାଡ଼-କେନ୍ଦୁଝରଗଡ଼ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ପାଇଁ ଶୁକ୍ରବାର ପାଟଣା ତହସିଲ ତୁରୁମୁଙ୍ଗା ଆରଆଇ ସର୍କଲ ନିହୁଆଁ ଗ୍ରାମର ଆମ୍ବ ତୋଟାଠାରେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ତୁରୁମୁଙ୍ଗା ସରପଞ୍ଚ ସୁଲେଖା ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗ୍ରାମସଭାରେ ଦୈତାରି ବଂଶପାଣି ରେଲୱେ ପ୍ରକଳ୍ପର ଭୂ-ଅର୍ଜନ ଅଧିକାରୀ କିରଣ କୁମାର ନାଏକ, ଯନ୍ତ୍ରୀ ରାଜ କୁମାର, ରାଜସ୍ୱ ସହାୟକ ପୂର୍ଣ୍ଣଚନ୍ଦ୍ର ବ୍ରହ୍ମ, ଆରଆଇ ରଶ୍ମିରଞ୍ଜନ ପୃଷ୍ଟି, ତୁରୁମୁଙ୍ଗା ଆରଆଇ ମଧୁ ସେଠୀ, ପିଇଓ ଦିଲ୍ଲୀପ ବେହେରା, ଏଡିଇଓ ସୁଜିତ ସାମନ୍ତରାୟ, ସ୍ଥାନୀୟ ୱାର୍ଡମେମ୍ବର ଲିଙ୍ଗରାଜ ସିଂ, କୁନ୍ତଳା ସିଂଙ୍କ ସମେତ ନିହୁଆଁ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ନୂତନ ରେଳପଥ ନିର୍ମାଣ ପାଇଁ ନିହୁଆଁ ଗ୍ରାମର ୪୩ ଜଣଙ୍କଠାରୁ ୨୮ ଏକର ୯୯ ଡିସିମିଲ ଘରୋଇ ଜମି ଅଧିଗ୍ରହଣ ହେବାକୁ ଥିବାବେଳେ ଜମିର ମୂଲ୍ୟ, ଜମିଜମା ସଂକ୍ରାନ୍ତ ଆଲୋଚନା କରାଯାଇଛି। ସ୍ଥାନୀୟ ଲୋକେ ପ୍ରକଳ୍ପ କୁ ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ ଯେ ବାଦାମପାହାଡ଼-କେନ୍ଦୁଝରଗଡ଼ ନୂତନ ରେଳ ପ୍ରକଳ୍ପର ୮୨.୦୬ କିଲୋମିଟର ରାସ୍ତା ଥିବା ବେଳେ କେନ୍ଦୁଝର ଜିଲ୍ଲା ଦେଇ ୩୪.୬୦ କିଲୋମିଟର ରାସ୍ତା ରହିଛି। ଏଥିପାଇଁ କେନ୍ଦୁଝର ସଦର ତହସିଲର ୭ଟି ଗ୍ରାମ ଏବଂ ପାଟଣା ତହସିଲର ୧୪ଟି ଗ୍ରାମରୁ ରେଲୱେ ପକ୍ଷରୁ ଘରୋଇ ଜମି ଅଧିଗ୍ରହଣ ହେବ। ଏହି ପ୍ରକଳ୍ପ ପାଇଁ ଖୁବଶୀଘ୍ର ଜମି ଅଧିଗ୍ରହଣ କରାଯିବ ବୋଲି ଭୂ-ଅର୍ଜନ ଅଧିକାରୀ ଶ୍ରୀ ନାଏକ କହିଛନ୍ତି।

● ବୀମା ନବୀକରଣ ଆଳରେ ଠକେଇ

# ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଲେ ସାଇବର ଅପରାଧୀ

ରାଇରଙ୍ଗପୁର,୨।୧ (ସମିସ): ଅନଲାଇନ ଯୋଗେ ବୀମା ପୁନଃନବୀକରଣ କରିବା ଆଳରେ ଅଦୃଶ୍ୟ ସାଇବର ଠକ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଛନ୍ତି। ସାଇବର ଠକେଇର ଶିକାର ହୋଇଥିବା ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ନାଗଭଣ ଅଞ୍ଚଳର ସୁଶୀଲ କୁମାର ପ୍ରଧାନ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ଏକ ଅଜଣା ନମ୍ବରରୁ ଫୋନ ଆସିଥିଲା। ନିଜକୁ ଏକ ବୀମା କମ୍ପାନୀର ଶାଖା ପରିଚାଳକ ବୋଲି ପରିଚୟ ଦେଇଥିଲେ। ବୀମା ପଲିସି ନବୀକରଣ କରିବା ପାଇଁ ତାଙ୍କୁ ୩,୫୦,୦୦୦ ମାଗିଥିଲେ। ଏହାର ଅଧା ଟଙ୍କା ଫେରସ୍ତ ଦିଆଯିବ ବୋଲି କହିଥିଲେ। ଯାହାକୁ ନେଇ ସେ ଉକ୍ତ ଟଙ୍କା ପ୍ରଦାନ କରିଥିଲେ। ଏହାର କିଛିଦିନ ପରେ ପୁଣି ଏକ ଫୋନ କଲ ଯୋଗେ ମୁମ୍ବାଇ ମୁଖ୍ୟ ଶାଖା ପରିଚାଳକ ପରିଚୟ ଦେଇ ନବୀକରଣ ନେଇ ଲୋଭନୀୟ ଅଫର ଦେଇଥିଲେ। ୩ଟି ପଲିସି ପାଇଁ ୧,୯୦,୦୦୦ଟଙ୍କା ପ୍ରଦାନ କଲେ ସମସ୍ତ ଟଙ୍କା ଫେରସ୍ତ ପାଇବେ ବୋଲି କହିଥିଲେ। ଯାହାକୁ ନେଇ ସେ ଉକ୍ତ ଟଙ୍କା ପ୍ରଦାନ କରିଥିଲେ। କିନ୍ତୁ ତାଙ୍କୁ କୌଣସି ଟଙ୍କା ଫେରସ୍ତ ଆସି ନ ଥିଲା। ସେ ଏ ସମ୍ପର୍କରେ ଯୋଗାଯୋଗ କରିବାକୁ ଚେଷ୍ଟା କରିବାରୁ କୌଣସି ସଫଳତା ମିଳି ନ ଥିଲା। ତେବେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଖାଲିଆମେଣ୍ଟାରେ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା



ଆନନ୍ଦପୁର, ୨।୧ (ସମିସ): ଘଷିପୁରା ବ୍ଲକ୍ ଖାଲିଆମେଣ୍ଟା ଗ୍ରାମରେ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଜ୍ଞାନଲୋକ ପଣ୍ଡା ମୁଖ୍ୟଅତିଥି ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଖେଳରେ ଟିମ୍ ନିହାର ରଞ୍ଜନ ଜେନା ଓ ପ୍ରଦୀପ ଜେନା ଚାମ୍ପିଅନ ହୋଇଥିବା ବେଳେ ରନର୍ସଅପ ଭାବେ ଶିବୁଲ ଜେନା ଓ ଚନ୍ଦନ ମହାକୁଡ଼ ପୁରସ୍କାର ଗ୍ରହଣ କରିଥିଲେ। ରେଫରୀ ବିଭୂତି ଭୂଷଣ ଜେନା ଓ ଭଞ୍ଜ ସୋରେନଙ୍କ ଦ୍ୱାରା ମ୍ୟାଚ ପରିଚାଳିତ ହୋଇଥିଲା। ସମାଜସେବୀ ସୁଶାନ୍ତ ଜେନା, ନାଗେଶ୍ୱର ବେହେରା, ସୋମନାଥ ଘଡେଇ, ସନ୍ତୋଷ ପଣ୍ଡା, ରଞ୍ଜନ ଦେବଶ୍ରୀ ଜେନା, ଚନ୍ଦନ ମହାକୁଡ଼, ସତ୍ୟରଞ୍ଜନ ଜେନା, ନିହାର ରଞ୍ଜନ ଜେନା, ଭାଗ୍ୟଜ୍ୟୋତି ଚକ୍ର, ଶୁଭମ ଜେନା, ଅମୂଲ୍ୟରତ୍ନ ଜେନା ସାହିଲ ଚକ୍ର, ସୋହମ ଜେନା, ରାଜା ଘଡେଇ, ମଳୟ ରଞ୍ଜନ ପଣ୍ଡା, ସୁନିଲ ଜେନା, ଆଶୁତୋଷ ମହାପାତ୍ର, ରବୀନ୍ଦ୍ର ଜେନା, ଗନ୍ଧୁରୁ ଘଡ଼େଇ, ପିପୁ ଜେନା, ସିପୁ ଜେନା ସହଯୋଗ କରିଥିଲେ।

# ଫକିରପୁରରେ ଶୀତବସ୍ତ୍ର ପ୍ରଦାନ



ଆନନ୍ଦପୁର, ୨।୧ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରାଞ୍ଚଳରେ ଯଜ୍ଞପ୍ରସାଦ ସାହୁଙ୍କ ଉଦ୍ୟମରେ ଶୀତବସ୍ତ୍ର ପ୍ରଦାନ କାର୍ଯ୍ୟ ଜାରି ରହିଛି। ଆଜି ଫକିରପୁର ୯ ନମ୍ବର ୱାର୍ଡରେ ୫୦ ଜଣ ଅସହାୟ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ, ବିଧବା ଓ ଘରେ ଶଯ୍ୟାଶାୟୀ ଥିବା ବ୍ୟକ୍ତିଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି। ସ୍ଥାନୀୟ ପାରିଷଦ ସନତ କରଙ୍କ ତତ୍ତ୍ୱାବଧାନରେ ଦେହୁରୀ ସାହିସ୍ଥିତ ମଣ୍ଡପରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯଜ୍ଞ ପ୍ରସାଦ ସାହୁ ଅସହାୟଙ୍କୁ ଏହି କମ୍ବଳ ପ୍ରଦାନ କରିଥିଲେ। ରୁଦ୍ରନାରାୟଣ ଜେନା, କୋଦଣ୍ଡ ନାହାକ, ମୁରଲୀ ନାହାକ, ନିର୍ମଳ କୁମାର ଦେହୁରୀ, ସୁଦର୍ଶନ ସାହୁ, ଚକ୍ରଧର ଦଳେଇ, ରାମ ନାହାକ, ଧନେଶ୍ୱର ସାହୁ, ବାବାଜୀ ସାହୁ ପ୍ରମୁଖ କମ୍ବଳ ପ୍ରଦାନରେ ସହଯୋଗ କରିଥିଲେ।

# ଜ୍ୟୋତିପୁର ଲ୍ୟାମ୍ପ୍‌ସ ପକ୍ଷରୁ ଦୁଇ ଧାନମଣ୍ଡି ଖୋଲିଲା

ତୁରୁମୁଙ୍ଗା, ୨।୧(ସମିସ): କେନ୍ଦୁଝର ଜିଲ୍ଲାରେ ଚଳିତ ବର୍ଷ ଖରିଫ ଋତୁର ଧାନ କିଣା ପାଇଁ ଜ୍ୟୋତିପୁର ଲ୍ୟାମ୍ପ୍‌ସ ଅଧୀନସ୍ଥ ଜ୍ୟୋତିପୁର ଓ ଫୁଲକଅଁଳେଇ ଧାନମଣ୍ଡିରେ ଚାଷୀଙ୍କଠାରୁ ଧାନ କିଣା ଶୁଭାରମ୍ଭ ହୋଇଛି। ଫୁଲକଅଁଳେଇ ମଣ୍ଡିରେ ପାଟଣା ବିଧାୟକଙ୍କ ଚମ୍ପୁଆ ବ୍ଲକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲା। ବେଳେ ପ୍ରଶାସନିକ ଅଧିକାରୀ ବର୍ଷାରାଣୀ ରଣା, ଲ୍ୟାମ୍ପ ଏମ୍‌ଡି ମାନସ ରଞ୍ଜନ କର, ଜଜପଶି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅନୀଲ କୁମାର ମହାନ୍ତ, ଶାଖା ପରିଚାଳକ ଦୁଷ୍ମନ୍ତ ସାହୁ, ବାଙ୍କିଆ ଲେଲେସ ରାଇସ ମିଲର ପ୍ରତିନିଧି ଗଗନ ବିହାରୀ ମହାନ୍ତ, ସ୍ଥାନୀୟ କିଛି ଚାଷୀ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଜଜପଶି ଗ୍ରାମର ରଣଜିତ ମହାନ୍ତଙ୍କଠାରୁ ୧୨ କ୍ୱିଣ୍ଟାଲ ୫୩ କେଜି ଧାନ କିଣାଯାଇଥିଲା। ସେହିପରି ଜ୍ୟୋତିପୁର ମଣ୍ଡିରେ ଚମ୍ପୁଆ ପ୍ରଶାସନିକ ଅଧିକାରୀ ମୁଖ୍ୟଅତିଥି ଭାବରେ ପ୍ରଶାସନିକ ଅଧିକାରୀ ବର୍ଷାରାଣୀ ରଣା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ବିଧାୟକଙ୍କ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ଚମ୍ପୁଆ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଦିଗାମ୍ବର ପ୍ରଧାନ ଏମ୍‌ଡି ମାନସ ରଞ୍ଜନ କର ଶାଖା ପରିଚାଳକ ସତ୍ୟବ୍ରତ କର, ଜ୍ୟୋତିପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ମୋଦି ଉପସ୍ଥିତ ଥିଲେ। ପାହାଡ଼ଭଙ୍ଗା ଗ୍ରାମର ଚାଷୀ ଚମ୍ପାମଣି ମହାନ୍ତଙ୍କଠାରୁ ୬ କ୍ୱିଣ୍ଟାଲ ଏବଂ ରେଙ୍ଗାଳଗୋଡା ଗ୍ରାମର କନକଲତା ମହାନ୍ତଙ୍କଠାରୁ ୨୦ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ଫୁଲକଅଁଳେଇ ମଣ୍ଡିରେ ସପ୍ତାହର ବୁଧବାର ଓ ଶନିବାର ଏବଂ ଜ୍ୟୋତିପୁର ମଣ୍ଡିରେ ମଙ୍ଗଳବାର ଶୁକ୍ରବାର ଧାନ କିଣା ଯିବା ଧାର୍ଯ୍ୟ କରାଯାଇଥିବା ଏମ୍‌ଡି ମାନସ ରଞ୍ଜନ କର କହିଛନ୍ତି।



# ବହଳଦା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

ବହଳଦା, ୨।୧(ସମିସ):

ବହଳଦା ଆଦିବାସୀ ବହୁମୁଖୀ ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ବହଳଦା ସମବାୟସମିତି ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ ବସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଯୋଗଦେଇ ଫିତାକାଟି ଧାନମଣ୍ଡିର ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ବହଳଦା ତହସିଲଦାର ଶିବପ୍ରସାଦ ମୁର୍ମୁ, ଏଆରଆଇ ବିଏସପି ମହାନ୍ତ, ଲ୍ୟାମ୍ପ ସଭାପତି ଗୋପିନାଥ ହାଁସଦା, ପୂର୍ବତନ ଲ୍ୟାମ୍ପ ସଭାପତି ଭାଗମାତ ହେମ୍ବ୍ରମ, ଭୋଳାନାଥ ମଣ୍ଡଳ, ରଘୁନାଥ ମହାନ୍ତ, ସ୍ୱାଧୀନ ଆଲୋକ ମାର୍ଣ୍ଡି, ପରେଶ ମହାନ୍ତ ଓ ନିତ୍ୟାନନ୍ଦ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସାଧାରଣ ସଭାରେ ବିଧାୟକ ଶ୍ରୀ ନାଏକ ଉପସ୍ଥିତ ଚାଷୀଙ୍କୁ ସମ୍ବର୍ଦ୍ଧିତ କରିବା ସହ କଟ୍‌ନୀ ଛଟ୍‌ନୀ ଉପରେ ଅଯଥା ବିବାଦ ନ କରିବାକୁ କହିଥିଲେ। ଲ୍ୟାମ୍ପ ସଭାପତି ଗୋପିନାଥ ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ।ଅପ୍ରଥମ ଦିବସରେ ୧୦ ଜଣ ପଞ୍ଜିକୃତ ଚାଷୀଙ୍କଠାରୁ ୪୫୨ କ୍ୱିଣ୍ଟାଲ ଧାନ କିଣାଯାଇଥିବା ଜଣାପଡ଼ିଛି।

● ଦେଓଗାଁ ବିଜିବିଓ ଯୋଜନା ହରିଲୁଟ୍ ଘଟଣା

# ବଦଳି ଯନ୍ତ୍ରୀଙ୍କ ଜାଲିଆତି; ଗ୍ରାମବାସୀଙ୍କ ତଦନ୍ତ ଦାବି



ଆନନ୍ଦପୁର, ୨।୧ (ସମିସ): ଗ୍ରାମାଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା ନୂତନ ଯୋଜନା ଆରମ୍ଭରୁ ଯୋଜନା ବାଟମାରଣା କରାଯାଇଛି। ବଦଳି ହୋଇଥିବା ଜଣେ ଯନ୍ତ୍ରୀ ଏହାକୁ ବିଲ୍ କରି ହରିଲୁଟ କରିଥିବା ଅଭିଯୋଗ ହୋଇଛି। ଏନେଇ ଘସିପୁରା ବ୍ଲକ ଯନ୍ତ୍ରୀଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ କିମ୍ବା ସମ୍ପୃକ୍ତ ବଦଳି ହୋଇଥିବା ଯନ୍ତ୍ରୀଙ୍କ ସହ କୌଣସି ଯୋଗାଯୋଗ ହେଉ ନଥିବା ପରିପ୍ରେକ୍ଷୀରେ ଗ୍ରାମବାସୀ ଏହାର ତଦନ୍ତ ଦାବି କରିଛନ୍ତି। ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗର ଏକ କାର୍ଯ୍ୟକୁ ଦେଖାଇ ଏହି ଯୋଜନାର ଅନୁଦାନକୁ ସମ୍ପୂର୍ଣ୍ଣ ହରିଲୁଟ୍ କରାଯାଇଥିବା ଦର୍ଶାଯାଇଛି। ସୂଚନା ଅନୁସାରେ, ଘସିପୁରା ବ୍ଲକ୍ ଦେଓଗାଁ ପଞ୍ଚାୟତକୁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ଏହି ଅନୁଦାନରେ ହାତୀଶିଳା ଗ୍ରାମର ପୋଖରୀ କୂଳରେ ଗାର୍ଡୱାଲ କରାଯାଇଥିବା ନେଇ ଏକ ଫଳକ ଲଗାଯାଇଛି। ଅଭିଯୋଗ ଅନୁସାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କରାଯାଉଥିବାବେଳେ ଏହି ବିଭାଗର ପକ୍ଷରୁ ପୂର୍ବରୁ ଗାର୍ଡୱାଲ ନିର୍ମାଣ କରାଯାଇଥିଲା। ତେବେ ଏହି ଗାର୍ଡୱାଲକୁ ପଞ୍ଚାୟତ ତରଫରୁ ନିର୍ମାଣ କରାଯାଇଥିବା ଦର୍ଶାଯାଇ ଏକ ମିଥ୍ୟା ଫଳକ ଲଗାଯାଇ ଅନୁଦାନକୁ ହରିଲୁଟ୍ କରାଯାଇଛି। ସହକାରୀ ଯନ୍ତ୍ରୀ, କନିଷ୍ଠଯନ୍ତ୍ରୀ କ୍ଷମତାର ଅପବ୍ୟବହାର କରି ଏହି ଅନୁଦାନକୁ ହଡ଼ପ୍ କରିଥିବା ନେଇ ମୁଖ୍ୟମନ୍ତ୍ରୀଙ୍କୁ କରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ତିନିମାସ ତଳୁ ବଦଳି ହୋଇଥିବା କନିଷ୍ଠ ଯନ୍ତ୍ରୀ କିଭଳି ଏହି ବିଲ୍ କଲେ ଏହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ପଞ୍ଚାୟତର ପ୍ରକାଶ ବଳ, ବିବେକାନନ୍ଦ ମହାନ୍ତି, ବାଇଧର ସାହୁ, ଲମ୍ବୋଦର ମାଝୀ, ନିରାକାର ସାହୁ, ସୁକାନ୍ତ ସିଅଳ, ତାପସ ବଳ, ଅଚ୍ୟୁତାନନ୍ଦ ବାରିକ୍, ରଞ୍ଜନ ବଳ, ଦୋଳଗୋବିନ୍ଦ ଜେନା, କେଶବଚନ୍ଦ୍ର ସାହୁଙ୍କ ସମେତ ଶତାଧିକ ଜନସାଧାରଣ ଏହି ଅଭିଯୋଗପତ୍ର ମାଧ୍ୟମରେ ପଞ୍ଚାୟତିରାଜ ମନ୍ତ୍ରୀ, ସଚିବ, କେନ୍ଦୁଝର ଜିଲ୍ଲାପାଳ, ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ପର୍ଯ୍ୟଟନସ୍ଥଳୀ ହଦଗଡ଼ ଓ ଗଡ଼ଚଣ୍ଡୀ ଲୋକାରଣ୍ୟ



ହାଟଡ଼ିହୀ,୨।୧(ସମିସ): ଇଂରାଜୀ ନୂତନ ବର୍ଷ ଉପଲକ୍ଷେ ହାଟଡ଼ିହୀ ବ୍ଲକର ଦୁଇଟି ପ୍ରମୁଖ ପର୍ଯ୍ୟଟନ ସ୍ଥଳ ମଧ୍ୟରୁ ହଦଗଡ଼ ଓ ଗଡ଼ଚଣ୍ଡୀରେ ଗୁରୁବାର ଓ ଶୁକ୍ରବାର ୩୦ ହଜାରରୁ ଅଧିକ ପର୍ଯ୍ୟଟକଙ୍କ ସମାଗମ ହୋଇଛି। ବଣଭୋଜି ସାଙ୍ଗକୁ ବୁଲାବୁଲି କରିବାକୁ କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାର ପର୍ଯ୍ୟଟକ ଏଠାକୁ ଆସିଥିଲେ। ଦୁଇ ପର୍ଯ୍ୟଟନ ସ୍ଥଳ ଶୁକ୍ରବାର ଲୋକାରଣ୍ୟ ହୋଇ ଉଠିଥିଲା। ହଜାର ହଜାର ଶ୍ରଦ୍ଧାଳୁ ମା' ଗଡ଼ଚଣ୍ଡୀଙ୍କ ପାଖରେ ପୂଜାର୍ଚ୍ଚନା କରିବା ପରେ ବଣଭୋଜି କରିଥିଲେ। ସେହିପରି ନୂଆବର୍ଷରେ ଭୋଜି କରିବାପାଇଁ ଦୂରଦୁରାନ୍ତରୁ ପର୍ଯ୍ୟଟକମାନେ ହଦଗଡ଼ ଡ୍ୟାମ୍‌କୁ ଛୁଟି ଆସିଥିଲେ। ଡ଼ିଜେ ସାଉଣ୍ଡରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ସାଳନ୍ଦୀ ନଦୀକୂଳରେ ଭୋଜିଭାତର ଆସର ଜମିଥିଲା। ଏତେ ଲୋକଙ୍କ ଭିଡ଼କୁ ଲକ୍ଷ୍ୟ ରଖି କିଛି ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଲାଗି ପଡ଼ିଥିଲେ। ବିଶେଷ କରି ଗାଡ଼ିଗୁଡ଼ିକୁ ପାର୍କିଂ କରାଇବା ଓ ପର୍ଯ୍ୟଟକ ମାନେ କିପରି ଭୋଜିଭାତ କରି ସୁରକ୍ଷିତ ଭାବେ ଫେରିବେ ସେନେଇ ସୋସୋ ଥାନା ପକ୍ଷରୁ ମଧ୍ୟ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଥିଲା। ସେହିପରି ଗଡ଼ଚଣ୍ଡୀ ପୀଠରେ ଗଡ଼ଚଣ୍ଡୀ ଯୁବ ପରିଷଦ ସଦସ୍ୟମାନେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସକୁ ସହଯୋଗ କରିଥିଲେ।

ବନସାଥୀ ପକ୍ଷରୁ ମୟୂରଭଞ୍ଜ ମିଶ୍ରଣ ଦିବସ

# 'ଦାଦନ ଶବ୍ଦ ଶୁଣି ନ ଥିବା ମୟୂରଭଞ୍ଜ ଲୋକ ପାଲଟିଛନ୍ତି ଦାଦନ ଶ୍ରମିକ'

ଉଦଳା,୨।୧(ସମିସ):



ଉଦଳା ବ୍ଲକ ଅନ୍ତର୍ଗତ ନାବରା ଗ୍ରାମଠାରେ ଥିବା ସ୍ୱେଚ୍ଛାସେବୀ ସଂଗଠନ ବନସାଥୀ କେନ୍ଦ୍ର ତରଫରୁ ପ୍ରତିବର୍ଷ ପରି ଚଳିତ ଜାନୁଆରୀ ୧ ତାରିଖ ଗୁରୁବାର ଦିନ ମୟୂରଭଞ୍ଜ ମିଶ୍ରଣ ଦିବସ ପାଳିତ ହୋଇଯାଇଛି। ମୟୂରଭଞ୍ଜ ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ପରିଚୟ ସୃଷ୍ଟି କରିଥିଲା। ୧୯୪୯ ଜାନୁଆରୀ ୧ ତାରିଖ ଦିନ ଭାରତ ସରକାରଙ୍କ ମିଶ୍ରଣ ଚୁକ୍ତି ଅନୁସାରେ ଏହା ଓଡ଼ିଶାର ଏକ ଜିଲ୍ଲା ଭାବେ ପରିଗଣିତ ହେବା ସହିତ ରାଜ୍ୟର ମାନ୍ୟତା ହରାଇଥିଲା। ତେବେ ଅତୀତର କଥାକୁ ମନେ ପକାଇବା ପାଇଁ ପ୍ରତିବର୍ଷ ଜାନୁଆରୀ ୧ ତାରିଖ ଦିନ ମୟୂରଭଞ୍ଜ ମିଶ୍ରଣ ଦିବସ ପାଳିତ ହୋଇଆସୁଛି। ଚଳିତବର୍ଷ ବନସାଥୀ କେନ୍ଦ୍ରର ସଭାପତି ନରୋତ୍ତମ ଦାସଙ୍କ ଅଧକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ବରିଷ୍ଠ ବ୍ୟକ୍ତି ଯୋଗଦେଇ ରାଜା ଶାସନ ସମୟରେ ମୟୂରଭଞ୍ଜର ଲୋକେ ଦାଦନ ଶବ୍ଦ ଶୁଣି ନ ଥିଲେ। କିନ୍ତୁ ଓଡ଼ିଶାର ଜିଲ୍ଲା ଭାବେ ପରିଗଣତ ହେବା ପରେ ରାଜ୍ୟ ସରକାର ମୟୂରଭଞ୍ଜବାସୀଙ୍କୁ ଦାଦନ ଶ୍ରମିକ ସଜାଇଦେଲେ। ଏହା ଖୁବ୍ ଦୁଃଖ ଓ ଯନ୍ତ୍ରଣାଦାୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଗବେଷକ କିଶୋର ଚନ୍ଦ୍ର ଦାସବାବୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପାଇଁ ଆମେ କିପରି ଗର୍ବ ଅନୁଭବ କରୁ ଓ ଏହି ସ୍ୱାଭିମାନ ପାଇଁ ଆଜି ଆମେ ଜିଲ୍ଲା ବିଭାଜନକୁ ସହଜରେ ଗ୍ରହଣ କରିପାରୁନାହୁଁ ବୋଲି ବ୍ୟକ୍ତ କରିଥିଲେ। ପରେ ସାମାଜିକ କର୍ମୀ ସନ୍ତୋଷ ସାହୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କ୍ଷେତ୍ରରେ ପ୍ରଶାସନ କଳ ଆଦୌ ସହଯୋଗ କରୁ ନ ଥିବା ପ୍ରକାଶ କରିଥିଲେ। ସାମ୍ବାଦିକ ସୁବ୍ରତ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ମୟୂରଭଞ୍ଜ ପାଇଁ ଆସିଥିବା ବିଶ୍ୱବିଦ୍ୟାଳୟ, ମେଡ଼ିକାଲ କଲେଜ, ଆଇନ ମହାବିଦ୍ୟାଳୟ ଇତ୍ୟାଦି ସବୁଯାକ ବାରିପଦାରେ ନ ହୋଇ ରାଇରଙ୍ଗପୁର, କରଞ୍ଜିଆ ଓ ଉଦଳାଠାରେ ହୋଇଥିଲେ ସବୁଯାକ ମୟୂରଭଞ୍ଜରେ ରହିଥା'ନ୍ତା। ଆଜି ଜିଲ୍ଲା ବିଭାଜନର ପ୍ରଶ୍ନ ଉଠି ନ ଥାନ୍ତା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଗଠକ ମନୋରଞ୍ଜନ ମଲ୍ଲିକ, ସ୍ୱେଚ୍ଛାସେବୀ ଆଶିଷ ମଲିକ, ପାଲାଗାୟକ ନରେନ୍ଦ୍ର ମହାକୁଡ଼, ୱାର୍ଡମେମ୍ବର ମନୋରଞ୍ଜନ ପାତ୍ର ପ୍ରମୁଖ ଅଂଶଗ୍ରହଣ କରି ରାଜ୍ୟ ସରକାର ମୟୂରଭଞ୍ଜକୁ ସବୁଦିନେ ସାବତ ପୁଅ ଭଳି ଦେଖିଆସୁଥିବା ଅଭିଯୋଗ କରିଥିଲେ। ଯାହାକି ଖୁବ୍ ଯନ୍ତ୍ରଣାଦାୟକ। ହିମାଦ୍ରି ତନୟା ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିବାବେଳେ କୃପାସିନ୍ଧୁ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଠାକୁରମୁଣ୍ଡା ପଞ୍ଚାୟତ ସମିତିର ନବମ ସାଧାରଣ ବୈଠକ

ମହୁଲଡିହା,୨।୧(ସମିସ): ଠାକୁରମୁଣ୍ଡା ପଞ୍ଚାୟତ ସମିତିର ନବମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସାଂସଦ ଅନନ୍ତ ନାୟକ ଓ ବିଧାୟକ ପଦ୍ମଚରଣ ହାଇବୁରୁ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକ ପୂର୍ବରୁ ଠାକୁରମୁଣ୍ଡା ବ୍ଲକରେ କାର୍ଯ୍ୟକାରୀ ହେଉଥିବା ସରକାରୀ କାର୍ଯ୍ୟର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ବିଡିଓଙ୍କ ଅଫିସ ଗୃହରେ ଅନୁଷ୍ଠିତ ଏହି ସମୀକ୍ଷାରେ ବୈଷୟିକ ବିଭାଗର ଅଧିକାରୀଙ୍କ ସମେତ ବିଧାୟକ ଯୋଗ ଦେଇଥଲେ। ସାଂସଦ କହିଥିଲେ, ନରେଗାରେ ଏହି ଆଦିବାସୀ ବହୁଳ ବ୍ଲକରେ ବିକାଶ କରିବା ସହିତ ଜୀବିକା ଓ ଜୀବନରେ ଉନ୍ନତି ଆଣିବାକୁ ପର୍ଯ୍ୟାପ୍ତ ପରିମାଣରେ ସୁଯୋଗ ରହିଛି। ଏଥିପ୍ରତି ଅଧିକାରୀ ଦୃଢ଼, ଯତ୍ନବାନ ରହିବା ଦରକାର। ବର୍ଷକୁ ପାଖାପାଖି ୨୦/୩୦ କିମି. ମେଟାଲ ମୋରମ ରାସ୍ତା ନିର୍ମାଣ ହେଉଥିବାବେଳେ ଏବେ ବି କାହିଁକି ସବୁ ଗ୍ରାମ, ସବୁ ସାହିକୁ ପଞ୍ଚାୟତର ମୁଖ୍ୟ ରାସ୍ତା ସହ ସଂଯୋଗ କରାଯାଇପାରିନାହିଁ, ଅଧିକାରୀଙ୍କୁ ତାଗିଦ କରିଥିଲେ। ୨୦୨୬ ଶେଷ ସୁଦ୍ଧା ଯେପରି ଆମ ବ୍ଲକର କୌଣସି ଗ୍ରାମ କିମ୍ବା ସାହି ନ ଥିବ, ଯାହାର ନିତିଦିନିଆ ରାସ୍ତା ନ ଥିବ। ଏଥିପ୍ରତି ପ୍ରଶାସନ ସମ୍ପୂର୍ଣ୍ଣ ପ୍ରୟାସ କରିବା ଦରକାର। ପ୍ରତି ମେଟାଲ, ମୋରମ ରାସ୍ତାକୁ ୨/୩ ବର୍ଷରେ ଥରେ ମରାମତି କରିବା ଦରକାର। ଆମେ ବର୍ଷକୁ ୩୦/୪୦ ଚେକ ଡ୍ୟାମ ନିର୍ମାଣ କରୁଥିଲେ ମଧ୍ୟ ଆମର ଜଳସେଚିତ ଜମିର ପ୍ରତିଶତ କାହିଁକି ବୃଦ୍ଧି ପାଉନାହିଁ। ଏହାର ଅର୍ଥ ଆମର କିଛି ଚେକ ଡ୍ୟାମ ଅନୁପଯୋଗୀ ସ୍ଥାନରେ ନିର୍ମାଣ କରାଯାଇଛି, ଯାହାକୁ ବରଦାସ୍ତ କରାଯିବ ନାହିଁ। ସେ ପ୍ରଶାସନକୁ ଦାୟିତ୍ୱ ଦେଇଥିଲେ ଯେପରି ଚଳିତ ୨୦୨୬ ଶେଷ ସୁଦ୍ଧା ଅତି କମରେ ୫ ପ୍ରତିଶତ ଅଧିକ ଜମିକୁ ଜଳସେଚିତ କରାଯାଇପାରିବ, ସେଥିପ୍ରତି ଦୃଷ୍ଟି ଦେବା ସହିତ ପ୍ରକଳ୍ପ ଚୟନ ସଠିକ ଭାବେ କରନ୍ତୁ। ସାଂସଦ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ପ୍ରତି ପଞ୍ଚାୟତରେ ଅତି କମରେ ୧୦ଟି ଅତି ଗରିବ ଶ୍ରେଣୀର ଲୋକଙ୍କୁ ଚିହ୍ନଟ କରି ସେମାନଙ୍କୁ ଏଫଆରଏରେ ଜମି, ପିଏମ ଆବାସରେ ଗୃହ ଯୋଗାଇ ଦେବାକୁ କହିଥିଲେ। ସମୀକ୍ଷା ବୈଠକ ପରେ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ସଭାଗୃହରେ ପଞ୍ଚାୟତ ସମିତି ଅଧକ୍ଷା ସରୋଜିନୀ ମୁଣ୍ଡାଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ସମିତି ସଭ୍ୟଙ୍କ ଆପତ୍ତି ଥିବାରୁ ବୈଠକ ପୂର୍ବରୁ ସାଂସଦଙ୍କୁ ଭେଟି ଆଲୋଚନା କରିଥିଲେ। ସେହିପରି ସରପଞ୍ଚମାନେ ବୈଠକ ପରେ ସ୍ୱତନ୍ତ୍ର ଭାବେ ଆଲୋଚନା କରିଥିଲେ। ବିଡିଓ ସ୍ୱପ୍ନେଶ୍ୱର ବେହେରା, ସାଂସଦ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ, ଉପାଧକ୍ଷ ସନ୍ତୋଷ ମହାନ୍ତ, ସମସ୍ତ ସମିତି ସଭ୍ୟଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏପିଓ ଧାନଚନ୍ଦ୍ର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଧନ୍ୟବାଦ ଦେଇଥିଲେ।



## ଆଜିର ରାଶିଫଳ

**ମେଷ:** ସମସ୍ତ କାର୍ଯ୍ୟରୁ ଲାଭ ମିଳିବ। ଦିନଟି ହସଖୁସିରେ ଅତିବାହିତ ହେବ। କୌଣସି ନୂଆ ଜିନିଷ କିଣିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ବୃଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। କର୍ମକ୍ଷେତ୍ରରେ କାର୍ଯ୍ୟଭାର ବଢ଼ିବ। ସମୟ ପୂର୍ବରୁ କାର୍ଯ୍ୟ ସମ୍ପାଦନ କରିବେ।

**ମିଥୁନ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ପ୍ରେମ ଜୀବନ ସୁଖମୟ ହେବ। ସାଙ୍ଗ ଦ୍ୱାରା ଲାଭବାନ ହେବେ। ବ୍ୟବସାୟରେ ସଫଳତା ମିଳିବ। ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ।

**କର୍କଟ:** ପଡ଼ୋଶୀଙ୍କ ସହ ବିବାଦ ହୋଇପାରେ। ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ନୂଆ ଚାକିରିର ସୁଯୋଗ ଜୁଟିବ। ନୂଆ ବ୍ୟବସାୟର ଯୋଜନା କରିବେ। ଗୁରୁଜନଙ୍କ ସହଯୋଗ ମିଳିବ।

**ସିଂହ:** ଚାକିରିରେ ପରିବର୍ତ୍ତନ ଆସିବ। କୌଣସି ନୂଆ ଦାୟିତ୍ୱ ତୁଲାଇବେ। ବ୍ୟବସାୟ ସମ୍ବନ୍ଧିତ ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ କଠିନ ପରିଶ୍ରମ କରିବେ।

**କନ୍ୟା:** ଘରକୁ ଅତିଥି ଆଗମନ କରିବେ। ସ୍ୱାମୀ-ସ୍ତ୍ରୀ ସୁଖଦ ମୁହୂର୍ତ୍ତ ଅତିବାହିତ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଟକି ରହିଥିବା ଧନ ଆଗମନ ହେବ।

**ତୁଳା:** କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ସହ କୌଣସି ନୂଆ କାର୍ଯ୍ୟର ଯୋଜନା କରିବେ। ବାପାମାଆଙ୍କ ସହଯୋଗରେ କିଛି ନୂଆ ଦାୟିତ୍ୱ ଗ୍ରହଣ କରିବେ। ଅଟକିଥିବା କାର୍ଯ୍ୟକୁ ପୂରା କରିବେ।

**ବିଛା:** ନୂଆ ଚାକିରି ପାଇଁ ଉତ୍ସାହିତ ରହିବେ। ଗୁରୁଜନଙ୍କ ପରାମର୍ଶ ନେବେ। କ୍ରୀଡ଼ାବିତ୍‌ଙ୍କୁ ସଫଳତା ପ୍ରାପ୍ତି ହେବ। ଛାତ୍ରଛାତ୍ରୀଙ୍କର ନୂଆ ବିଷୟ ପ୍ରତି ରୁଚି ବଢ଼ିବ। ବ୍ୟବସାୟରେ ଅର୍ଥ ନିବେଶ କରନ୍ତୁ ନାହିଁ।

**ଧନୁ:** ବ୍ୟାଙ୍କ ଓ ଆଇଟିରେ ସଫଳତା ମିଳିବ। ବ୍ୟବସାୟକୁ ବିସ୍ତାର କରିବେ ଏବଂ ଏହାକୁ ନେଇ କୌଣସି ନୂଆ ସମସ୍ୟା ସୃଷ୍ଟି ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିପାରନ୍ତି। ପଡୋଶୀଙ୍କ ସହ ସୁସମ୍ପର୍କ ବଢ଼ିବ।

**ମକର:** ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରଣ କରିବେ। ପୁରୁଣା ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ପୂଜାପାଠରେ ସାମିଲ ହେବେ। ବାଦ ବିବାଦଠାରୁ ଦୂରେଇ ରହିବା ଭଲ। ଦୀର୍ଘ ଦିନର ସ୍ୱପ୍ନ ପୂରା ହେବ।

**କୁମ୍ଭ:** ବ୍ୟବସାୟିକ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବେ। ଉଚ୍ଚଶିକ୍ଷା ପାଇଁ ଉତ୍ତମ ସମୟ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ନୂଆ ପ୍ରୋଜେକ୍ଟରେ କାମ କରିବାର ସୁଯୋଗ ମିଳିବ। ଜାଗାବାଡ଼ି କିଣିବେ।

**ମୀନ:** ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବେ। ରାଜନୀତିରେ ସଫଳତା ମିଳିବ। ସାଙ୍ଗସାଥୀଙ୍କ ସହ ସମୟ ଅତିବାହିତ କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ।

## ଆଜିର ଇତିହାସ

- ୧୯୦୧-ଶାନ୍ତି ନିକେତନରେ ବ୍ରହ୍ମଚର୍ଯ୍ୟ ଆଶ୍ରମ ଖୋଲିଲା।
- ୧୯୨୯ - ମହାତ୍ମା ଗାନ୍ଧୀ ଲର୍ଡ ଇରୱିନ୍‌ଙ୍କୁ ଭେଟିଲେ।
- ୧୯୪୩- ଟେଲିଭିଜନରେ ପ୍ରଥମ ଥର ନିଖୋଜ ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ପ୍ରସାରଣ ଆରମ୍ଭ ହେଲା।
- ୧୯୫୪- ଆଲ୍‌ଜେରିଆରେ ଆସିଥିବା ଭୂମିକମ୍ପରେ ୧୪୦୦ ଲୋକଙ୍କ ମୃତ୍ୟୁ।
- ୧୯୫୯-ଆଲାସ୍କା ଆମେରିକାର ୪୯ତମ ରାଜ୍ୟ ଘୋଷିତ।
- ୨୦୦୯ - ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ବିଧାନସଭାରେ ବିଶ୍ୱାସ ମତ ହାସଲ କଲେ।



## 'ଡନ୍ ୩' ରଣବୀରଙ୍କ ସ୍ଥାନ ନେବେ ହ୍ରିତିକ୍

ବଲିଉଡ୍ ଅଭିନେତା ରଣବୀର ସିଂହ 'ଡନ୍ ୩'ରୁ ଓହରିଯିବା କଥା ଏବେ ସାମାଜିକ ଗଣମାଧ୍ୟମରେ ଜୋରସୋରରେ ଚର୍ଚ୍ଚା ହେଉଛି। ଫିଲ୍ମର ପ୍ରୋମୋ ଭିଡିଓ ସୁଟ୍ ହେବା ପରେ ମୁଖ୍ୟ କଳାକାର ସେଥିରୁ ଓହରିଯିବା କଥା କ୍ୱଚିତ୍ ଦେଖାଯାଏ। ଠିକ୍ ଏଭଳି ରଣବୀର କରିଛନ୍ତି। 'ଧୁରନ୍ଧର'ର ସଫଳତାକୁ ଦେଖି ରଣବୀର 'ଡନ୍ ୩'ରୁ ମୁହଁ ଫେରାଇ ନେଇଛନ୍ତି। ଇତିମଧ୍ୟରେ ନିର୍ଦ୍ଦେଶକ ଫରହାନ୍ ଅଖତର୍ ରଣବୀରଙ୍କ ବିକଳ୍ପ ଖୋଜି ନେଇଥିବା ଚର୍ଚ୍ଚା ହେଉଛି। ଏଥିରେ ରଣବୀରଙ୍କ ବଦଳରେ ହ୍ରିତିକ୍ ରୋଶନ ଏବେ ନଜର ଆସିବେ ବୋଲି ଜଣାପଡ଼ିଛି। ଯଦି ଏହା ସତ ହୁଏ ତେବେ ଦର୍ଶକଙ୍କ ପାଇଁ ଏହା ଏକ ବଡ଼ ସରପ୍ରାଇଜ୍ ହେବ। କେବଳ ରଣବୀର ନୁହେଁ ଏହାପୂର୍ବରୁ କିଆରା ଆଡଭାନୀ ମଧ୍ୟ ଗର୍ଭବତୀ ଥିବାରୁ ଏହି ଫିଲ୍ମରୁ ଓହରି ଯାଇଥିଲେ। ଏଠାରେ ପ୍ରକାଶ ଥାଉ କି, ଫରହାନ୍‌ଙ୍କ 'ଡନ୍' ଫ୍ରାଞ୍ଚାଇଜ୍‌ର ପୂର୍ବ ଦୁଇଟି ଫିଲ୍ମରେ ଶାହାରୁଖ୍ ଖାନ୍ ଲିଡ୍ ରୋଲରେ ନଜର ଆସିଥିଲେ।

## ସ୍ମାର୍ଟଫୋନ୍ ଯୋଗୁ ପିଲା ଘଣ୍ଟା ଚିହ୍ନିପାରୁ ନାହାନ୍ତି

ନ୍ୟୁୟର୍କ ସହରର ଅନେକ ସ୍କୁଲରୁ ଏବେ ଏକ ଆଶ୍ଚର୍ଯ୍ୟ କଲା ଭଳି ଘଟଣା ସାମ୍ନାକୁ ଆସିଛି। ଏଠାକାର ଛାତ୍ରଛାତ୍ରୀ ଏବେ ପାରମ୍ପରିକ ତଥା ଆନାଲଗ୍ ଘଣ୍ଟା ଚିହ୍ନି ପାରୁ ନାହାନ୍ତି। ତେବେ ଏକ ସ୍କୁଲରେ ସ୍ମାର୍ଟଫୋନ୍ ବ୍ୟବହାର ଉପରେ କଟକଣା ଲାଗିବାରୁ ଏହିକଥା ସାମ୍ନାକୁ ଆସିଛି। କ୍ୱିନ୍ସ ସ୍ଥିତ କାର୍ଡୋଜୋ ହାଇସ୍କୁଲର ଆସିଷ୍ଟାଣ୍ଟ ପ୍ରିନ୍ସିପାଲ ଟିଆନା ମିଲେନ୍ କହିଛନ୍ତି, 'ମୋବାଇଲ ଉପରେ କଟକଣା ଲାଗିବା ପରେ ଅନେକ କିଶୋର କାନ୍ଥ ଘଣ୍ଟା ଦେଖି ସମୟ ଜାଣି ପାରି ନ ଥିଲେ। ତେବେ କାନ୍ଥଘଣ୍ଟା ଦେଖି ସମୟ ଚିହ୍ନିବା ଏକ ମୌଳିକ ଦକ୍ଷତା ଯାହା ଏବେ ପିଲାମାନେ କରିପାରୁ ନାହାନ୍ତି।' ମିଲେନ୍ ସ୍କୁଲରେ ମୋବାଇଲ ବ୍ୟବହାର ଉପରେ କଟକଣା ଲାଗିବା ପଦକ୍ଷେପକୁ ଖୁବ୍ ପ୍ରଶଂସା କରିଛନ୍ତି। ସେହିପରି ମୋବାଇଲ ନ ରହିବା ଯୋଗୁଁ ଛାତ୍ରଛାତ୍ରୀ ପାଠପଢ଼ା ଉପରେ ଅଧିକ ଧ୍ୟାନ ଦେବା ସହ ମଧ୍ୟାହ୍ନ ଭୋଜନରେ ପରସ୍ପର ସହିତ କଥାବାର୍ତ୍ତା କରୁଥିବା ସେ କହିଛନ୍ତି। ସ୍କୁଲ ପରିସରରେ ବି ପିଲାମାନେ ଆଗ ଅପେକ୍ଷା ଅଧିକ ଚଳପ୍ରଚଳ କରୁଛନ୍ତି। ସବୁଠୁ ବଡ଼ କଥା ହେଉଛି, ପିଲାମାନେ ଏବେ ଠିକ୍ ସମୟରେ ଶ୍ରେଣୀଗୃହରେ ପହଞ୍ଚୁଛନ୍ତି। ତେବେ ସେମାନେ ଏକଥା ଜାଣିପାରୁ ନାହାନ୍ତି ଯେ, ସେମାନେ ଠିକ୍ ସମୟରେ ସ୍କୁଲକୁ ଆସୁଛନ୍ତି କି ନାହିଁ। କାରଣ ସେମାନେ ଘଣ୍ଟା ଚିହ୍ନିବା ଜାଣନ୍ତି ନାହିଁ। ଅନ୍ୟପଟେ ଡିଜିଟାଲ ଯୁଗରେ ବଡ଼ ହେଉଥିବା ପିଲାଙ୍କ ଲାଗି ଆନାଲଗ୍ ଘଣ୍ଟା ଏକ ଅଜବ ଜିନିଷ ପାଲଟିଛି। ସେହିପରି ନ୍ୟୁୟର୍କ ଶିକ୍ଷା ବିଭାଗ ଏବେ ପ୍ରଥମ ଏବଂ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ପିଲାଙ୍କୁ ଘଣ୍ଟା ଚିହ୍ନିବା ଶିକ୍ଷା ପ୍ରଦାନ କରୁଛନ୍ତି। ଏହାସତ୍ତ୍ୱେ ମଧ୍ୟ ବ୍ରୁକଲିନ୍‌ର ମିଡ୍‌ଉଡ୍ ହାଇସ୍କୁଲର ଛାତ୍ରଛାତ୍ରୀଙ୍କ କହିବା କଥା, ଅନେକ ପିଲା ଏଥିରେ ଦୁର୍ବଳ ଅଛନ୍ତି। କାରଣ ଫୋନ୍‌ରେ ସମୟ ଦେଖୁଥିବାରୁ ସେମାନେ କାନ୍ଥଘଣ୍ଟାରେ ସମୟ ଜାଣିପାରୁ ନାହାନ୍ତି। ସେହିପରି ବର୍ତ୍ତମାନ ଏହି ସମସ୍ୟା ନୂଆ ନୁହେଁ। ୨୦୧୭ ମସିହାରେ ଓକ୍ଲାହୋମାରେ ହୋଇଥିବା ଏକ ଗବେଷଣା ଅନୁସାରେ, ୬-୧୨ ବର୍ଷ ବୟସର ପିଲାଙ୍କ ମଧ୍ୟରୁ କେବଳ ପାଞ୍ଚ ଜଣକରୁ ଜଣେ ପିଲା ଘଣ୍ଟା ଚିହ୍ନିବା ଜାଣନ୍ତି। ଏହି ସମସ୍ୟା ଅନେକ ବର୍ଷ ଧରି ଧୀରେ ଧୀରେ ବଢ଼ି ଚାଲିଛି। ଅବଶ୍ୟ ସ୍ମାର୍ଟଫୋନ୍ ଉପରେ ରୋକ ଲାଗିବାରୁ ଏହା ସାମ୍ନାକୁ ଆସିଲା। ଅନ୍ୟପଟେ ପିଲା ଆନାଲଗ ଘଣ୍ଟା ଚିହ୍ନିବା ଜାଣି ନ ଥିବା ବେଳେ ସେମାନଙ୍କ ଡିଜିଟାଲ ଜ୍ଞାନ କୌଶଳ ଖୁବ୍ ଆଗରେ। ଏପରିକି ଅନେକ ସମୟରେ ପିଲାମାନେ ଶିକ୍ଷକମାନଙ୍କର ଟେକ୍ନୋଲୋଜି ସହ ଜଡ଼ିତ ସମସ୍ୟା ଦୂର କରୁଛନ୍ତି। ଏଥିରୁ ଏହା ସ୍ପଷ୍ଟ ହେଉଛି ଯେ, ନୂଆପିଢ଼ିଙ୍କ ଦକ୍ଷତା କମିନାହିଁ, ବରଂ ସେମାନେ ଡିଜିଟାଲ୍‌ରେ ଅଧିକ ସକ୍ରିୟ ହୋଇ ଯାଉଛନ୍ତି।



## ଆଜି ଆସିଥିଲେ

### ଅଦ୍ୱିତୀୟ ରାଜନେତା ଜାନକୀ ବଲ୍ଲଭ ପଟ୍ଟନାୟକ



ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ଆଜି ଜନ୍ମ ଜୟନ୍ତୀ। ଓଡ଼ିଶାର ଜନସାଧାରଣଙ୍କ ନେତୃତ୍ୱ ନେଇ ସେ ତିନି ତିନିଥର ରାଜ୍ୟର ମୁଖ୍ୟମନ୍ତ୍ରୀ ଆସନରେ ବସିଥିଲେ। ଦୀର୍ଘ ୧୪ ବର୍ଷ ଧରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବା ସହ ନିଜକୁ ଜଣେ ଜନପ୍ରିୟ ନେତା ଭାବେ ପ୍ରତିଷ୍ଠିତ କରିପାରିଥିଲେ। ସେ କେବଳ ଜଣେ ରାଜନେତା ନ ଥିଲେ, ଏକାଧାରରେ ଥିଲେ ସାହିତ୍ୟିକ, ବାଗ୍ମୀ, ସାମ୍ବାଦିକ, ଦୂରଦ୍ରଷ୍ଟା ଓ ଚିନ୍ତକ। ସେ ତାଙ୍କ ଜୀବନକାଳରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଆସାମର ରାଜ୍ୟପାଳ, ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳାଧିପତି ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ସମ୍ଭାଳିଛନ୍ତି। ଅବିଭକ୍ତ ପୁରୀଜିଲ୍ଲା ତଥା ବର୍ତ୍ତମାନର ଖୋର୍ଦ୍ଧା ଜିଲ୍ଲାର ରାମେଶ୍ୱର ଗଡ଼ରେ ୧୯୨୭ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ ଜାନକୀବଲ୍ଲଭ। ତାଙ୍କ ପିତା ଗୋକୁଳାନନ୍ଦ ପଟ୍ଟନାୟକ ଥିଲେ ଜଣେ ଲେଖକ ତଥା ଶିକ୍ଷକ। ଗାଁରେ ମାଇନର ସ୍କୁଲ୍ ପର୍ଯ୍ୟନ୍ତ ପଢ଼ିବା ପରେ ଖୋର୍ଦ୍ଧା ହାଇସ୍କୁଲରେ ସେ ପଢ଼ିଲେ। ଛାତ୍ରାବସ୍ଥାରେ ସେ ଥିଲେ ସରଳ, ସ୍ୱାଧୀନତା ପ୍ରେମୀ, ସାହିତ୍ୟ ପ୍ରେମୀ ଓ ବନ୍ଧୁ ବତ୍ସଳ। ୧୯୪୭ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସଂସ୍କୃତରେ ସ୍ନାତକ ଡିଗ୍ରୀ କରିବା ପରେ ୧୯୪୯ ମସିହାରେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର କରିଥିଲେ। ସେ ଛାତ୍ରାବସ୍ଥାରୁ ରାଜନୀତି ସହିତ ଜଡ଼ିତ ଥିଲେ। ୧୯୫୦ ମସିହାରେ ସେ ରାଜ୍ୟ ଯୁବ କଂଗ୍ରେସ ସଭାପତି ହୋଇଥିଲେ। ୧୯୭୧ରେ ପ୍ରଥମ ଥର ପାଇଁ ସେ ବିଜୟୀ ହୋଇ ଲୋକସଭାକୁ ଯାଇଥିଲେ। ୧୯୮୦ରେ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ଦ୍ୱିତୀୟ ଥର ପାଇଁ ୧୯୮୫ ନିର୍ବାଚନରେ ସେ ଉଭୟ ଖୋର୍ଦ୍ଧା ଓ ଆଠଗଡ଼ ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୧୯୯୫ ମସିହାରେ ସେ ତୃତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୦୯ ମସିହାରେ ତତ୍କାଳୀନ କଂଗ୍ରେସ ନେତୃତ୍ୱାଧୀନ କେନ୍ଦ୍ର ସରକାର ଜାନକୀବଲ୍ଲଭଙ୍କୁ ଆସାମର ରାଜ୍ୟପାଳ ଭାବେ ନିଯୁକ୍ତ କରିଥିଲେ। ଆସାମ ରାଜ୍ୟପାଳ ଭାବେ ସେ ଓଡ଼ିଶା ଓ ଆସାମ ମଧ୍ୟରେ ନିବିଡ଼ ସାଂସ୍କୃତିକ-ସାମାଜିକ ସମ୍ପର୍କର ପୁନଃଆବିଷ୍କାର କରିଥିଲେ। ଜଣେ ଦୂରଦୃଷ୍ଟି ସଂପନ୍ନ ଓ ବିଚକ୍ଷଣ ରାଜନେତା, ଜଣେ ସମାଜ ସଂସ୍କାରକ ଭାବେ ଜାନକୀ ବଲ୍ଲଭ ଯେତିକି ଜଣାଶୁଣା ଥିଲେ, ଜଣେ ସୁସାହିତ୍ୟିକ ଓ ସଂସ୍କୃତ ବିଶାରଦ ଭାବେ ଥିଲା ତାଙ୍କର ସେତିକି ଖ୍ୟାତି। ଓଡ଼ିଆ ଭାଷାରେ ମହାକାବ୍ୟ 'ରାମାୟଣ', 'ମହାଭାରତ' ଓ 'ଶ୍ରୀମଦ୍ ଭାଗବତ'ର ଅନୁବାଦ କରିଛନ୍ତି ଜାନକୀ ବଲ୍ଲଭ ପଟ୍ଟନାୟକ। ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ମଧ୍ୟ ସମ୍ମାନିତ ହୋଇଥିଲେ। ଏଥିସହିତ 'ଗୌତମ ବୁଦ୍ଧ', 'ସିନ୍ଧୁ ଉପତ୍ୟକା', 'ମାଲୁଣୀର ଫୁଲ ଓ ଅନ୍ୟାନ୍ୟ ଗଳ୍ପ', 'ସ୍ୱପ୍ନ ଓ ସଂକଳ୍ପ' ଭଳି ସାହିତ୍ୟ ରଚନା ଆଜି ବି ତାଙ୍କୁ ଅମର କରି ରଖିଛି। ୨୦୧୫ ମସିହା ଏପ୍ରିଲ ୨୧ ତାରିଖରେ ଆନ୍ଧ୍ରପ୍ରଦେଶର ତିରୁପତିରେ ତାଙ୍କର ଦେହାବସାନ ଘଟିଥିଲା।

## ଛବିଶି ଆସିଛି ମିତ



ରାମଚନ୍ଦ୍ର ବେହେରା

ବାଣ ରୋଷଣୀରେ ନାଚ ଗୀତ ସୁରେ
ଛବିଶି ଆସିଛି ମିତ
ପୁରୁଣା ବର୍ଷର ଦୁଃଖ ଭୁଲି ଆସ
ହରଷେ ଗାଇବା ଗୀତ।
ନୂଆ ବରଷରେ ନୂଆ ଆଶା ନେଇ
ପାଠରେ ରଖିବା ଧ୍ୟାନ
ଅଳସ ପଣକୁ ଦୂର କରି ଆମେ
କରିଯିବା ନିଜ କାମ।
ରାଗ ରୋଷ ହିଂସା କପଟ ସ୍ୱଭାବ
ପରାଣୁ ଦୂରେଇ ଦେବା
ସ୍ନେହ ମମତାରେ ବାନ୍ଧିହୋଇ ସର୍ବେ
ଦେଶକୁ ଆଗେଇ ନେବା।
ପିତା ମାତାଙ୍କର କଥାକୁହା ମାନି
ସତ୍ୟ ପଥରେ ଚାଲିବା
ବିଦ୍ୟାଲାଭ ପାଇଁ ଗୁରୁ ଉପଦେଶ
ମୁଣ୍ଡ ନୁଆଁଇ ପାଳିବା।
ଭେଦଭାବ ଭୁଲି ଆଶାବାଡ଼ି ସାଜି
ସେବା କରିବା ସବୁରି
ସୁନ୍ଦର ସମାଜ ଗଢ଼ିବା ହରଷେ
ଏକତା ମନ୍ତ୍ର ଆଦରି।
ଦେଶ ହିତ ପାଇଁ କାମ କରିଯିବା
ଭୁଲିଯିବା ଦେହ ବ୍ୟଥା
ଆମ ଶ୍ରମ ଦେଖି ସଭିଏଁ ଗାଇବେ
ଆମରି ଗୌରବ ଗାଥା।
ଶାନ୍ତିର ବାରତା ପରଶିବା ଆମେ
ନ ଦେବା କାହାକୁ ଦୁଃଖ
ସତ୍ୟ, ନ୍ୟାୟ, ଧର୍ମ ନୀତି ଆଦରିବା
ମିଳିବ ପରମ ସୁଖ।■



ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ସ୍ୱାଗତ କରୁଛି ହେ ନୂଆବରଷ



ନଳିନୀ ଦାଶ

ଥିରି ଥିରି ପାଦେ ଶୀତୁଆ ରାତିରେ
ଆସିଛି ନୂଆ ବରଷ
ତୁମ ଆଗମନେ ଭରୁ ଧରଣୀରେ
ସ୍ନେହ ମମତା ପରଶ।
ହେଇଯାଉ ଦୂର ଅଜ୍ଞାନ ଅନ୍ଧାର
ଜ୍ଞାନର ବିକାଶ ହେଉ
ଈର୍ଷା ହିଂସା ରାଗ କପଟ ଛଳନା
ସବୁ ଅପସରି ଯାଉ।
ତୁମର ପରଶ ହେଉ ହେ ସରସ
ଜୀବଜଗତଟି ପାଇଁ
ସବୁରି ମୁଖରେ ହସ ଖୁସି ଭରି
ଦିଅନ୍ତୁ ଜଗତ ସାଇଁ।
ସ୍ୱାଗତ କରୁଛି ହେ ନୂଆବରଷ
ସୁଖର ଝରଣା ବହୁ
ନୂଆ ବରଷର ନୂଆ ସକାଳରେ
ଦୁଃଖ ଦୂର ହେଇ ଯାଉ।
ମନ ପ୍ରାଣ ଢାଳି କରିଯିବୁ କାମ
ଦେଶ ପାଇଁ କି ଲଢ଼ିବୁ
ନୂଆ ବରଷରେ ପଣ କରି ଆମେ
ସ୍ୱଚ୍ଛ ଭାରତ ଗଢ଼ିବୁ।
ସବୁରି ମୁଖରେ ହସଫୁଲ ଫୁଟି
ହସୁ ଏଦେଶ ଆମର
ସବୁ ଜାତି ଧର୍ମ ଏକ ମନ ହୋଇ
ଚଳୁଥାନ୍ତୁ ନିରନ୍ତର।■



ଭିକାରିପଡ଼ା, ନୟାଗଡ଼
ମୋ- ୯୨୩୮୯୯୬୬୪୯




ସୌରଭ ରଞ୍ଜନ କର
ସପ୍ତମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
କଲେଜ ଛକ, କଟକ






ପ୍ରିତିରାଜ୍ ଦାସ
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ନୂଆବଜାର, କଟକ





ରଦ୍ରାଣ୍ୟ ଦଳାଇ
ଚତୁର୍ଥ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ଜୋବ୍ରା, କଟକ





## ମିଠା ମିଛ



ଶିବ ପ୍ରସାଦ ରାଉତ

ରାଜାଙ୍କ ଦରବାରରେ ସେଦିନ ଶିକାରୀଟିଏ ପହଞ୍ଚି ରାଜାଙ୍କୁ ପଞ୍ଜୁରୀରେ ଥିବା ଶୁଆଶାରୀଙ୍କୁ ଦେଖାଇ କହିଲା -"ମଣିମା ! ଏଇ ଦେଖନ୍ତୁ କଥା କହିପାରୁଥିବା ଶୁଆଶାରୀ। ଏମାନେ ଭାରି ଚାଲାକ୍, ସବୁ ପ୍ରଶ୍ନର ଉତ୍ତର ଦେଇ ପାରୁଛନ୍ତି, ସୁନ୍ଦର ଗୀତ ଗାଉଛନ୍ତି ଓ ସର୍ବଦା ସତ୍ୟ କହନ୍ତି। ଏମାନେ ସୁପରାମର୍ଶ ମଧ୍ୟ ଦିଅନ୍ତି।" ରାଜା ଭାରି ଖୁସି ହୋଇ ଶିକାରୀକୁ ପଚାଶ ସ୍ୱର୍ଣ୍ଣମୁଦ୍ରା ଦେଇ ଶୁଆଶାରୀ ଯୋଡ଼ିକୁ ରଖିଲେ। ସେହିଦିନ ଠାରୁ ଦରବାରକୁ, ରାଜବାଟୀକୁ ଯେଉଁମାନେ ଆସନ୍ତି, ଶୁଆଶାରୀ ମଣିଷ ଭଳି କଥା କହିବା ଓ ଗୀତ ବୋଲିବା ଦେଖି ଖୁସିରେ ପ୍ରଶଂସା କରନ୍ତି। ସେଦିନ ନିରୋଳାରେ ରାଜାରାଣୀ ଶୟନ କକ୍ଷରେ ଥାଆନ୍ତି। ରାଜା କହୁଥାନ୍ତି, "ବୁଝିଲ ରାଣୀ, ଆଜି ରାଜସଭାରେ ଗୋଟିଏ ଅତ୍ୟନ୍ତ କଠିନ ସମସ୍ୟା ଉପୁଜିଥିଲା, ଏହାର ସମାଧାନ ମୁଁ ନିମିଷକ ମଧ୍ୟରେ କାହାରି ସାହାଯ୍ୟ ବିନା କରିଦେଲି।" ଶୁଆ ରାଜାଙ୍କର ଏକଥା ଶୁଣି ଦୂରରୁ ଥାଇ କହିଲା, "ମଣିମା, ମିଛ କହିଲେ। ଆଜି ପରା ମନ୍ତ୍ରୀ ଓ ରାଜଗୁରୁ ସେହି ସମସ୍ୟାର ସମାଧାନ କଲେ।" ଶୁଆର ଏକଥା ଶୁଣି ରାଣୀ ରାଜାଙ୍କୁ ଚାହିଁ ଗମ୍ଭୀର ହୋଇଗଲେ। ରାଜା ଅପମାନିତ ବୋଧ କଲେ। ଅନ୍ୟଦିନେ ରାଜାଙ୍କର କେତେଜଣ ବନ୍ଧୁ ରାଜବାଟୀକୁ ଆସି ରାଜାଙ୍କ ସହିତ ଆଳାପ କରୁଥିଲେ। କଥା ପ୍ରସଙ୍ଗରେ ରାଜା ସେମାନଙ୍କୁ କହିଦେଲେ, "ଆପଣମାନେ ଆସିବା ପୂର୍ବରୁ ମୁଁ ମୃଗମାଂସ ଆହାର କରିଛି, ତୁମେ... ।" ଶୁଆ କହିଲା, "ନା, ମଣିମା ଆପଣ ମିଛ କହିଲେ। ଆଜି ପ୍ରାତଃ ଭୋଜନରେ ପରା ଆପଣ ରାଜଭୋଗ ଖାଇଛନ୍ତି, ମୃଗ ମାଂସ କେତେବେଳେ ଖାଇଲେ।" ସେ ବନ୍ଧୁମାନେ ଏକଥା ଶୁଣି ପରସ୍ପରକୁ ନିରବରେ ଚାହିଁ ରାଜାଙ୍କୁ ବିଦ୍ରୁପ କଲେ। ବାସ୍ କିଛିସମୟ ପରେ ରାଜାଙ୍କ ବନ୍ଧୁମାନେ ତ ଚାଲିଗଲେ। ରାଜା ତୁରନ୍ତ ମନ୍ତ୍ରୀଙ୍କୁ ଡାକି କହିଲେ, "ଶୀଘ୍ର ଏ ସତୁଆ ପକ୍ଷୀ ଯୋଡିଙ୍କୁ ବଣରେ ଛାଡ଼ିଦେଇ ଆସ। ଏମାନେ ସେଠାରେ କଷା, କଟୁ, ତିକ୍ତ, ରୁକ୍ଷ ଫଳ ଖାଆନ୍ତୁ, ଶିକାରୀ ହାତରେ ଶିକାର ହୋଇଯାଆନ୍ତୁ। ଏମାନଙ୍କର ସତ କହିବା ଛାଡ଼ିଯିବ।" ଜଙ୍ଗଲରେ ଶୁଆଶାରୀ ସ୍ୱାଧୀନରେ ବୁଲିଲେ ସିନା ରାଜଉଆସର ସୁମିଷ୍ଟ ଫଳ କି ଲୋକଙ୍କ ପ୍ରଶଂସା ପାଇଲେ ନାହିଁ। କିଛିଦିନ ବିତିଗଲା। ବିଭିନ୍ନ ପଶୁପକ୍ଷୀ ଓ ଅନ୍ୟ ଜୀବମାନଙ୍କର ଗତିବିଧି ଇତ୍ୟାଦି ଶୁଆଶାରୀ ଦେଖୁଥାନ୍ତି। ସେଦିନ ଶୁଆ ସାରୀକୁ କହିଲା, "ଜାଣିଲୁ ଶାରୀ, ଏ ଯେଉଁ ଶିକାରୀଟି ଆସୁଛି, ସେ ଭାରି ନିଷ୍ଠୁର, ତା'ର ଲକ୍ଷ୍ୟ ଅବ୍ୟର୍ଥ। ପ୍ରତିଦିନ ସେ କେତେ ପଶୁପକ୍ଷୀଙ୍କୁ ନିଷ୍ଠୁର ଭାବରେ ମାରି ତା' ଗଣ୍ଠିଲିରେ ନେଇଯାଉଛି, ତା'ର ହିସାବ ନାହିଁ। ଆଜି କିଛି କରିବାକୁ ହେବ।" ଶୁଆ କହିଲା, "ଶାରୀ, ଆସ ସେହି ପୁଷ୍କରିଣୀ ପାଖକୁ ଯିବା। ଏ ଶିକାରୀ ସେହି ପୁଷ୍କରିଣୀରୁ ପାଣି ପିଇ ତା'ର ସୁବଦିନ ପରି ଶିକାର ଆରମ୍ଭ କରିବ। ତୁମେ ମୋ କଥାରେ ସହଯୋଗ କରିବ।" ପ୍ରଥମେ ଶାରୀ ଶୁଆର ଉଦ୍ଦେଶ୍ୟ ବୁଝିପାରି ନଥିଲା। ଶିକାରୀ ପୁଷ୍କରିଣୀ ପାଖାପାଖି ହେଲାଣି, ତାକୁ ଦେଖି ନ ଦେଖିଲା ପରି ଶୁଆ ମଣିଷ ସ୍ୱରରେ ବଡ଼ପାଟିରେ କହୁଥାଏ, "ମୁଁ ତୁମକୁ କେତେ ବୁଝାଇବି ଶାରୀ, ମୁଁ ତ ଜ୍ୟୋତିଷ ବିଦ୍ୟା, କାକଚରିତ ଓ ଭବିଷ୍ୟତବାଣୀ ମୋ ଗୁରୁଙ୍କ ଠାରୁ ଶିଖିଛି। ତୁମେ ଆଶ୍ଚର୍ଯ୍ୟ ହେଉଛ କାହିଁକି ଯେ, ମୁଁ ସବୁବେଳେ ସତ କହୁଛି ଓ ଭବିଷ୍ୟତ କଥା ଜାଣିପାରୁଛି ବୋଲି... ।" ନିରବ ନିଃସ୍ତବ୍ଧ ଜଙ୍ଗଲରେ ପୁଣି ମଣିଷର ସ୍ୱର, ଏ କ'ଣ ସତ ଶୁଆଶାରୀ ! ଶିକାରୀଟି ଶୁଆଶାରୀଙ୍କ କଥା ଶୁଣିବା ପାଇଁ ଗଛ ଉହାଡ଼ରେ ଲୁଚି ରହିଲା। ଶାରୀ, ଶୁଆକୁ କହିଲା, "ହଁ, ହଁ ମୁଁ ଜାଣିଛି ତୁମେ ସବୁ ଭବିଷ୍ୟତ ସତକଥା କହିପାର, ଆଜି ଏ ଜଙ୍ଗଲରେ କ'ଣ ଘଟିବ କହିଲ?" ଶୁଆ କହିଲା, "କ'ଣ କହିବି, ହଉ ଶୁଣ। ସେହି ପଶ୍ଚିମ ଦିଗରୁ ଯେଉଁ ଶିକାରୀ ଜଣକ ଆସୁଛି, ପଶୁପକ୍ଷୀ ଶିକାର କରି ନେଉଛି। ତା'ର ଆଜି ମରଣର ଦିନ।" ଶାରୀ କହିଲା, "ସତେ, କିପରି ?" ଶୁଆ କହିଲା, "ଦେଖିବୁ ରହ, ଏକ ବିରାଟ ସିଂହ ସେ ଶିକାରୀକୁ ଗୋଡ଼େଇ ଗୋଡ଼େଇ କଲବଲ କରି ମାରିବ। ତା'ର ପାପର ଭାର ପୁରି ସାରିଛି।" ଶାରୀ କହିଲା, "ଆହା! ବିଚରା। ଆଚ୍ଛା ଶୁଆ, କୁହ ତା'ର ଜୀବନ କ'ଣ ରକ୍ଷା ହେଇ ପାରିବନି? " ଶୁଆ କହିଲା, "ତୁ କାହିଁକି ବ୍ୟସ୍ତ ହେଉଛୁ, ଆରେ ସବୁ କଥାରେ ତ ପ୍ରତିକାର ଅଛି। ହେଲେ ତୋତେ କହି ଲାଭ କ'ଣ। ଯଦି ସେ ଶିକାରୀ ମୋତେ ପଚାରେ ମୁଁ ପ୍ରତିକାର କହିବି ନା... । ଆଉ ତୁମେ ତ ଜାଣ ମୁଁ କେବେ ମିଛ କହେନା।" ଶୁଆର କଥା ଶୁଣି ଛାନିଆରେ ବରଡ଼ାପତ୍ର ପରି ଥରୁଥିବା ଶିକାରୀ କାରୁଣ୍ୟ ସ୍ୱରରେ କହିଲା, "ହେ, ସତ୍ୟପକ୍ଷୀ, ମୋତେ ଦୟାକର। ମୋ ଜୀବନ ରକ୍ଷା ପାଇଁ ପ୍ରତିକାର କର। ମୁଁ ତୁମ ଶରଣ ପଶୁଛି।" ଶୁଆ କହିଲା, "ତୁମେ ତା'ହେଲେ ଚାଲିଆସିଲାଣି। ମୋ କଥା ଶୁଣିନେଲ? ଶୁଣ ଶିକାରୀ, ତୁମେ ବି ବିଜ୍ଞ, ଚତୁର। କାରଣ ତୁମ ଶିକାର କୌଶଳ ଅତି ନିଖୁଣ ହେଲେ ଆଜି ତୁମର ଜୀବନ କେହି ରକ୍ଷା କରିପାରିବେନି। ଆରେ ଜୀବହତ୍ୟା ଓ ପାପର ଗୋଟେ ସୀମା ଥାଏ। ଯିଏ ଅନ୍ୟକୁ ମାରେ ତାକୁ ବି ଶିକାର ହେବାକୁ ପଡ଼େ, ଏଣୁ... ।" ଶିକାରୀ କମ୍ପିତ କଣ୍ଠରେ କହିଲା, "ମୁଁ ରକ୍ଷା ଚାହେଁ, କିଛି ବାଟ କର।" ଶୁଆ କହିଲା, "ବାଟ ଗୋଟିଏ, ତୁମକୁ ଏ ଶିକାରୀ ଜୀବନ ଛାଡ଼ିବାକୁ ହେବ, ଅନ୍ୟ କିଛି ଉପାୟରେ ସଂସାର ଚଳାଅ। ତୁମ ଜୀବନର ମୋଡ଼ ବଦଳିଯିବ, ତୁମେ ରକ୍ଷା ପାଇଯିବ।" ଶିକାରୀ ଶପଥ କଲା ଆଜିଠାରୁ ଏ ଧନୁ, ତୀର, ବାଟୁଳୀ, ଫାଶ ସବୁ ଏ ଜଳକୁ ଫିଙ୍ଗିଲି। ଆଉ ଜୀବହତ୍ୟା କରିବିନି କି ଏ ଜଙ୍ଗଲକୁ ଆସିବିନି। ଏହା କହି ଜଙ୍ଗଲରୁ ଏକମୁହାଁ ହୋଇ ବାହାରିଗଲା। ଶାରୀ କହିଲା, "ଆଚ୍ଛା ଶୁଆ, କେବେ ତ ଜୀବନରେ ମିଛ କହି ନ ଥିଲ, ଏହି ସତକଥା କାରଣରୁ ରାଜା ଘରୁ ତଡ଼ା ଖାଇଲ। ଆଜି ଏ ମିଛ କହିଲ, କ'ଣ କିଛି ପାପ ହେବନି?" ଶୁଆ କହିଲା, "ଯେଉଁ ମିଛ କହିଲେ ଜୀବର ମଙ୍ଗଳ ସାଧିତ ହୁଏ, ଧର୍ମର ରକ୍ଷା ହୁଏ, ଈଶ୍ୱର ପରା ତାକୁ ଆଶୀର୍ବାଦ ଦିଅନ୍ତି। ମୁଁ ଏମିତି କ'ଣ କଲି କି, ଯାହା କଲି ଶିକାର ହେଉଥିବା ଜୀବମାନଙ୍କର ଜୀବନ ରକ୍ଷା ହେଲା, ଆଉ ଶିକାରୀ ମଧ୍ୟ ପାପପଥରୁ ନିବୃତ୍ତ ହେଲା, ଏ ତ ମିଛ ନୁହେଁ। ଏ ପରା ମିଠାମିଛ।"■



ବଛଡା, ଜଗନ୍ନାଥପୁର, ବାସୁଦେବପୁର, ଭଦ୍ରକ
ମୋ-୮୧୪୪୭୨୮୧୧୫

## ଆଜିଠୁ ପୁରୁଷ ହକି ଇଣ୍ଡିଆ ଲିଗ୍

# ଆଠ ବର୍ଷ ପରେ ଟାଇଟଲ୍ ଲକ୍ଷ୍ୟରେ କଳିଙ୍ଗ ଲାନ୍ସର୍ସ

ଚେନ୍ନଇ, ୨।୧ (ଏଜେନ୍ସି)



ପୁରୁଷ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ୭ମ ସଂସ୍କରଣ ଶନିବାରଠାରୁ ଚେନ୍ନଇରେ ଆରମ୍ଭ ହେବାକୁଯାଉଛି। ଘରୋଇ ତାମିଲନାଡୁ ଡ୍ରାଗନ୍ସ ଓ ହାଇଦରାବାଦ୍ ତୁଫାନ୍ସ ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ମେୟର ରାଧାକ୍ରିଷ୍ଣ ହକି ଷ୍ଟାଡିୟମରେ ଖେଳାଯିବ। ଆଠଟି ଦଳକୁ ନେଇ ଖେଳାଯିବାକୁ ଥିବା ଚଳିତ ସଂସ୍କରଣ ୩ଟି ଭେନ୍ୟୁରେ ଖେଳାଯିବ। ଜାନୁଆରୀ ୩ରୁ ୯ ତାରିଖ ପର୍ଯ୍ୟନ୍ତ ଚେନ୍ନଇରେ ପ୍ରଥମ ପର୍ଯ୍ୟାୟ ମୁକାବିଲା ଅନୁଷ୍ଠିତ ହେବ। ଏହାପରେ ରାଞ୍ଚିର ଜୟପାଲ୍ ସିଂହ ଷ୍ଟାଡିୟମରେ ଜାନୁଆରୀ ୧୧ରୁ ୧୬ ତାରିଖ ପର୍ଯ୍ୟାୟ ଆଉ ଏକ ପର୍ଯ୍ୟାୟ ଖେଳାଯିବ। ଅନ୍ତିମ ତଥା ୩ୟ ଭେନ୍ୟୁ ଭାବେ ଭୁବନେଶ୍ୱରର ଆଇକନିକ କଳିଙ୍ଗ ଷ୍ଟାଡିୟମ ରହିଛି। ଏଠାରେ ଜାନୁଆରୀ ୧୭ରୁ ୨୬ ତାରିଖ ପର୍ଯ୍ୟନ୍ତ କିଛି ରାଉଣ୍ଡ-ରବିନ ମୁକାବିଲା ସହ ନକ୍‌ଆଉଟ୍ ଓ ଫାଇନାଲ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

ମୋଟ୍ ୮ଟି ଦଳ ରାଉଣ୍ଡ-ରବିନ ପର୍ଯ୍ୟାୟରେ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ଏହାପରେ ପଏଣ୍ଟ ଆଧାରରେ ଶ୍ରେଷ୍ଠ-୪ଟି ଦଳ ପ୍ଲେ-ଅଫ୍‌ରେ ପ୍ରବେଶ କରିବେ। ପଏଣ୍ଟ ଟେବଲ୍‌ର ପ୍ରଥମ ଦୁଇଟି ସ୍ଥାନରେ ରହିଥିବା ଦଳ ମଧ୍ୟରେ ଜାନୁଆରୀ ୨୩ରେ ପ୍ରଥମ କ୍ୱାଲିଫାୟର ଅନୁଷ୍ଠିତ ହେବ। ଏଥିରେ ବିଜୟୀ ଦଳ ସିଧାସଳଖ ଫାଇନାଲକୁ ପ୍ରବେଶ କରିବେ। ସେହିଦିନ ୩ୟ ଓ ୪ର୍ଥ ସ୍ଥାନ ମଧ୍ୟରେ ରହିଥିବା ଦଳ ମଧ୍ୟରେ ଏଲିମିନେଟର୍ ଖେଳାଯିବ। କ୍ୱାଲିଫାୟର-୧ର ପରାଜିତ ଦଳ ଓ ଏଲିମିନେଟର୍ ବିଜୟୀ ଦଳ ଜାନୁଆରୀ ୨୫ରେ ଦ୍ୱିତୀୟ କ୍ୱାଲିଫାୟରରେ ପରସ୍ପରକୁ ଭେଟିବେ। ଏଥିରେ ଯେଉଁ ଦଳ ବିଜୟୀ ହେବ ଫାଇନାଲ ଟିକଟ୍ ହାସଲ କରିବ। ଡିଫେଣ୍ଡିଂ ଚାମ୍ପିଅନ ରାର୍ହ ବେଙ୍ଗଲ ଟାଇଗର୍ସ ରବିବାର ସୁରମା ହକି କ୍ଲବ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ସେହିଭଳି ଓଡ଼ିଶା ଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ମଧ୍ୟ ଏଥର ପ୍ରଭାବୀ ପ୍ରଦର୍ଶନ କରି ୮ ବର୍ଷ ପରେ ଟାଇଟଲ୍ ଜିତିବା ଲକ୍ଷ୍ୟରେ ରହିଛି। ଚଳିତ ବର୍ଷ ହକି ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଏଚ୍‌ଆଇଏଲ୍ ସବୁଦେଶର ଖେଳାଳିଙ୍କ ପ୍ରସ୍ତୁତି ଲାଗି ଏକ ଭଲ ସୁଯୋଗ ଆଣିଦେଇଛି।

### ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଦଳ

**ଭାରତୀୟ ଖେଳାଳି** : କ୍ରିଷନ ବାହାଦୁର ପାଠକ, ସୁନିଲ, ପ୍ରତାପ ଲାକ୍ରା, ରୋହିତ କୁଲ୍ଲୁ, ସଞ୍ଜୟ, ରବିଚନ୍ଦ୍ର ସିଂହ ମୋଇରଙ୍ଗଥେମ, ଅମିତ କୁମାର ଟପ୍ପୋ, ରୋଶନ କୁଜୁର, ଗୁର୍‌ସାହିବଜିତ୍ ସିଂହ, ଅଙ୍ଗଦ ବୀର ସିଂହ, ଦୀପକ ପ୍ରଧାନ, ଦିଲପ୍ରୀତ୍ ସିଂହ ଓ ବବି ସିଂହ ଧାମି। ବିଦେଶୀ ଖେଳାଳି: ଜେଡ ସ୍ନୋଡେନ, କ୍ରେଗ୍ ମାରଇସ, ଲିଆମ ହେଣ୍ଡରସନ ଓ କୁପର ବର୍ନ୍ସ (ସମସ୍ତେ ଅଷ୍ଟ୍ରେଲିଆ), ଆଣ୍ଟୋଇନ କିନା, ଆର୍ଥର ଭାନ ଡୋରେନ(ଅଧିନାୟକ), ଆଲେକ୍ସଜାଣ୍ଡର ହେଣ୍ଡ୍ରିକ୍ସ (ସମସ୍ତେ ବେଲ୍‌ଜିୟମ)।

### କଳିଙ୍ଗ ଲାନ୍ସର୍ସର କାର୍ଯ୍ୟସୂଚୀ

| ତାରିଖ | ପ୍ରତିପକ୍ଷ | ସମୟ | ଭେନ୍ୟୁ |
|---|---|---|---|
| ୪।୧ | ରାଞ୍ଚି ରୟାଲ୍ସ | ରାତି ୭ଟା ୩୦ | ଚେନ୍ନଇ |
| ୮।୧ | ବେଙ୍ଗଲ ଟାଇଗର୍ସ | ରାତି ୭ଟା ୩୦ | ଚେନ୍ନଇ |
| ୧୧।୧ | ଏଚ୍‌ଆଇଏଲ୍ ଜିସି | ସନ୍ଧ୍ୟା ୫ଟା | ରାଞ୍ଚି |
| ୧୪।୧ | ହାଇଦରାବାଦ୍ ତୁଫାନ୍ସ | ସନ୍ଧ୍ୟା ୫ଟା | ରାଞ୍ଚି |
| ୧୭।୧ | ଦିଲ୍ଲୀ ଏସ୍‌ଜି ପାଇପର୍ସ | ରାତି ୭ଟା ୩୦ | ଭୁବନେଶ୍ୱର |
| ୧୮।୧ | ତାମିଲନାଡୁ ଡ୍ରାଗନ୍ସ | ରାତି ୭ଟା ୩୦ | ଭୁବନେଶ୍ୱର |
| ୨୦।୧ | ସୁରମା ହକି କ୍ଲବ | ରାତି ୭ଟା ୩୦ | ଭୁବନେଶ୍ୱର |

## ଅବସର ନେବେ ଖୱାଜା



ସିଡନୀ,୨।୧(ଏଜେନ୍ସି): ଅଷ୍ଟ୍ରେଲିଆର ଟପ୍ ଅର୍ଡର ବ୍ୟାଟର ଉସ୍‌ମାନ ଖୱାଜା ସମସ୍ତ ପ୍ରକାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାକୁ ଘୋଷଣା କରିଛି। ଏବେ ଅଷ୍ଟ୍ରେଲିଆ ପକ୍ଷରୁ ଟେଷ୍ଟ କ୍ରିକେଟ ଖେଳୁଥିବା ବାମହାତୀ ବ୍ୟାଟର ଖୱାଜା ସିଡ୍‌ନୀରେ ଇଂଲଣ୍ଡ ସହ ଖେଳାଯିବାକୁ ଥିବା ଶେଷ ଆସେସ ଟେଷ୍ଟ ପରେ ଅବସର ନେବେ। ଏହା ପୂର୍ବରୁ ସେ ୮୭ଟି ଟେଷ୍ଟ ଖେଳି ୪୩.୩୯ ହାରରେ ୬,୨୦୬ ରନ୍ କରିଛନ୍ତି। ଏହା ମଧ୍ୟରେ ୧୬ଟି ଶତକ ଓ ୨୮ଟି ଅର୍ଦ୍ଧଶତକ ରହିଛି। ଏହା ଛଡ଼ା ସେ ୪୦ଟି ଦିନିକିଆ ମ୍ୟାଚ୍‌ରୁ ୪୨ ହାରରେ ୨ ଶତକ ସହ ୧୫୫୪ ଓ ୯ଟି ଟି-୨୦ରୁ ଗୋଟିଏ ଅର୍ଦ୍ଧଶତକ ସହ ୨୪୧ ରନ୍ କରିଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟରେ ସେ ୨୨୫ଟି ମ୍ୟାଚ୍‌ରୁ ୧୫,୪୭୭ ରନ୍ ସଂଗ୍ରହ କରିଛନ୍ତି। ଅବସର ଗ୍ରହଣ ସତ୍ତ୍ୱେ ସେ ବିବିଏଲ୍‌ରେ ବ୍ରିସ୍‌ବେନ୍ ହିଟ୍ ଓ ଶେଫିଲ୍ଡ ଶିଲ୍ଡରେ କ୍ୱିନ୍ସଲାଣ୍ଡ ପକ୍ଷରୁ ଖେଳ ଜାରି ରଖିବେ।

## ଦ.ଆଫ୍ରିକା ଦଳରେ ୭ ନୂଆ ଖେଳାଳି

ଜୋହାନ୍ସବର୍ଗ,୨।୧(ଏଜେନ୍ସି): ଗତ ଥରର ରନର୍ସ ଅପ୍ ଦକ୍ଷିଣ ଆଫ୍ରିକା ଫେବୃଆରୀ-ମାର୍ଚ୍ଚରେ ହେବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ଖେଳାଳି ଦଳ ଘୋଷଣା କରିଛି। ଆଇଡେନ୍ ମାର୍କରାମ ପୂର୍ବପରି ଦଳର ଅଧିନାୟକ ରହିଥିଲାବେଳେ ଭାରତ ନିକଟରୁ ହାରି ରନର୍ସ ଅପ୍ ହୋଇଥିବା ଦଳର ମାତ୍ର ୭ଜଣ ଖେଳାଳି ଏଥର ରହିଛନ୍ତି। ବିଶ୍ୱକପ୍ ଖେଳି ନ ଥିବା ୭ଜଣ ନୂଆ ଖେଳାଳିଙ୍କୁ ଏହି ଦଳରେ ସାମିଲ କରାଯାଇଛି।

**ଟି-୨୦ ବିଶ୍ୱକପ୍**

**ଦକ୍ଷିଣ ଆଫ୍ରିକା ଦଳ**

କ୍ୱିଣ୍ଟନ ଡି କକ୍, ଆଇଡେନ୍ ମାର୍କରାମ (ଅଧିନାୟକ), ଟୋନି ଡି ଜୋର୍ଜି, ଡିୱାଲ୍ଡ ବ୍ରେଭିସ୍, ଡେଭିଡ୍ ମିଲର, ଡୋନୋଭାନ ଫେରେରା, ଜେସନ ସ୍ମିଥ୍, ମାର୍କୋ ଜାନସେନ୍, କୋର୍ବିନ ବୋଶ୍, ଜର୍ଜ ଲିଣ୍ଡେ, କାଗିସୋ ରାବାଡା, କେଶବ ମହାରାଜ, ଲୁଙ୍ଗି ଏନ୍‌ଗିଡି, ଆନରିଚ୍ ନୋର୍ଜେ, କ୍ୱେନା ମାଫକା।

■ ୧୫ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ୍

## ଓଡ଼ିଶାର ବିଜୟ ଅଭିଯାନ



କଟକ,୨।୧(ସମିସ): ନାଗପୁରର ଲେଡି ଅମ୍ରିତବାଇ ଦାଗା କଲେଜ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ୧୫ବର୍ଷରୁ କମ୍ ଜାତୀୟ ମହିଳା ଏକଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୧୧୩ ରନରେ ସୌରାଷ୍ଟ୍ରକୁ ହରାଇ ଅଭିଯାନ ଆରମ୍ଭ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୫ ୱିକେଟ ହରାଇ ୨୩୪ ରନ ସଂଗ୍ରହ କରିଥିଲା। ୱିକେଟ କିପର ଅନନ୍ୟା ପ୍ରିୟଦର୍ଶିନୀ ଦାସ ୯୩ ରନ ଏବଂ ଅଧିନାୟିକା ଚିରଶ୍ରୀ ରାଉତ ୫୮ ରନ କରିଥିଲେ। ସୌରାଷ୍ଟ୍ରର ଆରାଧ୍ୟା ଓଜା ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ସୌରାଷ୍ଟ୍ର ୧୨୧ ରନରେ ଅଲଆଉଟ ହୋଇଥିଲା। ଓଡ଼ିଶା ପକ୍ଷରୁ ଅନ୍ୱେଷା ସ୍ୱାଇଁ ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଥିଲେ।

## ମୁକ୍ତେଶ୍ୱର କପ୍ ଫାଇନାଲରେ ମୁକ୍ତେଶ୍ୱର

ଭୁବନେଶ୍ୱର, ୨।୧ (ସମିସ): ଆୟୋଜକ ମୁକ୍ତେଶ୍ୱର କ୍ଲବ ଦ୍ୱିତୀୟ ଦଳ ଭାବେ ଏଠାରେ ଚାଲିଥିବା ୧୬ ବର୍ଷରୁ କମ୍ ମୁକ୍ତେଶ୍ୱର କପ୍‌ର ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ମୁକ୍ତେଶ୍ୱର ଦଳ ୪ ୱିକେଟ୍‌ରେ କ୍ଲବ ଦି ରେଡ ଷ୍ଟାର୍‌କୁ ପରାସ୍ତ କରିଥିଲା। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ରେଡ୍ ଷ୍ଟାର୍ ୩୦ ଓଭରରେ ୮ ୱିକେଟ୍ ହରାଇ ୧୪୯ ରନ କରିଥିଲା। ଅରବିନ୍ଦ ମୁଦୁଲି ସର୍ବାଧିକ ୪୦ ରନ କରିଥିଲେ। ପ୍ରତିପକ୍ଷ ମୁକ୍ତେଶ୍ୱରର ଅଭିଳାଷ ଓ ଆଲୋକ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ମୁକ୍ତେଶ୍ୱର ଦଳ ୨୫.୫ ଓଭରରେ ୬ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଆର୍ଯ୍ୟନ ନାୟକ ଓ ଅଂଶୁମାନ ଦାସ ୩୩ ରନ ଲେଖାଏ ଏବଂ ଭୁବନେଶ ସାମଲ ୪୦ ରନ କରିଥିଲେ। ଆୟୋଜକ କ୍ଲବର ଉପସଭାପତି ଅଜିତ ବିଶ୍ୱାଳ ଅତିଥିଭାବେ ଉପସ୍ଥିତ ରହି ଆର୍ଯ୍ୟନଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ରବିବାର ରାମେଶ୍ୱର ସ୍ପୋର୍ଟିଂ ଓ ମୁକ୍ତେଶ୍ୱର କ୍ଲବ ମଧ୍ୟରେ ଫାଇନାଲ ଖେଳାଯିବ।




## ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍


# ଆଜି ହୋଇପାରେ ଭାରତୀୟ ଦଳ ଚୟନ

ମୁମ୍ବଇ,୨।୧(ଏଜେନ୍ସି): ବିଜୟ ହଜାରେ ଟ୍ରଫିର ଆସନ୍ତାକାଲି ଏକ ଗୁରୁତ୍ୱପୂର୍ଣ୍ଣ ରାଉଣ୍ଡ ଖେଳାଯିବ। ଏହି ରାଉଣ୍ଡରେ ଭାରତୀୟ ଦଳର ଅନେକ ଖେଳାଳି ଖେଳିବେ। ଯାହା ଫଳରେ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ପୂର୍ବରୁ ଏହି ଖେଳାଳିଙ୍କ ପ୍ରଦର୍ଶନ ଶେଷଥର ଦେଖିବା ପୂର୍ବରୁ ଦଳ ଚୟନ କରାଯିବ ବୋଲି ଆଶା କରାଯାଉଛି। ଏହାର ଅର୍ଥ ଆସନ୍ତାକାଲି ଅପରାହ୍ଣରେ ଭାରତୀୟ ଦିନିକିଆ ଦଳ ଘୋଷଣା ହେବାର ସମ୍ଭାବନା ରହିଛି। ବରୋଦାରେ ପ୍ରଥମ ଦିନିକିଆ ମ୍ୟାଚ୍ ଜାନୁଆରୀ ୧୧ରେ ହେବ। ଏହା ପୂର୍ବରୁ ଜାନୁଆରୀ ୭ ସୁଦ୍ଧା ସମସ୍ତ ଖେଳାଳି ବରୋଦାରେ ପହଞ୍ଚିବେ। ଏଣୁ ଦଳ ଚୟନ ଲାଗି ଆସନ୍ତାକାଲି ଉପଯୁକ୍ତ ସମୟ ବୋଲି କୁହାଯାଉଛି। ବେକରେ ଆଘାତ ପାଇ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌ରୁ ବାଦ୍ ପଡ଼ିଥିବା ଶୁବମନ ଗିଲ୍ ଦଳର ନେତୃତ୍ୱ ନେବାକୁ ଫେରିବେ। ତାଙ୍କ ସହ ଉପଅଧିନାୟକ ଶ୍ରେୟସ ଆୟରଙ୍କର ମଧ୍ୟ ଫେରିବା ସମ୍ଭାବନାକୁ ଏଡ଼ାଇଦେଇ ହେବନାହିଁ। କିନ୍ତୁ ଆୟର ଖେଳିବା ଲାଗି ଫିଟ୍ କି ନୁହେଁ ତାହା ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ମେଡିକାଲ ଟିମ୍ ଜାନୁଆରୀ ୫ରେ ପରୀକ୍ଷା କରିବ। ଯଦି ସେ ପାସ କରନ୍ତି ତେବେ ତାଙ୍କୁ ଦଳରେ ସାମିଲ କରାଯିବାର ସମ୍ଭାବନା ରହିଛି। ଦୁଇ ବରିଷ୍ଠ ଖେଳାଳି ଯଶପ୍ରୀତ୍ ବୁମ୍ରା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବିଶ୍ରାମ ଦିଆଗଲେ କିଛି ନୂଆ ଖେଳାଳି, ୩୫ ବର୍ଷୀୟ ମହମ୍ମଦ୍ ସାମିଙ୍କୁ ମଧ୍ୟ ଦଳରେ ସାମିଲ କରାଯିବାର ସମ୍ଭାବନାକୁ ଏଡାଇଦେଇହେବ ନାହିଁ। ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ର ମ୍ୟାଚ୍ ଗୁଡିକ ଜାନୁଆରୀ ୧୧, ୧୪ ଓ ୧୮ ରେ ଖେଳାଯିବ।

### ସେପ୍ଟେମ୍ବରରେ ବାଂଲା ସହ ସିରିଜ୍

ବାଂଲାଦେଶ କ୍ରିକେଟ ବୋର୍ଡ ପକ୍ଷରୁ ଭାରତ ସହ ସ୍ଥଗିତ ଥିବା ସିରିଜ୍‌କୁ ପୁଣିଥରେ ଆସନ୍ତା ସେପ୍ଟେମ୍ବର ମାସରେ ଆୟୋଜନ କରାଯିବାକୁ ସ୍ଥିର କରିଛି। ଏହି ସିରିଜ୍‌ରେ ୩ଟି ଦିନିକିଆ ମ୍ୟାଚ୍ ଯଥାକ୍ରମେ ସେପ୍ଟେମ୍ବର ୧, ୩ ଓ ୬ରେ ଖେଳାଯିବ। ସେହିପରି ଟି-୨୦ ସିରିଜ୍‌ର ମ୍ୟାଚ୍ ଗୁଡିକ ସେପ୍ଟେମ୍ବର ୯, ୧୨ ଓ ୧୩ରେ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ବାଂଲାଦେଶ କ୍ରିକେଟ ବୋର୍ଡର କ୍ରିକେଟ ଅପରେସନ ମ୍ୟାନେଜର ବାଂଲାର ଅନ୍ତର୍ଜାତୀୟ କାର୍ଯ୍ୟସୂଚୀ ଘୋଷଣା କରିବା ସହ ଭାରତର ସ୍ଥଗିତ ଥିବା ଗସ୍ତକୁ ପୁଣିଥରେ ଆୟୋଜନ କରିବାର ସମୟ ଧାର୍ଯ୍ୟ କରିଛନ୍ତି। ବାଂଲାଦେଶରେ ଏବେ ଯେପରି ଭାରତ ବିରୋଧୀ ହିଂସା ଚାଲିଛି, ତାହା ବନ୍ଦ ନ ହେଲେ ଭାରତ ଗସ୍ତ ପୁଣିଥରେ ବାତିଲ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

## ତୃତୀୟଥର ଲାଗି ଭାରତୀୟ ମହିଳା ହକିର କୋଚ୍ ହେଲେ ଜୋଏର୍ଡ ମାରିନ୍



ନୂଆଦିଲ୍ଲୀ, ୨।୧ (ଏଜେନ୍ସି): ନେଦରଲାଣ୍ଡସର ଜୋଏର୍ଡ ମାରିନ୍ ପୁଣିଥରେ ଭାରତୀୟ ମହିଳା ହକି ଦଳର ମୁଖ୍ୟ ପ୍ରଶିକ୍ଷକ ପଦକୁ ଫେରିଛନ୍ତି। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ମାରିନ୍‌ଙ୍କ ତତ୍ତ୍ୱାବଧାନରେ ଭାରତୀୟ ସିନିଅର ମହିଳା ଦଳ ଦମ୍‌ଦାର ପ୍ରଦର୍ଶନ କରି ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲା। ଏବେ ପାଖାପାଖି ୫ ବର୍ଷର ବ୍ୟବଧାନ ପରେ ୫୧ ବର୍ଷୀୟ ମାରିନ୍ ପୁଣିଥରେ ଏହି ଗୁରୁଦାୟିତ୍ୱ ଗ୍ରହଣ କରିବେ। ହରେନ୍ଦ୍ର ସିଂହଙ୍କ ସ୍ଥାନରେ ହକି ଇଣ୍ଡିଆ ପକ୍ଷରୁ ତାଙ୍କୁ ନୂଆ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ମାରିନ୍ ୩ୟଥର ଲାଗି ଭାରତୀୟ ମହିଳା ଦଳର ପ୍ରଶିକ୍ଷକ ପଦ ତୁଲାଇବେ। ଏଥିପୂର୍ବରୁ ୨୦୧୭ରୁ ୨୦୨୧ ପର୍ଯ୍ୟନ୍ତ ସେ ଏହି ପଦ ସମ୍ଭାଳିଥିଲେ। ତାଙ୍କ ପ୍ରଶିକ୍ଷଣ ସମୟରେ ଭାରତୀୟ ମହିଳା ହକି ଦଳ ବିଶ୍ୱ ମାନ୍ୟତାର ଟପ୍-୧୦ରେ ପ୍ରବେଶ କରିଥିଲା। ମାରିନ୍ ଜାନୁଆରୀ ୧୪ରେ ଭାରତରେ ପହଞ୍ଚି ବେଙ୍ଗାଲୁରୁରେ ଜାତୀୟ ପ୍ରଶିକ୍ଷଣ ଶିବିରରେ ଯୋଗଦେବେ। ଏହାପରେ ମାର୍ଚ୍ଚ ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ହାଇଦରାବାଦ୍‌ରେ ଅନୁଷ୍ଠିତ ହେବାକୁ ଥିବା ମହିଳା ହକି ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ମାରିନ୍‌ଙ୍କ ପ୍ରଥମ ବଡ଼ ଚ୍ୟାଲେଞ୍ଜ ହେବ।

## ସାଇ ସୁଦର୍ଶନଙ୍କ ପିଞ୍ଜରା ଭାଙ୍ଗିଲା



ବେଙ୍ଗାଲୁରୁ,୨।୧(ଏଜେନ୍ସି): ଭାରତୀୟ ଟେଷ୍ଟ ଖେଳାଳି ସାଇ ସୁଦର୍ଶନ ଆହତ ହୋଇ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଆଘାତ ସମସ୍ୟାକୁ ନେଇ ସ୍ପଷ୍ଟ କିଛି ଜଣାପଡ଼ିନାହିଁ। ବିଜୟ ହଜାରେ ଟ୍ରଫିରେ ମଧ୍ୟପ୍ରଦେଶ ବିପକ୍ଷରେ ଖେଳୁଥିବାବେଳେ ଏକ ରନ୍ ନେବାକୁ ଯାଇ ଡାଇଭ୍ କଲାବେଳେ ଆହତ ହୋଇଥିଲେ। ତାଙ୍କ ରିବ୍ ବା ପିଞ୍ଜରାହାଡ଼ ଭାଙ୍ଗିଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ଏହି ଘଟଣା ଡିସେମ୍ବର ୨୬ରେ ଘଟିଥିଲା। ଏହା ପରେ ସିଟି ସ୍କାନ୍‌ରୁ ସାମାନ୍ୟ ହାଡ ଭାଙ୍ଗିଥିବା ଜଣାପଡ଼ିଥିଲା। ଏହା ପରେ ତାଙ୍କୁ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ଅନ୍ୟତମ ଯୁବ ଖେଳାଳି ତଥା ଆସାମ ଅଧିନାୟକ ରିୟାନ ପରାଗ ମଧ୍ୟ କାନ୍ଧରେ ଆଘାତ ଲାଗିଥିବାରୁ ଏଠାରେ ଚିକିତ୍ସିତ ହେଉଛନ୍ତି। ମାର୍ଚ୍ଚ ୨୬ରେ ଆଇପିଏଲ୍ ଆରମ୍ଭ ହେବା ପୂର୍ବରୁ ଉଭୟ ଫିଟ୍ ହେବାକୁ ଲକ୍ଷ୍ୟ ରଖିଛନ୍ତି।

## ୪୫ ବର୍ଷୀୟା ଭେନସଙ୍କୁ ୱାଇଲ୍ଡ କାର୍ଡ

ମେଲବୋର୍ଣ୍ଣ,୨।୧(ଏଜେନ୍ସି): ଆମେରିକାର କିଂବଦନ୍ତୀ ମହିଳା ଟେନିସ ଖେଳାଳି ୪୫ ବର୍ଷୀୟା ଭେନସ ୱିଲିୟମ୍ସଙ୍କୁ ଅଷ୍ଟ୍ରେଲିଆ ଓପନ ଖେଳିବାକୁ ଆୟୋଜକଙ୍କ ପକ୍ଷରୁ ୱାଇଲ୍ଡ କାର୍ଡ ଦିଆଯାଇଛି। ଜାନୁଆରୀ ୧୮ ରୁ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ୨୮ ବର୍ଷ ପୂର୍ବେ ଭେନସ ଏଠାରେ ପଦାର୍ପଣ କରିଥିଲେ। ୧୯୯୮ରେ ସେ ଶେଷଥର ଖେଳିଥିଲେ।

## ୫ରୁ ଜୁନିଅର ଜାତୀୟ ଅସିଚାଳନା




କଟକ,୨।୧(ସମିସ): ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ୩୩ତମ ଜୁନିୟର ଜାତୀୟ ଅସିଚାଳନା ଚାମ୍ପିଅନସିପ ଆସନ୍ତା ୫ରୁ ଆରମ୍ଭ ହେବ। ରାଜ୍ୟ କ୍ରୀଡ଼ା ବିଭାଗ, ଭାରତୀୟ ଅସିଚାଳନା ମହାସଂଘ ଏବଂ ଓଡ଼ିଶା ଅସିଚାଳନା ସଂଘର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ପ୍ରତିଯୋଗିତାରେ ୨୪ଟି ରାଜ୍ୟ ଦଳ ଭାଗ ନେବେ। ଉଭୟ ବାଳକ ଏବଂ ବାଳିକା ବର୍ଗରେ ପ୍ରତିଯୋଗିତା ହେବ। ୧୦ ତାରିଖରେ ଚାମ୍ପିଅନସିପ୍ ଉଦ୍‌ଯାପିତ ହେବ। ଆଜି ଓସିଏ ସମ୍ମିଳନୀ କକ୍ଷରେ ଏ ନେଇ ସାମ୍ବାଦିକ ସମ୍ମିଳନୀ ଆୟୋଜନ ହେବା ସହ ପ୍ରତିଯୋଗିତା ପରିଚାଳନା ବାବଦରେ ବିସ୍ତୃତ ସୂଚନା ଦିଆଯାଇଥିଲା। ସଂଘ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଚାମ୍ପିଅନସିପ ନିମନ୍ତେ ୫୨ଲକ୍ଷ ଟଙ୍କାର ବଜେଟ ରଖାଯାଇଛି। ଖେଳାଳିଙ୍କ ରହଣି ଏବଂ ଖାଦ୍ୟପେୟ ନିମନ୍ତେ ବ୍ୟବସ୍ଥା ହୋଇଥିବା ବେଳେ ପ୍ରତିଯୋଗିତା ସଫଳପୂର୍ଣ୍ଣ ଭାବେ ଆୟୋଜନ ହେବ ବୋଲି ସମ୍ମିଳନୀରେ କୁହାଯାଇଥିଲା। ଉପସଭାପତି ରମେଶ ଚନ୍ଦ୍ର ମଲ୍ଲିକ, କାର୍ଯ୍ୟନିର୍ବାହୀ ସମ୍ପାଦକ ସହଦେବ ରାଉତ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ।

### ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍

## ସେମିଫାଇନାଲରେ ଇଷ୍ଟକୋଷ୍ଟ ରେଲୱେ



ଯାଜପୁର,୨।୧(ସମିସ): ଯାଜପୁର କୁସୁମା ନିକଟସ୍ଥ ଷ୍ଟାଡିୟମରେ ଚାଲିଥିବା ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଇଷ୍ଟକୋଷ୍ଟ ରେଲୱେ (ବିଶାଖାପାଟଣା) ସେମିଫାଇନାଲରେ ପହଞ୍ଚିଛି। ଶୁକ୍ରବାର ଇଷ୍ଟକୋଷ୍ଟ ରେଲୱେ, ୧୯ ରନରେ ୟୁନିକ୍ ଇଲେଭେନ (ଭଦ୍ରକ)କୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଇଷ୍ଟକୋଷ୍ଟ ରେଲୱେ ୨୨.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୧୩୩ ରନ୍ କରିଥିଲା। ଦଳ ପକ୍ଷରୁ ସାଇ ରାହୁଲ ୪୫ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ବୋଲର ଅବଦୁଲ ଖାନ୍ ୧୭ ରନ୍ ବ୍ୟୟରେ ୪ ୱିକେଟ୍ ନେଇଥିଲେ।

ଜବାବରେ ୟୁନିକ୍ ଇଲେଭେନ ୨୪ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୧୧୪ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ସାଇ ରାହୁଲ ୩ଟି ୱିକେଟ୍ ଅକ୍ତିୟାର କରି ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପୂର୍ବତନ କ୍ରିକେଟର ତଥା ବୈଷ୍ଣବୀ ଟ୍ରାଭେଲ୍ସର ପ୍ରୋପାଇଟର ଶ୍ରୀଜୟ ମହାପାତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଓ ମେଲବର୍ଣ୍ଣ କ୍ରିକେଟ୍ କ୍ଲବ ଯାଜପୁରର ମିଳିତ ଉଦ୍ୟମରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଅଭୟ ବଲ୍ଲଭ ପଣ୍ଡା, ମନୋଜ ସାହୁ, ଦିବାକର କର, ପ୍ରଶାନ୍ତ କୁମାର ସାହୁ, ଉମାକାନ୍ତ ସିଂ, ଭୂପତି ମିଶ୍ର, ସୁବାଶିଷ ରାଉତ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

**ବିଜୟ ହଜାରେ ଟ୍ରଫି**

# ଆଜି ହରିୟାଣାକୁ ଭେଟିବ ଓଡ଼ିଶା

କଟକ,୨।୧(ସମିସ)

ଚଳିତ ବିଜୟ ହଜାରେ ଟ୍ରଫିରେ ଦମଦାର ପ୍ରଦର୍ଶନ ଜାରି ରଖି ଏଲିଟ ଗ୍ରୁପ-ଡି'ର ଶୀର୍ଷରେ ଥିବା ଓଡ଼ିଶା ଦଳ ଶନିବାର ୫ମ ଲିଗ୍‌ରେ ହରିୟାଣାକୁ ଭେଟିବ। ବେଙ୍ଗାଲୁରୁର ଅଲୁର କ୍ରିକେଟ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ୨୦୨୩-୨୪ ସଂସ୍କରଣର ଚାମ୍ପିଅନ ହରିୟାଣା ମଧ୍ୟ ଚଳିତ ସିଜନରେ ୩ଟି ମ୍ୟାଚ୍ ଜିତି ୧୨ ପଏଣ୍ଟ ହାସଲ କରିଛି। ରନରେଟ ଆଧାରରେ ଦଳ ଟେବଲର ୩ୟ ସ୍ଥାନରେ ରହିଛି। ଅନ୍ୟପଟେ ପ୍ରଥମ ମୁକାବିଲାରେ ସୌରାଷ୍ଟ୍ରଠାରୁ ହାରିବା ପରେ ସର୍ଭିସେସ, ଆନ୍ଧ୍ରପ୍ରଦେଶ ଏବଂ ଦିଲ୍ଲୀକୁ ହରାଇ ଆଗକୁ ବଢ଼ିଥିବା ଓଡ଼ିଶା ଶିବିରରେ ଉତ୍ସାହ ଏବଂ ଆତ୍ମବିଶ୍ୱାସ ଭରି ହୋଇରହିଛି। ଶନିବାର ଖେଳାଯିବାକୁ ଥିବା ମ୍ୟାଚ୍ ରୋମାଞ୍ଚକ ହେବା ନିଶ୍ଚିତ।

ଗତ ୮ ବର୍ଷ ଭିତରେ ହରିୟାଣା ଏବଂ ଓଡ଼ିଶା ୪ଥର ବିଜୟ ହଜାରେ ଟ୍ରଫିରେ ମୁହାଁମୁହିଁ ହୋଇଛନ୍ତି। ଏଥିରୁ ହରିୟାଣାକୁ ୩ଟି ବିଜୟ ମିଳିଥିବା ବେଳେ ଓଡ଼ିଶା ହାତରେ ଗୋଟିଏ ରହିଛି। ଏତଦବ୍ୟତୀତ ନିକଟ ଅତୀତରେ ଶେଷ ହୋଇଥିବା ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ରେ ହରିୟାଣା ରନର୍ସଅପ୍ ହୋଇଥିଲା। ଯଶବର୍ଦ୍ଧନ ଦଲାଲ, ଅଙ୍କିତ କୁମାର, ହିମାଂଶୁ ରାଣା, ପାର୍ଥ ଭାଟସ, ମୟଙ୍କ ଶାଣ୍ଡିଲ୍ୟ ଏହି ଦଳର ପ୍ରମୁଖ ବ୍ୟାଟର। ଅଂଶୁଲ କାମ୍ବୋଜ, ଅନୁଜ ଠାକରାଲ, ସାମନ୍ତ ଜାଖର ଦଳର ବୋଲିଂ ଲାଇନଅପ ସମ୍ଭାଳିଛନ୍ତି। ଦଳର ସନ୍ତୁଳନ ରକ୍ଷା କରି ମୁକାବିଲା କରୁଥିବା ହରିୟାଣାକୁ ଟକ୍କର ଦେବା ଓଡ଼ିଶା ନିମନ୍ତେ ଚ୍ୟାଲେଞ୍ଜିଂ ରହିବ। ପ୍ରଥମ ମ୍ୟାଚ୍‌ରେ ଦ୍ୱିଶତକ ହାସଲ କରିଥିବା ସ୍ୱସ୍ତିକ ସାମଲ ପରବର୍ତ୍ତୀ ୩ଟି ମ୍ୟାଚ୍‌ରେ ଆଖିଦୃଶିଆ ପ୍ରଦର୍ଶନ କରି ପାରିନାହାନ୍ତି। ହରିୟାଣା ବିପକ୍ଷରେ ତାଙ୍କ ବ୍ୟାଟରୁ ଓଡ଼ିଶା ଶିବିର ରନ ଆଶା କରିବ। ଅଧିନାୟକ ବିପ୍ଳବ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ ଏବଂ ଓମ ଟି ମୁଣ୍ଡେ ବିଗତ ମ୍ୟାଚ୍‌ଗୁଡିକରେ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ହରିୟାଣା ବିପକ୍ଷ ମୁକାବିଲାରେ ମଧ୍ୟକ୍ରମ ବ୍ୟାଟିଂ ଲାଇନଅପରେ ପରିବର୍ତ୍ତନ ଅଣାଯାଇପାରେ। ସେହିପରି ଘାତକ ସାବ୍ୟସ୍ତ ହେଉଥିବା ସ୍ପିନର ରାଜେଶ ମହାନ୍ତିଙ୍କ ଠାରୁ ଓଡ଼ିଶା ପ୍ରାରମ୍ଭିକ ସଫଳତା ଆଶା ବାନ୍ଧିଛି। ତାଙ୍କ ସହ ପେସ୍ ବୋଲର ସମ୍ବିତ ବରାଳ ଏବଂ ଦେବବ୍ରତ ପ୍ରଧାନ ପୂର୍ବଭଳି ସହଯୋଗ ଜାରି ରଖିଲେ ହରିୟାଣାକୁ ହରାଇବା ଓଡ଼ିଶା ନିମନ୍ତେ ସହଜ ହୋଇପାରେ।

## ଅବସର ନେଲେ ଅଭିଷେକ



ଅଲ୍‌ରାଉଣ୍ଡର ଅଭିଷେକ ରାଉତ ସମସ୍ତ ଫର୍ମାଟ କ୍ରିକେଟରୁ ଅବସର ନେଇଛନ୍ତି। ଘଟଗାଁ ନିବାସୀ ୩୮ ବର୍ଷୀୟ ଅଭିଷେକ ଗତ ସିଜନରେ ଓଡ଼ିଶା ନିମନ୍ତେ ୨ଟି ମ୍ୟାଚ୍ ଖେଳିଥିଲେ। ଚଳିତ ସିଜନରେ ତାଙ୍କୁ ସୁଯୋଗ ମିଳିନଥିଲା। ଅଭିଷେକ ୨୦୦୫ ମସିହାରେ ମହାରାଷ୍ଟ୍ର ବରିଷ୍ଠ ଦଳରୁ ଖେଳି ତାଙ୍କ କ୍ରିକେଟ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ମୁମ୍ବଇ, ଗୋଆ ପକ୍ଷରୁ ପ୍ରତିନିଧିତ୍ୱ କରିବା ପରେ ଓଡ଼ିଶା ଦଳ ସହ ଯୋଡ଼ି ହୋଇଥିଲେ। ଆଇପିଏଲର ୨୦୦୯ ସଂସ୍କରଣରେ ସେନ ୱର୍ଣ୍ଣଙ୍କ ନେତୃତ୍ୱାଧୀନ ରାଜସ୍ଥାନ ରୟାଲ୍ସ ଦଳରେ ସେ ସାମିଲ ହୋଇଥିଲେ। କ୍ରମାଗତ ତିନୋଟି ସିଜନରେ ଅଭିଷେକଙ୍କୁ ଏହି ଫ୍ରାଞ୍ଚାଇଜରେ ଦେଖିବାକୁ ମିଳିଥିଲା। ଆଇପିଏଲରେ ୨୨ଟି ମ୍ୟାଚରୁ ସେ ୧୯୪ରନ ସଂଗ୍ରହ କରିଥିଲେ। ରଣଜୀ ଟ୍ରଫିରେ ମୋଟ ୨୬ଟି ମ୍ୟାଚ୍‌ରୁ ୧୧୩୧ରନ ସଂଗ୍ରହ କରିଥିବା ଅଭିଷେକଙ୍କ ନାମରେ ଗୋଟିଏ ଶତକ ଏବଂ ୬ଟି ଅର୍ଦ୍ଧଶତକ ରହିଛି। ଲେଗ୍ ସ୍ପିନ ବୋଲିଂ କରୁଥିବା ଅଭିଷେକ ରଣଜୀ ଟ୍ରଫିରେ ୨୪ଟି ୱିକେଟ ଦଖଲ କରିଛନ୍ତି। ଲିଷ୍ଟ-ଏ ଫର୍ମାଟରେ ୫୫ଟି ମ୍ୟାଚ୍‌ରୁ ୧୦୬୬ ରନ ଓ ୪୨ଟି ୱିକେଟ ଏବଂ ଟି-୨୦ ଫର୍ମାଟରେ ୬୬ ମ୍ୟାଚ୍‌ରୁ ୭୨୧ ରନ ଏବଂ ୨୬ଟି ୱିକେଟ ନେଇଛନ୍ତି। ଓସିଏ ସଭାପତି ପଙ୍କଜଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS